


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-46 ♦SUNDAY ♦9 AUGUST 2026 ♦PAGE-12+4 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୪୬ ♦ରବିବାର ♦୯ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨+୪ (ସିନ୍ଦୂରା) ♦ଟ.୭.୦୦


## ଲମ୍ବା କେଶ ପାଇଁ ଗିନିଜ୍ ବୁକ୍‌ରେ ସ୍ଥାନ ପାଇଲେ ରେଣୁ ଧରିୟାଲ



■ହଲଦ୍ୱାନୀ, ୮ ।୮ (ଏଜେନ୍ସି): ଉତ୍ତରାଖଣ୍ଡର ଜଣେ ମହିଳା ନିଜର ଅସାଧାରଣ ଧୈର୍ଯ୍ୟ ଏବଂ ପ୍ରଚେଷ୍ଟା ବଳରେ ଏକ ନୂତନ ବିଶ୍ୱ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ହଲଦ୍ୱାନୀର ବାସିନ୍ଦା ରେଣୁ ଧରିୟାଲ ଜୀବିତ ମହିଳାମାନଙ୍କ ମଧ୍ୟରେ ବିଶ୍ୱର ସବୁଠାରୁ ଲମ୍ବା କେଶର ଅଧିକାରିଣୀ ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡସରେ ନିଜ ନାମ ପଞ୍ଜିକୃତ କରିଛନ୍ତି । ଗିନିଜ୍ ୱାର୍ଲ୍ଡ ରେକର୍ଡସର ରିପୋର୍ଟ ଅନୁଯାୟୀ, ରେଣୁଙ୍କ କେଶର ଲମ୍ବ ୨୭୧.୫୦ ସେଣ୍ଟିମିଟର (ପ୍ରାୟ ୮ ଫୁଟ ୧୦ ଇଞ୍ଚ) । ଗତ ଏପ୍ରିଲ ମାସରେ ହଲଦ୍ୱାନୀଠାରେ ଏହି ମାପ ନିଆଯାଇ ଅଫିସିଆଲ୍ ଭାବେ ଯାଞ୍ଚ କରାଯାଇଥିଲା । ଏହି ସଫଳତା ସହ ସେ ୟୁକ୍ରେନର ଆଲିଆ ନାସିରୋଭାଙ୍କ ପୂର୍ବ ରେକର୍ଡ (୨୫୭.୩୩ ସେଣ୍ଟିମିଟର)କୁ ପ୍ରାୟ ୧୪ ସେଣ୍ଟିମିଟର ବ୍ୟବଧାନରେ ପଛରେ ପକାଇ ଦେଇଛନ୍ତି । ରେଣୁଙ୍କ କେଶର ଏହି ଲମ୍ବ ବିଶ୍ୱର ସବୁଠାରୁ ଉଚ୍ଚ ବ୍ୟକ୍ତି ରୋବର୍ଟ ୱାଡଲୋଙ୍କ ଉଚ୍ଚତା (୨୭୨ ସେଣ୍ଟିମିଟର) ସହ ପ୍ରାୟ ସମାନ । ସୂଚନା ଅନୁଯାୟୀ, ରେଣୁ ୨୦୧୫ ମସିହାରୁ କ୍ରମାଗତ ଭାବେ ନିଜ କେଶ ବଢ଼ାଇ ଚାଲିଛନ୍ତି ଏବଂ ଏହି ସମୟ ମଧ୍ୟରେ ସେ କେବେହେଲେ କେଶ କାଟି ନାହାନ୍ତି । ଲମ୍ବା କେଶକୁ ସୌନ୍ଦର୍ଯ୍ୟ ଓ ଭାରତୀୟ ସଂସ୍କୃତିର ପ୍ରତୀକ ଭାବେ ଗ୍ରହଣ କରି ସେ ଏହି ନିଷ୍ପତ୍ତି ନେଇଥିଲେ । ତାଙ୍କର ଏହି ଘନ ଏବଂ ଚମକଦାର କେଶର ରହସ୍ୟ ହେଉଛି ▶ପୃଷ୍ଠା-୭

## ପାକିସ୍ତାନୀ 'ହନିଟ୍ରାପ୍'ର ଶିକାର ହେଲେ ବାୟୁସେନାର ୱିଙ୍ଗ କମାଣ୍ଡର



### ପ୍ରତିରକ୍ଷା ଗୁପ୍ତ ତଥ୍ୟ ଲିକ୍ ଅଭିଯୋଗରେ ଗିରଫ

■ନୂଆଦିଲ୍ଲୀ, ୮ ।୮ (ଏଜେନ୍ସି): ଭାରତୀୟ ବାୟୁସେନାର ଜଣେ କାର୍ଯ୍ୟରତ ୱିଙ୍ଗ କମାଣ୍ଡରଙ୍କୁ ଗୁପ୍ତଚର ବୃତ୍ତି ଏବଂ ଦେଶର ପ୍ରତିରକ୍ଷା ସମ୍ବନ୍ଧୀୟ ସମ୍ବେଦନଶୀଳ ତଥ୍ୟ ଶତ୍ରୁ ପକ୍ଷକୁ ହସ୍ତାନ୍ତର କରିବା ଅଭିଯୋଗରେ ଦିଲ୍ଲୀ ପୁଲିସ ଗିରଫ କରିଛି । ଜଣେ ସନ୍ଦିଗ୍ଧ ପାକିସ୍ତାନୀ ଗୁପ୍ତଚର ଏଜେଣ୍ଟଙ୍କ 'ହନିଟ୍ରାପ୍' ବା ପ୍ରେମ ଜାଲରେ ଫସି ସେ ଏହି ସୂଚନା ଲିକ୍ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ସୂଚନା ଅନୁଯାୟୀ, ଭାରତୀୟ ବାୟୁସେନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦିଆଯାଇଥିବା ଏକ ଅଭିଯୋଗ ଆଧାରରେ ଗତ ୩୦ ମେ ୨୦୨୬ରେ ଏହି ଅଫିସରଙ୍କୁ ଗିରଫ କରାଯାଇଥିଲା । ତାଙ୍କ ବିରୋଧରେ 'ଅଫିସିଆଲ୍ ସିକ୍ରେଟ୍ସ ଆକ୍ଟ' ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଗିରଫ ହେବାର ପ୍ରାୟ ଦୁଇ ମାସ ବିତିଯାଇଥିଲେ ମଧ୍ୟ ସେ ଏପର୍ଯ୍ୟନ୍ତ କୋର୍ଟରେ ଜାମିନ ଆବେଦନ କରିନାହାନ୍ତି ଏବଂ ବର୍ତ୍ତମାନ ଦିଲ୍ଲୀର ତିହାର ଜେଲରେ ଅଛନ୍ତି । ତଦନ୍ତକାରୀ ସଂସ୍ଥାର ସୂତ୍ର ଅନୁସାରେ, ସୋସିଆଲ ମିଡିଆ ମାଧ୍ୟମରେ ଜଣେ ମହିଳା ସମ୍ପୃକ୍ତ ଅଫିସରଙ୍କ ସହ ଯୋଗାଯୋଗ କରିଥିଲେ । ସନ୍ଦେହ କରାଯାଉଛି ଯେ ଉକ୍ତ ମହିଳା ଜଣକ ପାକିସ୍ତାନୀ ଗୁପ୍ତଚର ସଂସ୍ଥାର ହ୍ୟାଣ୍ଡଲର୍ ଭାବେ କାମ କରୁଥିଲେ । ଅଫିସର ଜଣକ ନିଜ ବ୍ୟକ୍ତିଗତ ଜୀବନରେ ଏକ କଠିନ ସମୟ ଦେଇ ଗତି କରୁଥିବା ବେଳେ ଏହି ଯୋଗାଯୋଗ ଆରମ୍ଭ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ଅନଲାଇନ୍ ଚାଟ୍ ଓ ଭିଡିଓ କଲ୍ ମାଧ୍ୟମରେ ▶ପୃଷ୍ଠା-୭

# ଲଘୁଚାପ ବର୍ଷା; ପୁଣି ବନ୍ୟା ଭୟ

## ୧୪ ଯାଏଁ ବର୍ଷା, ୧୪ରେ ଆଉ ଏକ ଲଘୁଚାପ

■ ଭୁବନେଶ୍ୱର, ୮।୮ (ସମିସ): ଉତ୍ତର ଓଡ଼ିଶାରେ ଏବେବି କେତେକ ତଳିଆ ଅଞ୍ଚଳରୁ ବନ୍ୟା ପାଣି ସମ୍ପୂର୍ଣ୍ଣ ଭାବରେ ଛାଡ଼ିନାହିଁ । ତୁହାକୁ ତୁହା ବର୍ଷା କାରଣରୁ ଉତ୍ତର ଓଡ଼ିଶାର କେତେକ ନଦୀ ପୁଣି ଫୁଲୁଥିବା ବେଳେ ଶନିବାର ଦକ୍ଷିଣ ପଶ୍ଚିମ ବଙ୍ଗ ଏବଂ ସଂଲଗ୍ନ ଉତ୍ତର ଓଡ଼ିଶାରେ ଏକ ଲଘୁଚାପ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଆସନ୍ତା ୧୪ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ସମ୍ଭାବନା ରହିଛି । ପୁନଶ୍ଚ ୧୪ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହୋଇଥିବା ବେଳେ ରାଜ୍ୟବାସୀଙ୍କୁ ଆଉ ଏକ ବନ୍ୟା ଆଶଙ୍କା ଘାରିଲାଣି ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଶନିବାର ୨ଟା ୩୦ ମିନିଟ ସମୟରେ ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ଲଘୁଚାପର ରୂପ ନେଇଛି । ଏହାର ପ୍ରଭାବରେ ରବିବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ ଓ ସମ୍ବଲପୁରରେ ପ୍ରବଳ ବର୍ଷା ହୋଇପାରେ । ଏହାବ୍ୟତୀତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ, ବରଗଡ଼, ସମ୍ବଲପୁର, ଝାରସୁଗୁଡା,

### ଯୋଡ଼ା ଲଘୁଚାପକୁ ନେଇ ଚିନ୍ତାରେ ଚାଷୀ

କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡରେ ବର୍ଷା ସହ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିପାରେ । ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗିରହିବାକୁ ଥିବାବେଳେ ୧୪ ତାରିଖ ବେଳକୁ ଆଉ ଏକ ଲଘୁଚାପ ▶ପୃଷ୍ଠା-୭

## ବଢୁଛି ବୈତରଣୀ, ସାଳନ୍ଦୀ



■ ଭଦ୍ରକ/ ବାରିକପୁର, ୮।୮ (ସମିସ): ୨ଦିନ ଧରି ଲଗାଣ ବର୍ଷା ଯୋଗୁଁ ପୁଣି ସାଳନ୍ଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଭଦ୍ରକ ସହର ରାଜଘାଟ ପୋଲ ନିକଟରେ ସାଳନ୍ଦୀର ଜଳସ୍ତର ବିପଦ ସଙ୍କେତ ଛୁଇଁଛି । ଏଠାରେ ବିପଦ ସଙ୍କେତ ୧୭ ଫୁଟ୍ ଥିବାବେଳେ ଶୁକ୍ରବାର ସନ୍ଧ୍ୟା ୭ଟା ସୁଦ୍ଧା ଜଳସ୍ତର ୧୬.୮୦ ଫୁଟ୍ ଉପରେ ପ୍ରବାହିତ ହେଉଥିଲା । ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁଁ ପୁଣି ସାଳନ୍ଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ସାଳନ୍ଦୀ ଓ ଶାଖା ନାଳିଆ ନଦୀରୁ ବନ୍ୟାଜଳ ମାଡ଼ି ଆସିବା ଫଳରେ ଭଦ୍ରକ ବ୍ଲକ୍ ଅନ୍ତର୍ଗତ ଅର୍ଣ୍ଣପାଳ ପଞ୍ଚାୟତର ▶ପୃଷ୍ଠା-୭

### ଆମେରିକାରୁ ଚଢ଼ା ଦରରେ ଏଲ୍‌ଏନ୍‌ଜି କିଣା

## ଭାରତକୁ ୩୩୬୦ କୋଟି କ୍ଷତି

■ନୂଆଦିଲ୍ଲୀ, ୮।୮ (ଏଜେନ୍ସି): ମଧ୍ୟପ୍ରାଚ୍ୟ ସଙ୍କଟ ଏବଂ ହର୍ମୁଜ୍ ପ୍ରଣାଳୀରେ ଯୋଗାଣ ବାଧାପ୍ରାପ୍ତ ହେବା ପରେ, ଭାରତର ଶକ୍ତି ସୁରକ୍ଷା ନୀତିରେ ପରିବର୍ତ୍ତନ ଆସୁଛି । ହେଲେ ଆମେରିକାରୁ ଚଢ଼ା ଦରରେ ତରଳୀକୃତ ପ୍ରାକୃତିକ ଗ୍ୟାସ (ଏଲ୍‌ଏନ୍‌ଜି) କ୍ରୟ ଏବେ ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । କାତାରଠାରୁ ଶସ୍ତା ଗ୍ୟାସ୍ ନ ଆଣି ସରକାର ଟ୍ରମ୍ପ ପ୍ରଶାସନକୁ ବଡ଼ ଯୋଗାଣକାରୀ ଭାବେ ବାଛିଛନ୍ତି । ଏଥିଯୋଗୁ ଭାରତକୁ ୩୩୬୦ କୋଟି ଟଙ୍କା କ୍ଷତି ସହିବାକୁ ପଡିଥିବା ଇକ୍ରିରସ୍ ସିକ୍ୟୁରିଟିଜ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି । ଏମିତିକି କାତାରରୁ ଏଲ୍‌ଏନ୍‌ଜି ଆମଦାନୀ ୯୧% ହ୍ରାସ ପାଇଥିବାବେଳେ ଆମେରିକାରୁ ଆମଦାନୀ ୨୫୩% ବୃଦ୍ଧି ପାଇଛି ।

### ଆମେରିକାରୁ ଆମଦାନୀ ୨୫୩% ବୃଦ୍ଧି

### ଆମଦାନୀରେ ୨୨.୯% ହ୍ରାସ ସତ୍ତ୍ୱେ ଖର୍ଚ୍ଚ ବଢ଼ିଲା

ରିପୋର୍ଟ ଅନୁଯାୟୀ, ଆମେରିକା ଏବେ କାତାରକୁ ପଛରେ ପକାଇ ଭାରତ ପାଇଁ ସବୁଠାରୁ ବଡ଼ ଏଲ୍‌ଏନ୍‌ଜି ଯୋଗାଣକାରୀ ପାଲଟିଛି । କେପ୍‌ଲର ରିପୋର୍ଟ ଅନୁଯାୟୀ, ଆମେରିକା ସହିତ ଜଡିତ କାର୍ଗୋ କାତାରରୁ ଆସୁଥିବା ଏଲ୍‌ଏନ୍‌ଜି ତୁଳନାରେ ପ୍ରାୟ ୨-୩ଡଲାର/ ଏମ୍‌ଏମ୍‌ବିଟିୟୁ / ଅଧିକ ମହଙ୍ଗା ଥିଲା । ଯାହା ଫଳରେ ଏପରି ଯୋଗୁ କାରବାର ମାର୍ଚ୍ଚ-ଏପ୍ରିଲରେ ଭାରତର ହାରାହାରି ଏଲ୍‌ଏନ୍‌ଜି କ୍ରୟ ମୂଲ୍ୟ ପ୍ରତି ଟନ୍ ୪୯୯ ଡଲାରରୁ ୬୦୨ ଡଲାରକୁ ବୃଦ୍ଧି ପାଇଥିଲା, ଯାହା 20.6% ଅଧିକ ମହଙ୍ଗା ଥିଲା । ଫଳସ୍ୱରୂପ, ଏହି ସମୟ ମଧ୍ୟରେ ଏଲ୍‌ଏନ୍‌ଜି ଆମଦାନୀ ▶ପୃଷ୍ଠା-୭

### ଘରୋଇ ଆବାସିକ କଲେଜରେ ଝାଡ଼ାବାନ୍ତି

## ସୋୟାବିନ ତରକାରୀ ଖାଇ ୨୦ ଛାତ୍ରଛାତ୍ରୀ ଅସୁସ୍ଥ

■ ରାସଗୋବିନ୍ଦପୁର, ୮।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଚିଞ୍ଚଲଗଡ଼ିଆସ୍ଥ ଶ୍ରୀଅରବିନ୍ଦ ରେସିଡେଣ୍ଟାଲ କଲେଜରେ ସୋୟାବିନ ବଡ଼ି ତରକାରୀ ଖାଇ ୨୦ରୁ ଅଧିକ ଛାତ୍ରଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି । ଅସୁସ୍ଥ ଛାତ୍ରଛାତ୍ରୀଙ୍କୁ ବସ୍ତା ମେଡିକାଲରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି ।

ସୂଚନା ମୁତାବକ, ଗତକାଲି ରାତିରେ କଲେଜ ହଷ୍ଟେଲରେ ଛାତ୍ରଛାତ୍ରୀ ସୋୟାବିନ ବଡ଼ି ତରକାରୀ ସହ ଭାତ ଖାଇଥିଲେ । ରାତି ଅଧରେ କେତେକ ଛାତ୍ରଛାତ୍ରୀଙ୍କ ବାନ୍ତି ହୋଇଥିଲା । ସେମାନଙ୍କୁ ମେଡିକାଲ ନିଆଯାଇ ଚିକିତ୍ସା କରାଯାଇଥିଲା । ପରେ ଭୋର ସମୟରେ ୮ ଜଣ ଛାତ୍ରଛାତ୍ରୀଙ୍କୁ ବସ୍ତା ମେଡିକାଲକୁ ନିଆଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି । ବର୍ତ୍ତମାନ ୭ ଜଣ ଛାତ୍ରଛାତ୍ରୀ ଭବାନୀ ଶଙ୍କର ମହାନ୍ତ, ଉଦୟ କିସ୍କୁ, ରବୀନ୍ଦ୍ର ସୋରେନ, କିସୁନ ହେମ୍ବ୍ରମ, ବାସନ୍ତୀ ସିଂହ, ଭାଗ୍ୟଜ୍ୟୋତି ମହାନ୍ତି, ହେମାଙ୍ଗିନୀ ମହାନ୍ତି ଗୁରୁତର ଅସୁସ୍ଥ ଅଛନ୍ତି ।

ତେବେ ଘଟଣାକୁ ନେଇ କଲେଜ କର୍ତ୍ତୃପକ୍ଷଙ୍କ ଭୂମିକା ଉପରେ ମଧ୍ୟ ପ୍ରଶ୍ନ ଉଠିଛି । ଘଟଣା ସମ୍ପର୍କରେ ପ୍ରତିକ୍ରିୟା ନେବାକୁ ଗଣମାଧ୍ୟମ ପ୍ରତିନିଧି କଲେଜରେ ପହଞ୍ଚିଥିବାବେଳେ କଲେଜ ପକ୍ଷରୁ କୌଣସି ଅଧିକାରୀ ସାମ୍ନାକୁ ଆସି ନ ଥିଲେ । ଜଣେ ୱାର୍ଡେନ୍ ମଧ୍ୟ ପ୍ରତିକ୍ରିୟା ନ ଦେଇ ଚାଲିଯାଇଥିଲେ । ଗଣମାଧ୍ୟମ ପ୍ରତିନିଧିଙ୍କୁ ଅସୁସ୍ଥ ଛାତ୍ରଛାତ୍ରୀଙ୍କ ସହ ଦେଖା କରିବାକୁ ଅନୁମତି ଦିଆଯାଇ ନ ଥିବା ଅଭିଯୋଗ ହୋଇଛି । ଡାକ୍ତରଙ୍କ କହିବା ▶ପୃଷ୍ଠା-୭

## ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ; ଭିଡିଓ ଭାଇରାଲ୍

■ ଉଦଲା, ୮।୮ (ସମିସ): ଜଣେ ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ କରିବା ଓ ଦୁଷ୍କର୍ମ ବେଳର ଭିଡିଓ ଭାଇରଲ କରିବା ଅଭିଯୋଗରେ ଯୁବକ ଗିରଫ ହୋଇଛି । ଉଦଲା ଥାନା ଅଞ୍ଚଳରେ ଘଟିଛି ଏଭଳି ଏକ ଲଜ୍ଜାଜନକ ଘଟଣା । ଉଦଲା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ କୁନା ସିଂ ନାମକ ଯୁବକ ଅପହରଣ କରି ନେଇଥିବା ନେଇ ନାବାଳିକାର ପରିବାର ଲୋକେ ଉଦଲା ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ କରିଥିବାବେଳେ ଉକ୍ତ ନାବାଳିକାଙ୍କୁ



ଅପହରଣ କହିଥିବା ଯୁବକ କୁନା ସିଂଙ୍କ ସମ୍ପର୍କୀୟଙ୍କ ଘର କୁଳିଅଣାରୁ ନାବାଳିକାଙ୍କୁ ପୁଲିସ ଉଦ୍ଧାର କରିଥିଲା । ନାବାଳିକାଙ୍କୁ ପଚରାଉଚରା ପରେ ଯୁବକ କୁନା ସିଂ ଅପହରଣ ପରେ ଦୁଷ୍କର୍ମ କରିବା ଓ ଦୁଷ୍କର୍ମ ଭିଡିଓ ଭାଇରଲ କରିଥିବା ପୁଲିସ ଜାଣିବାକୁ ପାଇଥିଲା । ଏହାପରେ ପୁଲିସ ସମ୍ପୃକ୍ତ ଯୁବକ କୁନା ସିଂକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ଯୁବକ କରିଥିବା ଆପତ୍ତିଜନକ ଭିଡିଓ ଏବେ ମୋବାଇଲରୁ ମୋବାଇଲ ଘୁରି ବୁଲୁଛି । ସେପଟେ ନାବାଳିକାଙ୍କ ବାପା ଅଭିଯୁକ୍ତ କୁନା ସିଂର ସମ୍ପର୍କୀୟ ନାବାଳିକାଙ୍କୁ ଅସଦାଚରଣ କରିଥିବା ନେଇ ଅଭିଯୋଗ କରିଛନ୍ତି ।

## ପୂର୍ବୋଦୟ ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ: ମୁଖ୍ୟମନ୍ତ୍ରୀ

### ଓଡ଼ିଶା ଫୁଡ୍ ପ୍ରୋ ୨୦୨୬ରୁ ଆସିଲା ୬୬,୩୯୨ କୋଟିର ନିବେଶ ପ୍ରସ୍ତାବ




■ ଭୁବନେଶ୍ୱର, ୮।୮ (ସମିସ): ଓଡ଼ିଶା ପକ୍ଷରୁ ନୂଆଦିଲ୍ଲୀରେ ଅନୁଷ୍ଠିତ ଦୁଇ ଦିନିଆ ନିବେଶ ଅଭିଯାନ ଶିଳ୍ପଜଗତରୁ ବିପୁଳ ସମ୍ଭାବନା ପ୍ରାପ୍ତ ସହ ସହିତ ସମାପ୍ତ ହୋଇଛି । ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ମୋଟ ୬୬,୩୯୨ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିବା ସହ ୫୪,୧୩୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଏହି ଅଭିଯାନକୁ ସମାପ୍ତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ପୂର୍ବୋଦୟ ପାଇଁ ଓଡ଼ିଶା ଏବେ ସମ୍ପୂର୍ଣ୍ଣ ପ୍ରସ୍ତୁତ । ଏହି ଦୁଇ ଦିନ ମଧ୍ୟରେ ଶିଳ୍ପଜଗତଠାରୁ ମିଳିଥିବା ପ୍ରତିଶ୍ରୁତି ଅତ୍ୟନ୍ତ ଉତ୍ସାହଜନକ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଏବଂ ଡବଲ୍ ଇଞ୍ଜିନ ସରକାରଙ୍କ ନେତୃତ୍ୱରେ ଆମେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିକୁ ଏକ ନୂଆ ଶିଖରକୁ ନେଇଯିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ସେ ମତବ୍ୟକ୍ତ କରିଛନ୍ତି ।

ଶୁକ୍ରବାର 'ଓଡ଼ିଶା ଫୁଡ୍ ପ୍ରୋ ୨୦୨୬'ର ବ୍ୟାପକ ସଫଳତା ପରେ ଆଜି ମୁଖ୍ୟମନ୍ତ୍ରୀ ଦେଶର ବିଭିନ୍ନ କ୍ଷେତ୍ରର ପ୍ରମୁଖ ନିବେଶକ ଏବଂ ଶିଳ୍ପ ପ୍ରତିନିଧିମାନଙ୍କ ସହିତ ୱାନ୍-ଅନ୍-ୱାନ୍ ବୈଠକ କରିଥିଲେ । ଏହା ସହିତ ମୁଖ୍ୟମନ୍ତ୍ରୀ ନୋଏଡ଼ାସ୍ଥିତ ହାୟର୍ ଉତ୍ପାଦନ କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ । ଏହି ସମୟରେ ସେ ବରିଷ୍ଠ କମ୍ପାନୀ କର୍ମକର୍ତ୍ତା ଏବଂ ଇଞ୍ଜିନିଅର

### ସୃଷ୍ଟିହେବ ୫୪,୧୩୫ ନୂଆ ନିଯୁକ୍ତି ସୁଯୋଗ

### ବିଭିନ୍ନ କ୍ଷେତ୍ରର ଶିଳ୍ପ ପ୍ରତିନିଧିମାନଙ୍କ ସହିତ ନିବେଶ ସମ୍ପ୍ରସାରଣ ସମ୍ପର୍କରେ ଆଲୋଚନା

ମାନଙ୍କ ସହ ଆଲୋଚନା କରିଥିଲେ ଏବଂ କମ୍ପାନୀର ଉତ୍ପାଦନ ପ୍ରକ୍ରିୟା ଏବଂ ବ୍ୟବସ୍ଥାଗୁଡ଼ିକୁ ଅନୁଧ୍ୟାନ କରିଥିଲେ । ହାୟର୍ କମ୍ପାନୀର ଉନ୍ନତ ଉତ୍ପାଦନ ପଦ୍ଧତିଗୁଡ଼ିକୁ ବୁଝିବା ଏବଂ ବିଶେଷକରି ଇଲେକ୍ଟ୍ରୋନିକ୍ସ, ଗୃହୋପକରଣ, ସପ୍ଲାଏ ଚେନ୍ ଏବଂ ଆନୁଷଙ୍ଗିକ ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ଉତ୍ପାଦନ ପରିବେଶକୁ ସୁଦୃଢ଼ କରିବା ପାଇଁ ଏବଂ ସମ୍ଭାବ୍ୟ ସୁଯୋଗଗୁଡ଼ିକୁ ▶ପୃଷ୍ଠା-୭

## ଶିମିଳିପାଳରେ ଶୋଇଗଲା ଆଉ ଏକ କଳା ବାଘୁଣୀ



■ବାରିପଦା, ୮ ।୮ (ସମିସ): ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ବନଖଣ୍ଡ ଅଧୀନ ଉପରବାରାହାକାମୁଡା (ୟୁବିକେ) ରେଞ୍ଜ ଅନ୍ତର୍ଗତ ଜଟିଆଣି କ୍ୟାମ୍ପର ଦେଓ ନଦୀ ନିକଟ (କୋର କ୍ଷେତ୍ର)ରୁ ପ୍ରାୟ ୫ ବର୍ଷ ବୟସର ଏକ କଳା ବାଘୁଣୀର ମୃତଦେହକୁ ବନ ବିଭାଗ ଉଦ୍ଧାର କରିଛି । ୬ ତାରିଖ ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଜଟିଆଣି କ୍ୟାମ୍ପର ପାଟ୍ରୋଲିଂ କର୍ମଚାରୀଙ୍କ ଦ୍ୱାରା ଏହି ମୃତଦେହ ଠାବ ହୋଇଥିଲା । ଖବର ପାଇ ଘଟଣାସ୍ଥଳକୁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗେନାନୀ ପରିଦର୍ଶନ କରି ତଦନ୍ତ ଆରମ୍ଭ କରିଥିଲେ । ଶୁକ୍ରବାର ନ୍ୟାସନାଲ ଟାଇଗର କଞ୍ଜରଭେସନ ଅଥରିଟି (ଏନଟିସିଏ)ର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜର (ଏସଓପି) ଅନୁଯାୟୀ ମୃତଦେହର ବ୍ୟବଚ୍ଛେଦ କରାଯାଇଥିଲା । ଡ. ଗୋଗିନେନୀଙ୍କ ସହ

### ବର୍ଷକରେ ମଲେଣି ୩

### ୨୦୨୬ରେ ୩ଟିକୁ ମିଶାଇ ୫ କଳାବାଘଙ୍କ ମୃତ୍ୟୁ

ଏସଟିଆର ଭେଟେରେନାରୀ ଆସିଷ୍ଟାଣ୍ଟ ସର୍ଜନ (ଭିଏଏସ) ଡା ଅଭିଲାଷ ଆଚାର୍ଯ୍ୟ, ଆସିଷ୍ଟାଣ୍ଟ ଭେଟେରିନାରୀ ସର୍ଜନ (ଏଭିଏସ), ମୋବାଇଲ ଭେଟେରିନାରୀ ୟୁନିଟ୍ ଶିମିଳିପାଳ ବାୟୋସ୍ଫିୟର ରିଜର୍ଭ (ଏମଭିୟୁ-ଏସବିଆର), ୱାଇଲ୍ଡଲାଇଫ ଟ୍ରଷ୍ଟ ଅଫ ଇଣ୍ଡିଆ (ୱିଟିଆଇ)ର ଡା. ଜୋଏଲ, ଭେଟେରିନାରୀ ଆସିଷ୍ଟାଣ୍ଟ ସର୍ଜନ (ଭିଏଏସ), ଠାକୁରମୁଣ୍ଡା, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗର ଡା ପ୍ରୀତିପ୍ରସନ୍ନା ସାହୁ ଓ ▶ପୃଷ୍ଠା-୭

### ସରକାର ଭୁଲିଗଲେ ଗଙ୍ଗାଧର ମେହେର ପ୍ରକଳ୍ପ ଅନୁଦାନ; ପ୍ରଧାନଶିକ୍ଷକଙ୍କ ଆକାଉଣ୍ଟରେ ଟଙ୍କା ନାହିଁ

## ଉଧାରରେ ସ୍କୁଲ୍ ପିଲାଙ୍କୁ ପୋଷାକ ବଣ୍ଟନ

■ଭବାନୀପାଟଣା, ୮ ।୮ (ସ୍ୱାଧୀନ ପାତ୍ର): ବିଗତ ବର୍ଷ ଗୁଡ଼ିକରେ ସ୍କୁଲରେ ପୋଷାକ ବିଳମ୍ବରେ ବଣ୍ଟାହେଉଥିବେଳେ ଚଳିତବର୍ଷ ସ୍କୁଲ ଛୁଟି ପୂର୍ବରୁ ପ୍ରକ୍ରିୟା ଆରମ୍ଭ ହୋଇଛି । କିନ୍ତୁ ଉଧାରରେ ପୋଷାକ (ସ୍କୁଲ ୟୁନିଫର୍ମ) ବଣ୍ଟାଯିବା ଶିକ୍ଷା ବିଭାଗରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି । ପ୍ରାୟ ପ୍ରତି ସ୍କୁଲରେ ପୋଷାକ ବଣ୍ଟା ସରିଥିଲେ ମଧ୍ୟ କୌଣସି ସ୍କୁଲ ପ୍ରଧାନ ଶିକ୍ଷକଙ୍କ ଆକାଉଣ୍ଟରେ ଟଙ୍କା ନ ପଡ଼ିବା କାରଣରୁ ଭେଣ୍ଡରଙ୍କୁ ପୋଷାକ ବାବଦ ଟଙ୍କା ଦିଆଯାଇ ନାହିଁ । ଏବେ କେତେକ ସ୍କୁଲରେ ଟଙ୍କା ଆସିଥିବା ଶୁଣିବାକୁ ମିଳୁଛି କିନ୍ତୁ ଉକ୍ତ ଟଙ୍କା ଉଠାଇବା କାଠିକର ବିଷୟ ହୋଇଛି । ସ୍କୁଲ ପରିଚାଳନା କମିଟି ପରିବର୍ତ୍ତନ ସହ ଅନ୍ୟ ଆନୁଷଙ୍ଗିକ ସମସ୍ୟା ବାଧା ଦେଉଥିବା



ପ୍ରକାଶ । ସର୍ବଶିକ୍ଷା ଯୋଜନାରେ ୬ଶହ ଟଙ୍କା ଏବଂ ଗଙ୍ଗାଧର ମେହେର ପ୍ରକଳ୍ପ ଅନୁଦାନରୁ ୪ଶହ ଟଙ୍କା ମିଳିବା ସ୍ଥାନରେ ଏଯାବତ୍ ଗଙ୍ଗାଧର ମେହେର ପ୍ରକଳ୍ପ ଅର୍ଥର ଟଙ୍କା କଥା ସରକାର ଭୁଲି ଯାଇଛନ୍ତି ।

### ଏସ୍‌ଏଚ୍‌ଜିଙ୍କୁ ମୋହରା କରି ପୋଷାକ ବିକୁଛନ୍ତି ବେପାରୀ

### ଶିକ୍ଷାମନ୍ତ୍ରୀ ଗଣ୍ଡଙ୍କ ଶାସନରେ କେହି ଖୋଲୁନାହାନ୍ତି ତୁଣ୍ଡ

### ପୋଷାକର ମାନକୁ ନେଇ ପ୍ରଶ୍ନବାଚୀ; ସନ୍ଦେହରେ ଡିଏଲ୍‌ସି, ବିଏଲ୍‌ସିର ଭୂମିକା

ଫଳରେ ହାଉସ୍ ପୋଷାକ ଛାତ୍ରୀଛାତ୍ରଙ୍କୁ ଯୋଗାଯାଇ ନାହିଁ । ତେବେ ଆର୍ଥିକ ସ୍ୱାବଲମ୍ବୀ ତଥା ସଶକ୍ତିକରଣ କରିବା ଲକ୍ଷ୍ୟ ରଖି ସରକାର ସ୍ୱୟଂ ସହାୟକ ଗୋଷ୍ଠୀ, ମହିଳା ଗୋଷ୍ଠୀଙ୍କୁ ପୋଷାକ ବଣ୍ଟନ ଦାୟିତ୍ୱ ନ୍ୟସ୍ତକରି ସହାୟତା ଯୋଗାଉଛନ୍ତି । ଗତ ୨୦୨୪ /୨୫ ଆର୍ଥିକ ବର୍ଷଠାରୁ ସରକାର ଡବ୍ଲୁଏସଏଚ୍‌ଜି ଓ ଏମ୍‌ଏସ୍‌ଏମ୍‌ଇ (ସିଲେଇ ୟୁନିଟ) ଥିବା ମହିଳାଙ୍କୁ ଅଗ୍ରାଧିକାର ଦେଇ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନର ଏହି ଦାୟିତ୍ୱ ଦେଇଛନ୍ତି । ଯାହାର ଉଦ୍ଦେଶ୍ୟ ଥିଲା ବେପାରୀଙ୍କୁ ତଥା ଭେଣ୍ଡରଙ୍କୁ ଏଥିରେ ଦୂରେଇ ଦେଇ ଶିକ୍ଷାବିଭାଗ ନୂଆନୀତି ଆପଣେଇ ଥିଲେ । ସରକାର ଏଥି ନିମନ୍ତେ ଏକ ଗାଇଡ୍‌ଲାଇନ ପ୍ରସ୍ତୁତ କରି ଚୟନ ହୋଇଥିବା ଯୋଗ୍ୟ ଡବ୍ଲୁଏସଏଚ୍‌ଜି ଓ ଏମ୍‌ଏସ୍‌ଏମ୍‌ଇଥିବା ଗୋଷ୍ଠୀଙ୍କୁ ଟେଣ୍ଡର ମାଧ୍ୟମରେ ଚୟନ କରିଛନ୍ତି । ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲାରେ ଚୟନ ହୋଇଥିବା ଅଧିକାଂଶ ଡବ୍ଲୁଏସ୍‌ଏଚ୍‌ଜି ଓ ଏମ୍‌ଏସ୍‌ଏମ୍‌ଇ କାଗଜ ▶ପୃଷ୍ଠା-୭

## ମୁଖ୍ୟମନ୍ତ୍ରୀ ବିଜୟଙ୍କ ବୈଠକକୁ ଆସିଲେନି ବିରୋଧୀ ଦଳ

ଚେନ୍ନଇ, ୮।୮(ଏଜେନ୍ସି): ସଂସଦୀୟ ସୀମା ନିର୍ଦ୍ଧାରଣ ପ୍ରସଙ୍ଗରେ ତାମିଲନାଡୁର ଟିଭିକେ ସରକାରଙ୍କ ଦ୍ୱାରା ଆହୂତ ସର୍ବଦଳୀୟ ସାଂସଦ ବୈଠକକୁ ବର୍ଜନ କରିବାକୁ ଡିଏମକେ ନିଷ୍ପତ୍ତି ନେଇଛି। ଦଳର ଉପସାଧାରଣ ସମ୍ପାଦିକା କନିମୋଝି କରୁଣାନିଧି ଏହି ବୈଠକକୁ ଜନସାଧାରଣଙ୍କ ଧ୍ୟାନ ହଟାଇବା ପାଇଁ ଏକ 'ରାଜନୈତିକ ନାଟକ' ବୋଲି ଅଭିହିତ କରିଛନ୍ତି।



କନିମୋଝି ଦର୍ଶାଇଛନ୍ତି ଯେ କାବେରୀ ଜଳ ବିବାଦ ଏବଂ ମେକେଦାଟୁ ବନ୍ଧ ପ୍ରସଙ୍ଗରୁ ଲୋକଙ୍କ ନଜର ହଟାଇବା ପାଇଁ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ପୂର୍ବରୁ ଦଳର ସଭାପତି ଏମକେ ଷ୍ଟାଲିନ ଏହି ବିଷୟରେ ସର୍ବଦଳୀୟ ବୈଠକ କରି ମିଳିତ କାର୍ଯ୍ୟାନୁଷ୍ଠାନ କମିଟି ଗଠନ କରିସାରିଛନ୍ତି। ୧୯୭୧ ଜନଗଣନାକୁ ଭିତ୍ତି କରି ଆଗାମୀ ୩୦ ବର୍ଷ ପାଇଁ ସାଂସଦ ଆସନ ସୀମା ନିର୍ଦ୍ଧାରଣ କାଏମ ରଖିବାକୁ ଡିଏମକେ ଦାବି କରିଛି। ଜନସଂଖ୍ୟା ନିୟନ୍ତ୍ରଣ ଓ ସାମାଜିକ-ଅର୍ଥନୈତିକ ବିକାଶରେ ସଫଳ ହୋଇଥିବା ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକ ଯେପରି ସଂସଦରେ ପ୍ରତିନିଧିତ୍ୱ ହରାଇବେ ନାହିଁ, ତାହା ସୁନିଶ୍ଚିତ କରିବା ଆବଶ୍ୟକ। କେନ୍ଦ୍ର ସରକାରଙ୍କ ପକ୍ଷରୁ ସୀମା ନିର୍ଦ୍ଧାରଣ ନେଇ କୌଣସି ନୂଆ ବିଲ୍ ଆସି ନ ଥିବାରୁ ଏହି ଆଲୋଚନାର କୌଣସି ଆବଶ୍ୟକତା ନାହିଁ ବୋଲି ଡିଏମକେ କହିଛି। ଏହା ସହିତ ମେକେଦାଟୁ ବନ୍ଧ ନିର୍ମାଣ ବିରୋଧରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେବାକୁ ରାଜ୍ୟ ସରକାରଙ୍କୁ ଡିଏମକେ ଆହ୍ୱାନ ଦେଇଛି।

## ଝାଡ଼ଖଣ୍ଡ ସରକାର ଓ ଛାତ୍ର ସଂଗଠନ ଆଲୋଚନା ବିଫଳ

ରାଞ୍ଚି, ୮।୮(ଏଜେନ୍ସି): ଝାଡ଼ଖଣ୍ଡରେ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଅଭିଯୋଗକୁ ନେଇ ଦେଖାଦେଇଥିବା ଅଚଳାବସ୍ଥାର ଶନିବାର ମଧ୍ୟ ସମାଧାନ ହୋଇପାରିନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଛାତ୍ର ସଂଗଠନ ସହିତ ଆଲୋଚନା କରାଯାଇଥିଲେ ହେଁ କୌଣସି ନିଷ୍କର୍ଷ ମିଳିପାରି ନାହିଁ। ସମସ୍ତ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବାକୁ ପରୀକ୍ଷାର୍ଥୀମାନେ ନିଷ୍ପତ୍ତି ନେଇଛନ୍ତି। ପ୍ରାୟ ୧୫ ଦିନ ଧରି ଚାଲିଥିବା ଏହି ଆନ୍ଦୋଳନରେ ଜେଏଲ୍‌କେଏମ୍ ନେତା ଦେବେନ୍ଦ୍ର ନାଥ ମାହତୋଙ୍କ ଆମରଣ ଅନଶନ ସପ୍ତମ ଦିନରେ ପହଞ୍ଚିଛି। ସମାଧାନ ପାଇଁ ରାଜ୍ୟ ମନ୍ତ୍ରୀମାନଙ୍କୁ ନେଇ ଗଠିତ ଏକ ୫ ଜଣିଆ ସରକାରୀ ପ୍ୟାନେଲ୍ ତାଙ୍କୁ ଭେଟିଥିଲେ। ଏହାପରେ ଏନ୍‌ଏସ୍‌ୟୁଆଇ, ଆଦିବାସୀ ଛାତ୍ର ସଂଘ ଏବଂ ଝାଡ଼ଖଣ୍ଡ ଛାତ୍ର ମୋର୍ଚ୍ଚାର ପ୍ରତିନିଧି ମଣ୍ଡଳୀ ସହ ମନ୍ତ୍ରୀମାନେ ଆଲୋଚନା କରିଥିଲେ। ଆଲୋଚନା ପରେ ରାଜ୍ୟ ମନ୍ତ୍ରୀ ସଞ୍ଜୟ ପ୍ରସାଦ ଯାଦବ କହିଛନ୍ତି ଯେ, ପରୀକ୍ଷାର୍ଥୀମାନଙ୍କ ଦାବି ଯଥାର୍ଥ ଏବଂ ସେ ଏହାକୁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସମ୍ମୁଖରେ ଉପସ୍ଥାପନ କରିବେ। ଏହାସହ ପରୀକ୍ଷାର୍ଥୀଙ୍କ ମତାମତ ପାଇଁ ସରକାର ଏକ ସ୍ୱତନ୍ତ୍ର ଇମେଲ୍ ଆଇଡି ମଧ୍ୟ ଜାରି କରିଛନ୍ତି। ଅନ୍ୟପଟେ ଆନ୍ଦୋଳନକାରୀ ନେତା ଦେବେନ୍ଦ୍ର ନାଥ ମାହତୋଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଛି। ତାଙ୍କର ରକ୍ତଚାପ ଓ ଶର୍କରା ସ୍ତର ହ୍ରାସ ପାଇଥିବାରୁ ଡାକ୍ତର ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି ହେବାକୁ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ପ୍ରଶ୍ନପତ୍ର ଲିକ୍ ମାମଲାରେ ଏପର୍ଯ୍ୟନ୍ତ ୧୯ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ପୂର୍ବତନ ଜେପିଏସସି ଅଧ୍ୟକ୍ଷଙ୍କୁ ମଧ୍ୟ ଜେରା କରାଯାଉଛି। ସରକାରଙ୍କ ଆଶ୍ୱାସନା ସତ୍ତ୍ୱେ, ଦାବି ପୂରଣ ନହେବା ଯାଏଁ ଛାତ୍ରଛାତ୍ରୀ ରାଜପଥ ଛାଡ଼ିବାକୁ ପ୍ରସ୍ତୁତ ନଥିବା ଜଣାପଡ଼ିଛି।



## ହିମାଳୟ ଜଙ୍ଗଲ ନିଆଁ ଉପରେ ନଜର ରଖିବ ନୂଆ ଉପଗ୍ରହ

ନୂଆଦିଲ୍ଲୀ, ୮।୮(ଏଜେନ୍ସି): ହିମାଳୟ ଅଞ୍ଚଳରେ ବାରମ୍ବାର ଘଟୁଥିବା ଜଙ୍ଗଲ ନିଆଁର ସଠିକ୍ ନିରୀକ୍ଷଣ ଓ ନିୟନ୍ତ୍ରଣ ପାଇଁ ୨୪ ଘଣ୍ଟିଆ ସେବା ଯୋଗାଉଥିବା ଏକ ନୂତନ ଜିଓଷ୍ଟେସନାରୀ ସାଟେଲାଇଟ୍ (ଭୂ-ସ୍ଥିର ଉପଗ୍ରହ) ମହାକାଶକୁ ପଠାଇବାକୁ ସଂସଦୀୟ କମିଟି କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଛି। ବିଜେପି ସାଂସଦ ମେଧା କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଗଠିତ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ସଂସଦୀୟ ଷ୍ଟାଣ୍ଡିଂ କମିଟି ଶୁକ୍ରବାର ସଂସଦର ଉଭୟ ଗୃହରେ ଏହି ରିପୋର୍ଟ ଆଗତ କରିଛନ୍ତି। ରିପୋର୍ଟ ଅନୁସାରେ, ଭାରତ ମହାକାଶ କ୍ଷେତ୍ରରେ ଆଗୁଆ ଥିଲେ ବି ଜଙ୍ଗଲ ନିଆଁ ଚିହ୍ନଟ ପାଇଁ ଏବେ ବି ବିଦେଶୀ ଉପଗ୍ରହ ଉପରେ ନିର୍ଭର କରୁଛି, ଯାହା ଦିନକୁ ମାତ୍ର ୮ ଥର ତଥ୍ୟ ଯୋଗାଇଥାଏ। ଏଥିସହ ଝଡ଼ିପଡୁଥିବା ପାଇନ୍ ଗଛର ପତ୍ରର ବ୍ୟବହାର ପାଇଁ ଏକ ଜାତୀୟ ନୀତି ପ୍ରଣୟନ କରିବା, ହିମାଳୟ ଅଞ୍ଚଳ ପାଇଁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର ଅନ୍ତତଃ ଦୁଇଟି ଆଞ୍ଚଳିକ କେନ୍ଦ୍ର ସ୍ଥାପନ କରିବା ଏବଂ ଜଳବାୟୁ ପରିବର୍ତ୍ତନ ସହ ଜଙ୍ଗଲ ନିଆଁର ସମ୍ପର୍କ ନେଇ ଏକ ଗବେଷଣା କରିବାକୁ କମିଟି ପରାମର୍ଶ ଦେଇଛି। ପଶ୍ଚିମ ହିମାଳୟରେ ଗ୍ରୀଷ୍ମପ୍ରବାହ ଓ ପାଇନ୍ ପତ୍ର ଯୋଗୁଁ ନିଆଁ ଲାଗୁଥିବା ବେଳେ ପୂର୍ବ ହିମାଳୟରେ ଶୁଷ୍କ ପାଣିପାଗ ଓ ପାରମ୍ପରିକ ଚାଷ ପଦ୍ଧତି ଯୋଗୁଁ ନିଆଁ ଲାଗୁଥିବା ରିପୋର୍ଟରେ ଦର୍ଶାଯାଇଛି। ଜଙ୍ଗଲ ଓ ଜଙ୍ଗଲୀ ସମ୍ପ୍ରଦାୟର ସୁରକ୍ଷା ପାଇଁ ପ୍ରଚଳିତ ଜଙ୍ଗଲ ଆଇନଗୁଡ଼ିକର ପୁନଃସମୀକ୍ଷା କରିବାକୁ କମିଟି କେନ୍ଦ୍ରକୁ ଅନୁରୋଧ କରିଛି।

## ବର୍ଷା, ଭୂସ୍ଖଳନ ଯୋଗୁଁ ଅମରନାଥ ଯାତ୍ରା ସ୍ଥଗିତ

ଶ୍ରୀନଗର, ୮।୮(ଏଜେନ୍ସି): କ୍ରମାଗତ ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ରାସ୍ତା କ୍ଷତିଗ୍ରସ୍ତ ହୋଇଥିବାରୁ ବାବା ଅମରନାଥ ଯାତ୍ରାକୁ ନିର୍ଦ୍ଧାରିତ ସମୟର ୨୦ ଦିନ ପୂର୍ବରୁ ସ୍ଥଗିତ ରଖାଯାଇଛି। ଭାରତୀୟ ପାଣିପାଗ ବିଭାଗର ଆଗାମୀ ଖରାପ ପାଣିପାଗ ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ଅଗଷ୍ଟ ୯ ତାରିଖରୁ ଦୁଇଟିଯାକ ମାର୍ଗରେ ନୂଆ ଯାତ୍ରୀଙ୍କ ପ୍ରବେଶକୁ ବନ୍ଦ କରାଯାଇଛି। ବର୍ତ୍ତମାନ କେବଳ ପୂର୍ବରୁ ଯାତ୍ରାରେ ଥିବା ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଶେଷ କରିବାକୁ ଅନୁମତି ଦିଆଯିବ। ଚଳିତ ବର୍ଷ ଏପର୍ଯ୍ୟନ୍ତ ୪.୮ ଲକ୍ଷରୁ ଅଧିକ ଭକ୍ତ ପବିତ୍ର ଗୁମ୍ଫାରେ ବାବା ବରଫାନୀଙ୍କ ଦର୍ଶନ କରିସାରିଛନ୍ତି। ଯଦିଓ ଆଜିଠାରୁ ସାଧାରଣ ଶ୍ରଦ୍ଧାଳୁଙ୍କ ପାଇଁ ଯାତ୍ରା ବନ୍ଦ ରହିବ, ତଥାପି ଅଗଷ୍ଟ ୨୮ ତାରିଖରେ ପାରମ୍ପରିକ ଛଡ଼ି ମୁବାରକ ଶୋଭାଯାତ୍ରା ପହଲଗାମ ମାର୍ଗ ଦେଇ ଗୁମ୍ଫା ଅଭିମୁଖେ ଯିବା ସହ ଅମରନାଥ ଯାତ୍ରାର ଆନୁଷ୍ଠାନିକ ସମାପନ ହେବ। ସୂଚନାଯୋଗ୍ୟ, ଏହି ବର୍ଷ ଜୁଲାଇ ୭ ତାରିଖ ସୁଦ୍ଧା ବରଫ ଲିଙ୍ଗ ସମ୍ପୂର୍ଣ୍ଣ ମିଳାଇ ଯାଇଥିଲେ ସୁଦ୍ଧା ଭକ୍ତଙ୍କ ଗହଣରେ ଯାତ୍ରା ଜାରି ରହିଥିଲା। ପହଲଗାମର ୪୮ କିଲୋମିଟର ପାରମ୍ପରିକ ରାସ୍ତା ଏବଂ ବାଲତାଲର ୧୪ କିଲୋମିଟର ଦୁର୍ଗମ ରାସ୍ତା ଦେଇ ପ୍ରତିବର୍ଷ ଏହି ପବିତ୍ର ଯାତ୍ରା ଆୟୋଜିତ ହୋଇଥାଏ। ଶ୍ରଦ୍ଧାଳୁଙ୍କ ଜୀବନ ଓ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପ୍ରଶାସନ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି।



# ମହିଳା ବିଲ୍‌କୁ ନେଇ ରାହୁଲ-ରିଜିଜୁ ମୁହାଁମୁହିଁ

■ ବିନାସର୍ତ୍ତରେ ବିଲକୁ କଂଗ୍ରେସ ସମର୍ଥନ କରୁ: ରିଜିଜୁ
■ ସୀମା ବିଲକୁ ମହିଳା ବିଲରୁ ଅଲଗା କରନ୍ତୁ ସରକାର: ରାହୁଲ



ନୂଆଦିଲ୍ଲୀ, ୮।୮(ଏଜେନ୍ସି):କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ମହିଳା ସଂରକ୍ଷଣ ବିଲ୍ ଏବଂ ଏହା ସହିତ ଜଡ଼ିତ ନିର୍ବାଚନ ମଣ୍ଡଳୀ ପୁନଃନିର୍ଦ୍ଧାରଣ ପ୍ରକ୍ରିୟାକୁ ନେଇ ଶନିବାର କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏବଂ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁଙ୍କ ମଧ୍ୟରେ ଏକ ତୀବ୍ର ବାକଯୁଦ୍ଧ ଦେଖିବାକୁ ମିଳିଛି। ସଂସଦରେ ଜାରି ରହିଥିବା ଅଚଳାବସ୍ଥା ମଧ୍ୟରେ ଏହି ଦୁଇ ନେତାଙ୍କ ମଧ୍ୟରେ ହୋଇଥିବା ଏହି ବାଦବିବାଦ ରାଜନୈତିକ ମାହୋଲକୁ ଆହୁରି ସରଗରମ କରିଦେଇଛି। ଏହି ବିବାଦର ସୂତ୍ରପାତ ସେତେବେଳେ ହୋଇଥିଲା, ଯେତେବେଳେ କେନ୍ଦ୍ର ମନ୍ତ୍ରୀ କିରେନ ରିଜିଜୁ ରାହୁଲ ଗାନ୍ଧୀଙ୍କର ଏକ ଭିଡିଓ ସେୟାର କରିଥିଲେ। ସେହି ଭିଡିଓରେ ରାହୁଲ ମହିଳାମାନଙ୍କ ଅଭିବ୍ୟକ୍ତିର ସ୍ୱାଧୀନତା ବିଷୟରେ କହୁଥିବା ଦେଖାଯାଇଥିଲା। ଏହାକୁ ନେଇ ରିଜିଜୁ କଟାକ୍ଷ କରି କହିଥିଲେ ଯେ, 'ରାହୁଲ ଗାନ୍ଧୀଙ୍କ ମନରେ ମହିଳାମାନଙ୍କ ପ୍ରତି ଏକ ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳୁଛି' ଏବଂ ସେ କଂଗ୍ରେସକୁ ବିନା କୌଣସି ସର୍ତ୍ତରେ ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନ କରିବାକୁ ଆହ୍ୱାନ ଦେଇଥିଲେ। ଏହାର ମାତ୍ର କିଛି ଘଣ୍ଟା ମଧ୍ୟରେ ରାହୁଲ ଗାନ୍ଧୀ ଟ୍ୱିଟ୍ କରି କଡ଼ା ଜବାବ ଦେଇଥିଲେ। ସେ ମନ୍ତ୍ରୀଙ୍କୁ ମନେ ପକାଇ ଦେଇଥିଲେ ଯେ କଂଗ୍ରେସର ସମ୍ପୂର୍ଣ୍ଣ ସମର୍ଥନରେ ୨୦୨୩ ମସିହାରେ ହିଁ ମହିଳା ସଂରକ୍ଷଣ ବିଲ୍ ସର୍ବସମ୍ମତି କ୍ରମେ ପାରିତ ହୋଇସାରିଛି। ରାହୁଲ ପ୍ରଶ୍ନ କରିଥିଲେ ଯେ, 'ତିନି ବର୍ଷ ବିତିଯାଇଥିଲେ ମଧ୍ୟ ସରକାର ଏହି ବିଲ୍‌କୁ କାହିଁକି କାର୍ଯ୍ୟକାରୀ କରିନାହାଁନ୍ତି ଏବଂ ଏବେ ଏହାକୁ ଅଯଥାରେ ନିର୍ବାଚନ ମଣ୍ଡଳୀ ପୁନଃନିର୍ଦ୍ଧାରଣ ସହ କାହିଁକି ଯୋଡ଼ାଯାଉଛି?'୨୦୨୩ରେ ପାରିତ ହୋଇଥିବା 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ଅନୁଯାୟୀ, ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ୩୩% ଆସନ ସଂରକ୍ଷିତ ରହିବ। ତେବେ ଏହାର କାର୍ଯ୍ୟକାରିତାକୁ ସରକାର ଜନଗଣନା ଏବଂ ନିର୍ବାଚନ ମଣ୍ଡଳୀ ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ସହ ଯୋଡ଼ିଛନ୍ତି। ସରକାରଙ୍କ ନୂଆ ଯୋଜନା ଅନୁଯାୟୀ, ୨୦୧୧ ଜନଗଣନାକୁ ଆଧାର କରି ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ଏହାକୁ ଲାଗୁ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକ୍ରିୟା ଦ୍ୱାରା ଲୋକସଭା ଆସନ ସଂଖ୍ୟା ୫୪୩ ରୁ ୮୫୦ କୁ ବୃଦ୍ଧି ପାଇବାର ସମ୍ଭାବନା ଅଛି, ଯେଉଁଥିରୁ ୨୭୩ଟି ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ। ମାତ୍ର ବିରୋଧୀ ଦଳଗୁଡ଼ିକ ଏହାକୁ ବିରୋଧ କରୁଛନ୍ତି। ସେମାନଙ୍କ ଯୁକ୍ତି ହେଉଛି ଯେ ଜନସଂଖ୍ୟା ଆଧାରରେ ଆସନ ପୁନଃନିର୍ଦ୍ଧାରଣ କଲେ ଉତ୍ତର ଭାରତର ରାଜ୍ୟଗୁଡ଼ିକ ଅଧିକ ଲାଭବାନ ହେବେ ଏବଂ ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକ କ୍ଷତିଗ୍ରସ୍ତ ହେବେ। ସଂସଦରେ ଏହି ସମ୍ବିଧାନ ସଂଶୋଧନ ବିଲ୍ ପାରିତ କରିବା ପାଇଁ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ଆବଶ୍ୟକ, ଯାହା ବର୍ତ୍ତମାନ ଏନଡିଏ (ଘଉଇ) ପାଖରେ ନାହିଁ। ସେଥିପାଇଁ କିରେନ ରିଜିଜୁ ଗତ କିଛି ଦିନ ହେବ ରାହୁଲ ଗାନ୍ଧୀଙ୍କ ସହ ଏକାଧିକ ବାର ଆଲୋଚନା କରି ସହଯୋଗ ମାଗିଛନ୍ତି। କିନ୍ତୁ ରାହୁଲ ଗାନ୍ଧୀ ସ୍ପଷ୍ଟ କରିଛନ୍ତି ଯେ ମହିଳା ସଂରକ୍ଷଣକୁ ପୁନଃନିର୍ଦ୍ଧାରଣ ସହ ଯୋଡ଼ିବା ବିରୋଧୀ ଦଳଗୁଡ଼ିକୁ ଗ୍ରହଣୀୟ ନୁହେଁ। ମୌସୁମୀ ଅଧିବେଶନ ଶେଷ ହେବାକୁ ମାତ୍ର ଏକ ସପ୍ତାହ ବାକି ଥିବାବେଳେ, କଂଗ୍ରେସ ନିଜ ଆଭିମୁଖ୍ୟରେ କୋହଳ କରୁଛି କି ନାହିଁ ଏବଂ ଏହି ଗତିରୋଧ କେବେ ଶେଷ ହେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ସ୍ୱର ବଦଳାଇଲା ଅକାଳୀ

ଚଣ୍ଡିଗଡ଼, ୮।୮(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଶିରୋମଣି ଅକାଳୀ ଦଳ ସଭାପତି ସୁଖବୀର ସିଂ ବାଦଲଙ୍କ ମଧ୍ୟରେ ହୋଇଥିବା ସାକ୍ଷାତକାର ପରେ ପଞ୍ଜାବ ରାଜନୀତିରେ ବଡ଼ ଧରଣର ପରିବର୍ତ୍ତନର ସେଙ୍କତ ମିଳିଛି। ବୈଠକର ଗୋଟିଏ ଦିନ ପରେ, ଅକାଳୀ ଦଳ କେନ୍ଦ୍ର ସରକାରଙ୍କ ମହିଳା ସଂରକ୍ଷଣ ବିଲ୍ ଏବଂ ସୀମା ନିର୍ଦ୍ଧାରଣ ପ୍ରକ୍ରିୟାକୁ ସମର୍ଥନ ଜଣାଇଛି। ଶନିବାର ଚଣ୍ଡିଗଡ଼ଠାରେ ଦଳର ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରିବା ପରେ ସୁଖବୀର ସିଂ ବାଦଲ କହିଛନ୍ତି ଯେ, ମହିଳା ସଂରକ୍ଷଣ ବିଲ୍‌କୁ ବିନା ବିଳମ୍ବରେ କାର୍ଯ୍ୟକାରୀ କରାଯିବା ଉଚିତ। ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଶିଖ୍ ଗୁରୁମାନଙ୍କ ଶିକ୍ଷା ଦ୍ୱାରା ଅନୁପ୍ରାଣିତ ହୋଇ ଦଳ ମହିଳାଙ୍କ ସମ୍ମାନ, ସମାନତା ଏବଂ ସମାନ ଅଧିକାର ପାଇଁ ସବୁବେଳେ କାର୍ଯ୍ୟ କରିଆସୁଛି ବୋଲି ବାଦଲ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ପ୍ରକାଶ କରିଛନ୍ତି। ଏହାର ଉଦାହରଣ ସ୍ୱରୂପ ସେ ଶିରୋମଣି ଗୁରୁଦ୍ୱାର ପ୍ରବନ୍ଧକ କମିଟିରେ ମହିଳାମାନଙ୍କ ପାଇଁ ଥିବା ସଂରକ୍ଷଣ ବ୍ୟବସ୍ଥା ବିଷୟରେ ଉଲ୍ଲେଖ କରିଛନ୍ତି। ସେହିପରି ସୀମା ନିର୍ଦ୍ଧାରଣ ପ୍ରସଙ୍ଗରେ ମଧ୍ୟ ଦଳ ନିଜର ଆଭିମୁଖ୍ୟ ବଦଳାଇଛି। କେନ୍ଦ୍ର ସରକାର ସମସ୍ତ ରାଜ୍ୟ ପାଇଁ ସମାନ ଭାବେ ୫୦ ପ୍ରତିଶତ ଲୋକସଭା ଆସନ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଛନ୍ତି, ଯାହାକୁ ଅକାଳୀ ଦଳ ଏକ ନ୍ୟାୟସଙ୍ଗତ ବ୍ୟବସ୍ଥା ବୋଲି କହିଛି।

## ବେଙ୍ଗାଲୁରୁ ପଞ୍ଚତାରକା ହୋଟେଲରେ ପଚା ପରିବା ଓ ବାସି କ୍ଷୀର




ବେଙ୍ଗାଲୁରୁ, ୮।୮(ଏଜେନ୍ସି): ବେଙ୍ଗାଲୁରୁର କେତେକ ପ୍ରତିଷ୍ଠିତ ବିଳାସପୂର୍ଣ୍ଣ ହୋଟେଲରେ ଖାଦ୍ୟ ସୁରକ୍ଷା ନିୟମର ଖୋଲାଖୋଲି ଉଲ୍ଲଂଘନ ହେଉଥିବା ତଥ୍ୟ ସାମ୍ନାକୁ ଆସିଛି। ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ସହରର ବିଭିନ୍ନ ପ୍ରାନ୍ତରେ ଥିବା ୨୬ଟି ତିନି-ତାରକା ଏବଂ ପଞ୍ଚତାରକା ହୋଟେଲରେ ଚଢ଼ଉ କରାଯାଇଛି। ଗତକାଲି ବୃହତ ବେଙ୍ଗାଲୁରୁ ମହାନଗର ପାଳିକା ଅଧୀନରେ ଥିବା ସମସ୍ତ ଜୋନରେ ୩୦ଟି ଟିମ୍ ଏହି ଅତର୍କିତ ଚଢ଼ଉ କରିଥିଲେ। ଏହି ସମୟରେ ହୋଟେଲଗୁଡ଼ିକର ରୋଷେଇ ଘର ଏବଂ ଷ୍ଟୋରେଜ୍ ରୁମ୍‌ରେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ଦେଖିବାକୁ ମିଳିଥିଲା। ଅଧିକାରୀମାନେ ବହୁ ପରିମାଣର ପଚା ପରିବା, ଫିମ୍ପି ମରା ଖାଦ୍ୟ ପଦାର୍ଥ ଏବଂ ବ୍ୟବହାର ଅବଧି ଶେଷ ହୋଇଯାଇଥିବା ଏକ୍ସପାୟର୍ଡ କ୍ଷୀର ଓ ଅନ୍ୟାନ୍ୟ ଦୁଗ୍ଧଜାତ ଦ୍ରବ୍ୟ ଜବତ କରିଛନ୍ତି। ଏପରିକି ଚିକେନ୍, ମାଛ ଏବଂ ମାଂସ ମଧ୍ୟ ଅତ୍ୟନ୍ତ ନିମ୍ନମାନର ଓ ଅସ୍ୱାସ୍ଥ୍ୟକର ଅବସ୍ଥାରେ ଥିବା ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ, ଦି ରାଡିସନ୍ ବ୍ଲୁରୁ ସର୍ବାଧିକ ୧୦୫ କିଲୋଗ୍ରାମର ବାସି ଖାଦ୍ୟ ଜବତ କରାଯାଇଛି। ସେହିପରି ଦି ଲଳିତ ଅଶୋକରୁ ୭୬ କିଲୋ ମାଂସ, ୨୦୦ କିଲୋ ପରିବା ଏବଂ ୩୨ ଲିଟର ବାସି କ୍ଷୀର ନଷ୍ଟ କରାଯାଇଛି। ଶାଗ୍ରି-ଲା ଏବଂ ଫୋର୍ ସିଜନ୍ସ ହୋଟେଲରୁ ମଧ୍ୟ ବହୁ ପରିମାଣର ଅସ୍ୱାସ୍ଥ୍ୟକର ମାଂସ ଜବତ ହୋଇଛି। ଏହା ବ୍ୟତୀତ ତାଜ ଯଶବନ୍ତପୁରରୁ ୭୨ କିଲୋ ମାଂସ ଏବଂ ଭିଭାନ୍ତାରୁ ବାସି ପାଉଁରୁଟି ଜାତୀୟ ଉତ୍ପାଦ ମିଳିଥିଲା। ଯାଞ୍ଚ ବେଳେ ଅନେକ ହୋଟେଲରେ ଶାକାହାରୀ ଏବଂ ମାଂସାହାରୀ ଖାଦ୍ୟକୁ ପୃଥକ ଭାବେ ରଖାଯାଉ ନଥିବା ଜଣାପଡ଼ିଛି। ଏହାସହ ଖାଦ୍ୟ ପଦାର୍ଥ ଉପରେ ସଠିକ୍ ଲେବଲ୍ ନଥିବା ଏବଂ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣର ନିୟମାବଳୀକୁ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି। ଏହି ଅଭିଯାନ ସମୟରେ ଅନେକ ଖାଦ୍ୟ ନମୁନା ସଂଗ୍ରହ କରାଯାଇ ଲ୍ୟାବକୁ ପଠାଯାଇଛି। ବିଭାଗ ପକ୍ଷରୁ ସମ୍ପୃକ୍ତ ହୋଟେଲଗୁଡ଼ିକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଲ୍ୟାବ୍ ରିପୋର୍ଟ ଆସିବା ପରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଦରବୃଦ୍ଧିକୁ ନେଇ ପାକିସ୍ତାନରେ ତେଜୁଛି ଅସନ୍ତୋଷର ନିଆଁ




ଇସଲାମାବାଦ, ୮।୮ (ଏଜେନ୍ସି): ପାକିସ୍ତାନରେ ପେଟ୍ରୋଲ, ଡିଜେଲ ଏବଂ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧିକୁ ନେଇ ସମଗ୍ର ଦେଶରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ଶୁକ୍ରବାର ଦିନ 'ଜମାତ-ଏ-ଇସଲାମୀ' ପକ୍ଷରୁ ଆୟୋଜିତ ଏକ ବୃହତ ବିକ୍ଷୋଭ ପ୍ରଦର୍ଶନରେ ହଜାର ହଜାର ସାଧାରଣ ଜନତା ରାଜରାସ୍ତାକୁ ଓହ୍ଲାଇ ସରକାରଙ୍କ ନୂତନ ପେଟ୍ରୋଲିୟମ ଲେଭି ଏବଂ ମୁଦ୍ରାସ୍ଫୀତିକୁ ବିରୋଧ କରିଛନ୍ତି। ଏହି ପ୍ରତିବାଦ ଯୋଗୁଁ କରାଚି, ଲାହୋର, ପେଶାୱାର, କ୍ୱେଟା, ଇସଲାମାବାଦ, ରାଓଲପିଣ୍ଡି ଏବଂ ଆବୋଟାବାଦ ଭଳି ପ୍ରମୁଖ ସହରଗୁଡ଼ିକରେ ରାଲି ଓ ଧାରଣା ଦିଆଯାଇଥିଲା, ଯାହା ଫଳରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଜମାତ-ଏ-ଇସଲାମୀର ମୁଖ୍ୟ ହାଫିଜ ନୟୀମୁର ରହେମାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ସରକାରକୁ କଡ଼ା ଚେତାବନୀ ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ସରକାର ପେଟ୍ରୋଲିୟମ ଲେଭି ଜରିଆରେ ପ୍ରାୟ ୮ ଟ୍ରିଲିୟନ ପାକିସ୍ତାନୀ ଟଙ୍କା ସଂଗ୍ରହ କରିଥିଲେ ମଧ୍ୟ ସାଧାରଣ ଜନତାଙ୍କୁ କୌଣସି ଆଶ୍ୱସ୍ତି ନଦେଇ କେବଳ ପ୍ରଭାବଶାଳୀ ଗୋଷ୍ଠୀଙ୍କୁ ସୁହାଇବା ଭଳି କାର୍ଯ୍ୟ କରୁଛନ୍ତି। ସୂଚନାଯୋଗ୍ୟ, ମାର୍ଚ୍ଚରୁ ଶେହବାଜ ଶରିଫଙ୍କ ସରକାର ପ୍ରତି ସପ୍ତାହରେ ଇନ୍ଧନ ଦର ସଂଶୋଧନ କରୁଛନ୍ତି। ଗତ ଏପ୍ରିଲ ମାସରେ ପେଟ୍ରୋଲ ଦର ଲିଟର ପିଛା ୪୫୯ ପାକିସ୍ତାନୀ ଟଙ୍କା ଏବଂ ଡିଜେଲ ୫୨୦.୩୫ ଟଙ୍କାରେ ପହଞ୍ଚି ଏକ ନୂତନ ରେକର୍ଡ ସୃଷ୍ଟି କରିଥିଲା। ମ୍ୟାନ୍‌ମାର ପରେ ପାକିସ୍ତାନରେ ଇନ୍ଧନ ଦର ବୃଦ୍ଧି ବିଶ୍ୱରେ ଦ୍ୱିତୀୟ ସର୍ବାଧିକ ବୋଲି ତଥ୍ୟରୁ ଜଣାପଡ଼ିଛି। ଏହି ଦରବୃଦ୍ଧି ଯୋଗୁଁ ଦେଶରେ ପରିବହନ ଖର୍ଚ୍ଚ ଏବଂ ଖାଦ୍ୟ ସାମଗ୍ରୀର ଦାମ ଅହେତୁକ ଭାବେ ବଢ଼ିବାରେ ଲାଗିଛି।

## ଦିଲ୍ଲୀରେ ରେଡ୍ ଆଲର୍ଟ, ୟୁପି ଓ ବିହାରରେ ବନ୍ୟା



ନୂଆଦିଲ୍ଲୀ, ୮।୮(ଏଜେନ୍ସି): ଉତ୍ତର ଭାରତର ବିଭିନ୍ନ ପ୍ରାନ୍ତରେ ମୌସୁମୀ ବର୍ଷାର ପ୍ରକୋପ ଜାରି ରହିଛି। ପ୍ରବଳ ବର୍ଷା, ଜଳବନ୍ଦୀ ଓ ବନ୍ୟା ଯୋଗୁଁ ଦିଲ୍ଲୀ-ଏନସିଆର, ଉତ୍ତର ପ୍ରଦେଶ ଏବଂ ବିହାରରେ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଶନିବାର ପାଇଁ ଦେଶର ରାଜଧାନୀ ଦିଲ୍ଲୀରେ 'ରେଡ୍ ଆଲର୍ଟ' ଜାରି କରାଯାଇଛି। ଚଳିତ ଅଗଷ୍ଟ ମାସର ପ୍ରଥମ ସପ୍ତାହରେ ଦିଲ୍ଲୀରେ ୧୨୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି, ଯାହା ୨୦୧୧ ପରଠାରୁ ଏହି ସମୟ ମଧ୍ୟରେ ସର୍ବାଧିକ ବର୍ଷା। ଶୁକ୍ରବାର ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ଦିଲ୍ଲୀ-ଗୁରୁଗ୍ରାମ ହାଇୱେ ସମେତ ଅନେକ ପ୍ରମୁଖ ରାସ୍ତା ଜଳମଗ୍ନ ହୋଇଛି। କେତେକ ଅଞ୍ଚଳରେ ପ୍ରାୟ ୪ ଫୁଟ ଉଚ୍ଚର ପାଣି ଜମି ରହିବା ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଏକ ପାର୍କିଂ କାନ୍ଥ ଭୁଶୁଡି ପଡ଼ିବା ଯୋଗୁଁ ୮ଟି କାର୍ ପୋତି ହୋଇଯାଇଥିବା ବେଳେ ଅନେକ ଗାଡି ପାଣିରେ ଫସି ରହିଥିବା ଜଣାପଡ଼ିଛି। ଜାମ୍ମୁ ଓ କାଶ୍ମୀରରେ ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁଁ ଶନିବାର ପୁଣିଥରେ ଅମରନାଥ ଯାତ୍ରାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଜାମ୍ମୁ ଅଞ୍ଚଳରେ ଆସନ୍ତା ଅଗଷ୍ଟ ୧୧ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନ ହେବାର ଆଶଙ୍କା ରହିଛି। ବିହାରରେ ନେପାଳରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ମୁଜାଫରପୁରରେ ବାଗମତୀ ନଦୀର ଜଳସ୍ତର ବୃଦ୍ଧି ପାଇଛି। ବାଘା ଅଞ୍ଚଳରେ ଗଣ୍ଡକ ନଦୀର ବନ୍ୟା ଜଳ ପ୍ରାୟ ୩୦୦ ଘରେ ପଶିଯାଇଛି, ଯାହା ପରେ ସ୍ଥାନୀୟ ପ୍ରଶାସନ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଛି। ଅନ୍ୟପଟେ ଉତ୍ତର ପ୍ରଦେଶରେ ବିଗତ ୨୫ ଦିନର ଲଗାତାର ବର୍ଷା ଯୋଗୁଁ ନଦୀଗୁଡ଼ିକ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛନ୍ତି। ବାରାଣସୀରେ ଗଙ୍ଗା ନଦୀର ଜଳସ୍ତର ବୃଦ୍ଧି ପାଇବା ଫଳରେ ୮୪ଟି ଘାଟକୁ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ପ୍ରାୟ ୫୦-୬୦ଟି ଛୋଟ ମନ୍ଦିର ଜଳମଗ୍ନ ହୋଇଛି। ଆଗ୍ରାରେ ଏକ ରାସ୍ତା ଧସିଯାଇ ୨୦ ଫୁଟ ଗଭୀର ଗାତ ସୃଷ୍ଟି ହୋଇଥିବା ବେଳେ ଏହା ଯୋଗାଯୋଗକୁ ବାଧାପ୍ରାପ୍ତ କରିଛି। ଉତ୍ତରାଖଣ୍ଡର ଧାରଚୁଲାରେ କାଳୀ ନଦୀ ବିପଦ ସେଙ୍କତ ଉପରେ ପ୍ରବାହିତ ହେଉଛି। ସେହିପରି ଛତିଶଗଡ଼ର ଗରିଆବନ୍ଦରେ ଛୋଟ ପିଲାମାନେ ମୁଣ୍ଡରେ ସ୍କୁଲ ବ୍ୟାଗ୍ ଧରି ଜଳମଗ୍ନ ରାସ୍ତା ଦେଇ ସ୍କୁଲ ଯାଉଥିବା ଭଳି ବିପଦସଙ୍କୁଳ ଚିତ୍ର ସାମ୍ନାକୁ ଆସିଛି। ୟୁପିର ଲୋନି ଅଞ୍ଚଳରେ ମଧ୍ୟ ପ୍ରବଳ ଜଳବନ୍ଦୀ ଯୋଗୁଁ ରାସ୍ତାଗୁଡିକ ପୋଖରୀ ସଦୃଶ ହୋଇପଡ଼ିଛି।

## 'ତୁମେ ସ୍ୱାମୀଙ୍କୁ ନ ମାରିଲେ, ମୁଁ ମାରିଦେବି'

### ପ୍ରେମିକ ସହ ମିଶି ଷଡ଼ଯନ୍ତ୍ର ରଚୁଥିଲେ ସ୍ତ୍ରୀ, ଧରାଇଦେଲା ମୋବାଇଲ ଚାଟ୍



ହାଇଦ୍ରାବାଦ, ୮।୮(ଏଜେନ୍ସି): ସ୍ତ୍ରୀ ନିଜ ପ୍ରେମିକ ସହ ମିଶି ନିଜ ସ୍ୱାମୀଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ରଚୁଥିଲେ। ଏପରିକି ଏହାକୁ ଏକ ସଡ଼କ ଦୁର୍ଘଟଣାର ରୂପ ଦେବାକୁ ଚାଟ୍ ମାଧ୍ୟମରେ ଯୋଜନା ଚାଲିଥିଲା। ତେବେ ମୋବାଇଲ୍ ଚାଟ୍ ଦେଖି ସ୍ୱାମୀ ଏହି ହତ୍ୟା ଷଡ଼ଯନ୍ତ୍ର ବିଷୟରେ ଜାଣିବାକୁ ପାଇବା ପରେ ପୁଲିସର ଦ୍ୱାରସ୍ଥ ହୋଇଛନ୍ତି। ଘଟଣାନୁସାରେ, ତେଲେଙ୍ଗାନାର ଚିଲକୋଡୁ ଅଞ୍ଚଳର ଜି ରାଜେଶ୍ୱର ରାଓ ୨୦୧୬ ମସିହାରେ ଭବାନୀଙ୍କୁ ବିବାହ କରିଥିଲେ ଏବଂ ସେମାନଙ୍କର ଦୁଇଟି କନ୍ୟା ସନ୍ତାନ ଅଛନ୍ତି। ଏକ ବେସରକାରୀ ହସ୍ପିଟାଲରେ କାର୍ଯ୍ୟରତ ରାଜେଶ୍ୱର ଜଣେ କୋରିୟର ବାଳକ ସାଇଦୁଲୁଙ୍କ ସହ ତାଙ୍କ ସ୍ତ୍ରୀଙ୍କର ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା ବୋଲି ଜାଣିବାକୁ ପାଇଥିଲେ। ସ୍ୱାମୀଙ୍କ ଅନୁପସ୍ଥିତିରେ ପ୍ରେମିକ ଘରକୁ ଆସୁଥିଲେ। ଦିନେ ରାଜେଶ୍ୱର ନିଜ ସ୍ତ୍ରୀଙ୍କ ମୋବାଇଲ୍‌ରେ ପ୍ରେମିକ ସହ ହୋଇଥିବା ବାର୍ତ୍ତାଳାପ ଦେଖି ସ୍ତବ୍ଧ ହୋଇଯାଇଥିଲେ। ତାଙ୍କ ସ୍ତ୍ରୀ ସ୍ୱାମୀଙ୍କୁ ଘର ଭିତରେ ମାରିଲେ ସନ୍ଦେହ ହେବ, ତେଣୁ ସଡ଼କ ଦୁର୍ଘଟଣାର ରୂପ ଦେଇ ହତ୍ୟା କରିବାକୁ ପ୍ରେମିକଙ୍କୁ ପରାମର୍ଶ ଦେଇଥିଲେ। ଏପରିକି 'ତୁମେ ନମାରିଲେ, ମୁଁ ନିଜେ ତାଙ୍କୁ ମାରିଦେବି' ବୋଲି ମଧ୍ୟ ସ୍ତ୍ରୀ ଲେଖିଥିଲେ। ରାଜେଶ୍ୱର ଏହି ଚାଟ୍‌ର ଫଟୋ ପ୍ରମାଣ ସହ ପୋଲିସ ନିକଟରେ ଅଭିଯୋଗ କରି ନିଜର ଓ ଦୁଇ ଝିଅଙ୍କ ଜୀବନ ସୁରକ୍ଷା ପାଇଁ ଗୁହାରି କରିଛନ୍ତି।

# ଉତ୍ତର ଓଡ଼ିଶାରେ ଫୁଲୁଛି ନଦୀ; ବଢୁଛି ବନ୍ୟା ଭୟ


ଆଖୁଆପଦା ଆନିକଟ ଠାରେ ଭରା ବୈତରଣୀ





## ବିଜେପି ସରକାରରେ ସମସ୍ତଙ୍କ ପାଇଁ ଆଇନ୍ ସମାନ ନୁହେଁ

# ଅସଦାଚରଣ ଅଭିଯୁକ୍ତଙ୍କୁ ସାତଖୁଣ ମାଫ୍

ଭୁବନେଶ୍ୱର, ୮।୮ (ସମିସ): ବିଜେପି ସରକାରରେ ଆଇନ ଓ ଶୃଙ୍ଖଳା ସମସ୍ତଙ୍କ ପାଇଁ ସମାନ କି? ଛାତ୍ରୀଙ୍କ ପ୍ରତି ଅଶୋଭନୀୟ ଓ ଅଭଦ୍ର ଆଚରଣ ଭଳି ଗମ୍ଭୀର ଅଭିଯୋଗ ପ୍ରମାଣିତ ହେବା ପରେ ମଧ୍ୟ ବିଜେବି କଲେଜର ଜଣେ ଅଧ୍ୟାପକଙ୍କ ବିରୋଧରେ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ଏବେ ଏଭଳି ପ୍ରଶ୍ନ ଉଠିଛି। ନିଲମ୍ବନ ବା ବଦଳି ତ ଦୂର କଥା, କେବଳ ଚେତାବନୀ ଦେଇ ଛାଡ଼ି ଦିଆଯାଇଛି। ଅପରପକ୍ଷରେ ଅନ୍ୟ ଅଧ୍ୟାପକଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆସିଲେ ତଦନ୍ତ ପୂର୍ବରୁ ବଦଳି କରାଯାଉଥିବାରୁ ସରକାରଙ୍କ ଦୋମୁହାଁ ଚରିତ୍ର ପଦାରେ ପଡ଼ିଛି।

ବିଜେବି କଲେଜର ଓଡ଼ିଆ ଅଧ୍ୟାପକ (ସମ୍ପ୍ରତି ଉଚ୍ଚଶିକ୍ଷା ବିଭାଗରେ ଡେପୁଟେସନ୍‌ରେ କାର୍ଯ୍ୟରତ)ଙ୍କ ବିରୋଧରେ ଛାତ୍ରୀଙ୍କୁ ଅସଦାଚରଣ ଓ ଆଶାଳୀନ ବ୍ୟବହାର ନେଇ ଅଭିଯୋଗ ହୋଇଥିଲା। ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ (ଆର୍‌ଡିଇ) ଏହାର ତଦନ୍ତ କରିବା ସହ ଅଭିଯୋଗର ସତ୍ୟତା ଥିବା ଦର୍ଶାଇଥିଲେ। ଏପରିକି ଶିକ୍ଷାଦାନ ସମୟରେ ଯୌନ ଉଦ୍ଦିପନାମୂଳକ ଦ୍ୱିଅର୍ଥବୋଧକ କଥା କହିବା, ଛାତ୍ରୀଙ୍କୁ 'ବ୍ୟାଡ୍ ଟଚ୍', ଅଶ୍ଳୀଳ ଭାଷା ପ୍ରୟୋଗ, ପାର୍କରେ ବସିଥିବା ପ୍ରେମୀଯୁଗଳଙ୍କ ଉଦାହରଣ ଆଳରେ ବ୍ୟକ୍ତିଗତ ଇଙ୍ଗିତ, ପୋଷାକ ସମ୍ପର୍କରେ ଟିପ୍ପଣୀ, ଅଶ୍ଳୀଳ ଇଙ୍ଗିତ, ଛାତ୍ରୀଙ୍କ ରୂପକୁ ନେଇ ଆଶାଳୀନ ମନ୍ତବ୍ୟ, ଛାତ୍ରୀଙ୍କ ବ୍ୟକ୍ତିଗତ କଥା ଓ ଅଙ୍ଗକୁ ନେଇ ଶ୍ରେଣୀଗୃହରେ ମନ୍ତବ୍ୟ ଦେଉଥିବା ରିପୋର୍ଟରେ ଉଲ୍ଲେଖ କରିଥିଲେ। ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ସରକାର ବା ଉଚ୍ଚଶିକ୍ଷା ବିଭାଗକୁ ସୁପାରିଶ କରିଥିଲେ। କେବଳ ଆର୍‌ଡିଇ ନୁହଁନ୍ତି, କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ମଧ୍ୟ ତଦନ୍ତ କରି ଅଭିଯୋଗର ସତ୍ୟତା ଥିବା ରିପୋର୍ଟ ଦେଇଥିଲେ।

■ ଛାତ୍ରୀଙ୍କୁ 'ବ୍ୟାଡ୍ ଟଚ୍' କରୁଥିବା ରିପୋର୍ଟ ଦେଇଥିଲେ ଆର୍‌ଡିଇ
■ କାର୍ଯ୍ୟାନୁଷ୍ଠାନ ବଦଳରେ ଚେତାବନୀ ଦେଇ ଛାଡ଼ିଦେଲା ଉଚ୍ଚଶିକ୍ଷା ବିଭାଗ
■ ସରକାରଙ୍କ ଦୋମୁହାଁ ଚରିତ୍ର ନେଇ ପ୍ରଶ୍ନ କଲେଣି ଛାତ୍ରଛାତ୍ରୀ ଓ ଅଧ୍ୟାପକ

ଉଭୟ ତଦନ୍ତ ରିପୋର୍ଟକୁ ଆଧାର କରି ଗତ ୧୭ ତାରିଖରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ପ୍ରକାଶ ପାଇଥିବାବେଳେ କେବଳ ଚେତାବନୀ ଦେଇ ଛାଡ଼ି ଦେବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଚିଠିରେ ଦର୍ଶାଯାଇଛି ଯେ, ଛାତ୍ରୀଙ୍କ ପ୍ରତି ସମ୍ପୃକ୍ତ ଅଧ୍ୟାପକଙ୍କ ବ୍ୟବହାର ଅସଂଗତ ଥିଲା। ଶ୍ରେଣୀଗୃହ ଭିତରେ ଓ ବାହାରେ ଛାତ୍ରୀଙ୍କ ସହ ଅନୁଚିତ ଆଚରଣ କରୁଥିଲେ। ବାରମ୍ବାର ଅନିଚ୍ଛାକୃତ ଶାରୀରିକ ସ୍ପର୍ଶ କରିବାକୁ ଚେଷ୍ଟା କରିବା ସହ ଅନୁଚିତ ଭାଷା ବ୍ୟବହାର କରୁଥିଲେ। ଏହି ଆଚରଣ ଯୋଗୁଁ ଛାତ୍ରୀମାନେ ଅସହଜ ଓ ଲଜ୍ଜିତ ଅନୁଭବ କରୁଥିଲେ। ଉଚ୍ଚଶିକ୍ଷା ବିଭାଗ ଏହା ଅବଗତ ହେଲା ପରେ ମଧ୍ୟ ଅଧ୍ୟାପକଙ୍କୁ ଚାକିରିରୁ ବହିଷ୍କାର, ନିଲମ୍ବନ କିମ୍ବା ଅନ୍ୟ କଠୋର ଦଣ୍ଡ ବଦଳରେ କେବଳ ଚେତାବନୀ ଦିଆଯାଇଛି। ତାଙ୍କୁ ସମସ୍ତ ଛାତ୍ରଛାତ୍ରୀଙ୍କ ସହ ପେସାଦାର, ଶିଷ୍ଟାଚାର ଓ ଉପଯୁକ୍ତ ଆଚରଣ ବଜାୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚେତାବନୀ ଜାରି ହେବା ଦିନଠାରୁ ଏକ ବର୍ଷ ପର୍ଯ୍ୟନ୍ତ ଅଧ୍ୟାପକଙ୍କ ଆଚରଣ ଉପରେ ନଜର ରଖାଯାଇଛି ଓ ସମୟାନୁସାରେ ସମୀକ୍ଷା କରାଯିବ ବୋଲି କୁହାଯାଇଛି।

ତେବେ ଛାତ୍ରୀଙ୍କ ସୁରକ୍ଷା ଓ ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ସହ ଜଡ଼ିତ ଏଭଳି ଅଭିଯୋଗରେ କେବଳ ଚେତାବନୀ କାହିଁକି? ଏହା ସରକାରଙ୍କ 'ସାତଖୁଣ ମାଫ୍' ନୀତି କି? ଏହି ପ୍ରଶ୍ନ ଏବେ ଛାତ୍ର, ଅଭିଭାବକ ଓ ଶିକ୍ଷାବିତ୍‌ଙ୍କ ମହଲରେ ଆଲୋଚନାର ବିଷୟ ହୋଇଛି। ଅପରପକ୍ଷରେ ଗତବର୍ଷ ବାଲେଶ୍ୱରର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣା ପରେ ଅସଦାଚରଣ ଅଭିଯୋଗ ଆସିଥିବା ପ୍ରାୟ ୧୪ ଜଣ ଅଧ୍ୟାପକଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ନିକଟରେ ସେହି ବାଲେଶ୍ୱରର ଫକୀରମୋହନ କଲେଜରେ ଜଣେ ଅଧ୍ୟାପକଙ୍କ ବିରୋଧରେ ଛାତ୍ରୀ ନିର୍ଯ୍ୟାତନା ଅଭିଯୋଗ ଆସିବା ପରେ ତଦନ୍ତ ପୂର୍ବରୁ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ତାହେଲେ ଏହି କ୍ଷେତ୍ରରେ ନିୟମ କିପରି ବଦଳି ଗଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ଛାତ୍ରୀଙ୍କ ସୁରକ୍ଷା ନେଇ ମଧ୍ୟ ପୁଣିଥରେ ଆଲୋଚନା ସରଗରମ ହୋଇଛି।

# ଶଙ୍ଖ ଭବନରେ ପାଳିତ ହେବ ବିଶ୍ୱ ଆଦିବାସୀ ଦିବସ

ଭୁବନେଶ୍ୱର,୮।୮(ସମିସ): ବିଶ୍ୱ ଆଦିବାସୀ ଦିବସ ଓ ମହାନ କ୍ରାନ୍ତି ଦିବସ ବିଜୁ ଜନତା ଦଳ ପକ୍ଷରୁ ଶଙ୍ଖ ଭବନରେ ଅଗଷ୍ଟ ୯ ତାରିଖରେ ରବିବାର ଦିନ ପାଳିତ କରାଯିବ। ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମରେ ଯୋଗ ଦେଇ ଜନଜାତିଙ୍କୁ ଶୁଭେଚ୍ଛା ଜଣାଇବେ। ଏନେଇ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ସୂଚନା ପ୍ରଦାନ କରିଛନ୍ତି। ବିଜେଡି ପକ୍ଷରୁ ଶଙ୍ଖ ଭବନ ସମେତ ବିଭିନ୍ନ କ୍ଷେତ୍ରୀୟ ମୁଖ୍ୟାଳୟରେ ଜନଜାତି ମାନଙ୍କ ସହ ସାମିଲ ହୋଇ ଏହି ଦିବସ ପାଳନ କରାଯିବ ବୋଲି ସେ କହିଛନ୍ତି।

■ ଯୋଗଦେବେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ
■ ଆଦିବାସୀଙ୍କ ଐତିହ୍ୟ ସୁରକ୍ଷା ଓ ଆଦିବାସୀଙ୍କ କଲ୍ୟାଣ ପାଇଁ ବିଜେଡି ସଂକଳ୍ପବଦ୍ଧ



ଶ୍ରୀ ମିଶ୍ର କହିଛନ୍ତି ଯେ ୧୯୪୨ ମସିହାର ଭାରତ ଛାଡ଼ ଆନ୍ଦୋଳନ ସମୟରେ ସାମିଲ ଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିକୁ ନେଇ କ୍ରାନ୍ତି ଦିବସ ପାଳନ କରାଯିବ। ମହାନ କ୍ରାନ୍ତିକାରୀ ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମୃତି ଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବ। ଇଂରେଜ ଶାସନ ବିରୁଦ୍ଧରେ ଆଦିବାସୀ ମାନଙ୍କ ଆନ୍ଦୋଳନକୁ ଦେଶ ସର୍ବଦା ମନେ ପକାଉଛି। ଆମ ଜନସଂଖ୍ୟାର ଏକ ଚତୁର୍ଥାଂଶ ଜନଜାତି ଲୋକ ଅଟନ୍ତି। ଓଡ଼ିଶାରେ ୬୪ ଜନଜାତି ଲୋକେ ବସବାସ କରନ୍ତି। ସେଥି ମଧ୍ୟରେ ଅନେକ ପିଭିଟିଜି ରହିଛନ୍ତି। ଆଦିବାସୀ ସଂପ୍ରଦାୟର ଲୋକମାନେ ଆମ ମାନଙ୍କ ପାଇଁ ଗର୍ବ ଅଟନ୍ତି। ଆଦିବାସୀଙ୍କ ସ୍ୱତନ୍ତ୍ର ଚିତ୍ରକଳା, ଭାସ୍କର୍ଯ୍ୟ, ହସ୍ତଶିଳ୍ପ, ନୃତ୍ୟ, ସଂଗୀତ ଓଡ଼ିଶା ସାଂସ୍କୃତିକ ଐତିହ୍ୟର ଅନନ୍ୟ ବିଭବ। ଏହାର ସୁରକ୍ଷା, ସଂରକ୍ଷଣ ସହ ଆଦିବାସୀଙ୍କ କଲ୍ୟାଣ ପାଇଁ ବିଜେଡି ସଦାସର୍ବଦା ସଂକଳ୍ପବଦ୍ଧ ରହିଛି। ଆଦିବାସୀ ମାନଙ୍କ ବିକାଶ ନିମନ୍ତେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଶଙ୍ଖ ଭବନରେ ଆୟୋଜିତ ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ଆଦିବାସୀ ଭାଇଭଉଣୀମାନେ ଯୋଗ ଦେବେ। ତାଙ୍କୁ ବିରୋଧୀ ଦଳ ନେତା ସମ୍ବୋଧନ କରିବେ ବୋଲି ଶ୍ରୀ ମିଶ୍ର ସୂଚନା ପ୍ରଦାନ କରିଛନ୍ତି।

## ବର୍ଷିଲା ବିଜେଡି

# ଚାଷୀ ଓ ମହିଳାଙ୍କୁ ହତାଶ କରିଛି ସରକାରଙ୍କ ଖରିଫ ଧାନ କିଣା ବିଜ୍ଞପ୍ତି

ଭୁବନେଶ୍ୱର,୮।୮(ସମିସ):ଚଳିତ ବର୍ଷ ଖରିଫ ଧାନ କିଣା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିକୁ ବିରୋଧ କରିଛି ବିଜୁ ଜନତା ଦଳ। ବିଜ୍ଞପ୍ତିରେ ପ୍ରକାଶ ପାଇଥିବା ତଥ୍ୟରୁ ସ୍ପଷ୍ଟ ଜଣାପଡୁଛି ଯେ ଭାଗଚାଷୀ, କ୍ଷୁଦ୍ରଚାଷୀ ମାନେ ଧାନ ବିକ୍ରି କରିବା ପାଇଁ ପଞ୍ଜିକରଣ କରିବାରୁ ବଞ୍ଚିତ ହେବେ। ଏହାଛଡା ରାଜ୍ୟର ମହିଳା ଏସଏଚଜି ମାନଙ୍କୁ ପୂର୍ବ ସରକାରଙ୍କ ଦ୍ୱାରା ଧାନ କ୍ରୟ ଓ ବିକ୍ରୟ ପାଇଁ ଅନୁମତି ପ୍ରଦାନ କରାଯାଇଥଲା, ଯାହାକୁ ରାଜ୍ୟ ବିଜେପି ସରକାର ଉଠାଇ ଦେଇଛନ୍ତି। ଏହି ନିଷ୍ପତ୍ତିକୁ ବିଜେଡି ତୀବ୍ର ନିନ୍ଦା କରିଛି।

ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ଉପସଭାପତି ସଞ୍ଜୟ ଦାସବର୍ମା ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ କରିବା ସହିତ ଏହା ରାଜ୍ୟ ସରକାରଙ୍କର କୃଷକ ଓ ମହିଳା ବିରୋଧୀ ମନୋଭାବକୁ ପ୍ରଦର୍ଶିତ କରୁଛି ବୋଲି କହିଥିଲେ। ଚଳିତ ବର୍ଷ ଖରିଫ ଧାନ କ୍ରୟ ପାଇଁ ରାଜ୍ୟ ସରକାରଙ୍କର ସମବାୟ ଓ ଯୋଗାଣ ବିଭାଗ ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ ରାଜ୍ୟର ଭାଗଚାଷୀ ତଥା କ୍ଷୁଦ୍ର ଚାଷୀମାନଙ୍କୁ ପଞ୍ଜିକରଣ କରିବା ପାଇଁ ଜମିର ପ୍ରକୃତ ମାଲିକମାନଙ୍କୁ ପଞ୍ଜିକରଣ କେନ୍ଦ୍ରକୁ ଆସିବାକୁ ହେବ। ପୂର୍ବରୁ ସମବାୟ ବା ଯୋଗାଣ ଅଧିକାରୀ ମାନେ ଭାଗଚାଷୀମାନଙ୍କୁ ଚିହ୍ନଟ କରୁଥିଲେ, ଯାହା ମାଧ୍ୟମରେ ଭାଗଚାଷୀ ମାନେ ପଞ୍ଜିକରଣ କରୁଥିଲେ। ଚଳିତ ବର୍ଷ ପ୍ରକୃତ ମାଲିକଙ୍କୁ ପଞ୍ଜିକରଣ କେନ୍ଦ୍ରକୁ ଆସିବା ବାଧ୍ୟତାମୂଳକ ହୋଇଥିବାରୁ ଅଧିକାଂଶ ଭାଗଚାଷୀ ମାନେ ପଞ୍ଜିକରଣ କରିବାରୁ ବଞ୍ଚିତ ହେବେ।

■ ରାଜ୍ୟର ଅର୍ଦ୍ଧାଧିକ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେବେ
■ ମହିଳା ଏସଏଚଜିଙ୍କ ଠାରୁ ଧାନ କିଣାବିକା ଅଧିକାରକୁ ଛଡ଼ାଇନେଲେ ରାଜ୍ୟ ସରକାର



ରାଜ୍ୟରେ ଭାଗଚାଷୀଙ୍କ ସଂଖ୍ୟା ସମୁଦାୟ ଚାଷୀ ସଂଖ୍ୟାର ଅଧାରୁ ଅଧିକ। ତେଣୁ ରାଜ୍ୟର ଅର୍ଦ୍ଧାଧିକ ଚାଷୀ ଚଳିତ ବର୍ଷ ପଞ୍ଜିକରଣ କରିବାକୁ ସକ୍ଷମ ହେବେ ନାହିଁ। ଏହା ରାଜ୍ୟ ସରକାରଙ୍କର କୃଷକ ମାରଣ ନୀତିକୁ ଦର୍ଶାଉଛି। ଡବଲ ଇଞ୍ଜିନ ସରକାର କୃଷକ ମାନଙ୍କୁ ଡବଲ ଧୋକା ଦେଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ବିଜ୍ଞପ୍ତିରେ ମହିଳା ଏସଏଚଜି ମାନଙ୍କୁ ଧାନ କିଣା ବିକା ପାଇଁ ସରକାରଙ୍କ ଦ୍ୱାରା ପ୍ରଦାନ କରା ଯାଇଥିବା ଅନୁମତିକୁ ପ୍ରତ୍ୟାହାର କରି ନିଆଯାଇଛି । ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ନବୀନ ସରକାରଙ୍କ ଦ୍ୱାରା ଧାନ କିଣା ବିକା ପାଇଁ ଅନୁମତି ପ୍ରଦାନ କରାଯାଇଥଲା । ବିଜେପି ସରକାର ଏହାକୁ ପ୍ରତ୍ୟାହାର କରି ନେଇଛନ୍ତି । ରାଜ୍ୟ ସରକାରଙ୍କର ଏହି ନିଷ୍ପତ୍ତି ତାଙ୍କର ମହିଳା ବିରୋଧୀ ମନୋଭାବକୁ ସ୍ପଷ୍ଟ କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ଏହି ନିଷ୍ପତ୍ତିକୁ ବିଜୁ ଜନତା ଦଳ ଦୃଢ ବିରୋଧ କରୁଛି ଏବଂ ଆଗାମୀ ଦିନରେ ବିଧାନସଭା ଓ ରାଜରାସ୍ତାରେ ଏହାର ଦୃଢ ବିରୋଧ କରାଯିବ ବୋ ସେ ଚେତାବନୀ ଦେଇଛନ୍ତି।

## ଆଜିଠାରୁ ରାଜ୍ୟବ୍ୟାପୀ 'ତ୍ରିରଙ୍ଗା ଅଭିଯାନ'

# ପତାକା ତିଆରି ପାଇଁ ୧୫ କୋଟି ବ୍ୟୟବରାଦ

ଭୁବନେଶ୍ୱର,୮।୮(ସମିସ):ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜ୍ୟବ୍ୟାପୀ ଆୟୋଜିତ ହେବ "ଘରେ ଘରେ ତ୍ରିରଙ୍ଗା" ଅଭିଯାନ। ଅଗଷ୍ଟ ୯ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ରାଜଧାନୀ ଭୁବନେଶ୍ୱର ଠାରୁ ଆରମ୍ଭ କରି ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ଏହା ପାଳନ କରାଯିବ। ଏଥିପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତ୍ୟେକ ଜିଲ୍ଲାକୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଅଗଷ୍ଟ ୯ ତାରିଖରେ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ସହଯୋଗରେ ହାତୀଆସୁଣୀ ଗ୍ରାଉଣ୍ଡ ଠାରୁ ଲୁମ୍ବିନୀ ବିହାର ରୋଡ୍ ଯାଏ ଆୟୋଜିତ ରାଜ୍ୟ ସ୍ତରୀୟ 'ତ୍ରିରଙ୍ଗା ପଦଯାତ୍ରା'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ। ଏହି ପଦଯାତ୍ରାରେ ସମସ୍ତ ସରକାରୀ ଅଧିକାରୀ, ଯୁବବର୍ଗ, ସ୍ୱେଚ୍ଛାସେବୀ ସଂଗଠନ, କ୍ରୀଡ଼ାବିତ୍, ଛାତ୍ରଛାତ୍ରୀ, ଏନ୍‌ସିସି ଓ ଏନଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ଯୋଗଦେବେ।

**ପ୍ରତ୍ୟେକ ଜିଲ୍ଲାକୁ ୧୦ ଲକ୍ଷ ଟଙ୍କା ଆର୍ଥିକ ରାଶି ଅନୁଦାନ**

ସେହିପରି ଜିଲ୍ଲା ସ୍ତରରେ ଆୟୋଜିତ ଥିବା ତ୍ରିରଙ୍ଗା କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ୬୦ଲକ୍ଷ ଜାତୀୟ ପତାକା ପ୍ରସ୍ତୁତ କରାଯାଇ ସମସ୍ତ ଜିଲ୍ଲାମାନଙ୍କୁ ବଣ୍ଟନ କରାଯିବ। ପତାକା ତିଆରି ପାଇଁ ସଂସ୍କୃତି ବିଭାଗ ପକ୍ଷରୁ ୧୫ କୋଟି ଟଙ୍କା ଆର୍ଥିକ ରାଶି ମିଶନ ଶକ୍ତି ବିଭାଗକୁ ପ୍ରଦାନ କରାଯାଇଛି। ଅଗଷ୍ଟ ୯ରୁ ୧୭ ତାରିଖ ପର୍ଯ୍ୟନ୍ତ ସମସ୍ତ ଜନସାଧାରଣ ତ୍ରିରଙ୍ଗା ସହ ନିଜର ସେଲ୍ଫି ଉଠାଇ ନିଜର ଫଟୋକୁ ହରଘର ତ୍ରିରଙ୍ଗା ଡଟ୍ କମ୍ (harghartiranga.com) ୱେବ୍ସାଇଟରେ ଅପଲୋଡ୍ କରି ଡିଜିଟାଲ ସାର୍ଟିଫିକେଟ ପାଇବା ସହ "My Gov' ପୋର୍ଟାଲରେ କୁଇଜ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିବେ ବୋଲି ଶନିବାର ସଂସ୍କୃତିଭବନରେ ଆୟୋଜିତ ସାମ୍ବାଦକ ସମ୍ମିଳନୀରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି।

# ଶିମିଳିପାଳରୁ କମୁଛନ୍ତି କଳାବାଘ

## ୨୦୨୬ରେ ୩ଟି ମିଶାଇ ୫ କଳା ମହାବଳ ବାଘଙ୍କ ମୃତ୍ୟୁକୁ ନେଇ ଚିନ୍ତା

ବାରିପଦା,୮।୮ (ସମିସ): ବିଶ୍ୱପ୍ରସିଦ୍ଧ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଏସଟିଆର)ରେ ହିଁ ଦେଖିବାକୁ ମିଳନ୍ତି ଅତ୍ୟନ୍ତ ବିରଳ "ସୁଡୋ-ମେଲାନିଷ୍ଟିକ୍' ବା କଳା ମହାବଳ ବାଘ। ଏହି ବିରଳ ବାଘଙ୍କ ପାଇଁ ଶିମିଳିପାଳ ସାରା ବିଶ୍ୱର ବନ୍ୟପ୍ରାଣୀ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ତେବେ ୨୦୨୬ରେ ୩ଟି ମିଶାଇ କଳାବାଘଙ୍କ ମୃତ୍ୟୁ ଓ ଚମଡା ଜବତ ଘଟଣା ଏବେ ପରିବେଶବିତ୍, ବନ୍ୟପ୍ରାଣୀପ୍ରେମୀ ଓ ସାଧାରଣ ଜନତାଙ୍କୁ ଗଭୀର ଭାବେ ବିଚଳିତ କରିଛି। ୨୦୨୩ ମେ ମାସରେ ନଅଣା ଦକ୍ଷିଣ ରେଞ୍ଜରୁ ଏକ ସାଢେ ତିନିବର୍ଷର କଳାବାଘ ମୃତଦେହ ଉଦ୍ଧାର ହୋଇଥିବାବେଳେ ୨୦୨୪ ନଭେମ୍ବରରେ ଦକ୍ଷିଣ ବନଖଣ୍ଡ ଜେନାବିଲ ଅଞ୍ଚଳରେ ଦେଢବର୍ଷର କଳାବାଘକୁ ଗୁଳି କରି ହତ୍ୟା ପରେ ତା'ର ମାଂସ ଖାଇବା, ଚମପା, ନଖ ଓ ନିଶ ଚାଲାଣ ଅଭିଯୋଗରେ ୧୦ ଜଣ ଗିରଫ ହୋଇଥିଲେ।

ସେହିପରି ୨୦୨୬ ମାର୍ଚ୍ଚ ୨୨ ତାରିଖରେ ବାରିପଦା ବନଖଣ୍ଡ କୁଳିଅଣା ରେଞ୍ଜ କଳାବାଘ ଛାଲ ଡିଲ୍ ଚାଲିଥିବାବେଳେ ବନ ବିଭାଗ ଚଢ଼ଉ କରି ୧ଟି କଳାବାଘ ଛାଲ ଜବତ କରିବା ସହ ଘଟଣାରେ ୧୪ ଜଣ ଶିକାରୀ/ବେପାରୀଙ୍କୁ ଗିରଫ କରିଥିଲା। ସେହିପରି ୨୦୨୬ ମେ ୨୧ ତାରିଖରେ ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ଡିଭିଜନ ଢୁକୁରା ରେଞ୍ଜ ଅନ୍ତର୍ଗତ ବାସିପିଠା-ଭୁପତ ରାସ୍ତାରେ ବିଶେଷ ସୂତ୍ରରୁ ଖବର ପାଇ ଏନଫୋର୍ସମେଣ୍ଟ ଟିମ୍ ଚଢ଼ଉ କରି ଗୋଟିଏ କଳାବାଘ ଚମଡ଼ା ଜବତ ସହ ୩ ଜଣ ବେପାରୀଙ୍କୁ ଗିରଫ କରିଥିଲା। ଆଜିର ସୁଚନା ମୁତାବକ ପ୍ରାୟ ୫ ବର୍ଷର ମାଈ କଳାବାଘର ମୃତଦେହ ଉଦ୍ଧାର କରାଯାଇଛି।



ଶରୀରରେ କୌଣସି କ୍ଷତଚିହ୍ନ ନ ଥିବାରୁ ବିଷକ୍ରିୟା କିମ୍ବା ପାଥୋଲୋଜିକାଲ ସଂକ୍ରମଣ ଯୋଗୁଁ ମୃତ୍ୟୁ ଘଟିଛି କି ନାହିଁ, ତାହା ଜାଣିବା ପାଇଁ ଜୈବିକ ନମୁନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ହିଁ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି। ବର୍ଷକ ଭିତରେ ୩କୁ ମିଶାଇ ୫ କଳାବାଘ ମୃତ୍ୟୁ ବା ହତ୍ୟା ଅତ୍ୟନ୍ତ ଚିନ୍ତାଜନକ। ଏନଟିସିଏ ଏସଓପି ଅନୁସାରେ ପୋଷ୍ଟମର୍ଟମ ବେଳେ ବନ ଅଫିସରଙ୍କ ସହ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି, ସ୍ଥାନୀୟ ଏନଜିଓ ଓ ଜଣେ ସ୍ୱାଧୀନ ସାକ୍ଷୀ ରହିବା କଥା। ଯାହା ଏଠାରେ ସମ୍ପୂର୍ଣ୍ଣ ପାଳନ ହୋଇଥିବା ଭଳି ଲାଗୁନି। ଶିମିଳିପାଳରେ ଶିକାରୀମାନେ ସମ୍ବର, କୁଟୁରା କିମ୍ବା ବାରାହା ମାଂସ ପାଇଁ ବିଷ ପ୍ରୟୋଗ କରିବାର ପୁରୁଣା ଅଭ୍ୟାସ ରହିଛି। ସେହି ବିଷାକ୍ତ ମାଂସ ଖାଇ ବାଘ ମରିଥିବା ସନ୍ଦେହକୁ ଏଡ଼ାଇ ଦିଆଯାଇ ନ ପାରେ। ସାପ କାମୁଡ଼ାରେ ବାଘ ମରିବା ଆଶଙ୍କା କମ୍। ତେଣୁ ସଠିକ୍ ଫୋରେନ୍ସିକ୍ ରିପୋର୍ଟ ଆଣି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର ବୋଲି କହିଛନ୍ତି ବନ୍ୟପ୍ରାଣୀ ବିଶେଷଜ୍ଞ ଭାନୁମିତ୍ର ଆଚାର୍ଯ୍ୟ । ସେହିପରି ବିଶ୍ୱରେ ସମୁଦାୟ ୨୦ରୁ ଊର୍ଦ୍ଧ୍ୱ କଳାବାଘ କେବଳ ଶିମିଳିପାଳରେ ହିଁ ଅଛନ୍ତି। ଗୋଟିଏ ବର୍ଷରେ ୩ଟି କଳାବାଘଙ୍କ ମୃତ୍ୟୁ ହେବା ଅତ୍ୟନ୍ତ ଉଦ୍‌ବେଗଜନକ। ଶିମିଳିପାଳରେ ଶହ ଶହ ଏଆଇ କ୍ୟାମେରା ଖଞ୍ଜାଯାଇଥିବା ସତ୍ତ୍ୱେ ଶିକାରୀଙ୍କ ପ୍ରାଦୁର୍ଭାବ ଓ ବାଘ ମୃତ୍ୟୁ ରୋକାଯାଇପାରୁନି। କେନ୍ଦ୍ର ଓ ରାଜ୍ୟ ସରକାର ଏକ ସ୍ୱେଚ୍ଛାସେବୀ/ବିଶେଷଜ୍ଞ କମିଟି ଗଠନ କରି ଏହାର ତଦନ୍ତ କରନ୍ତୁ। ଏଥିସହିତ ବାରିପଦା ନିକଟସ୍ଥ ପାଲବଣିଠାରେ ପ୍ରସ୍ତାବିତ 'କଳାବାଘ ସଫାରୀ' ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରାଯାଉ ବୋଲି ବାରିପଦାର ବୁଦ୍ଧିଜୀବୀ କଲ୍ୟାଣ କୁମାର ସିହ୍ନା କହିଛନ୍ତି। ଶିମିଳିପାଳର ଗୌରବ ଏହି ବିରଳ କଳାବାଘଙ୍କ ସୁରକ୍ଷା ପାଇଁ କେବଳ ତଦନ୍ତ ଯଥେଷ୍ଟ ନା କଡ଼ା କାର୍ଯ୍ୟାନୁଷ୍ଠାନ ଆବଶ୍ୟକ, ତାହା ଦେଖିବାକୁ ବାକି ରହିଲା।

## ଏମ୍‌କେସିଜି ଡିଏମ୍‌ଏଲଟି ଓ ଡିଏମ୍‌ଆରଟି ଛାତ୍ରସଂସଦର ବାର୍ଷିକ ଉତ୍ସବରେ ମନ୍ତ୍ରୀଙ୍କ ସୂଚନା

# ୩୮୦ ଏଲ୍‌ଟି ପଦବୀକୁ ରାଜ୍ୟ ସରକାରଙ୍କ ଅନୁମୋଦନ

ବ୍ରହ୍ମପୁର,୮।୮(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଅଡ଼ିଟୋରିଅମରେ ଡିଏମଏଲଟି ଓ ଡିଏମଆରଟି ଛାତ୍ରସଂସଦ ପକ୍ଷରୁ ୧୮ତମ ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଗଦେଇଥିଲେ। ରାଜ୍ୟ ସରକାର ୩୮୦ଟି ଏଲଟି (ଲାବୋରେଟୋରୀ ଟେକ୍ନିସିଆନ) ପଦବୀକୁ ଅନୁମୋଦନ କରିଛନ୍ତି। ଖୁବ୍ ଶୀଘ୍ର ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇବ। ଏହା ଦ୍ୱାରା ଲାବୋରେଟୋରୀ ଟେକ୍ନିସିଆନ ନିଯୁକ୍ତି କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି ହେବ ବୋଲି ମନ୍ତ୍ରୀ ଡ. ମହାଲିଙ୍ଗ କହିଥିଲେ। ସେହିପରି ଏମକେସିଜି ମେଡ଼ିକାଲରେ ଡିଏମଏଲଟି ଓ ଡିଏମଆରଟି ଛାତ୍ରଛାତ୍ରୀଙ୍କ ନିମନ୍ତେ ହଷ୍ଟେଲ ନଥିବା ବେଳେ ମେଡ଼ିକାଲରେ ହଷ୍ଟେଲ ନିର୍ମାଣ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ରୋଗୀଙ୍କ ଚିକିତ୍ସା ଓ ରୋଗ ନିରୂପଣ କ୍ଷେତ୍ରରେ ଡିଏମଏଲଟି ଓ ଡିଏମଆରଟି ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି ମନ୍ତ୍ରୀ ଆଲୋକପାତ କରିଥିଲେ। ଆଧୁନିକ ଚିକିତ୍ସା ବ୍ୟବସ୍ଥାରେ ଲାବୋରେଟୋରୀ ପରୀକ୍ଷା ଓ ରେଡିଓଲୋଜିକାଲ ନିରୂପଣର ଗୁରୁତ୍ୱ ଉପରେ ମଧ୍ୟ ସେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡିଏମଇଟି ପ୍ରଫେସର ଡା. ଦୁର୍ଗା ମାଧବ ଶତପଥୀ, ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଡିନ୍ ପ୍ରଫେସର ଡ. ହରିକ୍ରିଷ୍ଣା ଦଳେଇ, ପଥୋଲୋଜି ବିଭାଗର ପ୍ରଫେସର ଡ. ଅନିତା ଚୌଧୁରୀ, ରେଡିଓଲୋଜି ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଡା. ଏମ୍‌ଭିକେ ରାଓ ଏବଂ ଡା. ଲିପିକା ବେହେରା ଉପସ୍ଥିତ ଥିଲେ। ଉତ୍ସବରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଛାତ୍ରସଂସଦର ସଭାପତି ଚନ୍ଦ୍ରଶେଖର ପଢିଆରି, ସମ୍ପାଦକ ସୁନୀଲ କୁମାର ବାରିକ, ପୂର୍ବତନ ସଭାପତି ପରମାନନ୍ଦ ଦଳେଇ ଓ ବିଷ୍ଣୁ ପ୍ରସାଦ ନାୟକଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



# ଏରେଣ୍ଡେଇ ଜଙ୍ଗଲରେ ହାତୀ ଶାବକର ଜନ୍ମ

ତୁରୁମୁଙ୍ଗା, ୮।୮ (ସମିସ):

ହାତୀପଲ ମଧ୍ୟରେ ନୂଆ ଅତିଥିର ଆଗମନ। ପାଟଣା ରେଞ୍ଜ ଏରେଣ୍ଡେଇ ନିକଟ ଝାଟିକୁଦର ଜଙ୍ଗଲରେ ଏକ ମାଆ ହାତୀ ଜନ୍ମ ଦେଇଛି ହାତୀ ଶାବକ। ନୂଆ ଶାବକକୁ ନେଇ ହାତୀପଲ ମଧ୍ୟରେ ଦେଖିବାକୁ ମିଳିଛି ଚଳଚଞ୍ଚଳତା। ଏଥିସହ ପଶୁପ୍ରେମୀଙ୍କ ମନରେ ଖେଳାଇ ଦେଇଛି ଖୁସିର ଲହରୀ। ଗତକାଲିଠାରୁ ଏରେଣ୍ଡେଇ ନିକଟରେ ୧୯ ଟିକିଆ ହାତୀପଲ ଡେରା ପକାଇଥିଲା।



ତେବେ ହାତୀପଲରେ ନୂଆ ଶାବକର ଆଗମନ ପରେ ଏବେ ଏହି ହାତୀପଲ ସଂଖ୍ୟା ୨୦ରେ ପହଞ୍ଚିଛି। ଶାବକଟିକୁ ମାଆ ହାତୀ ସହ ଅନ୍ୟ ହାତୀମାନେ ଘେରି ରଖି ସୁରକ୍ଷା ଦେଉଥିବା ବେଳେ ହାତୀପଲର ଗତିବିଧି ଉପରେ ବନ ବିଭାଗ ପକ୍ଷରୁ ନଜର ରଖାଯାଉଛି। ହାତୀପଲ ଯେପରି ଜନବସତି ଆଡ଼କୁ ନଆସନ୍ତି ଏବଂ ଶାବକଟି ସୁରକ୍ଷିତ ରହେ, ସେଥିପାଇଁ ବନ କର୍ମଚାରୀମାନେ ନଜର ରଖିଛନ୍ତି। ଏନେଇ କେନ୍ଦୁଝର ଡିଏଫ୍‌ଓ ଏଚଡି ଧନରାଜ୍ ହାତୀ ବଂଶର ବିସ୍ତାର ଆମ ପାଇଁ ଖୁସିର କଥା ବୋଲି କହିଛନ୍ତି। ପୂର୍ବରୁ ଜିଲ୍ଲାରେ ୧୫୬ ହାତୀ ଥିବା ବେଳେ ହାତୀ ଶାବକ ଜନ୍ମ ନେଲା ପରେ ଏବେ ୧୫୭ଟି ହାତୀ ବିଭିନ୍ନ ରେଞ୍ଜ ଅଞ୍ଚଳରେ ଘୂରି ବୁଲୁଛନ୍ତି। ହାତୀ ସ୍କ୍ୱାଡ ସହ ଡ୍ରୋନ୍ କ୍ୟାମେରା ସହାୟତାରେ ହାତୀପଲଙ୍କ ଚଳପ୍ରଚଳ ଉପରେ ନଜର ରଖାଯାଉଛି। ହାତୀଙ୍କୁ ବିଚଳିତ ନ କରିବା ସହ ହାତୀପଲଙ୍କ ନିକଟତର ନହେବାକୁ ଲୋକଙ୍କୁ ସଚେତନ କରାଯାଉଥିବା ଡିଏଫଓ କହିଛନ୍ତି।

## ଶିଆଡିମାଳିଆରୁ ବେଆଇନ ମାଟି ଖନନ

# ରାତି ଓ ସରକାରୀ ଛୁଟିରେ ହେଉଛି ଲୁଟ୍

ଆନନ୍ଦପୁର, ୮।୮ (ସମିସ): ଆନନ୍ଦପୁରର ଐତିହାସିକ ଶିଆଡିମାଳିଆରୁ ବିଳମ୍ବିତ ରାତିରେ ଓ ସରକାରୀ ଛୁଟି ଦିବସରେ ବେଆଇନ ଭାବେ ମାଟି ଲୁଟ୍ ହେଉଥିବା ଅଭିଯୋଗ ହୋଇଛି। ଜେସିବି ମେସିନ୍ ସହାୟତାରେ ମାଟି ଉତ୍ତୋଳନ କରାଯାଇ ଟ୍ରାକ୍ଟର ଯୋଗେ ଚାଲାଣ ହେଉଥିବା ଭିଡିଓ ଭାଇରାଲ ହେଉଥିବା ବେଳେ ରାଜସ୍ୱ ବିଭାଗର କାର୍ଯ୍ୟାନୁଷ୍ଠାନ ନାହିଁ। ଏହି ବେଆଇନ ଭାବେ ଉତ୍ତୋଳନ ହେଉଥିବା ମାଟିକୁ କେଉଁଆଡେ ଚାଲାଣ ହେଉଛି ସେ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳି ନଥିବା ବେଳେ ଆନନ୍ଦପୁର ରିଙ୍ଗ ବନ୍ଧର ଘାଇ ମରାମତି ପାଇଁ ଏହି ମାଟି ବ୍ୟବହାର ହେଉଥିବା କୁହାଯାଉଛି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆନନ୍ଦପୁର ରିଙ୍ଗ ବନ୍ଧ ଘାଇର ମରାମତି କାର୍ଯ୍ୟ ଆରମ୍ଭହୋଇଥିବାବେଳେ



ଏଥିପାଇଁ ପାଇଁ ବେଆଇନ ଭାବେ ମାଟି ସଂଗ୍ରହ କରିବା ଘଟଣାକୁ ସ୍ଥାନୀୟ ବାସିନ୍ଦା ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଲୋକଙ୍କ ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାରୀ ସ୍ତରରେ ରିଙ୍ଗବନ୍ଧ ଘାଇର ମରାମତି ପାଇଁ ଅନୁମତି ମିଳିଥିବାବେଳେ ବିନା ରାଜସ୍ୱ ଦାଖଲରେ ବେଆଇନ ମାଟି ସଂଗ୍ରହ କରାଯାଇଘାଇ ବନ୍ଧା କାର୍ଯ୍ୟରେ ବ୍ୟବହାର କରିବା ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଇଛି। ତେବେ ଶିଆଡିମାଳିଆ ଭଳି ଗୁରୁତ୍ୱପୂର୍ଣ୍ଣ ଐତିହାସିକ ପୀଠରୁ ବେଆଇନ ମାଟି ଉତ୍ତୋଳନ କେଉଁଠି ନା କେଉଁଠି ପ୍ରଭାବଶାଳୀ ବ୍ୟକ୍ତିଙ୍କ ପ୍ରଚ୍ଛଦ ହାତ ଥିବା ଥିବା କୁହାଯାଇଛି। ଏଭଳି ଏକ ସମ୍ବେଦନଶୀଳ ଘଟଣା ପ୍ରତି ପ୍ରଶାସନିକ ସ୍ତରରେ ଦୃଷ୍ଟି ଦିଆଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଟ୍ରକ୍ ଧକ୍କାରେ ଗୁରୁତର ବାଇକ ଆରୋହୀଙ୍କ ମୃତ୍ୟୁ

ତୁରୁମୁଙ୍ଗା, ୮।୮ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଡୁମୁରିଗୁଡା ନିକଟରେ ଗତ ଜୁଲାଇ ୧୮ ତାରିଖ ରାତିରେ ଟ୍ରକ ଧକ୍କାରେ ବାଇକ ଆରୋହୀ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ କେନ୍ଦୁଝର ଓ ପରେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ଘରକୁ ନେଇ ଆସୁଥିବା ସମୟରେ ରାସ୍ତାରେ ମୃତ୍ୟୁ ଘଟିଥିଲା। ମୃତ ଯୁବକ ହେଲେ ମୁକ୍ତାପୁର ଗ୍ରାମର ଭ୍ରମରବର ନାଏକଙ୍କ ପୁଅ ଯଯାତିକେଶରୀ (୩୩)। ଶନିବାର ସକାଳୁ ପରିବାର ଲୋକେ ଶବ ସତ୍କାର କରିବା ପାଇଁ ସମସ୍ତ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଖବର ପାଇ ତୁରୁମୁଙ୍ଗା ପୁଲିସ ପହଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରି ଶବକୁ ଜବତ କରି ପାଟଣା ମେଡିକାଲରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ମାମଲା ରୁଜୁ ହେବା ସହ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡିକୁ ଜବତ କରି ଏଏସଆଇ ସାୟଦ ସଲିମ ହୁସେନ୍ ଘଟଣାର ତଦନ୍ତ କରୁଛନ୍ତି।

## ରେଳ ଧାରଣା ଉପରୁ ଗୋରୁ ଘଉଡ଼ାଇବା ବେଳେ ଅଘଟଣ

### ● ଟ୍ରେନ ଧକ୍କାରେ ଗୋରୁ ସହ ଜଣେ ମୃତ

କେନ୍ଦୁଝର, ୮।୮ (ସମିସ): କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ କବିତ୍ରା ନିକଟରେ ଟ୍ରେନ ଲାଇନ୍‌ରୁ ଗୋରୁ ଘଉଡାଇବା ସମୟରେ ଉଭୟ ଗୋରୁ ଏବଂ ଜଣେ ବ୍ୟକ୍ତିଙ୍କୁ ଟ୍ରେନ ଧକ୍କା ଦେବାରୁ ଉଭୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତକଙ୍କ ଘର କବିତ୍ରା ଗ୍ରାମରେ। ତାଙ୍କ ନାମ ବନମାଳି ମହାନ୍ତ (୫୨)। ସୂଚନା ଅନୁସାରେ, ଶନିବାର ଦିନ ପ୍ରାୟ ୧ଟା ୩୦ ମିନିଟ୍ ସମୟରେ ୧୮୪୧୬ ବଡବିଲ-ପୁରୀ ଏକ୍ସପ୍ରେସ ଟ୍ରେନ୍ ଗୁହାଳଡିହି ଷ୍ଟେସନ ପଟୁ କେନ୍ଦୁଝରଗଡ ରେଲୱେ ଷ୍ଟେସନ ଆଡକୁ ଆସୁଥିବାବେଳେ ରାଇସୁଆଁ-କବିତ୍ରା ମଝିରେ ଥିବା ରେଳବାଇ ପୋଲ ଉପରେ ଏହି ଦୁର୍ଘଟଣା ଘଟିଛି। ମୃତକ ରେଳଲାଇନ୍ ନିକଟରେ ଚରୁଥିବା ତାଙ୍କ ଗୋରୁକୁ ରେଳ ଲାଇନ୍‌ରୁ ଘଉଡାଇବା ସମୟରେ ଉଭୟଙ୍କୁ ଟ୍ରେନ୍ ଧକ୍କା ଦେଇଥିଲା। ଉଭୟ ଟ୍ରେନ ଲାଇନ୍ ତଳକୁ ଛିଟିକି ପଡିଥିଲେ। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ପୁଲିସ ଶବ ଜବତ କରି ତଦନ୍ତ ଚଳାଇଛି।

## ବାରିଗାଁରେ ରୋଜାଲିନଙ୍କୁ ସମ୍ବର୍ଦ୍ଧନା

ଆନନ୍ଦପୁର, ୮।୮ (ସମିସ): ବାରିଗାଁରେ ଥିବା ବାଇଲୋ ପଞ୍ଚାୟତ ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ ରୋଜାଲିନ ସାହୁ ବୋର୍ଡ ପରୀକ୍ଷାରେ ସର୍ବାଧିକ ୪୮୫ ନମ୍ବର ରଖି ଗୌରବ ବୃଦ୍ଧି କରିଥିବାରୁ ବିଭିନ୍ନ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଯୁବକ ପ୍ରମୋଦ କୁମାର ଜେନା ତାଙ୍କର ଦୋକାନ ନାମରେ ଏକ ପୁରସ୍କାର ପ୍ରଦାନ କରି ତାଙ୍କୁ ଉତ୍ସାହିତ କରିଛନ୍ତି। ପୂର୍ବରୁ ଆମ ଗାଁ ରଜ ମଉଜ ତରଫରୁ ରୋଜାଲିନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରଜର ସମସ୍ତ ସଦସ୍ୟ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ।



କମିଟି ସଦସ୍ୟ ବିକ୍ରମ ଆଦିତ୍ୟ ଜେନା ନାରାୟଣ ସାହୁ ସିପୁନୁ ନାହାକ ଆଶୁତୋଷ ପଣ୍ଡା ପ୍ରଦୀପ ସାହୁ ଲିକନ ସେଠୀ ମହାଦେବ ସାହୁ ପ୍ରସାଦ ସାହୁ ଚିନ୍ମୟ ସାହୁ, ମା ଧନେଇ ସେବା ସଂଘର ସଭାପତି ବିଷ୍ଣୁପ୍ରସାଦ ବାରିକ ଶୁଭେଚ୍ଛା ଜଣାଇଥିଲେ।

## ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ଅଭିମୁଖୀକରଣ କାର୍ଯ୍ୟକ୍ରମ



କେନ୍ଦୁଝର, ୮।୮ (ସମିସ): ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ-୨୦୨୬ ଉପଲକ୍ଷେ କେନ୍ଦୁଝର ଜିଲ୍ଲା ବିଜ୍ଞାନ କାର୍ଯ୍ୟାଳୟ ପକ୍ଷରୁ ଶିକ୍ଷକମାନଙ୍କ ଏକ ଅଭିମୁଖୀକରଣ କାର୍ଯ୍ୟକ୍ରମ ଏନ୍‌ଏସ୍ ପୁଲିସ୍ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ମୁଖ୍ୟ ବିଷୟ 'ସ୍ଥାୟିତ୍ୱ ପାଇଁ ବିଜ୍ଞାନ ଓ ନବସୃଜନ' ରହିଛି। କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୨୫୦ରୁ ଅଧିକ ଜଣ ବିଜ୍ଞାନ ଶିକ୍ଷକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଏଡିଇଓ (ଏକାଡେମିକ୍) ଶ୍ରୀକାନ୍ତ ବେହେରା ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଓଷ୍ଟା ସମ୍ପାଦକ ରଞ୍ଜନ କୁମାର ଘଡ଼େଇ ଶିକ୍ଷକମାନଙ୍କୁ ପ୍ରେରଣାଦାୟୀ ଓ ସଂଗ୍ରାମୀ ବାର୍ତ୍ତା ପ୍ରଦାନ କରିଥିଲେ। ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ପରମେଶ୍ୱର ମହାନ୍ତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂଯୋଜକ ସୁଶାନ୍ତ କୁମାର ଦକ୍ଷିଣରାୟ ମୁଖ୍ୟ ବିଷୟ ଓ ପାଞ୍ଚଟି ଉପବିଷୟ, ସ୍ଥାନୀୟ ସମସ୍ୟା ଆଧାରିତ ପ୍ରକଳ୍ପ ଚୟନ, କ୍ଷୁଦ୍ର ଗବେଷଣା ପ୍ରଣାଳୀ, ପ୍ରକଳ୍ପ ରିପୋର୍ଟ ଓ ପୋଷ୍ଟର ପ୍ରସ୍ତୁତି, ମୂଲ୍ୟାୟନ ପ୍ରକ୍ରିୟା ଏବଂ ଅନଲାଇନ୍ ପଞ୍ଜୀକରଣ ଆଦି ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକମାନଙ୍କ ପାଇଁ ଏକ ଆଲୋଚନାତ୍ମକ ଓ ପ୍ରଶ୍ନୋତ୍ତର ଅଧିବେଶନ ମଧ୍ୟ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବେଳା ରାଉତଙ୍କ ସହ ବିବେକାନନ୍ଦ ରାଉତ, ସାଗରିକା ସାହୁ ଓ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ପରମେଶ୍ୱର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁକାନ୍ତି ନାଏକ ପାଟଣା ବ୍ଲକ୍ ମହିଳା ବିଜୁ ଜନତା ଦଳ ସଭାନେତ୍ରୀ



ତୁରୁମୁଙ୍ଗା, ୮।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନମଣ୍ଡଳୀ ମୁଖ୍ୟାଳୟ ବ୍ଲକ ମହିଳା ବିଜୁ ଜନତା ଦଳର ସଭାନେତ୍ରୀ ଭାବେ ସୁକାନ୍ତି ନାଏକ ମନୋନୀତ ହୋଇଛନ୍ତି। ଶ୍ରୀମତୀ ନାଏକ ପୂର୍ବରୁ ପାଟଣା ବ୍ଲକ ଅଧ୍ୟକ୍ଷା ଭାବେ କାର୍ଯ୍ୟ କରିଥିବା ବେଳେ ବର୍ତ୍ତମାନ ସେ ବାଉଁଶୁଳି ପଞ୍ଚାୟତ ସମିତିସଭ୍ୟା ରହିଛନ୍ତି। ମହିଳା ବିଜୁ ଜନତା ଦଳ ସଭାପତି ଭାବେ ନିଯୁକ୍ତି ପାଇବା ପରେ ସେ ବ୍ଲକ ଅଞ୍ଚଳର ସମସ୍ତ ପଞ୍ଚାୟତକୁ ଯାଇ ମହିଳାଙ୍କୁ ଏକଜୁଟ କରିବାରେ ସଚେତନ କରିବେ ବୋଲି କହିଛନ୍ତି। ଆଗାମୀ ଦିନରେ ପାଟଣା ବ୍ଲକରେ ବିଜୁ ଜନତା ଦଳକୁ ମଜବୁତ କରିବେ ବୋଲି ସେ କହିଛନ୍ତି।

## କୁଷ୍ଠମୁକ୍ତ କେନ୍ଦୁଝର: ୩.୦୯ ଲକ୍ଷ ଲୋକଙ୍କ ହେବ ଯାଞ୍ଚ

କେନ୍ଦୁଝର, ୮।୮ (ସମିସ): କୁଷ୍ଠମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟରେ ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଅଧୀନରେ କେନ୍ଦୁଝର ଜିଲ୍ଲାର କୁଷ୍ଠରୋଗ ଚିହ୍ନଟ ଓ ସଚେତନତା ଅଭିଯାନ ଆସନ୍ତା ୧୭ ଅଗଷ୍ଟରୁ ୩୧ ଅଗଷ୍ଟ ତାରିଖ ଯାଏ ଚାଲିବ। ଏହି ଅଭିଯାନ ମାଧ୍ୟମରେ ଜିଲ୍ଲାର ୨ଟି ବ୍ଲକ (ସାହାରପଡା ଓ ପାଟଣା ବ୍ଲକ) ଗୋଟିଏ ସହରାଞ୍ଚଳ (ବଡବିଲ) ରେ ପାଖାପାଖି ୩ ଲକ୍ଷ ୯ ହଜାର ଲୋକଙ୍କ ଘରକୁ ଘର ଯାଇ ଲୋକଙ୍କ ଦେହରେ ଲକ୍ଷଣକୁ ଦେଖାଯିବ। ଏନେଇ ଗତ ୦୪/୦୮/୨୦୨୬ ଜିଲ୍ଲାପାଳଙ୍କ ମିନି କନଫରେନ୍ସ ହଲରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ଧନେଶ୍ୱର ସେଠି, ଉପ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ ପୁରୁଷୋତ୍ତମ ମହାନ୍ତ, ଏଡିପିଏଚଓ (କୁଷ୍ଠ ରୋଗ) ଡଃ ବସନ୍ତ କୁମାର ପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ବଡବିଲ ଡଃ ସୌଭାଗ୍ୟ ରଞ୍ଜନ ସାମଲ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସାହାରପଡା ଡଃ ମନୋରଞ୍ଜନ ଜେନା, ଡିପିଏମ ଡଃ ନିତ୍ୟରଞ୍ଜନ ବରାଳ, ଜିଲ୍ଲା କୁଷ୍ଠ ରୋଗ ପରାମର୍ଶ ଦାତା ଡଃ ଶୋଭନ ସାହୁ, ଏପିଡେମିଅଲଜିଷ୍ଟ ଡଃ ବିଷ୍ଣୁ ମାଝି, ଡିଆଇପିଆରଓ ସାର୍ଥକ ରାୟ, ଡିପିଏଚସିଓ ଭରତ ସାହୁ, ପ୍ରୋଜେକ୍ଟ ଆସୋସିଏଟ ଲେପ୍ରା ସୋସାଇଟି ରାଇରଙ୍ଗପୁର ପ୍ରହ୍ଲାଦ ମଙ୍ଗରାଜ ଏବଂ ରବୀନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାରେ ବର୍ତ୍ତମାନ ସୁଧା ପ୍ରାୟ ୨୧,୦୦ ଜଣ କୁଷ୍ଠ ରୋଗୀ ଚିହ୍ନଟ ହେଇଛନ୍ତି। ସେଥିରୁ ପ୍ରାୟ ୧୯୫୦ ଜଣ ଆରୋଗ୍ୟ ହୋଇଛନ୍ତି। ବଳକା ୧୫୦ ଜଣ ରୋଗୀ ଔଷଧ ସେବନ କରୁଛନ୍ତି। ଏହି ଅଭିଯାନ ସଫଳ କରିବା ପାଇଁ ୩୧୦ ଜଣ ଆଶା କର୍ମୀ, ୫୫ ଜଣ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟ କର୍ମୀ ସହ ସ୍ୱାସ୍ଥ୍ୟ ପରିଦର୍ଶକ, ୧୨ ଜଣ ଏମବିବିଏସ ଏବଂ ୮ ଜଣ ଆୟୁଷ ଡାକ୍ତରଙ୍କୁ ନିୟୋଜିତ କରାଯାଇଛି।

## ରାମକୃଷ୍ଣ ଉଚ୍ଚବିଦ୍ୟାଳୟରେ ନିଶାମୁକ୍ତ ଅଭିଯାନ



ବାଲିବନ୍ଧ, ୮।୮ (ସମିସ): ଝୁମ୍ପୁରା ବ୍ଲକ ଖେଣ୍ଡରା ପଞ୍ଚାୟତ ଅନ୍ତର୍ଗତ ଖେଣ୍ଡରା ଗ୍ରାମସ୍ଥିତ ରାମକୃଷ୍ଣ ଉଚ୍ଚବିଦ୍ୟାଳୟରେ ଶନିବାର ନିଶାମୁକ୍ତ ଅଭିଯାନ ପ୍ରଧାନଶିକ୍ଷକ ନରେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝରସ୍ଥିତ ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟର ମୁଖ୍ୟ ପରିଚାଳିକା ବି.କେ.ବିନ୍ଦୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷକ, ଶିକ୍ଷୟିତ୍ରୀ ପର୍ଶୁରାମ ପ୍ରଧାନ, ଜଗବନ୍ଧୁ ମହାନ୍ତ, ଦିଲ୍ଲୀପ ମହାନ୍ତ, ମୋନାଲିଶା ମହାନ୍ତ, କୁଳମଣି ମହାନ୍ତ, ବିନୋଦ ବିହାରୀ ମହାନ୍ତ, ରଣଜିତ ବାରିକ ଓ ଦିଶେନ୍ଦ୍ର ମହାନ୍ତେ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ନିଶା ସେବନରୁ ଦୂରେଇ ରହିବା ସହ ଏକ ସୁସ୍ଥ, ସୁନ୍ଦର ଓ ନିଶାମୁକ୍ତ ସମାଜ ଗଠନ ପାଇଁ ପ୍ରେରିତ କରିଥିଲେ। ସମସ୍ତ ଛାତ୍ରଛାତ୍ରୀଙ୍କୁ ନିଶା ସେବନ ନ କରିବା ପାଇଁ ଶପଥ ପାଠ କରାଯାଇଥିଲା। ଏହି ଅବସରରେ ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟକୁ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ପାଇଁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

### ● ସିଡିପିଓ କାର୍ଯ୍ୟାଳୟ ଲଟାବୁଦା ଘେରରେ

## ଅଳିଆରେ ପୋତି ହୋଇଛି ନଳକୂପ

ବାଲିବନ୍ଧ, ୮।୮ (ସମିସ): ଝୁମ୍ପୁରା ସମନ୍ୱିତ ଶିଶୁ ବିକାଶ (ସିଡିପିଓ) କାର୍ଯ୍ୟାଳୟ ଲଟାବୁଦାରେ ଲୁଚିଗଲାଣି। ଏ ଅବ୍ୟବସ୍ଥାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। କାର୍ଯ୍ୟାଳୟ ପରିସରରେ କେଉଁଠି ମଧ୍ୟ କାର୍ଯ୍ୟାଳୟର ନାମଫଳକ ସ୍ପଷ୍ଟ ଭାବେ ଲେଖାଯାଇ ନଥିବାରୁ ସାଧାରଣ ଲୋକ କାର୍ଯ୍ୟାଳୟ ଚିହ୍ନଟ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ, କାର୍ଯ୍ୟାଳୟ ପରିସରରେ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯାଉ ନଥିବା ଅଭିଯୋଗ ହୋଇଛି। କାର୍ଯ୍ୟାଳୟ ଚାରିପାଖରେ ଅଳିଆ ଆବର୍ଜନା ଜମା



ହୋଇ ରହିଥିବା ବେଳେ, ପରିସରରେ ଥିବା ନଳକୂପ ମଧ୍ୟ ଅଳିଆରେ ପୋତି ହୋଇପଡ଼ିଛି। ଏହାଦ୍ୱାରା କର୍ମଚାରୀ ଓ ସାଧାରଣ ଲୋକଙ୍କ ପାଇଁ ପାନୀୟ ଜଳ ବ୍ୟବହାର କରିବାରେ ସମସ୍ୟା ସୃଷ୍ଟି ହେଉଥିବା କୁହାଯାଉଛି। ସରକାରୀ କାର୍ଯ୍ୟାଳୟ ହୋଇଥିଲେ ମଧ୍ୟ ମୌଳିକ ସ୍ୱଚ୍ଛତା ଓ ରକ୍ଷଣାବେକ୍ଷଣ ପ୍ରତି ଅବହେଳା ଯୋଗୁଁ କାର୍ଯ୍ୟାଳୟକୁ ବିଭିନ୍ନ କାମ ପାଇଁ ଆସୁଥିବା ସାଧାରଣ ଲୋକେ ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। ସମ୍ପୃକ୍ତ ବିଭାଗ ତୁରନ୍ତ କାର୍ଯ୍ୟାଳୟ ପରିସରର ସଫେଇ, ନାମଫଳକ ଲେଖିବା ଏବଂ ନଳକୂପର ସଠିକ୍ ରକ୍ଷଣାବେକ୍ଷଣ କରିବାକୁ ସାଧାରଣରେ ଦାବି ଉଠିଛି। ତେବେ ଏସମ୍ପର୍କରେ ସିଡିପିଓ ମଣିମାଳା ନାୟକଙ୍କ ମତାମତ ଲୋଡ଼ିବାରୁ ରଙ୍ଗ କାମ କରୁଥିବା ଠିକାଦାର ଏବଂ ସମ୍ପୃକ୍ତ ଅଧିକାରୀଙ୍କୁ ବାରମ୍ବାର କହିବା ସତ୍ତ୍ୱେ ନାମଫଳକ ଲେଖୁ ନାହାନ୍ତି ଏବଂ ଏହାରି ଭିତରେ ସଫାସୁତୁରା କରାଯିବ ବୋଲି ପ୍ରତିକ୍ରିୟା ଦେଇଛନ୍ତି।

## ମେଢ଼ଶାଳଠାରେ ପ୍ରସ୍ତାବିତ ବିଦେଶୀ ମଦ ଦୋକାନକୁ ବିରୋଧ



ଯୋଡ଼ା, ୮।୮ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଦେଓଝର ପଞ୍ଚାୟତ ଶିଆଳିଯୋଡ଼ା ମେଢ଼ଶାଳଠାରେ ପ୍ରସ୍ତାବିତ ବିଦେଶୀ ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ଗ୍ରାମବାସୀଙ୍କ ଦ୍ୱାରା ତୀବ୍ର ବିରୋଧ କରାଯାଇଛି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଚମ୍ପୁଆ ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇ ମଦ ଦୋକାନ ଖୋଲିବା ପ୍ରସ୍ତାବକୁ ସମ୍ପୂର୍ଣ୍ଣ ବାତିଲ/ବନ୍ଦ କରିବାକୁ ଦାବି କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ ପ୍ରସ୍ତାବିତ ମଦ ଦୋକାନ ଖୋଲିଲେ ଅଞ୍ଚଳର ସାମାଜିକ ଓ ଧାର୍ମିକ ପରିବେଶ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବା ସହ ମହିଳା, ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏବଂ ଭବିଷ୍ୟତ ପ୍ରଭାବିତ ହେବାର ଆଶଙ୍କା ରହିଛି। ଗ୍ରାମବାସୀଙ୍କ ମୁଖ୍ୟ ଦାବି ମଧ୍ୟରେ ଗାଁର ଶାନ୍ତିଶୃଙ୍ଖଳା ବଜାୟ ରଖିବା, ମହିଳାଙ୍କ ସୁରକ୍ଷା, ଶିଶୁ ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା, ନିଶା ଅଭ୍ୟାସ ରୋକିବା ଏବଂ ସାମାଜିକ ପରିବେଶକୁ ସୁସ୍ଥ ରଖିବା ରହିଛି। ଗ୍ରାମବାସୀ ଆହୁରି ଦାବି କରିଛନ୍ତି ଯେ ଜନସ୍ୱାର୍ଥ, ମହିଳା, ଶିଶୁ ସୁରକ୍ଷା ଓ ଗ୍ରାମର ସାମାଜିକ ପରିବେଶକୁ ଦୃଷ୍ଟିରେ ରଖି ପ୍ରସ୍ତାବିତ ବିଦେଶୀ ମଦ ଦୋକାନ ଖୋଲିବା ଅନୁମତି ନ ଦିଆଯାଉ। ଏହି ଦାବି ଉପରେ ଜିଲ୍ଲା ପ୍ରଶାସନ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି।

## ବୃଦ୍ଧାଶ୍ରମରେ ସ୍ୱାସ୍ଥ୍ୟ ଶିବିର

ଚମ୍ପୁଆ, ୮।୮ (ସମିସ): କେନ୍ଦୁଝର ଜିଲ୍ଲା ପଦ୍ମପୁରସ୍ଥିତ ଆନନ୍ଦ ଆଶ୍ରମ ବୃଦ୍ଧାଶ୍ରମରେ ଚମ୍ପୁଆ କୌରାଳି କଲେଜ ଅଫ୍ ନର୍ସିଂ ପକ୍ଷରୁ ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଘର ପରିଦର୍ଶନ ଶିବିର ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ଏ ସ୍ ଡି ଏ ମ୍ ଓ ଙ୍କ ମାର୍ଗଦର୍ଶନରେ ଡା. ବି. ସିର୍କାଙ୍କ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା।



ବୃଦ୍ଧମାନଙ୍କୁ ଆବଶ୍ୟକ ଚିକିତ୍ସା, ସ୍ୱାସ୍ଥ୍ୟ ପରାମର୍ଶ ଓ ମାନସିକ ମନୋରଞ୍ଜନର ସୁଯୋଗ ସହ ଫଳ ଓ ଔଷଧ ମଧ୍ୟ ବଣ୍ଟନ କରାଯାଇଥିଲା। ଚମ୍ପୁଆ କୌରାଳି କଲେଜ ଅଫ୍ ନର୍ସିଂ ଅଧ୍ୟକ୍ଷ ପି.ଏସ୍. ରାଜମୋହନ ଓ କଲେଜ ଅଧ୍ୟକ୍ଷା ପ୍ରଫେସର ସାନା କମେଇଙ୍କ ନେତୃତ୍ୱରେ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଆନନ୍ଦ ଆଶ୍ରମ ପରିଚାଳନା କମିଟି ପକ୍ଷରୁ କଲେଜର ଏଭଳି ପଦକ୍ଷେପକୁ ପ୍ରଶଂସା କରାଯାଇଥିଲା। ଏଭଳି ସ୍ୱାସ୍ଥ୍ୟସେବା ଓ ସଚେତନତାମୂଳକ କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି କୌରାଳି କଲେଜ ଅଫ୍ ନର୍ସିଂ ପକ୍ଷରୁ ସୂଚନା ଦିଆଯାଇଛି।

# ଜିନ୍ଦଲ ଷ୍ଟିଲର ପ୍ରତିଷ୍ଠାତା ଓ.ପି ଜିନ୍ଦଲଙ୍କ ୯୬ତମ ଜୟନ୍ତୀ

## ପ୍ଲାଣ୍ଟ ଏବଂ ମାଇନ୍‌ସ ୟୁନିଟ୍ ପକ୍ଷରୁ ଶ୍ରଦ୍ଧାଞ୍ଜଳି




ଯୋଡ଼ା, ୮।୮ (ସମିସ):

ଜିନ୍ଦଲ ଷ୍ଟିଲର ପ୍ରତିଷ୍ଠାତା ଓ.ପି ଜିନ୍ଦଲ (ବାଉଜୀ) ଙ୍କ ୯୬ତମ ଜୟନ୍ତୀ ଅଗଷ୍ଟ ୭ ତାରିଖରେ ଜିନ୍ଦଲ ଷ୍ଟିଲର ବଡବିଲ ପେଲେଟ୍ ପ୍ଲାଣ୍ଟ, ଟେନ୍ସା, କାସିଆ ଏବଂ ରୋଇଡା- ଓ (ବିକେଟିଆର) ଖଣି ଅଞ୍ଚଳରେ ପାଳିତ ହୋଇଯାଇଛି। ଏହି ଅବସରରେ ଜିନ୍ଦଲ ପରିବାର ପକ୍ଷରୁ ବାଉଜୀ ଓ.ପି ଜିନ୍ଦଲଙ୍କୁ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ବିଭିନ୍ନ ୟୁନିଟରେ ଆଧ୍ୟାତ୍ମିକ, ସାଂସ୍କୃତିକ, କ୍ରୀଡା ଏବଂ ସମାଜସେବା କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା। ବଡବିଲ ପେଲେଟ ପ୍ଲାଣ୍ଟସ୍ଥିତ ଦେବେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ପୂଜାର୍ଚ୍ଚନା ସହ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରଯାଇଥିଲା। କାର୍ଯ୍ୟକ୍ରମରେ ୟୁନିଟ୍ ହେଡ୍ ସତୀଶ ସିନ୍ଦୁରିଆ, ଭାଇସ୍ ପ୍ରେସିଡେଣ୍ଟ ଏସ୍.କେ ଶର୍ମା, ମାନବ ସମ୍ବଳ ମୁଖ୍ୟ ବିକାଶ ଘୋଷଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ ସେମାନଙ୍କ ପରିବାରବର୍ଗ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଟାଉନସିପ୍ ପରିସରରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ବାଉଜୀଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଜଣାଇ ଜିନ୍ଦଲ ନଗର ଲେଡିଜ୍ କ୍ଲବ ପକ୍ଷରୁ କମ୍ୟୁନିଟି ହଲ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। କାସିଆ ଆଇରନ ଖଣି ଟାଉନସିପ୍ ମନ୍ଦିର ପରିସରରେ ମଧ୍ୟ ପୂଜା ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ବିକେଟିଆର ୟୁନିଟ୍ କ୍ଲଷ୍ଟର ହେଡ୍ ପ୍ରମୋଦ କୁମାର ପାତ୍ରଙ୍କ ସମେତ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ସାମିଲ ହୋଇଥିଲେ। ଟାଉନସିପ୍ ପରିସରରେ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ସିଏସ୍ଆର ମୁଖ୍ୟ ଉର୍ଜିଲ ଲାକ୍ରାଙ୍କ ନେତୃତ୍ୱରେ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକରେ ବିଭିନ୍ନ କ୍ରୀଡା ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ବିଦ୍ୟାଳୟଗୁଡ଼ିକରେ ତର୍କ, କୁଇଜ୍, ଚିତ୍ରାଙ୍କନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ବଡବିଲ ସୋୟାବାଲିସ୍ଥିତ ଜିନ୍ଦଲ ସ୍କୁଲରେ ମଧ୍ୟ ବାଉଜୀଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିସହ ଆଦିବାସୀ ବିକାଶ ସମିତିର ଶତାଧିକ ଛାତ୍ରଛାତ୍ରୀମାନଙ୍କୁ ପୌଷ୍ଟିକ ଖାଦ୍ୟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ସ୍ଥାନୀୟ ଗ୍ରାମବାସୀବୃନ୍ଦ ଯୋଗ ଦେଇଥିଲେ।

## ଜେଏସଡବ୍ଲ୍ୟୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଯୋଡ଼ା, ୮।୮ (ସମିସ): ଜେଏସଡବ୍ଲୁ ଷ୍ଟିଲର ଓଡ଼ିଶା ଖଣି ବିଭାଗ ଏହାର ପ୍ରତିଷ୍ଠାତା ଓମ୍‌ପ୍ରକାଶ ଜିନ୍ଦଲ (ବାଉଜି)ଙ୍କ ୯୬ତମ ଜନ୍ମବାର୍ଷିକୀରେ ଏକ ରକ୍ତଦାନ ଶିବିର ଏବଂ କର୍ମଚାରୀମାନଙ୍କ ପାଇଁ ଏକ ନୂତନ ଜିମ୍ ସୁବିଧାର ଉଦଘାଟନ ସମେତ ଅନେକ ସ୍ମାରକୀ କାର୍ଯ୍ୟକ୍ରମ ଆୟୋଜନ କରି ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି। ସ୍ମାରକୀ କାର୍ଯ୍ୟକ୍ରମରେ ସମସ୍ତ ଖଣି ସ୍ଥାନ ଏବଂ ଅନ୍ୟାନ୍ୟ ବ୍ୟବସାୟିକ ସ୍ଥାନର କର୍ମଚାରୀମାନେ ଉତ୍ସାହଜନକ ଅଂଶଗ୍ରହଣ କରିଥିଲେ। ବାର୍ବିଲ୍ କାର୍ଯ୍ୟାଳୟରେ ବ୍ୟବସାୟ ମୁଖ୍ୟ ପ୍ରସନ୍ନ ପଣ୍ଡା, ମାନବ ସମ୍ବଳ ମୁଖ୍ୟ ଚିତ୍ତରଞ୍ଜନ ବାହିନୀପତି, ପରିଚାଳନା ଏବଂ ପ୍ରକଳ୍ପ ମୁଖ୍ୟ ରାମଶଙ୍କର ଶର୍ମା, ଅର୍ଥ ମୁଖ୍ୟ ଅଙ୍କୁର ଡୋକାନିଆ, ଅନ୍ୟ ସହକର୍ମୀଙ୍କ ସହ ଜିନ୍ଦଲଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଙ୍କ ପ୍ରେରଣାଦାୟକ ଜୀବନ, ମୂଲ୍ୟବୋଧ ଏବଂ ଦେଶ ପ୍ରତି ଅପାର ଅବଦାନ ଉପରେ ପ୍ରତିଫଳିତ ହୋଇଥିଲେ। ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ, କେନ୍ଦୁଝର ଏବଂ କେନ୍ଦୁଝର ରକ୍ତଭଣ୍ଡାର ସହଯୋଗରେ ରକ୍ତଦାନ ଶିବିରରୁ ୧୬୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଖଣି ବିଭାଗର ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ଗଣେଶ ପଣ୍ଡା, ଡକ୍ଟର ସୌଭାଗ୍ୟ ସାମଲ ଏବଂ ଡକ୍ଟର ମନୁମଙ୍ଗତ ମାରଣ୍ଡଙ୍କ ନେତୃତ୍ୱରେ ରକ୍ତଭଣ୍ଡାରର ଡକ୍ଟର ସୌଭାଗ୍ୟ ସାମଲ ଏବଂ ଡକ୍ଟର ମନୁମଙ୍ଗତ ମାରଣ୍ଡ ସହଯୋଗ କରିଥିଲେ।



# ବାଧୁଛି ରାସନ ପୀଡ଼ା, ଘଣ୍ଟା ଘଣ୍ଟା ଅପେକ୍ଷା

ବାଲିଆପାଳ, ୮।୮ (ସମିସ)

ରାଜ୍ୟରେ ଗରିବ ଲୋକଙ୍କ ଲାଗି ମାଗଣାରେ ରାସନ ଚାଉଳ ମିଳୁଛି। ଜଣେ ହିତାଧିକାରୀଙ୍କୁ ମୁଣ୍ଡ ପିଛା ୫ କେଜି ଚାଉଳ ଦିଆଯାଉଛି। ଏବେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଆଉ ୫ କେଜି ମିଳୁଛି। ଏହାରି ଭିତରେ ପୁରୁଣା ଖାତା ବଦଳିଛି, ନୂଆ ଗେରୁଆ ଖାତା ମିଳିଛି । ତେବେ ଡିଲରଙ୍କୁ ମିଳିଛି ନୂଆ ମେସିନ ଓ ନିୟମରେ ବି ପରିବର୍ତ୍ତନ ହୋଇଛି। ନୂଆ ମାର୍ଗଦର୍ଶିକା ଯୋଗୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି ହିତାଧିକାରୀଙ୍କୁ ଏବେ ମାଗଣା ଚାଉଳଠୁ ବଳିଯାଉଛି ଅପେକ୍ଷାର ପୀଡ଼ା।

## ନୂଆ ମାର୍ଗଦର୍ଶିକା, ସର୍ଭର ଧିମା ଯୋଗୁ ଯନ୍ତ୍ରଣା

ବାଲିଆପାଳ ବ୍ଲକ ରେ ସମୁଦାୟ ୧୦ ହଜାରରୁ ଅଧିକ ରାସନ କାର୍ଡ ହିତାଧିକାରୀ ଅଛନ୍ତି ବିଧାନସଭାରେ ତଥ୍ୟ ରଖିଥିଲେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରାଜ୍ୟ ସରକାର ଏବେ ରାସନ କାର୍ଡ ପରିବର୍ତ୍ତନ କରିଛନ୍ତି। ପୁରୁଣା ସବୁଜ ରାସନକାର୍ଡ ବଦଳରେ ଗେରୁଆକାର୍ଡ ହିତାଧିକାରୀଙ୍କୁ ଦିଆଯାଇଛି। ଏହା ସହିତ ହିତାଧିକାରୀଙ୍କୁ ମୁଣ୍ଡପିଛା ୫ କେଜି ଚାଉଳ ମିଳୁଥିବା ବେଳେ ଅତିରିକ୍ତ ୫ କେଜି ଦିଆଯାଉଛି। ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅତିରିକ୍ତ ୫ କେଜି ଚାଉଳ ବଣ୍ଟନ ହେଉଛି। ବର୍ତ୍ତମାନ ସରକାରଙ୍କ ପକ୍ଷରୁ ନୂଆ ମେସିନ୍ ଡିଲରମାନଙ୍କୁ ଦିଆଯାଇଥିବା ବେଳେ ମାର୍ଗଦର୍ଶିକା ବି ବଦଳିଛି। ପୂର୍ବରୁ ଗୋଟିଏ ଥର ଆଖି ବା ଟିପ ବାୟୋମେଟ୍ରିକ ଭାବେ ଦିଆଯାଉଥିବା ବେଳେ ଏବେ କିନ୍ତୁ ଦୁଇ ଥର ଆଖି ଦିଆଯାଉଛି। ଦୁଇଥର ଆଖି ଦେବା ସମୟରେ ବାୟୋମେଟ୍ରିକ୍ ଗ୍ରହଣ କରୁନଥିବାବେଳେ ୩ରୁ ୪ଥର ଆଖି ବାୟୋମେଟ୍ରିକ କରାଯିବା ଯୋଗୁ ସମୟ ପ୍ରାୟ ୨୦ ମିନିଟ୍ ଲାଗୁଛି। ସେହିପରି ଗୋଟିଏ ଥର ଚାଉଳ ଓଜନ ହେଉଥିବା ବେଳେ ଏଥର କିନ୍ତୁ ୨ରୁ ୪ ଥର ପର୍ଯ୍ୟନ୍ତ ଚାଉଳ ଓଜନ କରାଯିବାକୁ ନିର୍ଦ୍ଦେଶ ରହିଛି । ଚାଉଳ ଓଜନ ଯନ୍ତ୍ର ବାୟୋମେଟ୍ରିକ ସହିତ ଯୋଡା ଯାଇଥିବାରୁ ସେଥିରୁ ବିଲ ମଧ୍ୟ ବାହାରୁଛି । ଏହି ସମସ୍ତ ପ୍ରକ୍ରିୟା ସରିବାକୁ ପ୍ରାୟ ୩୦ ମିନିଟ୍ ସମୟ ଲାଗୁଛି। ଫଳରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା ଯନ୍ତ୍ରଣା ଭୋଗୁଛନ୍ତି ହିତାଧିକାରୀ। ଯେଉଁଠି ଦିନକରେ ଗୋଟିଏ ୱାର୍ଡକୁ ଚାଉଳ ବଣ୍ଟନ କରାଯାଉଥିଲା, ଏବେ କିନ୍ତୁ ଦୈନିକ ୨୦ରୁ ୨୫ ଜଣ ହିତାଧିକାରୀଙ୍କୁ ଚାଉଳ ଦିଆଯାଉଛି। ବିଡମ୍ବନାର ବିଷୟ ଯେ ପ୍ରତ୍ୟେକ ଦିନ ସର୍ଭର ଧିମା ହେବା କାରଣରୁ ହିତାଧିକାରୀଙ୍କ ବାୟୋମେଟ୍ରିକ ହୋଇପାରୁନି। ଫଳରେ ବାରମ୍ବାର ଡିଲର ପାଖକୁ ଆସି ଫେରୁଛନ୍ତି ହିତାଧିକାରୀ ଓ ଏଭଳି ସମସ୍ୟା ସମ୍ପର୍କରେ ଖାଦ୍ୟ ଯୋଗାଣ ଅଧିକାରୀ ବିଷ୍ଣୁପ୍ରସାଦ ମହାରଣା ଅବଗତ ଥିଲେ ମଧ୍ୟ କୌଣସି ସମାଧାନ ବାଟ କାଢୁ ନାହାନ୍ତି। ଯଦି ଏଭଳି ସମସ୍ୟା ଲାଗି ରହେ ତେବେ ରାସନ ଚାଉଳ ବଣ୍ଟନରେ ବହୁ ବିଳମ୍ବ ହେବା ସହ ଅନିୟମିତତା ଦେଖାଦେବ ବୋଲି ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



# ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକଙ୍କ ଧାରଣା



**ବାଲେଶ୍ୱର, ୮।୮ (ସମିସ):** ଓଡ଼ିଶା ସ୍କୁଲ୍ ଶିକ୍ଷକ, କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଓଷ୍ଟା ଜିଲ୍ଲା ଆବାହକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଓ ଜିଲ୍ଲା ସଭାପତି ମନୋରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଏହି ସଭା ହୋଇଥିଲା। ୪ ଦଫା ଦାବି ଯଥା ଯୋଗ୍ୟ ବିବେଚିତ ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ ଏବଂ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନ୍‌ସନ୍ ପ୍ରଦାନ, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଶିକ୍ଷକ ଓ କର୍ମଚାରୀ ନିଯୁକ୍ତି ସହ ସରକାରୀକରଣ, ଅବସର ବୟସୀମା ୬୦ ରୁ ୬୨କୁ ବୃଦ୍ଧି, ଗ୍ରେଡ୍‌ପେରେ ଥିବା ଅସଙ୍ଗତି ଦୂରୀକରଣ, ପୁରୁଣା ପେନ୍‌ସନ୍‌ର ପୁନଃପ୍ରଚଳନ, ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନୋସନାଲ ଇନ୍‌କ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ। ଏହି ସଭାରେ ଓଷ୍ଟା ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର, ପ୍ରାକ୍ତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ସୁଧାଂଶୁ ଶେଖର ପରିଡ଼ା, ପ୍ରଦୀପ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇ ଶିକ୍ଷକମାନଙ୍କ ଦାବିକୁ ଯଥାର୍ଥ ବୋଲି କହି ତୁରନ୍ତ ପୂରଣ ପାଇଁ ସରକାରଙ୍କୁ ଦାବି କରିଥିଲେ। ସିପିଆଇର ଜିଲ୍ଲା ସମ୍ପାଦକ ଭାଗବତ ପ୍ରତିହାରୀ, ଟ୍ରେଡ୍ ୟୁନିୟନ୍‌ର ସଭାପତି ଗୌରାଙ୍ଗ ପାଣିଗ୍ରାହୀ, ସିପିଏମ୍ ନେତା ଶିଶିର ହୁଇ, ସିପିଆଇର ପ୍ରାକ୍ତନ ଜିଲ୍ଲା ସମ୍ପାଦକ ନିର୍ମଳ ନାୟକ ପ୍ରମୁଖ ସରକାରଙ୍କ ନୀତିକୁ ସମାଲୋଚନା କରିବା ସହ ଆନ୍ଦୋଳନକୁ ଆହୁରି ଜୋରଦାର କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ସଂଗଠନ ପକ୍ଷରୁ ପରେଶ କାମିଲା, ମୁକ୍ତିକାନ୍ତ ମିଶ୍ର, ନିରଞ୍ଜନ ଦାସ, ଜଗବନ୍ଧୁ ପଣ୍ଡା, ସୁଶାନ୍ତ ଦାସ, ବିଜୟାନନ୍ଦ ପଟ୍ଟନାୟକ ପ୍ରମୁଖ ଅଭିଭାଷଣ ରଖିଥିଲେ। ବରିଷ୍ଠ ଶିକ୍ଷକ ଅଞ୍ଜନ ଚାନ୍ଦ, ପ୍ରମୋଦ ସାହୁ, ରଶ୍ମିରଞ୍ଜନ ଶତପଥୀ, ଅତନୁ ପ୍ରଧାନ, ନବକିଶୋର ବାରିକ ପ୍ରମୁଖ ସହଯୋଗ କରିଥିଲେ। ଓଷ୍ଟାର ଜିଲ୍ଲା ଉପସଭାନେତ୍ରୀ ପ୍ରତିଭାରାଣୀ ଚାନ୍ଦ ଧନ୍ୟବାଦ ଦେଇଥିଲେ। ସଭା ପରେ ୪ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ, ଉଚ୍ଚଶିକ୍ଷା ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଆସନ୍ତା ୧୬ ଅଗଷ୍ଟରେ ଭୁବନେଶ୍ୱରେ ହେବାକୁ ଥିବା ମହାସମାବେଶରେ ଯୋଗଦେବାକୁ ଜିଲ୍ଲା ଆବାହକ ଶିକ୍ଷକମାନଙ୍କୁ ଆହ୍ୱାନ ଦେଇଛନ୍ତି।

# ଶାଶୁଘରେ ବୋହୂକୁ ଆକ୍ରମଣ ଅଭିଯୋଗ

**ଜଳେଶ୍ୱର, ୮।୮ (ସମିସ) :** ଜଳେଶ୍ୱର ରାଇବଣିଆ ଅଞ୍ଚଳର ଖୁଆଡ଼ ପଞ୍ଚାୟତର ମଞ୍ଚପୁର ଗାଁର ବୋହୂକୁ ଶାଶୁଘର ଲହୁ ଲୁହାଣ କରିଥିବା ବୁଧବାର ରାଇବଣିଆ ଥାନାରେ ଅଭିଯୋଗ ହୋଇଛି। କୁଶଗଡ ଫାଣ୍ଡି ମଞ୍ଚପୁର ଗାଁର ରବିନ୍ଦ୍ର ପ୍ରଧାନଙ୍କ ସାନପୁଅ ଦିଲ୍ଲୀପ (୩୮) ୧୫ବର୍ଷ ତଳେ ଖୁଦିଆମାଝି ସାହି ପଞ୍ଚାୟତର ତୁଟାପଡା ଗାଁର ନିତ୍ୟାନନ୍ଦ ଘଡେଇଙ୍କ ଏକମାତ୍ର ଝିଅ ପୁଷ୍ପଲତାକୁ (୩୩) ବିବାହ କରିଥିଲେ। ସେମାନଙ୍କ ଦୁଇଟି କନ୍ୟା ସନ୍ତାନ ଥିଲା ବେଳେ ସ୍ୱାମୀ ଗୋଆରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରନ୍ତି। ପୁଷ୍ପଲତାଙ୍କ ଅଭିଯୋଗ କ୍ରମେ ଶାଶୁଘର ଲୋକ ଦୀର୍ଘ ବର୍ଷ ଧରି ବିଭିନ୍ନ ନିର୍ଯାତନା ଦେବା ସହ ମାରପିଟ କରି ଆସୁଛନ୍ତି। ଗତ ମଙ୍ଗଳବାର ସନ୍ଧ୍ୟା ୭ ଘଟିକାରେ ଶଶୁରଙ୍କ ସହ ପାଟିତୁଣ୍ଡ ହେବା ପରେ ଶଶୁର, ଦେଢଶୁର ରାଜ କୁମାର ମିଶି ତଣ୍ଟିଚିପି ମାରପିଟ କରିବା ସହ ଜୀବନରୁ ମାରିଦେବାର ଧମକ ଦେଇ ଥିଲେ। ଏହା ସହିତ ଗଳାରୁ ସୁନାର ମଙ୍ଗଳସୂତ୍ର ଛିଣ୍ଡାଇ ନେଇ ଲହୁଲୁହାଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନିରପେକ୍ଷ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଉପଯୁକ୍ତ ଦଣ୍ଡ ଦେବାସହ ଝିଅକୁ ଉପଯୁକ୍ତ ନ୍ୟାୟ ଦେବାକୁ ପୁଷ୍ପଲତାଙ୍କ ବାପା କହିଛନ୍ତି। ପୀଡ଼ିତା ବୋହୂର ଗୁରୁବାର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ହାତୀଗଡ ହସ୍ପିଟାଲରେ ଚିକିତ୍ସିତ ହେବାର ସୂଚନା ରହିଛି।

# ଅନନ୍ତପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**ସୋର, ୮।୮ (ସମିସ):** ସୋର ବ୍ଲକ ଅନନ୍ତପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ପ୍ରସାଦ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ବିଦ୍ୟାଳୟ ସଭାପତି ମହେଶ୍ୱର ରାଉତଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜ୍ଞାନ ପ୍ରମୁଖ ସୁଶ୍ରୀ ପ୍ରଜ୍ଞାଞ୍ଜଳି ସାହୁ ଯୋଗଦେଇ "ବିଜ୍ଞାନ ସତ୍ୟତାକୁ ବିଶ୍ୱାସ କରେ' ବାବଦରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟ ଗୁରୁଜୀ ଗୁରୁମା ମାନେ ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ପ୍ରକଳ୍ପର ପ୍ରଶଂସା କରିବା ସହିତ ଦୈନନ୍ଦିନ ଜୀବନରେ ବିଜ୍ଞାନର ଉପଯୋଗୀତା ବାବଦରେ ବୁଝାଇଥିଲେ। ପ୍ରଧାନ ଆଚାର୍ଯ୍ୟ ଭବେଶ ବେହେରା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ନେତ୍ରମଣୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ମେଳାରେ ଶିଶୁ ମାନଙ୍କ ଦ୍ୱାରା ବର୍ଷାଜଳ ଅମଳ, ସୌର ଶକ୍ତି, ପରିବେଶ ସୁରକ୍ଷା, ଜଳ ସଂରକ୍ଷଣ, ଜୈବ ଗ୍ୟାସ ଆଦି ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶ୍ରେଷ୍ଠ ପ୍ରକଳ୍ପ ଗୁଡିକୁ ପୁରସ୍କୃତ କରାଯାଇଥିଲା।

# ନିଶାମୁକ୍ତ ଭାରତ ମହା ଅଭିଯାନ

**ଜଳେଶ୍ୱର ବ୍ଲକ, ୮।୮ (ସମିସ):** ଜଳେଶ୍ୱର ଦେଉଳୀ ପଞ୍ଚୁଘଣ୍ଟାସ୍ଥିତଦିଗମ୍ବରୀ ଦେବୀ ଯୁକ୍ତଦୁଇ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟସମ୍ମିଳନୀ କକ୍ଷରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଜଳେଶ୍ୱର ଶାଖା ପକ୍ଷରୁ ମିଳିତ ନିଶାମୁକ୍ତ ଭାରତମହାଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନପ୍ରଧାନଶିକ୍ଷକ ତଥା ଏହି ବିଶ୍ୱବିଦ୍ୟାଳୟ ଶାଖା ସଂଯୋଜକ ବିଜୟ କୁମାର ଗିରି ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ଅଜିତକୁମାର ମହାନ୍ତି, ପ୍ରଫୁଲ୍ଲ କୁମାର ଦାସ, ମୁଖ୍ୟ ସଂଚାଳିକା ସଞ୍ଜୁ ଦିଦି,ବନମାଳୀ ଜେନା, ସହ ସଂଚାଳିକା ମିନତି ଦିଦି, ସୁକୁମାର ରଣା, ସାଇସାରଳା ଫାର୍ମାସୀ କଲେଜର ମାନସ କୁମାର ମାଇତି, ଅଧ୍ୟକ୍ଷପ୍ରକାଶ କୁମାର ଦିନ୍ଦା, ଅଧ୍ୟାପକ ସ୍ୱରାଜ ଜେନା, ଅଧ୍ୟାପକଚିନ୍ମୟ କୁମାର ରାଉଳ, ଅଧ୍ୟାପକ ଜିତୁ ଦତ୍ତ, ସଞ୍ଜୟ କୁମାରଦାସ, ଅଧ୍ୟାପିକା ରଶ୍ମିରେଖା ମାଝୀ ପ୍ରମୁଖ ବକ୍ତବ୍ୟରେ ନିଶାମୁକ୍ତ ସମାଜ ଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ତପନ ଜେନା, ସାଇନା ଜାନା, ଭାରତୀ ରାୟ, ଲିଲି ମାରାଣ୍ଡି, ମଧୁମିତା ମାରାଣ୍ଡି,ସରୋଜ କୁମାର ମଲ୍ଲିକ, ଆଲୋକ କୁମାର ପୁଷ୍ଟି, ସୀତାରାମଦଳେଇ, ଶିବମ କୁମାର ବାରିକ, ହରିହର ଜେନା, ମୁକ୍ତିପଦ ଗିରି, ବିଶ୍ୱଜିତ ପ୍ରଧାନ, କଳ୍ପିତା ଶତପଥୀ, ଅଂଶୁମାନ ଧଳ, ମଞ୍ଜୁଶ୍ରୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂପାଦିକା ମଧୁଛନ୍ଦା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଆନ୍ଦୋଳନ ପରେ ପୁନଃ ନିଯୁକ୍ତ ହେଲେ ଶିକ୍ଷକ



**ବାଲେଶ୍ୱର(ଉତ୍ତର), ୮।୮ (ସମିସ) :** ଦୀର୍ଘ ପାଞ୍ଚ ଦିନ ଧରି ଧାରଣାରେ ଛାତ୍ରଛାତ୍ରୀ ଏବଂ ଅଭିଭାବକ ବସିବା ପରେ ଶେଷରେ ଶେଷରେ ଶିକ୍ଷା ବିଭାଗର ଚେତା ପଶିଲା। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ଅଲାଲବିନ୍ଧା ପ୍ରାଥମିକ ସ୍କୁଲରୁ ବଦଳି ହୋଇଥିବା ଶିକ୍ଷକଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି। ସୂଚନାଯୋଗ୍ୟ ଯେ ଏହି ବିଦ୍ୟାଳୟରୁ ଶିକ୍ଷକ ଝାଡ଼େଶ୍ୱର ଗିରିଙ୍କୁ ବଦଳି କରାଯାଇଥିଲା। ଏହି ବଦଳିକୁ ବାତିଲ କରିବା ଦାବିରେ ଛାତ୍ର, ଅଭିଭାବକ ତଥା ଗ୍ରାମବାସୀ ଧାରଣାରେ ବସିଥିଲେ । ଆଜି ବି ଗ୍ରାମର ମହିଳା, ଛାତ୍ରଛାତ୍ରୀ ଓ ଅଭିଭାବକ ସହ ସହ ସଂଖ୍ୟାରେ ପ୍ରସ୍ତୁତ ହେଉଥିଲେ ଗଣ ଧାରଣକୁ ଆଗକୁ ବଢ଼ାଇବା ପାଇଁ, ଶେଷରେ ଆଜି ଅତିରିକ୍ତ ଶିକ୍ଷା ଅଧିକାରୀ ଧାରଣା ସ୍ଥଳରେ ପହଞ୍ଚି ଶିକ୍ଷକ ଶ୍ରୀ ଗିରିଙ୍କ ବଦଳିକୁ ବାତିଲ କରା ଯାଇଛି। ସେ ଆଜିଠାରୁ ସପ୍ତାହରେ ୩ ଦିନ ଆସି ଶିକ୍ଷା ଦାନ କରିବା କଥା ଘୋଷଣା କରିଥିଲେ। ପରେ ଆନ୍ଦୋଳନରତ ଛାତ୍ର ଅଭିଭାବକ ମଧ୍ୟରେ ଆନନ୍ଦ ଦେଖାଦେଇଥିଲା । ଶ୍ରୀ ଗିରି ମଧ୍ୟ ଆଜି ଯୋଗ ଦେବା ପରେ ତାଙ୍କୁ ସ୍କୁଲ ପରିସରରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ସ୍କୁଲ କମିଟିର ସଭାପତି ସୁଦୀପ ବେହେରା, ହରେକୃଷ୍ଣ ଦାସ, ରଶ୍ମିତା ବାରିକ, ସସ୍ମିତା ମହାନ୍ତି, କବିତା ଦଳାଇ, ସୁଜାତା ମହାନ୍ତି, ସୁକାନ୍ତି ବାରିକ, ପ୍ରତାପ ଦାସ, ମମତା ଜେନା ତଥା ସମସ୍ତ ଗ୍ରାମବାସୀ ଝାଡ଼େଶ୍ୱର ସାରଙ୍କୁ ସ୍ୱାଗତ ଜଣାଇ ସ୍କୁଲ ପରିସରକୁ ନେଇ ଆଣି ଥିଲେ । ଶ୍ରୀ ଗିରିଙ୍କୁ ସପ୍ତାହ କୁ ୩ଦିନ ନୁହଁ ସ୍ଥାୟୀ ଭାବେ ଏହି ସ୍କୁଲରେ ନିଯୁକ୍ତି ଦେବା ପାଇଁ ଗ୍ରାମବାସୀ ବିଇଓଙ୍କୁ ନିବେଦନ କରିଥିଲେ।

# ବନ୍ୟା ସମସ୍ୟା ନେଇ ରାଜସ୍ୱ ମନ୍ତ୍ରୀଙ୍କ ସହ ଆଲୋଚନା କଲେ ସାଂସଦ

**ନୀଳଗିରି, ୮।୮ (ସମିସ):** ବାଲେଶ୍ୱର ବନ୍ୟା ସମସ୍ୟାକୁ ନେଇ ରାଜସ୍ୱମନ୍ତ୍ରୀ ସହ ଆଲୋଚନା କଲେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ଶନିବାର ଭୁବନେଶ୍ୱରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସାକ୍ଷାତ କରି ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ବିସ୍ତୃତ ଆଲୋଚନା କଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ବିଶେଷକରି ଲ୍ୟାଣ୍ଡ ରେକର୍ଡର ଡିଜିଟାଲାଇଜେସନ୍, ବନ୍ୟା ଓ ଜଳବନ୍ଦୀ ସମସ୍ୟାର ସ୍ଥାୟୀ ପ୍ରତିକାର, ବାଲେଶ୍ୱର ଓ ମୟୁରଭଞ୍ଜ ପାଇଁ ବିଭିନ୍ନ ସ୍ଥାନରେ ଆଶ୍ରୟସ୍ଥଳୀ ନିର୍ମାଣ, ସୁବର୍ଣ୍ଣରେଖା ସଂସ୍କାର ଯୋଜନା, ବର୍ଷାଜଳ ନିଷ୍କାସନ ପାଇଁ ପ୍ରପର ଡ୍ରେନେଜ୍ ସିଷ୍ଟମ୍ ନିର୍ମାଣ ଏବଂ ବାଲେଶ୍ୱରର ବନ୍ୟା ସମସ୍ୟାର ଦୀର୍ଘସ୍ଥାୟୀ ସମାଧାନ ଆଦି ବିଷୟରେ ଆଲୋଚନା କରିଥିଲେ ସାଂସଦ ଶ୍ରୀ ଷଡଙ୍ଗୀ। ଏହି ଆଲୋଚନା ସମୟରେ ରାଜ୍ୟ ସରକାରଙ୍କ ଉପମୁଖ୍ୟ ସଚେତକ ତଥା ରେମୁଣା ର ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଉପସ୍ଥିତ ଥିଲେ ଏଥି ସହ ବିଭିନ୍ନ ବିଷୟ ରେ ଆଲୋଚନା କରାଯାଇଥିଲା ଜନସାଧାରଣଙ୍କ ସୁରକ୍ଷା, ଜମିଜମା ସମ୍ବନ୍ଧୀୟ ସୁବିଧା ଏବଂ ବନ୍ୟାଜନିତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ରାଜସ୍ୱ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ ସାଂସଦ।



# ବିପୁଳ ମଦ ସହ ୩ ବାଇକ୍ ଜବତ, ୫ ଗିରଫ

**ରାଜଘାଟ, ୮।୮ (ସମିସ):** ବସ୍ତା, ରୂପସା ଓ ବାହାବଳପୁର ଥାନା ଅଞ୍ଚଳରେ ଚୋରା ମଦ କାରବାର ବିରୋଧରେ ଅବକାରୀ ବିଭାଗ ପକ୍ଷରୁ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଲା ଭ୍ରାମ୍ୟମାଣ ମୋବାଇଲ ସ୍କ୍ୱାର୍ଡ ୟୁନିଟ ଓ ବସ୍ତା ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଏହି ଥାନା ଓ ସଦର ବ୍ଲକ୍ ବାହାବଳପୁର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରି ବିପୁଳ ପରିମାଣର ବେଆଇନ ମଦ ଜବତ କରିବା ସହ ମୋଟ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଜଣେ ଘଟଣା ସ୍ଥଳରୁ ଚମ୍ପଟ୍ ମାରିଛି। ଅବକାରୀ ଅଧିକାରୀମାନେ ଗୁପ୍ତ ସୂଚନା ଆଧାରରେ ବସ୍ତା ଓ ଏହାର ଆଖପାଖ ଅଞ୍ଚଳରେ ଚଢ଼ାଉ ଅଭିଯାନ ଚଲାଇଥିଲେ। ଏହି ସମୟରେ ବେଆଇନ ଭାବେ ମଦ କାରବାର ଓ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଅବକାରୀ ଟିମ୍ ବସ୍ତା, ରୂପସା ଓ ବାହାବଳପୁର ଥାନା ଅଞ୍ଚଳରେ ଚଢାଉ କରି ୩୬୪ ଲି ଦେଶୀ ମଦ, ୯.୭୫ ଲି ବିୟର ଓ ୩ଟି ଦୁଇ ଚକିଆ ଯାନ ଜବତ୍ କରିବା ସହ ୬ ଅଭିଯୁକ୍ତଙ୍କୁ ଗିରଫ୍ କରିଛନ୍ତି। ମାତ୍ର ଜଣେ ଅଭିଯୁକ୍ତ ସ୍କୁଟି ଛାଡ଼ି ଫେରାର୍ ମାରିଛି। ଗିରଫ୍ ଅଭିଯୁକ୍ତ ମାନେ ହେଲେ ବାହାବଳପୁର ଅଞ୍ଚଳର ବିଜୟ ଦଳେଇ, ପରେଶ କୁମାର ହାଁସଦା, ରୂପସା ଥାନା ବାରାପାଳ ଗ୍ରାମର ଅରବିନ୍ଦ ପଟ୍ଟନାୟକ, ବସ୍ତା ଥାନା ନଳବାହାର ଅଞ୍ଚଳର ବିଦ୍ୟାଧର ବାରିକ, ଗୋପାଳ ମାଝୀ ଓ କମଳା ମାଝୀ। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ପୃଥକ୍ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟଚାଲାଣ କରାଯିବା ସହ ଏହି ଚୋରା କାରବାର ପଛରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ, ସେ ନେଇ ଅଧିକ ତଦନ୍ତ ଜାରି ରହିଛି। ଅବକାରୀ ବିଭାଗର ଏହି ଚଢ଼ାଉ ପରେ ଅଞ୍ଚଳର ବେଆଇନ ମଦ ବ୍ୟବସାୟୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ଜଳେଶ୍ୱର, ୮।୮ (ସମିସ) :** ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ସହାୟକ କର୍ମଚାରୀ ପଦ୍ମଲୋଚନ ସାମଲ ଓ ବେବିରାଣି ନନ୍ଦୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସରୋଜ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ. କମଳାକାନ୍ତ ଜେନା ଯୋଗଦେଇ ଛାତ୍ରଛାତ୍ରୀ ସାର୍ଟିଫିକେଟ ହାସଲ ସହିତ ଉତ୍ତମ ଚରିତ୍ର ବାନ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀନକୃଷ୍ଣ କଲେଜର ଅଧ୍ୟକ୍ଷ ଡ ହିମାଂଶୁ ସାମଲ, ଜଳେଶ୍ୱର ଡିଗ୍ରୀ କଲେଜର ଅଧ୍ୟକ୍ଷ ସଂଗ୍ରାମ ପଟ୍ଟନାୟକ, ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଅଧ୍ୟକ୍ଷ ତ୍ରୀବେଣୀ ଧାରା, ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଜ୍ୟୋସ୍ନା ଘୋଷ, ସ୍ମିତା ଜେନା ପ୍ରମୁଖ ଯୋଗଦେଇ ଚାକିରୀରୁ ଅବସର ପରେ ଅବସାଦରୁ ରକ୍ଷା କରିବା ପାଇଁ ସମାଜ ସେବା କରିବା ଆବଶ୍ୟକ ବୋଲି କହିଥିଲେ। ମଞ୍ଚ ଆହ୍ୱାନ ମୋନାଲିସା ଚାନ୍ଦ କରିଥିବା ବେଳେ ଅଧ୍ୟାପକ ଅଶୋକ କୁମାର ରଥ ବେଦ ପାଠ କରିଥିଲେ। ଛାତ୍ରୀ ଉଷସୀ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅବସର ଗ୍ରହଣ କରିଥିବା ପଦ୍ମଲେଚନ ସାମଲ ଓ ବେବିରାଣି ନନ୍ଦୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ନୃତ୍ୟ ସଙ୍ଗୀତ କଳା ମନ୍ଦିରର ନୂତନ କର୍ମକର୍ତ୍ତା ଚୟନ



**ବାଲେଶ୍ୱର, ୮।୮ (ସମିସ):** ନୃତ୍ୟ ସଙ୍ଗୀତ କଳାମନ୍ଦିରର ବାର୍ଷିକ ଅଧିବେଶନ ଓ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ସ୍କୁଲ ପରିସର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ସାଧାରଣ ସଂପାଦକ ଲକ୍ଷ୍ମୀନାରାୟଣ ଘୋଷ ବିବରଣୀ ପାଠ କରିଥିବାବେଳେ କୋଷାଧ୍ୟକ୍ଷ ହରେନ ଚନ୍ଦ୍ର ରଣା ବାର୍ଷିକ ଆୟବ୍ୟୟ ଅଟକଳ ବିବରଣୀ ପାଠ କରିଥିଲେ। ମୁଖ୍ୟ ଉପଦେଷ୍ଟା ଶରତ ଚନ୍ଦ୍ର ଦାଶ ଚଳିତ ବର୍ଷ ଅନୁଷ୍ଠାନର ୭୦ବର୍ଷ ପୂର୍ତ୍ତି ଅବସରରେ ହେବାକୁ ଥିବା ରତନ ଜୟନ୍ତୀ କେମିତି ପାଳନ ହେବ ସେ ସଂପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ପରେ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଅଶୋକ କୁମାର ଆଶଙ୍କ ଅଧ୍ୟକ୍ଷତାରେ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ମଧ୍ୟ ସଭାପତି ଭାବେ ଡ. ସୁବାସ ଚନ୍ଦ୍ର ପାତ୍ର, ଉପ ସଭାପତି ଉତ୍ପଳ ମହାନ୍ତି, ସୁଜିତ ଦେବ, ସଂପାଦକ ଭାବେ ଲକ୍ଷ୍ମୀ ନାରାୟଣ ଘୋଷ, ଯୁଗ୍ମ ସଂପାଦକ ବ୍ରହ୍ମନାଥ ରଥ, ସୁଦିପ୍ତା ମହାନ୍ତି, କୋଷାଧ୍ୟକ୍ଷ ହରେନ ଚନ୍ଦ୍ର ରଣା, ସଭାପତିଙ୍କ ଅନୁମୋଦନକ୍ରମେ ଅଶୋକ କୁମାର ଆଶ ଓ ଗୌରଙ୍ଗ ପାଣିଗ୍ରାହୀଙ୍କୁ ସଦସ୍ୟ ଭାବରେ ଚୟନ କରାଯାଇଥିଲା। ଏତତ୍ ବ୍ୟତିତ କାର୍ଯ୍ୟକାରୀ ସଦସ୍ୟ ଭାବରେ ଶରତ କୁମାର ମହାପାତ୍ର, ମୁକ୍ତିକାନ୍ତ ମହାନ୍ତି, ସେ?ରଭ କୁମାର ବେହେରା, ବିନାୟକ ପ୍ରସାଦ ସାହୁ, ସ୍ମୃତି ଦାସ, ଗୋପାମୁଦ୍ରା ମହାପାତ୍ର, ଗୀତାଞ୍ଜଳି ସିଂ, ମଦନ କୁମାର ବର୍ଦ୍ଧନ ଓ ବନ୍ଦିତା ସାହୁଙ୍କୁ ମନୋନୀତ କରାଯାଇଥିଲା। ଶେଷରେ ବରିଷ୍ଠ ସଦସ୍ୟ ହରିରାମ ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ଉପଦେଷ୍ଟା ଭାବରେ ଶରତ ଚନ୍ଦ୍ର ଦାଶ ଓ ସୁବାସିନୀ ଜେନାଙ୍କୁ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା।

# ଏଡିଏମ୍ ଛକରୁ ହଟିଲା ଜବରଦଖଲ

ବାଲେଶ୍ୱର, ୮।୮ (ସମିସ)





ସହରର ଏଡିଏମ୍ ଛକ ହେଉଛି ଷ୍ଟ୍ରିଟ୍ ଫୁଡ୍ ର ପ୍ରମୁଖ ସ୍ଥାନ। ଏଠାକାର ଗୁପଚୁପ ସବୁଠି ଚର୍ଚ୍ଚାରେ। ଏଡିଏମ୍ ଛକ ରାସ୍ତାର ଦୁଇ ପାଶ୍ୱର୍ରେ ଗୁପଚୁପ ଦୋକାନ ସହ ମୋମୋ, ପାଓ ଭାଜି, ଚାଟ୍, ଆଇସକ୍ରିମ, କୋଲଡ ଡ୍ରିଙ୍କସ୍, ଚିକେନ ପୋଡ଼ା, ଚାହା ଆଦି ରକମ ରକମର ଖାଦ୍ୟ ମିଳୁଥିଲା। ସେଥିପାଇଁ ସନ୍ଧ୍ୟା ହେଲେ ଏଠାରେ ଭିଡ ଜମୁଥିଲା। ତେବେ ଆଜି ବାଲେଶ୍ୱର ପୌରପାଳିକା ପକ୍ଷରୁ ବଡ ଧରଣର ଉଚ୍ଛେଦ ଅଭିଯାନ କରାଯାଇଛି। ପୁଲିସ୍ ଫୋର୍ସ ଓ ପୌର କର୍ମଚାରୀଙ୍କ ଉପସ୍ଥିତିରେ ଜେସିବି ଲଗାଇ ରାସ୍ତା କଡରେ ଥିବା ସମସ୍ତ ଅସ୍ଥାୟୀ ଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି। ପ୍ରାୟ ୬୦ ରୁ ଅଧିକ ଦୋକାନ ସେଠାରୁ ଉଚ୍ଛେଦ କରାଯାଇଛି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହି ଉଚ୍ଛେଦ ପ୍ରକ୍ରିୟା ଜାରି ରହିଥିଲା। ବର୍ତମାନ ଏଡିଏମ୍ ଛକ ରାସ୍ତା ଦୁଇ ପାଶ୍ୱର୍ ସମ୍ପୂର୍ଣ୍ଣ ଜବରଦଖଲ ମୁକ୍ତ ହୋଇଛି।

କିଛି ଦିନ ପୂର୍ବରୁ ଉଚ୍ଛେଦ ନେଇ ଘୋଷଣା କରାଯାଇଥିଲା। ମାତ୍ର ବର୍ଷା ପାଇଁ ତାହା ସ୍ଥଗିତ ରହିଥିଲା। ସେହିପରି ଗତକାଲି ଉଚ୍ଛେଦ ପାଇଁ ପୌରପାଳିକା ପକ୍ଷରୁ ଉଚ୍ଛେଦ ପାଇଁ ଘୋଷଣା ଘୋଷଣା କରିବା ପରେ ଆଜି ସକାଳେ ପୋଲିସ୍ ଫୋର୍ସ ଓ ପୌର କର୍ମଚାରୀଙ୍କ ଉପସ୍ଥିତିରେ ଦେଖିବି ଲଗାଇ ଉଚ୍ଛେଦ କରାଯାଇଛି। ଫଳରେ ଦୋକାନୀମାନେ ନିରାଶ ହୋଇପଡିଛନ୍ତି। ଉଚ୍ଛେଦ ହୋଇଥିବା ଦୋକାନୀମାନଙ୍କୁ ଏ ପର୍ଯ୍ୟନ୍ତ କୌଣସି ପ୍ରକାର ଥଇଥାନ କରାଯାଇନାହିଁ। ଗୁପଚୁପ ବିକ୍ରେତା ରାଜୁ ବେହେରା କହିଛନ୍ତି, ୧୫ ବର୍ଷ ହେଲା ଏଠାରେ ଅଛୁ। ଗୋଟେ ଦିନ ନୋଟିସ୍ ଦେଇ ସବୁ ଉଠାଇ ଦେଲେ। ଘରେ ପିଲା ଅଛନ୍ତି, କଣ ଖାଇବେ, କେମିତି ଚଳିବୁ। ସେହିପରି ଆଉ ଜଣେ ଚାଟ୍ ଦୋକାନୀ କହିଲେ, ଆଜକୁ ୬ ବର୍ଷ ହେଲାଣି ଏଠାରେ ଚାଟ୍ ଦୋକାନ ଥିଲା। ପୌରପାଳିକା ଆମଠୁ ଟୋକନ୍, ଲାଇସେନ୍ସ ସବୁ ନେଇଥିଲେ। କିନ୍ତୁ ଥଇଥାନ ପାଇଁ କିଛି କଲେନି। ଏବେ ଜେସିବି ଲଗାଇ ଆମ ବିକ୍ରି ଗାଡ଼ି ବି ଭାଙ୍ଗି ଦେଉଛନ୍ତି। ଆମକୁ ଥଇଥାନ ପାଇଁ ଅନ୍ୟ ଜାଗା ଦିଅନ୍ତୁ। ବର୍ଷ ବର୍ଷ ଧରି ଏହି ବ୍ୟବସାୟ ଉପରେ ନିର୍ଭର କରୁଥିବା ଶତାଧିକ ପରିବାର ଏବେ ରୋଜଗାର ହରାଇ ଚିନ୍ତାରେ ପଡିଛନ୍ତି।

# ଅଧେ କଥା

କାଶୀନାଥ ନନ୍ଦୀ





ପଚାରିଲାରୁ ଲୋକଟା କହିଲା, ସେ ସତୁରି ବର୍ଷର। ତେବେ ଦେଖିଲେ ଲାଗୁଥିଲା, ସେ ତା' ବୟସରୁ ଆହୁରି କେତେ ବର୍ଷ ବଡ଼ ହେଇଥିବ। ଠିକାଦାର ତାକୁ ଆଣି ମୋ' ଘର ତିଆରି କାମରେ ଲଗେଇଥିଲା। ଲୋକଟାର କଥାଭାଷା ମତେ ଭାରି ଆକୃଷ୍ଟ କଲା। ଭାରି ବିନୀତ ସେ। ଭାରି ନମ୍ର ତା' କଥା। ମିସ୍ତ୍ରୀ ତା' ସହିତ କଥା ହେଉଥିଲା ଓ ତାକୁ ସେ ନିଜ ଭାବେ କାମ କରାଉଥିଲା। ଏଇଠି ମୁଁ ମଝି ମଣିଷ। ମୁଁ କେବଳ ଶ୍ରୋତା ଓ ଦର୍ଶକ।

କୋଉଠୁ ଆସିଯାଉଥାଏ, କେମିତି ପଡ଼ିଯାଉଥାଏ ସେଇସବୁ କଥା ମୁଁ କହୁନାହିଁ। ସେମାନଙ୍କ କାମ ସ୍ରୋତରେ ସେସବୁ ନାନା କଥା ଆସି ଯାଉଥାଏ, ବହି ଯାଉଥାଏ।

"ମଉସା ଇଟା ପକାଅ, ସେଠି ଠିଆ ହେଇ କା' କଥା ଭାବୁଛ। ମାଉସୀଙ୍କ କଥା ମନେ ପଡୁଛି କି ?" ମିସ୍ତ୍ରୀର ସ୍ୱର ଭାରି ଅଶ୍ଳୀଳ। ମୁଁ ଦେଖୁଥିଲି, ଲୋକଟା ଆଖିରେ ଧାରେ ଲାଜ। ଟିକେ ହସ। କେବଳ ଏତିକି। ତାପରେ ସେମାନଙ୍କ କାମ ଲାଗିଗଲା। କାମ ଚାଲିଛି, କଥା ଚାଲିଛି। ସେଇଭିତରେ ସେମାନଙ୍କ ଜୀବନ କଥା। ସେଇ କଥାର ଗହଳି ଭିତରେ ଭୋକ ଆସିଲା। ଆସିଲା ବି ପ୍ରେମ। ଭୋକ ଗୋଟେ ଚିହ୍ନିଲା ଭୋଗାଭୋଗ ଭିତରେ ପ୍ରେମ ଯେମିତି ଏକ ଅତିଥି। ମୁଁ ଦେଖୁଥିଲି ମଉସାଙ୍କୁ। ସେ କି ଲୁଚୋଉଛନ୍ତି ନିଜୁ ଓ ନିଜ ଜୀବନର କଥାକୁ। ଏଇ ଭିତରେ ସେମାନଙ୍କ ଖାଇବାବେଳ ଆସିଲା। ସେମାନେ ଗୋଡ଼ ହାତ ଧୋଇଲେ। ଠିକାଦାର ସେତେବେଳକୁ ସେମାନଙ୍କ ପାଇଁ ଖାଇବାକୁ ଆଣିସାରି ଥାଏ। ସେମାନେ ଖାଇଲେ। ମୁଁ ଖାଇବାକୁ ଗଲି। ମୋ ମନ ବୁଢ଼ାଟି ସହ ଅଛି। ସେମାନଙ୍କ କଥା ମତେ ଭାରି ଅଧା ଅଧା ଲାଗୁଥାଏ। ସେଥିରୁ ମୁଁ କେବଳ ଲୋକଟାର ଜୀବନର ମୁଖାଶାଳା ଦେଖିଥାଏ। ତା' ଜୀବନ-ମନ୍ଦିର ଦେଖି ନ ଥାଏ। ମୋ ସ୍ରଷ୍ଟା ମାନସ ତା' ଉପରେ ହିଁ ରହିଥାଏ। ମନ ଚାହୁଁ ଥାଏ ଗୋଟେ ନିରୋଳା ମୁହୂର୍ତ୍ତ। ସେଇଠି କେବଳ ମୁଁ ଓ ସେ। କେହି ନ ଥାନ୍ତୁ ଆମ ଭିତରେ।

ମୋ ମନ ଲାଖି ସମୟଟେ କେମିତି କେମିତି ଆସିଗଲା। ସେତେବେଳକୁ ସେ ଏକା, ମୁଁ ଏକା। ମୁଁ ତା' ପାଖରେ ହେଲା ବେଳକୁ ସେ ବାଲି ଉପରେ ତା' ଗାମୁଛା ଖଣ୍ଡକ ପାରି ଶୋଇଥିଲା। ତାହା ନିଦ ନୁହେଁ, ତାହା ତା' ବିଶ୍ରାମ। ମୁଁ ତା' ପାଖରେ ଠିଆ ହେଲି ତ ସେ ଆଖି ଫିଟେଇ ଦେଲା ଓ ବସି ପଡ଼ିଲା, "କଣ ହେଲା ବାବୁ, କିଛି ଖୋଜୁ ଥିଲେ ?"

"ନା, ମୁଁ ତୁମ ସହ ଟିକେ କଥା ହେବାକୁ ଆସିଥିଲି।" ମୋ' ଏପରି କଥା ବୋଧହୁଏ ତା' ଜୀବନରେ ଗୋଟେ ନୂଆ କଥା। ସେ କି କୃତ କୃତ ହେଇଗଲା। ମୁଁ ଅନୁଭବ କରୁଥିଲି, ଟିକିଏ ଭଲ ଆଚରଣ ଜଣେ ଏମିତି ସାଧାରଣ ମଣିଷ ଭିତରେ କେତେ ଆତ୍ମୀୟ ଭାବ ଆଣିଦିଏ ସତେ! ମୋ ଭିତରେ ଅନେକ ପ୍ରଶ୍ନ। ମତେ ପଚାରିବାକୁ ଅଛି, ତା'ଠୁ ଶୁଣିବାର ଅଛି। ଆମ ଭିତରେ ସେମିତି ପରିସ୍ଥିତିଟେ ଆସିବାକୁ ସମୟ ଲାଗିଲା। ମୋର ତା' ପ୍ରତି ଗୋଟେ ନିଜର ପରି କଥାଭାଷାରେ ସେ ମୋହି ଗଲା, "ବାବୁ, ମୁଁ କେତେ ମାଲିକଙ୍କ ପାଖରେ କାମ କରିଛି। ଆପଣଙ୍କ ପରି ମୁଁ କାହାକୁ ଦେଖି ନାହିଁ।" ତା' ଆତ୍ମୀୟତା ତା' କଥାରେ ଦିଶି ଯାଉଥିଲା। ତାପରେ ସେ ରହି ନାହିଁ। ସେ କହିଚାଲିଲା ତା' କଥା। ମୋ ସବୁ ପ୍ରଶ୍ନ, ତା'ର ସବୁ ଉତ୍ତର। ଥର ଥର କି ସେ କହିଗଲା ତା' ସାରା ଜୀବନର କଥା। କେହି ନାହିଁ ତା'ର। କିଛି ନାହିଁ ତା'ର। ବାପା ମାଆ ମରି ଗଲେଣି। ତା' ଯୁବା ବୟସରୁ ସେ ସେମାନଙ୍କୁ ହରେଇଛି। ତା'ର ଭାଇ ଭଉଣୀ କେହି ନାହିଁ। ସେ ବାହା ବି ହେଇ ପାରିଲା ନାହିଁ। କେହି ତା' ବାହାଘର କଥା ବୁଝିଲେ ନାହିଁ। ସେ ସେଇମିତି ରହିଗଲା। ମୁଁ ପଚାରିଲି, "ତମେ କ'ଣ କାହାକୁ ଭଲ ପାଇଲ ନାହିଁ? ତମ ଜୀବନରେ କେହି କ'ଣ ଆସିଲେ ନାହିଁ ?" ମୋ ପ୍ରଶ୍ନରେ ଭାରି ଛୋଟ ହସଟିଏ ତା' ଓଠରେ। ମତେ ଲାଗିଲା କିଛି ଅଛି ଅତୀତରେ। ଅଥଚ ମିଛ ହେଲା ମୋ ଭାବନା। ସେ ତା' ଜୀବନର ସତକୁ କେବଳ 'ନା'ରେ ସାରିଦେଲା।

ଏଇଠି ସେ ରହିଲା। ଏଉଠୁ ମୋ କଥା ସରିଲା। ମୁଁ ଫେରିବି ତାଠୁ, ମନକୁ କ'ଣ ଆସିଲା କେଜାଣି ପଚାରିଦେଲି, "କେମିତି ଚଳୁଛ ଏବେ ? ଆଗକୁ ବୟସ ବଢ଼ିବ, ରୋଗ ଆସିବ, ତା' ଆଗକୁ କେତେ କଥା ଦେହ ଜୀବନରେ, ଚଳିବ କେମିତି ? କିଏ ଆଃ...କହିବ ତୁମକୁ?"

"ଭୋକ ହେଲେ ଯିଏ ଭାତ ଖଞ୍ଜିଦିଏ, ମୋ ଦେହପା'ରେ ସିଏ ହିଁ ଖଞ୍ଜିଦେବ ଜଣକୁ। ସେଇଥିପାଇଁ ପା' ସେ ଈଶ୍ୱର।"

ମୁଁ ରହି ଗଲି ତା' କଥାରେ। ମତେ କିଛି ଓ କେହି ତା'ର ଥିଲା ପରି ଲାଗିଲା ତା' ଜୀବନରେ। କହିଲି, "କିଏ ଜଣେ ଅଛି ନା ତୁମ ପାଇଁ...?"

ସେ ଆଖିରେ 'ହଁ' କଲା। ମୋ' କହିଲାରୁ ସେ ତୁଣ୍ଡ ଫିଟେଇଲା, "ସେ ପର ସ୍ତ୍ରୀ ବାବୁ। ମୋ' ଭଡ଼ା ଘର ପାଖରେ ତା' ଘର। ମୋର ଦେଖାହୁଏ। ଭାରି ଦୁଃଖିଆରୀଟେ ସେ। ଗୁଡ଼େ ଛୁଆ। ସ୍ୱାମୀଟା ମଦୁଆ। ସେ ତା' ସ୍ୱାମୀର ରୋଜଗାରକୁ ଅନାଏ ନା। ନିଜେ ମୂଲ ଲାଗେ। ଘର ଚଳାଏ। ଏଇ ଅଳ୍ପ ଦିନ ହେବ, ମତେ ଭାରି ଜ୍ୱର ହେଲା। ବିଛଣାରୁ ଉଠି ପାରିଲି ନାହିଁ। ସେ ଜାଣିଲା। ଜୀବନର ପ୍ରଥମ ଥର କେହିଜଣେ ସ୍ତ୍ରୀଲୋକ ରାତିରେ ମୋ' ଘରେ ପଶିଲା। ଆସିଲା ତ ସେ ମୋର ହେଇଗଲା। ମତେ କୁଣ୍ଢେଇ କି ଉଠେଇଲା। ଅମୃତ ସମାନ ତା' ସେବା ବାବୁ...।" ସେ ରହିଗଲା। ଆଗକୁ କ'ଣ କୁହାଯିବ ତାକୁ କହି ଆସୁ ନ ଥିଲା। ଜଣେ ସ୍ତ୍ରୀଲୋକ ପ୍ରଥମ ସ୍ପର୍ଶ, ତା'ର ଭାଷା କ'ଣ ଏତେ ସହଜ କହିଦେବା ? ସେ କହି ପାରିଲା ନାହିଁ। ମୁଁ ଆଗକୁ ପଚାରିଲି ନାହିଁ। ହୋଉ..., ମୁଁ ଆସୁଛି କହି ମୁଁ ମୁହଁ ଫେରଉଛି, ସେ କହିଲା, "ବାବୁ, ସେ ଏବେ ବେମାର ପଡ଼ିଛି। ସତ ଲୁଚୋଉ ନାହିଁ, ମୁଁ ଆଜି ତାରି ପାଇଁ କାମକୁ ଆସିଛି। ତା' ସ୍ୱାମୀ କୁଆଡ଼େ ଯାଇଛି ଯେ ଯାଇଛି। ମୁଁ ନ ଅନେଇଲେ ତାକୁ କିଏ ଆଉ ଦେଖିବ...।"

ଏତିକି ବେଳେ ଫୋନ୍ ରିଂ ହେଲା। ବୁଢ଼ା ତା' ବ୍ୟାଗରୁ ତା' ଛୋଟ ଫୋନ୍ କାଢ଼ି ଅନ୍ କଲା। ଫୋନ୍ ଲାଉଡ୍ର ମୋଡ଼ରେ ଥିଲା। ଆମେ ଶୁଣିଲୁ, "ଜେଜ..., ତମେ ଜଲଦି ଆସ... ମା' ଉଠୁ ନାହିଁ। ଆମେ ତାକୁ ଉଠେଇ ଖୋଇ ପାରୁ ନାହୁଁ...।"

ମୁଁ ଦେଖୁଥିଲି। ବର୍ଣ୍ଣ ବଦଳି ଯାଉଥିଲା ଗୋଟେ ମୁହଁର। ଆଖିକୁ ଓହ୍ଲାଉ ଥିଲା ଗୋଟେ ପ୍ରାଣସତ୍ତା। ସେଇଠି କାନ୍ଦୁଣୁ ମାନ୍ଦୁଣୁ ଯୋଡ଼ିଏ ଆଖି। ଏତିକି ବେଳେ ମିସ୍ତ୍ରୀର ଡାକ, ମଉସା, ଆସ..., ବାଲି ପକାଅ... କୁଆଡ଼େ ଗଲ... ■

କଟକ
ମୋ: ୯୮୬୧୬୫୫୩୫୭

# କବିତାର ଘର

ଅପର୍ଣ୍ଣା ମହାନ୍ତି





ମୁଁ, ନତମସ୍ତକ ବାରମ୍ବାର
ମୋ' କବିତାକୁ, ଲୋଡୁଥିବା
ଅନୁରାଗ ପାଖରେ।

କାହାର ସେ
ନୀରବ ଅନୁରୋଧ
ଯିଏ, ମୋ ହାତଧରି
ଟାଣିଆଣେ
ମତେ ବୁଡ଼େଇ ମାରୁଥିବା
କୋଳାହଳର ଭଉଁରି ମଝିରୁ,

ବସେଇ ଦିଏ
ଭାବାବେଗରେ ଟେବୁଲ୍ ଆଗରେ
କବିତା ଦଉଡ଼ି ଆସି
ପଛରୁ ମୋ, ଆଖିବୁଜି ଧରେ।

ନିମିଷକେ,
କୁଆଡ଼େ ଉଭେଇ ଯାଏ
ଚୁଲୀ, ଚାଳ,ସଂସାର ଜଞ୍ଜାଳ।

ଦି ଆଖିର ଝରଣାରେ
ଆବେଗରେ ଢେଉ ଛଳଛଳ
ତ, ପ୍ରାଣର ଆକାଶ ତଳେ
ଶରଦର ଚନ୍ଦ୍ରମଣ୍ଡଳ
ନିର୍ମଳ...।

ଆଗରୁ ଶୁଭୁନଥିବା
ବଂଶୀ ଏବେ
ବାଜିଉଠେ ମଧୁର ମଧୁର।
ସବୁ ଅର୍ଗଳି କାଟି
ଡେଣା ମେଲି ଉଡ଼ିଯିବା ପାଇଁ
ଶବ୍ଦମାନେ, ଆପେ ଆପେ,
ଉନ୍ମୁଖ...ଅଧୀର...।

ଥରକୁ ଥର ଉପେକ୍ଷା କରିବା ବେଳେ
ମୁଁ କ'ଣ
ସେଇ ଅନୁରାଗକୁ
ଅପେକ୍ଷା କରେ କି
ମୋ ଅଜାଣତରେ !!

ଯେତେବେଳେ ଭୟ ହୁଏ
ଯେ ଏଥର ବୋଧହୁଏ
ଅପହଞ୍ଚ ହୋଇଗଲା
କବିତାର ଘର।
ସେତେବେଳେ,
କେଉଁ ଲୋଡ଼ିବାପଣର
ନିର୍ମାୟା ନିରୀହ ପକ୍ଷୀ
ମୋ' ପାଇଁ ସଜାଡ଼ି ଦିଏ
ପ୍ରୀତି ଓ ଗୀତିର କୁଟାକାଠି
ହାହାକାରର
ଝଡ଼ ବତାସ ଭିତରେ...!! ■

କପାଳେଶ୍ୱର, ଠାକୁରପାଟଣା
ଜି: କେନ୍ଦ୍ରାପଡ଼ା-୭୫୪୨୫୦

# ଡେଣା

ଦେବାଶିଷ ଚକ୍ରବର୍ତ୍ତୀ





ମୁକୁଳା ମନ ନେଇ ଇଚ୍ଛାର ଆକାଶରେ
ଡେଣା ଝାଡ଼ିବାକୁ କିଏ
ଚାହେଁ ନାହିଁ କହିଲ?
କିନ୍ତୁ, ଏଠି ତ ହତାଶାର ତୂଳୀରେ
ଅହରହ ଅଙ୍କା ଚାଲିଛି
ଦୁଃସମୟର ପ୍ରତିକୃତି
ମନ ସାରା ଭଙ୍ଗାରୁଜା ଆଶା ଏବଂ
ଲୋଚାକୋଚା ସ୍ୱପ୍ନଙ୍କ ରାଜୁତି।

ପ୍ରଜାପତିର ଡେଣାରେ ଆଉ କାହିଁକି
ଲେସି ହେଉନି
ସମ୍ଭାବନାର ଫୁଲରେଣୁ
ମହୁମାଛିର କଣ୍ଠରୁ କିଏ
ଚୋରେଇ ନେଇଛି
ଆପଣାପଣର ଗୁଣୁ ଗୁଣୁ ?
ସନ୍ଦେହର କୁଜ୍ ଝଟିକାରେ
ଆପଣାର ମଣିଷ ବି
ମନେ ହେଉଛି ଭୂତ
ବାଟବଣା ହେଉଛି ମନ ଝରଣାର
କୁଳୁ କୁଳୁ ଗୀତ।

ଅହଂକାରର ଗମ୍ଭୀରାରେ
ସାଇତା ମନକୁ କେହି କଣ
ମାଗିଛି କି ପ୍ରାଚୁର୍ଯ୍ୟର ଛପନ ପଉଟି
ଗ୍ଳାନିର ଅନ୍ଧାରରୁ ମୁକୁଳିବାକୁ ଚାହୁଁ ତ
ଭୋକରେ କାଉଳି ବାଉଳି ହେଉଥିବା
ମଣିଷକୁ ଦେ ଢୋକେ ତୋରାଣି କି
ଭାତ ଦି ମୁଠି
କପଟତାର ଅଳିଆ ଖରକି
ମନ ଅଗଣାରେ ବିଛେଇ ଦେ
ସରଳପଣର ସୁନା ଖରା
ତେବେ, ଶୁଣି ପାରିବୁ
ଜୀବନ ବଧୂର ପାଉଁଜିର ରୁଣୁଝୁଣୁ
ଯାଯାବର ପକ୍ଷୀପରି
ଆକାଶର ନୀଳିମାରେ
ଉଡ଼ାଣ ଭରିବାକୁ ଚାହୁଁଥିବା
ଆତ୍ମାପକ୍ଷୀର ଗୁଣୁ ଗୁଣୁ। ■

ମଣ୍ଡୁଆ, କେନ୍ଦୁଝର ଗଡ଼
ମୋ: ୯୪୩୭୭୫୨୩୯୫

# ଆଧୁନିକ ଓଡ଼ିଆ କବିତାରେ ଶ୍ରୀଜଗନ୍ନାଥ

ଡକ୍ଟର ଦିଗମ୍ବର ଗିରି



ଆଧୁନିକ ଓଡ଼ିଆ କବିତାରେ ପୌରାଣିକ ଚରିତ୍ର ଓ ଧାର୍ମିକ ପ୍ରତୀକମାନଙ୍କୁ ନୂତନ ଅର୍ଥରେ ବ୍ୟବହାର କରାଯାଉଛି। ଶ୍ରୀଜଗନ୍ନାଥ ଆଧୁନିକ ପୁନଃପାଠର କେନ୍ଦ୍ରୀୟ ପ୍ରତୀକ। ସେ କେବଳ ଭକ୍ତିର ବିଷୟ ହୋଇ ରହିନାହାନ୍ତି ବରଂ ଇତିହାସ, ସମାଜ, ମାନବିକତା, ପ୍ରତିରୋଧ, ସମନ୍ୱୟ ଓ ଓଡ଼ିଆ ସାଂସ୍କୃତିକ ଅସ୍ମିତାର ବହୁମାତ୍ରିକ ରୂପକ। ଆଧୁନିକ କବିମାନେ ଜଗନ୍ନାଥଙ୍କୁ ଏକ ଜୀବନ୍ତ ସାଂସ୍କୃତିକ ଚେତନାର ପ୍ରବାହ ଭାବରେ ଦେଖିଛନ୍ତି।

କବି ସଚ୍ଚିଦାନନ୍ଦ ରାଉତରାୟ ଓ ଗୋଦାବରୀଶ ମହାପାତ୍ରଙ୍କ କବିତାରେ ଜଗନ୍ନାଥ ସଂସ୍କୃତିର ଗଣତାନ୍ତ୍ରିକ, ମାନବିକ ମୂଲ୍ୟବୋଧକୁ ଲକ୍ଷ୍ୟ କରାଯାଏ। ସୀତାକାନ୍ତ ମହାପାତ୍ରଙ୍କ କବିତାରେ ଶ୍ରୀଜଗନ୍ନାଥଙ୍କ ନୀରବତା ଓ ଏକାନ୍ତତା ମଧ୍ୟରେ ଏକାକୀ ଜୀବନ ଓ ଅସ୍ତିତ୍ୱର ସଂକଟ ଖୋଜା ଯାଇପାରେ। ରମାକାନ୍ତ ରଥଙ୍କ କବିତାରେ ଜଗନ୍ନାଥ ଆଧ୍ୟାତ୍ମିକ ନୀରବତା ଓ ଅସ୍ତିତ୍ୱବାଦୀ ଚେତନାର ପ୍ରତୀକ। ତାଙ୍କ କାବ୍ୟରେ ଜଗନ୍ନାଥ ମଣିଷର ଅନ୍ତର୍ଜଗତ, ସନ୍ଦେହ, ଏକାକୀତ୍ୱ ଓ ଆତ୍ମସନ୍ଧାନ ସହ ସଂଯୁକ୍ତ। ଗୁରୁ ପ୍ରସାଦ ମହାନ୍ତିଙ୍କ 'ନିଜ ବନ୍ଦନା ନିଜେ ପଢ଼େ' କବିତାରେ କହନ୍ତି "ମୁଁ କିରେ ଖୋଜୁନି ମର୍ମର ଖଣି? / ମରୁ - ଖଜୁରେ - ଫୁଲ ଫଗୁଣର ଧାରା?/ ମୁଁ କିରେ ବୁଣୁନି ଜଗନ୍ନାଥର ବୀଜ ଓଁ କାର /" ଜାରା ଜୀବନରେ କେତେ ଝୁମୁରର ଜ୍ୱାଳା। ପରିବର୍ତ୍ତିତ ସମୟ ସହିତ ଜୀବନ ଓ ଜିଜ୍ଞାସାକୁ କବି ଦେଖିଛନ୍ତି। ଗୋପାଳ ମିଶ୍ରଙ୍କ 'କାଳିଆ ଠାକୁର' କବିତାରେ ଶ୍ରୀଜଗନ୍ନାଥ ଭୋଗୀ ଓ ବିତ୍ତଶାଳୀ, ସେ ସର୍ବ ସ୍ରଷ୍ଟା ଓ ସର୍ବ ଦ୍ରଷ୍ଟା। ଠିକ୍ ସେହିପରି ଶ୍ରୀଜଗନ୍ନାଥଙ୍କୁ ନେଇ ଆମ ସମାଜ ଓ ସଂସ୍କୃତିର ଭିନ୍ନ ଭିନ୍ନ ଦିଗ ଓ ଦିଗନ୍ତ ସମ୍ପର୍କରେ ବ୍ରହ୍ମୋତ୍ରୀ ମହାନ୍ତି, ଦୀପକ ମିଶ୍ର, ଦୁର୍ଗା ଚରଣ, କମଳାକାନ୍ତ, ପ୍ରତିଭା ଶତପଥୀ, ପ୍ରମୋଦ ମହାନ୍ତି, ହରପ୍ରସାଦ ଦାସ, ସୌଭାଗ୍ୟ କୁମାର ମିଶ୍ର ତଥା ତରୁଣ କବିଙ୍କ କବିତାରେ ଈଶ୍ୱର ଅନୁଚିନ୍ତା ପରିବର୍ତ୍ତିତ ସମୟ ପ୍ରେକ୍ଷାପଟ୍ଟରେ କବିଙ୍କ କବିତାରେ ଶ୍ରୀଜଗନ୍ନାଥ ନୂତନ ଅର୍ଥରେ ଉପସ୍ଥିତ। ସାମ୍ପ୍ରତିକ କବିତାରେ କେଉଁଠି ସେ ପ୍ରାପ୍ତି, ଅପ୍ରାପ୍ତିର ନୀରବ ସାକ୍ଷୀ, କେଉଁଠି ମାନବ ଯନ୍ତ୍ରଣାର ସହଯାତ୍ରୀ, କେଉଁଠି ସମୟର ବିବେକ, ଆଉ କେଉଁଠି ଓଡ଼ିଆ ଅସ୍ମିତାର ଜୀବନ୍ତ ପ୍ରତୀକ ରୂପେ ଆଧୁନିକ ଅର୍ଥରେ ଜନଚେତନାକୁ ରସସିକ୍ତ କରିଛନ୍ତି।

ଆଧୁନିକ କବିତାରେ କବିମାନେ ଜଗନ୍ନାଥଙ୍କୁ ପ୍ରାଚୀନ ପୌରାଣିକ ଦେବତା ଓ ପାରମ୍ପରିକ ଭକ୍ତି ଓ ବିଶ୍ୱାସକୁ ସମକାଳୀନ ସମାଜର ଆଲୋକରେ ପୁନଃବ୍ୟାଖ୍ୟା କରିଛନ୍ତି। ରଥଯାତ୍ରା ଜନଜୀବନର ଗତିଶୀଳତା, ନବକଳେବର ପରିବର୍ତ୍ତନର ଅନିବାର୍ଯ୍ୟତା ଏବଂ ଶ୍ରୀମନ୍ଦିର ସାଂସ୍କୃତିକ ସ୍ମୃତିର ରୂପକ ଭାବେ କାବ୍ୟରେ ବ୍ୟବହୃତ। ଉକ୍ତ ପୁନଃପାଠ ଆଧୁନିକ କବିତାକୁ ନୂତନ ଦାର୍ଶନିକ ଗଭୀରତା ପ୍ରଦାନକରିବାରେ ସହାୟତା ପ୍ରଦାନ କରିଛି।

ଶ୍ରୀଜଗନ୍ନାଥ କେବଳ କୋଟି ପ୍ରାଣର ଆରାଧ୍ୟ ଠାକୁର ନୁହନ୍ତି; ସେ ଓଡ଼ିଆ ଭାଷା, ସଂସ୍କୃତି, ଲୋକସଂସ୍କୃତି ଓ ଐତିହାସିକ ଚେତନାର କେନ୍ଦ୍ରବିନ୍ଦୁ। କବିମାନେ ତାଙ୍କ ମାଧ୍ୟମରେ ସାଂସ୍କୃତିକ ସଙ୍କଟ, ପରିଚୟର ପ୍ରଶ୍ନ ଓ ବୈଶ୍ୱିକୀକରଣର ପ୍ରଭାବକୁ ଉଦ୍‌ଘାଟନ କରିଛନ୍ତି। ଜଗନ୍ନାଥ ଏଠାରେ ପରମ୍ପରା ଓ ଆଧୁନିକତା ମଧ୍ୟରେ ଏକ ଉତ୍ତମ ସେତୁ କହିଲେ ଅତ୍ୟୁକ୍ତି ହେବ ନାହିଁ।

ଶ୍ରୀଜଗନ୍ନାଥ ହୋଇଛନ୍ତି ଲୋକଜୀବନ, ସଂଘର୍ଷ ଓ ଇତିହାସର ପ୍ରତୀକ। ରଥଯାତ୍ରା କେବଳ ଧାର୍ମିକ ଆଚାର ନୁହେଁ; ଏହା ଜନତାର ଅଗ୍ରଯାତ୍ରା ଏବଂ ସାମୂହିକ ଚେତନାର ରୂପକ। ସେ ଜଗନ୍ନାଥଙ୍କୁ ଶୋଷିତ ଓ ସାଧାରଣ ଲୋକଙ୍କ ଆଶାର ପ୍ରତୀକ ଭାବେ ଯାତ୍ରା ରଚିଛନ୍ତି। ଶ୍ରୀଜଗନ୍ନାଥ ବିଶ୍ୱ ମଣିଷର ଅନ୍ତର୍ଜଗତ, ସନ୍ଦେହ, ଏକାକୀତ୍ୱ ଓ ଆତ୍ମସନ୍ଧାନ ସହ ସଂଯୁକ୍ତ।

ସୀତାକାନ୍ତ ମହାପାତ୍ର ଜଗନ୍ନାଥଙ୍କୁ ଲୋକସଂସ୍କୃତି, ଆଦିବାସୀ ପରମ୍ପରା ଓ ପ୍ରକୃତି ସହ ମଧ୍ୟ ସମ୍ପୃକ୍ତ କରିଛନ୍ତି। ତାଙ୍କ କବିତାରେ ଦାରୁବ୍ରହ୍ମ କେବଳ ଧାର୍ମିକ ପ୍ରତୀକ ନୁହେଁ, ପରିଦୃଶ୍ୟମାନ ଜୀବନ ଜଗତ, ପ୍ରକୃତି, ମଣିଷ ଓ ବିଶ୍ୱଚେତନାର ସମ୍ମିଳିତ ରୂପବିଗ୍ରହ। ଏହା ଜଗନ୍ନାଥ ସଂସ୍କୃତିର ସମନ୍ୱୟବାଦୀ ଚରିତ୍ରକୁ ପ୍ରତିଷ୍ଠିତ କରେ।

ହରପ୍ରସାଦ ଦାସଙ୍କ କବିତାରେ ଜଗନ୍ନାଥ ପରିବର୍ତ୍ତିତ ସମୟର ସାକ୍ଷୀ ଓ ସଭ୍ୟତାର ନୈତିକ ବିବେକ। ଆଧୁନିକ ମଣିଷର ମୂଲ୍ୟବୋଧର ସଙ୍କଟ, ବିଚ୍ଛିନ୍ନତା ଓ ଅସ୍ତିତ୍ୱଗତ ପ୍ରଶ୍ନକୁ ସେ ଶ୍ରୀଜଗନ୍ନାଥଙ୍କ ମାଧ୍ୟମରେ ବ୍ୟକ୍ତ କରିଛନ୍ତି। ପ୍ରତିଭା ଶତପଥୀଙ୍କ କବିତାରେ କରୁଣା, ମାନବିକତା ଓ ଅନ୍ତର୍ଲୋକର ଆଶ୍ରୟସ୍ଥଳ ପାଲଟି ଯାଇଛନ୍ତି ସ୍ୱୟଂ ମହାବାହୁ। ନାରୀ ସମ୍ବେଦନା, ମାନବୀୟ ସମ୍ପର୍କ ଓ ଆଧ୍ୟାତ୍ମିକ ଅନୁଭୂତି ମାଧ୍ୟମରେ ସେ ଜଗନ୍ନାଥଙ୍କୁ ଏକ ସାର୍ବଜନୀନ ଚେତନାର ରୂପ ଦେଇଛନ୍ତି। ସୌଭାଗ୍ୟ କୁମାର ମିଶ୍ର ଏବଂ ଅନ୍ୟ ସମକାଳୀନ କବିମାନଙ୍କ କବିତାରେ ଜଗନ୍ନାଥ ବୈଶ୍ୱିକୀକରଣର ଯୁଗରେ ସାଂସ୍କୃତିକ ପରିଚୟର ପ୍ରତୀକ।

ସମକାଳୀନ କବିତାରେ ରଥଯାତ୍ରା, ମହାପ୍ରସାଦ, ଶ୍ରୀମନ୍ଦିର ଓ ଜଗନ୍ନାଥ ଚେତନାକୁ ଆଧୁନିକ ସମାଜ, ରାଜନୀତି ଓ ସଂସ୍କୃତିର ପ୍ରେକ୍ଷାପଟରେ ନୂତନ ଭାବରେ ବ୍ୟାଖ୍ୟା କରାଯାଇଛି। ଉପରୋକ୍ତ କବିମାନଙ୍କ କାବ୍ୟରେ ଜଗନ୍ନାଥଙ୍କ ରୂପ ଭିନ୍ନ ହେଲେ ମଧ୍ୟ ଏକ ସାଧାରଣ ସୂତ୍ର ସ୍ପଷ୍ଟ-ସେ ଓଡ଼ିଆ ପ୍ରାଣ, ପ୍ରତ୍ୟୟ ତଥା ସାଂସ୍କୃତିକ ଅସ୍ମିତାର କେନ୍ଦ୍ରବିନ୍ଦୁ। କେଉଁଠି ସେ ଲୋକଚେତନାର ପ୍ରତୀକ, କେଉଁଠି ମାନବିକତାର, କେଉଁଠି ଇତିହାସର, ଆଉ କେଉଁଠି ଅସ୍ତିତ୍ୱବାଦୀ ପ୍ରଶ୍ନର। ଏହି ବହୁମାତ୍ରିକତା ଆଧୁନିକ ଓଡ଼ିଆ କବିତାକୁ ସମୃଦ୍ଧ କରିଛି।

ଉତ୍ତର-ଆଧୁନିକତାର ପ୍ରଭାବ ସତ୍ତ୍ୱେ ଶ୍ରୀଜଗନ୍ନାଥ ଚେତନା ତାହାର ମୂଳ ମାନବିକ ଓ ସାଂସ୍କୃତିକ ମୂଲ୍ୟବୋଧକୁ ଅକ୍ଷୁଣ୍ଣ ରଖିଛି। ଆଧୁନିକ ଓଡ଼ିଆ କବିତା ଏହି ଚେତନାକୁ ନୂତନ ଭାଷା, ନୂତନ ପ୍ରତୀକ ଓ ନୂତନ ବ୍ୟାଖ୍ୟାରେ ରୂପାୟିତ କରିଛି। ଶ୍ରୀଜଗନ୍ନାଥ କେବଳ ଅତୀତର ଐତିହ୍ୟ ନୁହେଁ; ସେ ବର୍ତ୍ତମାନ ଓ ଭବିଷ୍ୟତର ସାଂସ୍କୃତିକ ପଥପ୍ରଦର୍ଶକ। ଜଗନ୍ନାଥ ସଂସ୍କୃତି ଓଡ଼ିଆ ଭାଷା, ଲୋକପରମ୍ପରା, କଳା, ସାହିତ୍ୟ ଓ ସାମୂହିକ ସ୍ମୃତିକୁ ଏକ ସୂତ୍ରରେ ବାନ୍ଧି ଓଡ଼ିଆ ସାଂସ୍କୃତିକ ଅସ୍ମିତାକୁ ସୁଦୃଢ଼ କରିଛି।

ଆଧୁନିକ ଓଡ଼ିଆ କବିତାରେ ଶ୍ରୀଜଗନ୍ନାଥଙ୍କ ଚିତ୍ରଣ ଭକ୍ତିମୂଳକ ସୀମାକୁ ଅତିକ୍ରମ କରି ସାଂସ୍କୃତିକ, ସାମାଜିକ ଓ ଦାର୍ଶନିକ ପ୍ରତୀକରେ ପରିଣତ ହୋଇଛି। ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ସାଂସ୍କୃତିକ ଆତ୍ମା। ତାଙ୍କ ଚେତନାରେ ସମନ୍ୱୟ, ସମତା, ସହିଷ୍ଣୁତା ଓ ମାନବିକତାର ଯେଉଁ ମୂଲ୍ୟବୋଧ ନିହିତ, ତାହା ଆଧୁନିକ ଓଡ଼ିଆ କବିତାକୁ ଗଭୀର ଭାବେ ପ୍ରଭାବିତ କରିଛି। ଆଧୁନିକ କବିତାଗୁଡ଼ିକରେ ଜଗନ୍ନାଥ କେବଳ ବିଶ୍ୱାସ ଓ ଭରସା ଦେବତା ନୁହନ୍ତି; ସେ ଓଡ଼ିଆ ଅସ୍ମିତାର ଜୀବନ୍ତ ରୂପକ, ସାଂସ୍କୃତିକ ସ୍ମୃତିର ଧାରକ ଏବଂ ସମୟ ସହ ନିରନ୍ତର ସଂଳାପ କରୁଥିବା ଏକ ଚିରନ୍ତନ ପ୍ରତୀକ। ଏହି ଦୃଷ୍ଟିରୁ ଆଧୁନିକ ଓଡ଼ିଆ କବିତାରେ ଶ୍ରୀଜଗନ୍ନାଥଙ୍କ ଅଧ୍ୟୟନ କେବଳ ସାହିତ୍ୟିକ ନୁହେଁ, ବରଂ ଓଡ଼ିଆ ସମାଜ, ସଂସ୍କୃତି ଓ ପରିଚୟର ବିକାଶକୁ ବୁଝିବାର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ।

ଶ୍ରୀଜଗନ୍ନାଥ ଓଡ଼ିଆ ସଂସ୍କୃତିର ଜୀବନ୍ତ ଆତ୍ମା। ଆଧୁନିକ ଓଡ଼ିଆ କବିତାରେ ତାଙ୍କ ଉପସ୍ଥିତି ପ୍ରମାଣ କରେ ଯେ, ପରମ୍ପରା କେବେ ସ୍ଥିର ନୁହେଁ; ସମୟ ସହ ନୂତନ ଅର୍ଥ ଓ ନୂତନ ରୂପ ଧାରଣ କରେ। ଜଗନ୍ନାଥ ଚେତନା ଆଧୁନିକ ଓଡ଼ିଆ କବିତାରେ ସାଂସ୍କୃତିକ ଅସ୍ମିତାର ଏକ ଚିରନ୍ତନ ଓ ସୃଜନଶୀଳ ଭିତ୍ତି ଭାବେ ବେଶ୍ ପରିବ୍ୟାପ୍ତ ସୁପ୍ରତିଷ୍ଠିତ। ■

ରାଇରଙ୍ଗପୁର, ମୟୂରଭଞ୍ଜ
ମୋ: ୯୪୩୭୩୮୦୯୨୭

# ପୁସ୍ତକ ଓ ପତ୍ରିକା ପରିଚୟ

## ଅବୁଝା ନଈ

### ପ୍ରଦ୍ୟୁମ୍ନ ପଟ୍ଟନାୟକ





ପଶ୍ଚିମା ପବ୍ଲିକେଶନ୍ସ
୧୮୮୨, ନୟାପଲ୍ଲୀ,ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୭୯ ଟଙ୍କା

"ସମୟର ଚୋରା ବାଲିକୁ/ ଧରି ରଖି ହୁଏନି ହାତ ମୁଠାରେ/ ସଂପର୍କର ବନ୍ଧନକୁ ଭୁଲି ହୁଏନି/ କ୍ଷଣକ ମଧ୍ୟରେ।" (ସମୟ ଏବଂ ସଂପର୍କ) ବର୍ତ୍ତମାନ ସମୟ ଓ ସଂପର୍କର ଗୁରୁତ୍ୱ ବେଶ୍ ପ୍ରଭାବଶାଳୀ ଭାବେ ଏହି କବିତାରେ ପ୍ରସ୍ଫୁଟିତ ହୋଇଉଠିଛି। ଏଭଳି କିଛି ଆବେଗ, ସ୍ୱପ୍ନ, ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ 'ଅବୁଝା ନଈ' ପୁସ୍ତକର କବିତାଗୁଡ଼ିକରେ। ଏହି ପୁସ୍ତକରେ ସଂକଳିତ 'ସେ ମୁହୂର୍ତ୍ତ', 'ଅକସ୍ମାତ୍', 'ନୀଳ ଜହ୍ନର ପ୍ରତୀକ୍ଷାରେ', 'ଅପବାଦ', 'ମିଛମାୟା', 'ନିଦ୍ରିତା ନାୟିକା', 'ବିରହ', 'ଭରସା', 'ଭାଗ୍ୟ', 'ଆବେଗ', 'ମହାର୍ଘ ମୁହୂର୍ତ୍ତ', 'ପାର୍ବଣ', 'ସାୟାହ୍ନ', 'କବିତା ଲେଖୁଥିବା ଝିଅ', 'ଅପକୀର୍ତ୍ତି', 'ସଂପର୍କର ଶବ','ଅବୁଝା ନଈ' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି। ମଣିଷ ସ୍ୱପ୍ନ, ଭାବନା, କଳ୍ପନାରେ ବଞ୍ଚେ। ତଥାପି ସମାଜର ବାସ୍ତବତାକୁ ସ୍ୱୀକାର କରିବାକୁ ପଡ଼ିଥାଏ। ଏହି ପୁସ୍ତକରେ ସଂକଳିତ କବିତାଗୁଡ଼ିକର ଛଳ ଛଳ ଭାବ, ସରଳ ଭାଷା, ନିରାଡ଼ମ୍ବର ଶୈଳୀ ଅଧିକ ମନଛୁଆଁ ହୋଇଛି। 'ଅବୁଝା ନଈ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

## ବାଟଭୁଲା ଚଢ଼େଇର ଗୀତ

### ଜଗତ୍‌ବନ୍ଧୁ ଆଚାର୍ଯ୍ୟ




ସୁବର୍ଣ୍ଣଶ୍ରୀ ପ୍ରକାଶନୀ
ନେଳିଆବାଗ, ବାଲେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୭୫ ଟଙ୍କା

ଜୀବନାନୁଭୂତିର କାବ୍ୟିକ ପରିପ୍ରକାଶ ହେଉଛି ଜଗତ୍‌ବନ୍ଧୁ ଆଚାର୍ଯ୍ୟଙ୍କ 'ବାଟଭୁଲା ଚଢ଼େଇର ଗୀତ' ପୁସ୍ତକ। ଏହି ପୁସ୍ତକରେ ସଂକଳିତ କବିତାଗୁଡ଼ିକରେ ଜୀବନର ଅନେକ ଅକୁହା କଥାକୁ ମାର୍ମିକ ଭାବେ କବି ବ୍ୟକ୍ତ କରିଛନ୍ତି। 'ମହାନିର୍ବାଣ', 'ଭଡ଼ାଘର', 'ପରିବର୍ତ୍ତନ', 'ପ୍ରତୀକ୍ଷା', 'ଛଳନା', 'କଳ୍ପନା ଅସୁମାରି', 'ବାଇମୁଣ୍ଡି', 'ସଂପର୍କ ନିବିଡ଼', 'ଆଶା ବୈତରଣୀ', 'ଶୂନ୍ୟତାର ଶିଢ଼ି', 'ଚରିତ୍ର', 'ବାପା ଖୋଜାପଡ଼ନ୍ତି', 'ବାଟଭୁଲା ଚଢ଼େଇର ଗୀତ', 'ପ୍ରାୟଶ୍ଚିତ', 'ଶତାବ୍ଦୀର ଶ୍ରେଷ୍ଠ ଫୁଲ' ଆଦି କବିତାଗୁଡ଼ିକ ମର୍ମସ୍ପର୍ଶୀ ହୋଇଛି। ମାଟିଠୁ ଆକାଶ ଯାଏ ପରିବ୍ୟାପ୍ତ ତାଙ୍କ କବିତାର ଭାବଭୂମି। ପୁଣି ସମାଜର ନାନା ଘଟଣା ପ୍ରବାହ ତାଙ୍କ କବିତାକୁ କରିଛି ଅଧିକ ଭାବମୟ। ମାନବୀୟ ଭାବାବେଗ, ସମ୍ବେଦନଶୀଳତା, ହୃଦୟର ଅକୁହା କଥା, ସାମାଜିକ ବାସ୍ତବତାକୁ କବି ଅତି ଚମତ୍କାର ଭାବେ ନିଜ କବିତାଗୁଡ଼ିକରେ ବର୍ଣ୍ଣନା କରିଛନ୍ତି। ମାନବୀୟ ସଂପର୍କର ଓଜନ ଓ ଗଭୀରତା ମାପିବା ବେଶ୍ କଷ୍ଟକର। ଏକଥା ଅତି ଚମତ୍କାର ଭାବେ କବିତାରେ ଫୁଟି ଉଠିଛି। ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

## ସାହିତ୍ୟ ସମୟ

### ସଂପାଦକ: କ୍ଷୀରୋଦ ପରିଡ଼ା




ସେକ୍ଟର-୫/୩୫୨, ନୀଳାଦ୍ରି ବିହାର
ଭୁବନେଶ୍ୱର-୭୫୧୦୨୧
ମୂଲ୍ୟ: ୫୦ ଟଙ୍କା

କ୍ଷୀରୋଦ ପରିଡ଼ାଙ୍କ ସଂପାଦନାରେ ପ୍ରକାଶ ପାଉଥିବା 'ସାହିତ୍ୟ ସମୟ'ର ଜୁନ୍ -୨୦୨୬ ସଂଖ୍ୟା ଆମର ହସ୍ତଗତ ହୋଇଛି। ଓଡ଼ିଶାର ଅନେକ ପ୍ରତିଷ୍ଠିତ ଓ ଯୁବ ଲେଖକଙ୍କ ଉଚ୍ଚକୋଟୀର ପ୍ରବନ୍ଧ, ଗପ, କବିତାରେ ଏହି ସଂଖ୍ୟାଟି ସମୃଦ୍ଧ ହୋଇଛି। ଡକ୍ଟର ଶତ୍ରୁଘ୍ନ ପାଣ୍ଡବଙ୍କ 'ଜଗନ୍ନାଥ ପ୍ରସାଦ କାବ୍ୟବିଭା', ହିମାଂଶୁ ପରିଡ଼ାଙ୍କ 'ଓଡ଼ିଆ ଆଧୁନିକତାର ଏକ ଏକାନ୍ତ ସ୍ୱର: ଭାନୁଜୀ ରାଓ', ଡକ୍ଟର ରତ୍ନପର୍ଣ୍ଣା ଦାସଙ୍କ 'ମହାପାତ୍ର ନୀଳମଣି ସାହୁଙ୍କ ଗଳ୍ପରେ ମାନବିକ ଆବେଦନ: କାରୁଣ୍ୟ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର, ତଥ୍ୟ ଭିତ୍ତିକ ଓ ଗବେଷଣାଧର୍ମୀ ହୋଇଛି। ସେହିପରି ଫନୀ ମହାନ୍ତି, ରଞ୍ଜିତା ନାୟକ, ପ୍ରଦୀପ କୁମାର ପଣ୍ଡା, ଜୟନ୍ତିକା, ଅଜୟ ପ୍ରଧାନ ପ୍ରମୁଖଙ୍କ କବିତାରେ ସାଂପ୍ରତିକ ସମୟର ଚିତ୍ର ବେଶ୍ ପ୍ରଭାବଶାଳୀ ଭାବେ ପ୍ରସ୍ଫୁଟିତ ହୋଇଉଠିଛି। ଡକ୍ଟର ମହେନ୍ଦ୍ର ପ୍ରସାଦଙ୍କ 'ମହାଶ୍ୱେତା ଦେବୀ: ମହାଅରଣ୍ୟର ମାଆ' ଏକ ହୃଦୟସ୍ପର୍ଶୀ ଫିଚର। ସେହିପରି ପ୍ରଦୋଷ ମିଶ୍ର, ଜାନକୀ ବଲ୍ଲଭ ମହାପାତ୍ର, ଅଭୟ ବାରିକ୍ ପ୍ରମୁଖଙ୍କ ଗପଗୁଡ଼ିକ ମନଛୁଆଁ ହୋଇଛି। 'ସାହିତ୍ୟ ସମୟ'ର ଏହି ସଂଖ୍ୟାଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ। ■

# ବିନା ଟେଣ୍ଡରରେ ବିଭାଗୀୟ କାର୍ଯ୍ୟାଦେଶ

## ୧୮.୩୩ ଲକ୍ଷ ଟଙ୍କାର ୫୨୫ଟି ଏସିଆର ନିର୍ମାଣରେ ନିୟମ ଉଲ୍ଲଂଘନ ଅଭିଯୋଗ

ବାରିପଦା, ୮।୮(ସମିସ): ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ଭୋକେସନାଲ ଲ୍ୟାବ ପାଇଁ ଅତିରିକ୍ତ ଶ୍ରେଣୀ କକ୍ଷ (ଏସିଆର) ନିର୍ମାଣ କାର୍ଯ୍ୟରେ ଟେଣ୍ଡର ପ୍ରକ୍ରିୟାକୁ ଏଡ଼ାଇ ବିଭାଗୀୟ ଭାବେ କାର୍ଯ୍ୟାଦେଶ ଦିଆଯିବାକୁ ନେଇ ପ୍ରଶ୍ନ ଉଠିଛି। ସରକାରୀ ନିୟମ ଅନୁସାରେ ୫ ଲକ୍ଷ ଟଙ୍କାରୁ ଅଧିକ ଅଟକଳ ଥିବା କାର୍ଯ୍ୟ ଟେଣ୍ଡର ଦ୍ୱାରା କରାଯାଇଥାଏ। ତେବେ ୧୮.୩୩ ଲକ୍ଷ ଟଙ୍କାର ପ୍ରକଳ୍ପ ବିନା ଟେଣ୍ଡରରେ ବିଭାଗୀୟ ଭାବେ କରାଇବା ନିୟମ ବିରୋଧୀ ବୋଲି ଅଭିଯୋଗ ହୋଇଛି।

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓଏସଇପିଏ)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସଙ୍କ ଦ୍ୱାରା ଜାରି ହୋଇଥିବା ଏକ ପତ୍ର (ନମ୍ବର ୮୦୩୦/ଭିଇ/୨୬ ଓ ୧୫୬୭/ଭିଇ/୨୬, ୨୩.୦୭.୨୦୨୬)ରେ ଜଣାପଡ଼ିଛି ଯେ, ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟରୁ ୫୨୫ଟି ଏସିଆର ନିର୍ମାଣ ପାଇଁ ୯୬୨୩.୨୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ପ୍ରତି ଏସିଆର ପାଇଁ ୧୮.୩୩ ଲକ୍ଷ ଟଙ୍କା ହିସାବରେ ଏହି ଅର୍ଥ ରାଜ୍ୟର ସମସ୍ତ ଡିପିସିଙ୍କ ଆକାଉଣ୍ଟକୁ ଆରଟିଜିଏସ ମାଧ୍ୟମରେ ପଠାଯାଇଛି। ଉକ୍ତ ପତ୍ରରେ ସ୍ପଷ୍ଟ କରାଯାଇଛି ଯେ, ଏହି କାର୍ଯ୍ୟ ଡିପିସି ସ୍ତରରେ ଟିସି ଓ ସିନିୟର ଟିସିଙ୍କ ମାଧ୍ୟମରେ ବିଭାଗୀୟ ଭାବେ ସମ୍ପାଦନ କରାଯିବ। ମଡେଲ ପ୍ଲାନ ଅନୁଯାୟୀ ୨୫'୦" ଘ ୨୦'-୦" ଆକାରର କକ୍ଷ ସହିତ ୭'-୦" ବାରଣ୍ଡା, ମ୍ୟାଟ ଫିନିସ୍ଡ ଭିଟ୍ରିଫାଇଡ ଟାଇଲ ଫ୍ଲୋରିଙ୍ଗ, ୟୁପିଭିସି ସ୍ଲାଇଡିଂ ୱିଣ୍ଡୋ ସହ ଏମଏସ ଗ୍ରିଲ, ର୍ୟାମ୍ପ ସହ ହ୍ୟାଣ୍ଡରେଲ, ଫାୟାର ଏକ୍ସଟିଙ୍ଗୁଇସର ଇତ୍ୟାଦି ଅନ୍ତର୍ଭୁକ୍ତ। ଭିତ୍ତିଭୂମି ଭବିଷ୍ୟତରେ ଜି+୧ ସ୍ତର ପର୍ଯ୍ୟନ୍ତ ବିସ୍ତାର ପାଇଁ ଡିଜାଇନ କରାଯିବ ବୋଲି କୁହାଯାଇଛି। କାମ ୪ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଓ ବିଳମ୍ବ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ନେବା କୁହାଯାଇଛି। ମଡେଲ ଅଟକଳରେ ମୋଟ ୧୮.୩୩ ଲକ୍ଷ ଟଙ୍କା ଦେଖାଯାଇଛି (ସେକ୍ସନ ଏ, ବି ଓ ସି ମିଶାଇ)। ଏଥିରେ ଫାଉଣ୍ଡେସନ, ସୁପରଷ୍ଟ୍ରକଚର, ଫିନିସିଂ, ବିଦ୍ୟୁତୀକରଣ, ଗ୍ରିନବୋର୍ଡ, ଫାୟାର ଏକ୍ସଟିଙ୍ଗୁଇସର, ୱାଲ ଆଲମିରା ଆଦି ଅନ୍ତର୍ଭୁକ୍ତ। ଅଟକଳ ପରିମାଣ ୫ ଲକ୍ଷ ଟଙ୍କାରୁ ତିନିଗୁଣରୁ ଅଧିକ ହେବା ସତ୍ତ୍ୱେ ଟେଣ୍ଡର ଡକା ନ ଯାଇ ବିଭାଗୀୟ ଭାବେ କାର୍ଯ୍ୟ କରାଇବାକୁ କୁହାଯାଇଥିବାରୁ ନିୟମ ଉଲ୍ଲଂଘନର ଅଭିଯୋଗ ଉଠିଛି। ସାଧାରଣତଃ ଓପିଡବ୍ଲୁଡି କୋଡ ଓ ସରକାରୀ ନିୟମାବଳୀ ଅନୁଯାୟୀ ନିର୍ଦ୍ଦିଷ୍ଟ ପରିମାଣରୁ ଅଧିକ ଅଟକଳ ଥିବା କାର୍ଯ୍ୟରେ ଟେଣ୍ଡର ପ୍ରକ୍ରିୟା ଅନୁସରଣ କରାଯିବା ଆବଶ୍ୟକ ବୋଲି ଦାବି କରାଯାଉଛି। ପତ୍ରରେ କାର୍ଯ୍ୟ ସମୟସୂଚୀ ଦିଆଯାଇଛି। ୧।୮।୨୦୨୬ ସୁଦ୍ଧା ସାଇଟ ସ୍ପେସିଫିକ ଅଟକଳ ପ୍ରସ୍ତୁତ, ୧୬।୮।୨୦୨୬ରୁ କାର୍ଯ୍ୟ ଆରମ୍ଭ, ୩୧।୧୨।୨୦୨୬ ସୁଦ୍ଧା ହସ୍ତାନ୍ତର। ଝାରସୁଗୁଡା ବ୍ୟତୀତ ସମସ୍ତ ଡିଇଓ-କମ-ଡିପିସିଙ୍କୁ ଏହି ନିର୍ଦ୍ଦେଶ ଦିଆଯାଇଛି ଓ ଜିଲ୍ଲା କଲେକ୍ଟରଙ୍କୁ ମଧ୍ୟ ଅନୁଲିପି ପଠାଯାଇଛି। ଏହି ପତ୍ର ଓ ସଂଲଗ୍ନ ମଡେଲ ଅଟକଳ ତଥା ବିଦ୍ୟାଳୟ ତାଲିକାକୁ ଆଧାର କରି ବିଭାଗୀୟ କାର୍ଯ୍ୟାଦେଶର ବୈଧତା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ସମ୍ପୃକ୍ତ କର୍ତ୍ତୃପକ୍ଷ ଏ ବିଷୟରେ ସ୍ପଷ୍ଟୀକରଣ ଦେବେ କି ନାହିଁ, ତାହା ଏବେ ଦେଖିବାକୁ ରହିଛି।

## ବାଘର ଏଆଇ ଫଟୋ ଛାଡ଼ି ଯୁବକ ଗିରଫ



ଯାଜପୁର,୮।୮(ସମିସ): ଏଆଇ ମାଧ୍ୟମରେ ବାଘ ଫଟୋ ସୋସିଆଲ ମିଡିଆରେ ଛାଡ଼ି ଆତଙ୍କ ସୃଷ୍ଟି କରିବା ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛି। ଗିରଫ ଯୁବକ ହେଲେ ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ସାଉଡିଆ ପଞ୍ଚାୟତ ବଣିଆରି (ତାଳୁଆ)ଗ୍ରାମର ଶ୍ରୀକାନ୍ତ ଧିନ୍ଦା। ସେ ନିଜ ମୋବାଇଲରେ ଗାଁରେ ବାଘ ବୁଲୁଥିବା ଫଟୋ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଛାଡିବା ପରେ ଏହାକୁ ନେଇ ଆତଙ୍କ ସୃଷ୍ଟି ହୋଇଥିଲା। ଏହାକୁ ନେଇ ପୁଲିସ, ବନ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ଖୋଳତାଡ଼ କରାଯାଇଥିଲା। ପରେ ଉକ୍ତ ଫଟୋ ସଂପୁର୍ଣ୍ଣ ମିଥ୍ୟା ବୋଲି ଜଣାପଡିଥିଲା। ଏହାପରେ ଫଟୋ ଛାଡିଥିବା ଯୁବକଙ୍କୁ ପୁଲିସ ଗିରଫ କରିଥିବା ଜଣାପଡିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲମ୍ବା କେଶ ପାଇଁ...

ପ୍ରାକୃତିକ ପଦ୍ଧତି। ସେ କୌଣସି ରାସାୟନିକ ପଦାର୍ଥ ବ୍ୟବହାର କରିବା ପରିବ ।।ର୍ତ୍ତେ ଘରେ ତିଆରି ହେଉଥିବା ହର୍ବାଲ୍ ତେଲ ଏବଂ ସାମ୍ପୁ ବ୍ୟବହାର କରନ୍ତି। କେଶକୁ ସଫା କରିବା ଏବଂ ଜଟମୁକ୍ତ କରିବା ପାଇଁ ତାଙ୍କୁ ଘଣ୍ଟା ଘଣ୍ଟା ଧରି ଧୈର୍ଯ୍ୟର ସହ ପରିଶ୍ରମ କରିବାକୁ ପଡ଼ିଥାଏ।। ରେଣୁ ଜଣେ କଣ୍ଟେଣ୍ଟ କ୍ରିଏଟର ଏବଂ ୟୁଟ୍ୟୁବର ଭାବେ ମଧ୍ୟ ସକ୍ରିୟ ଅଛନ୍ତି, ଯେଉଁଠାରେ ସେ ଅନ୍ୟ ମହିଳାମାନଙ୍କୁ କେଶର ଯତ୍ନ ନେବା ପାଇଁ ପରାମର୍ଶ ପ୍ରଦାନ କରନ୍ତି। ତାଙ୍କର ଏହି ଅସାଧାରଣ ରୂପ ପାଇଁ ସେ ସବୁବେଳେ ସାଧାରଣରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଥାନ୍ତି ।ରେଣୁଙ୍କ କହିବା ଅନୁଯାୟୀ, ଏହି ବିଶ୍ୱ ରେକର୍ଡ କେବଳ ଏକ ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ଏହା ମାଧ୍ୟମରେ ସେ ନିଜ ସହର, ନିଜ ସଂସ୍କୃତି ଏବଂ ସମଗ୍ର ଭାରତକୁ ବିଶ୍ୱ ଦରବାରରେ ଗର୍ବିତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେ ଆଶା କରନ୍ତି ଯେ ତାଙ୍କର ଏହି ସଫଳତା ଅନ୍ୟମାନଙ୍କୁ ନିଜର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ପରମ୍ପରା ପ୍ରତି ସଚେତନ କରିବ।

### ପାକିସ୍ତାନୀ 'ହନିଟ୍ରାପ୍'ର...

ସମ୍ପର୍କ ନିବିଡ଼ ହୋଇଥିଲା। ଏହି ସମୟରେ ସେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଦସ୍ତାବେଜ ଓ ତଥ୍ୟ ଡିଜିଟାଲ୍ ମାଧ୍ୟମରେ ସେହି ମହିଳାଙ୍କୁ ପଠାଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ଏକ ଚିନ୍ତାଜନକ ଦିଗ ସାମ୍ନାକୁ ଆସିଛି। ଅଭିଯୁକ୍ତ ଅଫିସର ଜଣକ ତାଙ୍କର ଜଣେ ସହକର୍ମୀଙ୍କୁ ମୋବାଇଲରେ ଏକ ନିର୍ଦ୍ଦିଷ୍ଟ ଆପ୍ ଇନଷ୍ଟଲ୍ କରିବାକୁ କହିଥିଲେ। ତଦନ୍ତକାରୀ ସଂସ୍ଥା ସନ୍ଦେହ କରୁଛି ଯେ ଏହା ଏକ ସ୍ପାଇୱେୟାର୍ କିମ୍ବା ମାଲୱେୟାର୍ ହୋଇଥାଇପାରେ, ଯାହା ମାଧ୍ୟମରେ ଫୋନର ଲୋକେସନ ଟ୍ରାକ୍ କରିବା, ତଥ୍ୟ ଚୋରି କରିବା ଏବଂ କଥାବାର୍ତ୍ତା ରେକର୍ଡ କରିବା ସମ୍ଭବ ହେଉଥିଲା। ବର୍ତ୍ତମାନ ଇଲେକ୍ଟ୍ରୋନିକ୍ ଉପକରଣଗୁଡ଼ିକର ଫୋରେନସିକ୍ ଯାଞ୍ଚ ଜାରି ରହିଛି। ଜୁଲାଇ ୩୦, ୨୦୨୬ରେ ଦିଲ୍ଲୀ ପୁଲିସ ସମ୍ପୃକ୍ତ କୋର୍ଟରେ ଏହି ମାମଲାର ଚାର୍ଜସିଟ୍ ଦାଖଲ କରିଛି। ଏହି ଅଫିସର ଜଣକ କୌଣସି ବଡ଼ ଧରଣର ଗୁପ୍ତଚର ନେଟୱାର୍କର ଅଂଶ କି ନୁହଁନ୍ତି, ସେ ନେଇ ତଦନ୍ତ କରାଯାଉଛି। ଏହି ଘଟଣା ସେନା ବାହିନୀରେ ସୋସିଆଲ ମିଡିଆ ବ୍ୟବହାର ଏବଂ ସାଇବର ସୁରକ୍ଷା ପ୍ରତି ବିପଦକୁ ନେଇ ପୁଣିଥରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆଗାମୀ ସପ୍ତାହରେ ହେବାର ସମ୍ଭାବନା ରହିଛି।

### ଲଘୁଚାପ ବର୍ଷା...

ସୃଷ୍ଟି ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ୧୨ ତାରିଖରେ ନୂତନ ଘୂର୍ଣ୍ଣିବଳୟ ସୃଷ୍ଟି ସହ ଏହା ପ୍ରଭାବରେ ୧୪ ବେଳକୁ ପୁଣି ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବା ନେଇ ଆଇଏମ୍‌ଡିର ବିସ୍ତାରିତ ପରିସର ଆକଳନରେ ଦର୍ଶାଯାଇଛି। ଏହା ପ୍ରଭାବରେ ପରବର୍ତ୍ତୀ ୩ ଦିନ ପର୍ଯ୍ୟନ୍ତ ବର୍ଷା ହେବାକୁ ଥିବା ବେଳେ ଏହାର ପ୍ରଭାବରେ ପ୍ରମୁଖ ନଦୀଗୁଡ଼ିକରେ ବନ୍ୟା ଆଶଙ୍କା ସାଧାରଣରେ ଦେଖାଦେଲାଣି। ଅପରପକ୍ଷେ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ଦେବଗଡ଼ରେ ସର୍ବାଧିକ ୬୬.୨ ମିଲିମିଟର(ମିମି) ବର୍ଷା ରେକର୍ଡ କରାଯାଇଥିବା ବେଳେ ଭଦ୍ରକରେ ୫୫.୪ ମିମି, ବାଲେଶ୍ୱରରେ ୫୦.୪ ମିମି, ନବରଙ୍ଗପୁରରେ ୪୩.୩ ମିମି ବର୍ଷା ର୍କର୍ଡ କରାଯାଇଛି। ଚାନ୍ଦବାଲିରେ ୪୨.୧ ମିମି, ହୀରାକୁଦରେ ୪୩.୬ ମିମି, ସମ୍ବଲପୁରରେ ୩୬.୨ ମିମି, କେନ୍ଦ୍ରାପଡାରେ ୪୨ ମିମି, ରାଉରକେଲାରେ ୩୭.୨ ମିମି, ନୟାଗଡରେ ୩୭ ମିମି, କଟକରେ ୩୦.୮ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

ବର୍ତ୍ତମାନ ଉତ୍ତର ଓଡ଼ିଶାର ଛୋଟ, ବଡ଼ ନଦୀ ଯଥା ବୈତରଣୀ, ସାଳନ୍ଦୀ, ଜଳକା ଫୁଲୁଥିବା ବେଳେ ଆଉ ଏକ ବନ୍ୟା ଆଶଙ୍କା ସୃଷ୍ଟି ହେଉଛି। ଏପରିସ୍ଥଳେ ମାତ୍ର ୭ ଦିନର ବ୍ୟବଧାନରେ ଆଉ ଏକ ଲଘୁଚାପକୁ ନେଇ ଚାଷୀକୂଳ ତଥା ସାଧାରଣରେ ଚିନ୍ତା ପ୍ରକାଶ ପାଇଛି।

### ବଢୁଛି ବୈତରଣୀ...

ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ରାଜମୁକୁନ୍ଦପୁରଠାରେ ଥିବା ପକ୍କା ପୋଲ ସହିତ ଶହଶହ ହେକ୍ଟର ଚାଷଜମି ବୁଡ଼ିଯାଇଛି। ହଦଗଡ଼ ଡ୍ୟାମ୍‌ରୁ ଜଳ ନିଷ୍କାସନ ଜାରି ରହିଥିବାରୁ ନାଳିଆ ନଦୀର ଉଛୁଳା ପାଣି ଧାମନଗର ବ୍ଲକ୍‌ର ଇଟାପାଳଠାରେ କୂଳବନ୍ଧ ଡେଇଁ ଗାଁକୁ ପଶିବା ଆରମ୍ଭ କରିଛି। ଗ୍ରାମବାସୀ ବନ୍ଧରେ ବାଲି ବସ୍ତା ପକାଇ ଜଗି ରହିଥିବା ଦେଖିବାକୁ ମିଳିଛି। ଏଠାରେ ଏକ ଘାଇ ମଧ୍ୟ ସୃଷ୍ଟି ହୋଇଛି। ଭଦ୍ରକ ବ୍ଲକ୍‌ର ହରିପୁର ବିଷ୍ଣୁପୁରବିନ୍ଧା, ଅର୍ଣ୍ଣପାଳ ପଞ୍ଚାୟତର ବିସ୍ତୃତ ଅଞ୍ଚଳ ପାଣି ଘେରରେ ରହିଛି। ବିଷ୍ଣୁପୁରବିନ୍ଧା-ଗୁଜିଦରଡ଼ା ରାସ୍ତା ଏବଂ ରାଜମୁକୁନ୍ଦପୁର ପୋଲ ଉପରେ ୩ ଫୁଟ୍ ଉଚ୍ଚରେ ପାଣି ଚାଲୁଛି। ଭଦ୍ରକ ସହରର ବାଉଦପୁର, କୁଆଁଶ, ଅସ୍ତଳ, ମଠସାହି, ପୁରୁଣାବଜାର, ଧନାଟୋଲା ଆଦି ଅଞ୍ଚଳ ସମେତ ସହରତଳି ଅଞ୍ଚଳ ଜଳମୟ ହୋଇଯାଇଛି। ଗତ ୮ ଦିନ ପୂର୍ବେ ହୋଇଥିବା ବନ୍ୟା ପରେ ବିପନ୍ନ ଏବେ ଘର ସଜାଡୁଛନ୍ତି। ଏପରିସ୍ଥିତିରେ ପୁଣି ବନ୍ୟାପାଣି ଆସି ଘରେ ପଶିବାରୁ ଲୋକଙ୍କ ଦୁର୍ଦ୍ଦଶା ଆହୁରି ବଢ଼ିଯାଇଛି। ଅନ୍ୟପଟେ ବୈତରଣୀ ନଦୀର ଜଳସ୍ତର ମଧ୍ୟ ବିପଦ ସଙ୍କେତ ଛୁଇଁବାକୁ ଯାଉଛି। ଆଖୁଆପଦାଠାରେ ବିପଦ ସଙ୍କେତ ୧୮.୮୬ ମିଟର ଥିବାବେଳେ ଏଠାରେ ୧୮.୮୭ ମିଟରରେ ଜଳ ପ୍ରବାହିତ ହେଉଛି। ନାଳିଆ, ଗେଙ୍ଗୁଟି ଓ ଏହାର ଶାଖା ନଦୀ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ଯୋଗୁଁ ତଳିଆ ଅଞ୍ଚଳର ଲୋକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସେହିଭଳି ଭଦ୍ରକ ସହର ବର୍ଷା ଯୋଗୁଁ ପରିସ୍ଥିତି ବେହାଲ ହୋଇଛି। ବହୁ ସହରବାସୀଙ୍କ ଘରେ ପାଣି ପଶିଛି। ବଙ୍କାସାହିରେ ରାସ୍ତାକୁ ଲୋକେ କାଟି ଦେଇଛନ୍ତି। ପୁରୁଣା ବଜାର, ବଙ୍କାସାହି, ଜଗନ୍ନାଥପୁର, ନାରୀପୁର, ଚରମ୍ପା ଆଦି ଅଞ୍ଚଳରେ ପାଣି ଲୋକଙ୍କ ଘରେ ପଶିଛି।

ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ବୈତରଣୀ ନଦୀର ଆଖୁଆପଦା ଆନିକଟଠାରେ ଶନିବାର ମଧ୍ୟାହ୍ନରୁ ଜଳସ୍ତର ବୃଦ୍ଧି ପାଉଛି। ସପ୍ତାହେ ପୂର୍ବରୁ ବନ୍ୟାଜଳ ହ୍ରାସ ପାଇବା ପରେ ନଦୀରେ ଜଳସ୍ତର ସ୍ୱାଭାବିକ ଥିଲା। ଗତ ଦୁଇ ତିନି ଦିନ ଧରି କିଛି ପରିମାଣରେ ବର୍ଷା ଯୋଗୁଁ ଜଳସ୍ତର ଧୀରେ ଧୀରେ ବଢ଼ିବାରେ ଲାଗିଛି। ସନ୍ଧ୍ୟା ସୁଦ୍ଧା ବିପଦ ସତର୍କ ସୂଚନା ଉପରେ ଜଳସ୍ତର ପ୍ରବାହିତ ହେଉଛି। ଏଠାରେ ବିପଦ ସତର୍କ ସୂଚନା ୧୭.୮୩ ମିଟର ଥିବାବେଳେ ସନ୍ଧ୍ୟା ୭ଟାରେ ୧୭.୯୭ ମିଟରରେ ଜଳ ପ୍ରବାହିତ ହେଉଥିଲା। ବିପଦ ସଂକେତ ରହିଛି ୧୮.୩୩ ମିଟର। ଯଦିଓ ରବିବାର ଅପରାହ୍ଣ ଯାଏଁ ସେଭଳି ବନ୍ୟାର ଆଶଙ୍କା ନାହିଁ ତଥାପି ବର୍ଷା ରେକର୍ଡ ଅନୁଯାୟୀ କଣ୍ଟି ଏସ୍‌କେପ୍ ଯାଏଁ ପାଣି ଛୁଇଁବ ବୋଲି ଅନୁମାନ କରାଯାଇଛି। ସୂଚନା ମୁତାବକ, ନଦୀର ଉପରମୁଣ୍ଡ କେନ୍ଦୁଝର ଜିଲ୍ଲାରେ ଶନିବାର ସନ୍ଧ୍ୟା ଯାଏଁ ସେଭଳି ବଡ଼ଧରଣର ବର୍ଷା ହୋଇନାହିଁ। ସରକାରୀ ରେକର୍ଡ ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ଆଖୁଆପଦାଠାରେ ୮.୮ ମି.ମି., ସ୍ୱାମପାଟଣାଠାରେ ୫୪.୬ ମି.ମି., ଆନନ୍ଦପୁରଠାରେ ୬୦.୬ ମି.ମି., କେନ୍ଦୁଝରଠାରେ ୧୦ ମି.ମି. ଓ ଚମ୍ପୁଆଠାରେ ସର୍ବାଧିକ ୬୮.୮ ମି.ମି. ବର୍ଷା ହୋଇଥିବା ଜଣାପଡ଼ିଛି।

### ଭାରତକୁ ୩୩୬୦ କୋଟି...

ପରିମାଣରେ ୨୨.୯% ହ୍ରାସ ସତ୍ତ୍ୱେ, ଭାରତ ପ୍ରାୟ ୩୫୩ ନିୟୁତ ଡଲାର କିମ୍ବା ୩୩୬୦ କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ କରିଛି। ଏହା ଭବିଷ୍ୟତରେ ଦେଶରେ ଗ୍ୟାସ ମୂଲ୍ୟ ବୃଦ୍ଧି ପାଇବାର ଆଶଙ୍କା ମଧ୍ୟ ସୃଷ୍ଟି କରିଛି। ରିପୋର୍ଟ ଅନୁଯାୟୀ, ଭାରତ ଚଳିତବର୍ଷ ମେ'ରୁ ଜୁଲାଇ ତିନି ମାସରେ ମୋଟ ୭.୦୮ ନିୟୁତ ଟନ୍ ଏଲ୍‌ଏନ୍‌ଜି ଆମଦାନୀ କରିଛି। ଭାରତର ଏଲଏନଜି ଆମଦାନୀ ଏବେ କତାରରୁ ହ୍ରାସ ପାଇଛି। କାରଣ ଭାରତ ଆମେରିକା, ଆଫ୍ରିକା ଭଳି ଦେଶ ଆଡକୁ ମୁହାଁଉଛି। ହର୍ମୁଜ୍ ସଙ୍କଟ ପରେ, ଭାରତର ଏଲପିଜି ଆବଶ୍ୟକତାର ପ୍ରାୟ ୬୭% କିମ୍ବା ଏହାର ଅଧିକାଂଶ ଭାଗ ଆମେରିକାରୁ ଆସୁଛି। କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀ ଶୁକ୍ରବାର ଭାରତୀୟ ଶିଳ୍ପ ସଂଘ (ସିଆଇଆଇ) ଏକ କାର୍ଯ୍ୟକ୍ରମରେ ଏହା କହିଛନ୍ତି।

### ସୋୟାବିନ ତରକାରୀ...

ଅନୁଯାୟୀ ଅସୁସ୍ଥ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ତେବେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିକୁ ନେଇ ହସ୍ପିଟାଲରୁ ଛାତ୍ରଛାତ୍ରୀଙ୍କୁ ଲୁଚାଛପାରେ ନେଇଯିବା ଘଟଣାକୁ ନେଇ ସାଧାରଣରେ ବିସ୍ମୟ ପ୍ରକାଶ ପାଇଛି। ଘଟଣାର ପ୍ରକୃତ କାରଣ କ'ଣ ଓ ଖାଦ୍ୟରେ କୌଣସି ତ୍ରୁଟି ଥିଲା କି ନାହିଁ, ତାହାର ତଦନ୍ତ ଦାବି ହୋଇଛି। ଖାଦ୍ୟର ନମୁନା ପରୀକ୍ଷା କରିବା ସହ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ଅଭିଭାବକ ମହଲରେ ଦାବି ହୋଇଛି। ଅନ୍ୟପକ୍ଷରେ ଛାତ୍ରଛାତ୍ରୀ ପାଠ ପଢ଼ିବାକୁ ଚାହୁଁ ନ ଥିବାରୁ ବାହାନା କରୁଥିବା ଓ ପିତ୍ତ ବାନ୍ତି ହେଉଥିବା କଲେଜ କର୍ତ୍ତୃପକ୍ଷ କହୁଥିବା ଜଣାପଡ଼ିଛି।

### ପୂର୍ବୋଦୟ ପାଇଁ...

ବାସ୍ତବତାରେ ପରିଣତ କରିବା ପାଇଁ ଏହି ପରିଦର୍ଶନ ଏକ ସୁଯୋଗ ପ୍ରଦାନ କରିଥିବା କୁହାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଏପରି ଏକ ଶିଳ୍ପ ବାତାବରଣ ସୃଷ୍ଟି କରୁଛି ଯେଉଁଠାରେ ଶିଳ୍ପଗୁଡ଼ିକର ଅଭିବୃଦ୍ଧି ହୋଇପାରିବ, ନିଯୁକ୍ତି ସୃଷ୍ଟି ହେବ ଏବଂ ରାଜ୍ୟର ପ୍ରତ୍ୟେକ କ୍ଷେତ୍ରରେ ଭାଲ୍ୟୁ-ଆଡିସନ୍ ହୋଇପାରିବ। ଆମର ଲକ୍ଷ୍ୟ କେବଳ ପୁଞ୍ଜିନିବେଶ ଆକର୍ଷିତ କରିବା ନୁହେଁ, ବରଂ ନିଯୁକ୍ତି ସୃଷ୍ଟି କରିବା, ସ୍ଥାନୀୟ ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ଯୁବକଯୁବତୀଙ୍କ ପାଇଁ ନୂତନ ସୁଯୋଗ ଖୋଲିବା। ଆମେ ଚାହୁଁଛୁ ଯେ ଅଭିବୃଦ୍ଧି ପାଇଁ ନିବେଶକମାନେ ଓଡ଼ିଶାକୁ ଏକ ଦୀର୍ଘକାଳୀନ ପାର୍ଟନର ଭାବରେ ଦେଖନ୍ତୁ ବୋଲି ମତବ୍ୟକ୍ତ କରିଛନ୍ତି। ଏତଦ୍ ବ୍ୟତୀତ ପ୍ରମୁଖ ଉତ୍ପାଦନ କ୍ଷେତ୍ରର ଶିଳ୍ପ ପ୍ରତିନିଧିମାନଙ୍କ ସହ ରାଉଣ୍ଡ ଟେବଲ ବୈଠକରେ ମଧ୍ୟ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ। ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିଜ୍ ଆସୋସିଏସନ୍‌ର ସହଯୋଗରେ ଆୟୋଜିତ ଇଞ୍ଜିନିୟରିଂ ସାମଗ୍ରୀ ଉତ୍ପାଦନ ରାଉଣ୍ଡ ଟେବଲ ବୈଠକରେ ଓଡ଼ିଶାରେ ଉତ୍ପାଦନ, ଶିଳ୍ପ ଭିତ୍ତିଭୂମି, ଆନୁଷଙ୍ଗିକ ବିକାଶ ଏବଂ ଯୋଗାଣ ଶୃଙ୍ଖଳା ଏକତ୍ରୀକରଣ ନେଇ ଆଲୋଚନା ହୋଇଥିଲା। ନୋଏଡା ଆପାରେଲ୍ ଏକ୍ସପୋର୍ଟ କ୍ଲଷ୍ଟରର ସହଯୋଗରେ ନୋଏଡା ଶିଳ୍ପ ପ୍ରତିନିଧିମାନଙ୍କ ସହିତ ଟେକ୍ସଟାଇଲ୍ ଏବଂ ପୋଷାକ ସମ୍ପର୍କିତ ରାଉଣ୍ଡ ଟେବଲରେ ବୟନଶିଳ୍ପ ଓ ପୋଷାକ ଉତ୍ପାଦନ, ରପ୍ତାନି ସୁଯୋଗ, ଦକ୍ଷ କର୍ମଚାରୀ ଏବଂ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ନାଲ୍‌କୋର ସହଯୋଗରେ ଆୟୋଜିତ ଆଲୁମିନିୟମ୍ ଆନୁଷଙ୍ଗିକ ଏବଂ ଡାଉନଷ୍ଟ୍ରିମ୍ ରାଉଣ୍ଡ ଟେବଲରେ ଓଡ଼ିଶାରେ ଆଲୁମିନିୟମ୍ ମୂଲ୍ୟ ସଂଯୋଜନା, ଡାଉନଷ୍ଟ୍ରିମ୍ ଉତ୍ପାଦନ, ଆନୁଷଙ୍ଗିକ ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇର ଅଂଶଗ୍ରହଣକୁ ପ୍ରସାର କରିବା ପାଇଁ ଥିବା ସୁଯୋଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ମୋଟ ୩୮ଟି ଏମଓୟୁ ସ୍ୱାକ୍ଷରିତ ହୋଇଥିବା ବେଳେ, ଏହାଦ୍ୱାରା ୭୪,୭୦୩ କୋଟି ଟଙ୍କାର ନିବେଶ ସୁଯୋଗ ଆସିଛି ଏବଂ ୪୬,୦୭୧ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଏହା ସହିତ ୧,୬୮୯ କୋଟି ଟଙ୍କାର ଇନ୍‌ଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ମଧ୍ୟ ମିଳିଥିଲା, ଯାହାଦ୍ୱାରା ୮,୦୭୪ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି।

### ଶିମିଳିପାଳରେ ଶୋଇଗଲା...

ଆସିଷ୍ଟାଣ୍ଟ ପ୍ରଫେସର, ୱାଇଲ୍ଡଲାଇଫ ଆଣ୍ଡ ବାୟୋଡାଇଭରସିଟି କଞ୍ଜରଭେସନ ବିଭାଗ, ମହାରାଷ୍ଟ୍ର (ଏନଟିସିଏ ମନୋନୀତ ପ୍ରତିନିଧି) ସୁଭାନୀ ରଥ ପହଞ୍ଚି ବ୍ୟବଚ୍ଛେଦ କାର୍ଯ୍ୟ ସମାପନ କରିଥିଲେ। ଘଟଣାସ୍ଥଳକୁ ତୁରନ୍ତ ସୁରକ୍ଷିତ କରାଯାଇ ଏନଟିସିଏ ଏସଓପି ଅନୁଯାୟୀ ସମସ୍ତ ଆବଶ୍ୟକୀୟ ଜୈବିକ ନମୁନା ସଂଗ୍ରହ କରାଯାଇଛି। ପ୍ରାଥମିକ ପର୍ଯ୍ୟବେକ୍ଷଣରେ ମୃତଦେହଟି ସତେଜ ଥିଲା ଓ କୌଣସି ଆଘାତ ଚିହ୍ନ କିମ୍ବା ସ୍ପଷ୍ଟ କାରଣ ଦେଖାଯାଇ ନ ଥିଲା। ସଂଗୃହୀତ ନମୁନାଗୁଡ଼ିକୁ ବିସ୍ତୃତ ଲ୍ୟାବୋରେଟରୀ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ସେଣ୍ଟର ଫର ୱାଇଲ୍ଡଲାଇଫ ହେଲ୍‌ଥ (ସିଡବ୍ଲୁଏଚ)କୁ ପଠାଯାଇଛି। ଲ୍ୟାବ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିବ। ପୋଷ୍ଟମର୍ଟମ ପରୀକ୍ଷା ଶେଷ ହେବା ପରେ ମୃତଦେହକୁ ଦହନ କରି ନଷ୍ଟ କରାଯାଇଛି। ପୋଷ୍ଟମର୍ଟମରୁ ଆରମ୍ଭ କରି ମୃତଦେହକୁ ଭସ୍ମ ହେବା ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟା ନିର୍ଦ୍ଧାରିତ ପ୍ରୋଟୋକଲ ଅନୁଯାୟୀ ଭିଡିଓଗ୍ରାଫି ଓ ଫଟୋଗ୍ରାଫି କରାଯାଇଛି।

### ଉଧାରରେ ସ୍କୁଲ୍ ପିଲାଙ୍କୁ...

କଲମରେ ୨ବର୍ଷ ପାଇଁ ଟେଣ୍ଡର ହାତେଇଥିବାବେଳେ ବାସ୍ତବରେ ଅଧିକାଂଶଙ୍କ ପାଖରେ ଗାଇଡ୍‌ଲାଇନ୍ ଅନୁଯାୟୀ ସାମଗ୍ରୀ ନାହିଁ କି ସିଲେଇ ମେଶିନ ନାହିଁ, ଆଉ ସେତିକି ମାନବସମ୍ବଳ ନ ଥିବା ପରିଲକ୍ଷିତ ହେଉଛି। କିଏ କେମିତି ଏହି ଏସ୍‌ଏଚଜି ଗ୍ରୁପଗୁଡ଼ିକୁ ଚୟନ କଲେ ଓ ଜିଲ୍ଲାପାଳ ତାକୁ କେଉଁ ମାପକାଠିରେ ମଞ୍ଜୁରୀ କଲେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କାରଣ ପୂର୍ବରୁ ଯେଉଁ ବେପାରୀ (ଭେଣ୍ଡର) ସ୍କୁଲକୁ ସ୍କୁଲ ପରିଚାଳନା କମିଟି ମାଧ୍ୟମରେ ପୋଷାକ ଯୋଗାଉଥିଲେ ଏବେ ମଧ୍ୟ ସେହି ବେପାରୀମାନେ ପୋଷାକ ଯୋଗାଉଛନ୍ତି। ଖାଲି ଏସ୍‌ଏଚ୍‌ଜି ଗ୍ରୁପ ଓ ଏମ୍‌ଏସ୍‌ଏମ୍‌ଇକୁ ଢାଲ କରାଯାଇଛି। ପ୍ରକୃତ କଥା ହେଲା ଏସ୍‌ଏଚ୍‌ଜି ଗ୍ରୁପ ଏହି ବ୍ୟବସ୍ଥାରେ ଉତ୍ତରଦାୟୀ ହୋଇଥିଲେ ହେଁ ବେପାରୀ ହିଁ ସ୍କୁଲକୁ ପୋଷାକ ଯୋଗାଉଛନ୍ତି । କଳାହାଣ୍ଡି ଜିଲ୍ଲାର ୧୩ଟି ବ୍ଲକ୍‌ରେ ୧୩୬ଟି ଏସ୍‌ଏଚ୍‌ଜି ଓ ଏମ୍‌ଏସ୍‌ଏମ୍‌ଇଙ୍କୁ ପୋଷାକ ବଣ୍ଟନ ପାଇଁ ଦାୟିତ୍ୱ ଦିଆଯାଇଛି। ଏହାସହିତ ହାଉସ ପୋଷାକ ଭାବେ ଟୋପି, ଜୋତା, ଆଇକାର୍ଡ ଓ ଟି- ସାର୍ଟ ସହ ଟ୍ରାକ୍ ପ୍ୟାଣ୍ଟ ମଧ୍ୟ ଯୋଗାଇବା ଗୁରୁଦାୟିତ୍ୱ ମଧ୍ୟ ନ୍ୟସ୍ତ କରାଯାଇଛି। ଏ ବାବଦରେ ଜଣେ ଛାତ୍ରଛାତ୍ରୀ ପିଛା ହଜାରେ ଟଙ୍କା ସରକାର ଖର୍ଚ୍ଚ କରି ଆସୁଛନ୍ତି। ଏହି ହିସାବରେ ଦେଖିଲେ ଜିଲ୍ଲାର ୧୩ଟି ବ୍ଲକ୍ ପାଇଁ ଏ ବାବଦରେ ଯଥାକ୍ରମେ ପ୍ରାୟ ୨୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଥିବା ଆକଳନ କରାଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ଜିଲ୍ଲାର ୯୫ପ୍ରତିଶତରୁ ଊର୍ଦ୍ଧ୍ୱ ସ୍କୁଲରେ ପୋଷାକ ବଣ୍ଟନ ସରିଥିବାବେଳେ ଏପର୍ଯ୍ୟନ୍ତ ସ୍କୁଲ ଗୁଡ଼ିକୁ ଟଙ୍କା ଆସି ନ ଥିବା ଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି। ଫଳରେ ଆଗୁଆ ଉଧାରରେ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରାଯାଇଛି। ନବମ ଓ ଦଶମଶ୍ରେଣୀ ୨୮୪ ହାଇସ୍କୁଲର ୩୬ ହଜାର ୧୪୫ ଛାତ୍ରିଛାତ୍ରଙ୍କୁ ଏମ୍‌ସିସିପି ଯୋଜନାରେ ଓ ୩୨ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ୮୩୫୬ ଛାତ୍ରଛାତ୍ରୀଙ୍କୁ ପୋଷାକ ସହ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଇତିମଧ୍ୟରେ ଜିଲ୍ଲାର ୨୦୨୧ ସ୍କୁଲ ଗୁଡ଼ିକରେ ପ୍ରାୟ ୧ ଲକ୍ଷ ୬୮ ହଜାର ୧୭୫ଜଣ ଛାତ୍ର ଛାତ୍ରୀଙ୍କୁ ଏବଂ ଶିଶୁ ବାଟିକାର ୧୪ହଜାର ୭୫୦ଛାତ୍ର ଛାତ୍ରୀଙ୍କୁ ପୋଷାକ ବଣ୍ଟା ଯାଇଥିବା ରିପୋର୍ଟରେ ଦର୍ଶାଯାଇଛି। ପୋଷାକ ଗୁଡ଼ିକ ଅତ୍ୟନ୍ତ ହାଲକା ଓ ନିମ୍ନମାନର ହୋଇଥିବାବେଳେ ଅଭିଯୋଗ ହେଉଛି। ତଥାପି ଡିଏଲସି ଓ ବିଏଲସି କମିଟି ଚୁପ୍ ରହିବା ଯୋଗୁଁ ଦୁର୍ନୀତିକୁ ନେଇ ସମସ୍ତଙ୍କ ସନ୍ଦେହ ଅଧିକ ଦୃଢ଼ୀଭୂତ ହେଉଛି। ଯଦି ଏସ୍‌ଏଚ୍‌ଜି ଗ୍ରୁପ ପୋଷାକ ପାଇଁ ବେପାରୀଙ୍କ ଦ୍ୱାରସ୍ଥ ହେବେ ତାହା ହେଲେ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାର ଯୋଜନା ଫେଲ୍ ମାରିଛି ବୋଲି ସାଧାରଣରେ ଆଲୋଚନା ଚାଲିଛି। ଗାଇଡଲାଇନ ଅନୁସାରେ କେହି ତୁଣ୍ଡ ଖୋଲୁନାହାନ୍ତି। କେବଳ ସରକାରଙ୍କ ନିର୍ଦ୍ଦେଶକୁ ମାନି ଚଳେଇ ନେବାର କୌଶଳ ଆପଣେଇ ଶିକ୍ଷା ବିଭାଗ ଗତି କରୁଛି। ଜିଲ୍ଲାରେ କୋଟି କୋଟି ଟଙ୍କାର ପୋଷାକ ସ୍କୁଲ ଗୁଡିକରେ ବଣ୍ଟା ଯାଇଥିବା ସତ୍ତ୍ୱେ ସେଥିରେ ସ୍ୱଚ୍ଛତା ରହୁନାହିଁ। ଏନେଇ ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀଙ୍କୁ ପଚାରିବାରୁ ପୋଷାକ ବଣ୍ଟନର ଟଙ୍କା କିଛି ସ୍କୁଲରେ ପଡ଼ିବା ଆରମ୍ଭ ହେଲାଣି। ଖୁବ୍‌ଶୀଘ୍ର ସମସ୍ତ ସ୍କୁଲରେ ପଡ଼ିବ ବୋଲି କହିଥିଲେ। ସେହିପରି ଏସଏଚ୍‌ଜି ପୋଷାକ ଯୋଗାଣର ବିଲ୍ ଦେଉଥିବାବେଳେ ବେପାରୀ ଠାରୁ ପୋଷାକ ଆଣୁଥିବେ ବୋଲି କହିଥିଲେ।


**ପଶ୍ଚିମ ରେଳବାଇ**

**ଇଞ୍ଜିନିୟରିଂ ବିଭାଗ : ଇ-ଟେଣ୍ଡରିଂ ବିଜ୍ଞପ୍ତି**
**ନଂ.: W/623/5/1/NT, ତାରିଖ- ୦୫.୦୮.୨୦୨୬**

କ୍ରମିକ ନଂ.: ୧, ଇ-ଟେଣ୍ଡର ନଂ.: RTM-2026-27-67, କାର୍ଯ୍ୟର ବିବରଣୀ: ସେହୋର ଷ୍ଟେସନର ପ୍ଲାଟଫର୍ମ ନଂ. ୦୧ ଏବଂ ପ୍ଲାଟଫର୍ମ ନଂ. ୦୨ରେ କଭର ସେଡ୍‌ର ସମ୍ପ୍ରସାରଣ, ନୂତନ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ଏବଂ ପ୍ଲାଟଫର୍ମ ନଂ. ୦୨ ପାର୍ଶ୍ୱରେ ସର୍କୁଲେଟିଂ ଏରିଆର ବିକାଶ ଏବଂ ବିଦ୍ୟୁତ କାର୍ଯ୍ୟ ସମେତ ଅନ୍ୟାନ୍ୟ ଯାତ୍ରୀ ସୁବିଧା ସମ୍ବନ୍ଧୀୟ ବିବିଧ କାର୍ଯ୍ୟ। (କମ୍ପୋଜିଟ୍ ସିଭିଲ୍ + ଇଲେକ୍ଟ୍ରିକାଲ), ଆନୁମାନିକ ମୂଲ୍ୟ: ଟ. ୧୧,୦୦,୧୫,୧୨୩.୭୮, ବଇନା ରାଶି (EMD): ଟ.୭୭,୦୦,୩୦୦.୦୦, ଟେଣ୍ଡର ଖୋଲିବା ତାରିଖ: ୦୪.୦୯.୨୦୨୬। କ୍ରମିକ ନଂ.: ୨, ଇ-ଟେଣ୍ଡର ନଂ.: RTM-2026-27-70, କାର୍ଯ୍ୟର ନାମ: ଉଜ୍ଜୟିନୀ-ଭୋପାଳ ସେକ୍ସନ୍‌ରେ LC ନଂ. ୪୧ (କି.ମି.: ୭୯/୦୬-୦୮) ବଦଳରେ ରିଲିଭିଂ ଗିର୍ଡର ସ୍ଥାପନ କରି ଏବଂ ରିଲିଭିଂ ଗିର୍ଡର ତଳେ ବକ୍ସକୁ ଧକ୍କା ଦେଇ ବକ୍ସ(ଗୁଡ଼ିକ) ବିଛାଇ ସବୱେ ନିର୍ମାଣ, ଆନୁମାନିକ ମୂଲ୍ୟ: ଟ. ୮,୧୭,୬୧,୧୦୮.୦୩, ବଇନା ରାଶି (EMD): ଟ. ୧୬,୩୫,୨୦୦.୦୦, ଟେଣ୍ଡର ଖୋଲିବା ତାରିଖ: ୦୮.୦୯.୨୦୨୬। କ୍ରମିକ ନଂ.: ୩, ଇ-ଟେଣ୍ଡର ନଂ.: RTM-2026-27-75, କାର୍ଯ୍ୟର ନାମ: ଉଜ୍ଜୟିନୀ-ଭୋପାଳ ସେକ୍ସନ୍‌ରେ LC ୩୧ ବଦଳରେ RUB ଠାରେ ଅତିରିକ୍ତ ସବୱେ (RUB) ନିର୍ମାଣ, Simhasth-2028 ସମ୍ବନ୍ଧରେ ରିଲିଭିଂ ଗିର୍ଡର ସ୍ଥାପନ କରି ଏବଂ ରିଲିଭିଂ ଗିର୍ଡର ତଳେ ବକ୍ସକୁ ଧକ୍କା ଦେଇ ବକ୍ସ(ଗୁଡ଼ିକ) ବିଛାଇବା, ଆନୁମାନିକ ମୂଲ୍ୟ: ଟ. ୮,୭୨,୦୯,୪୦୬.୩୩, ବଇନା ରାଶି (EMD): ଟ. ୧୭,୪୪,୨୦୦.୦୦, ଟେଣ୍ଡର ଖୋଲିବା ତାରିଖ: ୦୮.୦୯.୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ନିୟମ ଓ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ। ADM/5/1/193

Follow us on: twitter.com/WesternRly



**ତହସିଲଦାରଙ୍କ କାର୍ଯ୍ୟାଳୟ, ଗୁଣପୁର**

ପତ୍ରସଂଖ୍ୟା /୨୦୨୬ (ଦେବୋତ୍ତର) / ତାରିଖ.୭/୮ /୨୦୨୬

**ନୋଟିସ୍**

ଏତଦ୍ୱାରା ଗୁଣପୁର ସହରର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପୁରୁଣା ଗୁଣପୁରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ଓ ବାଲାଜିନାଥ ମନ୍ଦିରର ସୁପରିଚାଳନା, ରକ୍ଷଣାବେକ୍ଷଣ ଓ ଉନ୍ନତିକରଣ ନିମନ୍ତେ ଉପ-ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ, ଦେବୋତ୍ତର, ଗୁଣପୁରଙ୍କ ତତ୍ତ୍ୱାବଧାନରେ ଏକ ଉପଦେଷ୍ଟା/ପରିଚାଳନା କମିଟି ଗଠନ କରିବା ପାଇଁ ପ୍ରସ୍ତାବ ରହିଛି।

ଏହି ଉଦ୍ଦେଶ୍ୟରେ ଆସନ୍ତା ତାରିଖ-୨୪/୮/୨୦୨୬, ଅପରାହ୍ନ ୪.୦୦ ଘଟିକା ସମୟରେ, ପୁରୁଣା ଗୁଣପୁରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ସଭା ଅନୁଷ୍ଠିତ ହୋଇ ଉକ୍ତ ଉପଦେଷ୍ଟା/ପରିଚାଳନା କମିଟି ଗଠନ ସମ୍ପର୍କରେ ଆଲୋଚନା କରାଯିବ।

ପ୍ରକାଶ ଥାଉକି, ଉକ୍ତ ଉପଦେଷ୍ଟା/ପରିଚାଳନା କମିଟି ଦେବୋତ୍ତର ବିଭାଗ ଦ୍ୱାରା ପ୍ରଚଳିତ ନିୟମାବଳୀ, ନିର୍ଦ୍ଦେଶାବଳୀ ଓ ପ୍ରଯୋଜ୍ୟ ବିଧିବ୍ୟବସ୍ଥା ଅନୁଯାୟୀ ଗଠନ କରାଯିବ।

ଅତଏବ, ଗୁଣପୁର ସହରର ଇଚ୍ଛୁକ ଭକ୍ତବୃନ୍ଦ, ସ୍ଥାନୀୟ ଜନସାଧାରଣ ଓ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ମନ୍ଦିରର ସୁପରିଚାଳନା ଓ ଉନ୍ନତି ସମ୍ପର୍କରେ ନିଜର ମୂଲ୍ୟବାନ ମତାମତ ଓ ପ୍ରସ୍ତାବ ପ୍ରଦାନ କରିବା ସହିତ, ଦେବୋତ୍ତର ବିଭାଗର ପ୍ରଚଳିତ ନିୟମାବଳୀ ଅନୁଯାୟୀ ଉପଯୁକ୍ତ ସଦସ୍ୟ ଚୟନ/ନାମ ପ୍ରସ୍ତାବରେ ସହଯୋଗ କରିବାକୁ ଅନୁରୋଧ କରାଯାଉଅଛି।

ତହସିଲଦାର ତଥା କାର୍ଯ୍ୟନିର୍ବାହୀ,
ଦେବୋତ୍ତର ଅଧିକାରୀ,ଗୁଣପୁର



**AFFIDAVIT**

I, RANJAN KUMAR SAHOO, S/o- Narayan Sahoo, Resident of AT— Bali Sahi, Po- Bhuinpur, PS-Aul, Dist-Kendrapara, Odisha, PIN-754239, declared by this Affidavit No.1921, Dated.08.06.2026, That now onwards I shall Be Known as RANJAYA SAHOO That for all future Purposes.

**AFFIDAVIT**

I, Balakrushna Palmal, S/o- Late Basudev Palmal, Resident of Vill - Balda, PO - Balda, PS - Padwa, Dist - Koraput, Pin - 764038, Odisha declared by this affidavit Enrl No. 328/97 (Serial No. 1017), Dated - 12/06/2026, that B. K Palmal and Balakrushna Palmal are same and one person. So, now a days I shall be known as Balakrushna Palmal for all future purposes.

**AFFIDAVIT**

By the virtue of an affidavit sworn before the Notary public, Sunabeda, Odisha, I, Meena Pradhan, W/o.: Late Elisaya Pradhan, resident of Qtr. No.: JA/284,HAL Township, Sunabeda –763002, declare by this Affidavit No.: 1298, Dated: 07.08.26. That now onwards I shall be known as **Mina Pradhan** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Jajpur No 10769 dated 06/08/2026. I Radhashyam Sethy, S/o- Panchanana Sethy resident of Panasa, (Balighai) Lalbag, Jajpur declare that My son name wrongly printed as Rudrapratap Sethy instead of Lipun sethy in Aadhar card. Hence he will be known as **Lipun Sethy** From today onwards.

**AFFIDAVIT**

By virtue of an affidavit no. 169 sworn before Executive Magistrate, Semiliguda, dt.14.05.2026, I, Sri Manas Mahalik, At- Bhejaput (Parida Colony), P.O. Damonjodi, P.S. Sunabeda, Dist. Koraput hereby declare that I have changed my son's name from MANU MAHALIK to MUNU MAHALIK. Henceforth, he shall be known as **MUNU MAHALIK** for all purposes.
Sri Manas Mahalik

**NOTICE**

By virtue of an affidavit no -1343 sworn before Executive Magistrate, Sundargarh, dated-07/08/2026, I, Prasad Sahoo (new name), S/o. Laxmidhar Sahoo, permanent resident of village- Manjuripada, po- Pingua, Ps- Nihalprasad, Block- Gondia, Dist- Dhenkanal, Pin- 759016 Odisha declare that, I have changed my name from "Lalaprasad Sahoo" (old name) to "Prasad Sahoo" (new name). Henceforth, I Shall be known as **"Prasad Sahoo"** (new name) for all purposes.
PRASAD SAHOO

**AFFIDAVIT**

By virtue of an affidavit sworn before Executive Magistrate, Basta, Balasore, Odisha vide Sl. no. 3503 dt.04.08.2026 I, Manas Pattanayak, S/o. Sripati Pattanayak, At. Palasia, P.O. Kothapada, P.S. Basta, Dist. Balasore, Odisha, PIN-756022 declare that I have changed the name of my daughter from old name JINA PATTANAYAK to SUBHALAXMI PATTANAYAK. Henceforth, she shall be known as **SUBHALAXMI PATTANAYAK** for all purposes.

**Notice (above 18 years of age)**

By virtue of an affidavit sworn before Tahasildar - Cum - Executive Magistrate Dharamgarh, Kalahandi, dated 06/08/2026, I, DILIP SUNANI Address Son of UDHAB SUNANI. Village- PANDKUL, PO- KUMBHARI, Ps-GOLAMUNDA, DIST- KALAHANDI, ODISHA-766029 declare that I have changed my name from DILPI SENAPATI to DILIP SUNANI Henceforth, I shall be known as **DILIP SUNANI** for all purposes.
(DILIP SUNANI)

**AFFIDAVIT**

I, Sanjaya Kumar Sethi, aged 46, S/o-Late Gobinda Chandra Sethi, At/Po- Barunasingh, P.S- Khatapada, Dist-Balasore, Odisha, Declare by Affidavit before the Executive Magistrate ,Balasore ,No- 5403,Dtd-13/07/2026. That my son Dhiraj Kumar, In his birth certificate wrongly mention my name **Sanjay Kumar Sethi** instead of **Sanjaya Kumar Sethi**. I, declared that **Sanjay Kumar Sethi** and **Sanjaya Kumar Sethi** is one and same person for all future purpose.
Sanjaya Kumar Sethi

**AFFIDAVIT**

I, Mirza Akhtar Raza Baig, S/o- Late Mirza Mahiraj Baig, resident of Ward No. 19, Baliorada, Po/Ps: Puruna Bazar, Dist- Bhadrak, Pin- 756100, Odisha declare by this affidavit No- 8777, dtd- 27/07/2026 that now onwards I shall be known as **MIRZA AKHTAR REZA** for all future purposes.

**AFFIDAVIT**

I, Gajendra Kumar Sahoo, S/o- Chakradhar Sahoo, resident of Plot No-452, Palamandap Sahi, Baramunda, Ps- Khandagiri, Bhubaneswar, Dist- Khordha, Pin- 751003, Odisha declare by this affidavit No-45016, date- 04/08/2026, that now onwards I shall be known as **GAJENDRA SAHOO** for all future purposes.

**AFFIDAVIT**

I, Adarsh Kumar Goel, aged about 30 years, S/o- Prakash Kumar Goel, resident of Asha Kunj, Niladri Vihar, Titlagarh, Po- Titilagarh, Ps- Titilagarh, Dist- Balangir, Odisha, PIN- 767033, do hereby declare by this affidavit No.1566, dtd- 08/08/2026, that now onwards I shall be known as **ADARSH GOEL** for all future purposes.

**AFFIDAVIT**

By virtue of an affidavit on dtd- 09.07.2026 sworn before The Executive Magistrate, Titilagarh. I, **Puspanjali Meher** (new name), W/o Daitari Meher, permanent resident of AT/PO: Sinapali, PS: Sinapali, Near Jagannath Chowk, Dist: Nuapada, Odisha, PIN: 766108 declare that I have changed my name from **Puspa Meher** (old name) to **Puspanjali Meher** (new name). Henceforth, I shall be known as **Puspanjali Meher** (new name) for all purposes.
Puspanjali Meher

## ସାଳନ୍ଦୀ କେନାଲରେ ଭାସିଯାଇ ନାବାଳକ ମୃତ

**ନୀଳଗିରି, ୮।୮ (ସମିସ):** କେନାଲରେ ପଡି ନାବାଳକର ମୃତ୍ୟୁ ଘଟିଛି । ନୀଳଗିରି ଏନ.ଏ.ସି. ଅଧୀନରେ ଥିବା ବରିସାହି ୫ ନଂ. ୱାର୍ଡ ରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ବରିସାହି ନିକଟ ଦେଇ ଯାଇଥିବା ସଳନ୍ଦୀ କେନାଲରେ ଭାଇ ସହିତ ବୁଲିବାକୁ ଯାଇଥିବା ଜଟା ଧାଙ୍ଗିଡିଙ୍କ ପୁତ୍ର ତପନ ଧାଙ୍ଗିଡିଆ (୮) ବର୍ଷର ନାବାଳକର ଗୋଡ ଖସିଯାଇଥିବା ଫଳରେ କେନାଲରେ ଭାସି ଯାଇଥିଲା । ସାଙ୍ଗେ ସାଙ୍ଗେ ଗ୍ରାମବାସୀ ଏବଂ ଅଗ୍ନିଶମ ବାହିନୀର ମିଳିତ ଉଦ୍ୟମ ପରେ ପ୍ରାୟ ୨ ଘଣ୍ଟା ପରେ ନାବାଳକକୁ ଉଦ୍ଧାର କରାଯାଇଥିଲା, ସେଠିପାରୁ ତୁରନ୍ତ ନୀଳଗିରି ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ସୂଚନା ଯୋଗ୍ୟ, ଉକ୍ତ ମୁକୁଳା କେନାଲ୍ ରେ ଆଗରୁ ମଧ୍ୟ ଏକାଧିକ ଜୀବନ ଗଲାଣି ।

# ବନ୍ୟାଜଳରେ ଧୋଇଗଲା ରାସ୍ତା, ଯାତାୟାତ ଠପ୍



**ନୀଳଗିରି, ୮।୮ (ସମିସ)**

ନୀଳଗିରି ବ୍ଲକର ସଜନାଗଡ ପଞ୍ଚାୟତର ତେଣ୍ଡା ଗ୍ରାମରୁ ସିଆଳଘାଟି ଗ୍ରାମକୁ ସଂଯୋଗ କରୁଥିବା ଏକ ପୋଲର ୱାଲ ଏବଂ ରାସ୍ତା ଲଘୁଚାପ ବର୍ଷାରେ ସମ୍ପୂର୍ଣ୍ଣ ଧୋଇଯାଇଛି । ଯାହା ଫଳରେ ତେଣ୍ଡା ଗ୍ରାମରୁ ସିଆଳଘାଟି ଗ୍ରାମକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । ପୋଲକୁ ସଂଯୋଗ କରୁଥିବା ୱାଲ ଏବଂ ରାସ୍ତା ଗତ ତିନି ମାସ ତଳେ ନୀଳଗିରି ଆଇ.ଟି.ଡି.ଏ ପକ୍ଷରୁ ନିର୍ମାଣ କରାଯାଇଥିଲା । ସୂଚନା ଥାଉକି ସେଠାରେ ଏକ ପୁରୁଣା ପୋଲଟି ଭାଙ୍ଗି ଯାଇଥିବା ବେଳେ ସେଠାରେ ଆଇ.ଟି.ଡି.ଏ. ପକ୍ଷରୁ ଜୈନିକ ଠିକାଦାର ନୂତନ ପୋଲ ନିର୍ମାଣ କରୁଥିବା ବେଳେ ପୁରୁଣା ପୋଲ ଠାରୁ ନୂତନ ପୋଲ ଅଣଓସାରିଆ କରି ନିର୍ମାଣ କରୁଥିବାବେଳେ ସ୍ଥାନୀୟ ଅଞ୍ଚଳବାସୀ ଅଣଓସାରିଆ ପୋଲରେ ପାହାଡ ପାଣି ପାରେଇ ପାରିବନି ବିଷୟରେ ଅଭିଯୋଗ କରିଥିଲେ, ହେଲେ ଠିକାଦାର ଯନ୍ତ୍ରୀ ଏହି ବିଷୟକୁ କେହି ଶୁଣି ନଥିଲେ । ଫଳରେ ତିନି ମାସ ଭିତରେ ୱାଲ ଏବଂ ରାସ୍ତା ଧୋଇ ଯାଇଛି ତାହା ଏବେ ଆଇ.ଟି.ଡି.ଏ ର କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ୱାଲ ଏବଂ ରାସ୍ତା ଧୋଇ ଯାଇଥିବାରୁ ଦୁଇ ଗ୍ରାମ ବାସୀ ଏବେ ବହୁ ଦୁର୍ଦ୍ଦଶା ଭୋଗ କରୁଛନ୍ତି । ଏପରିକି ଏହି ରାସ୍ତା ଦେଇ ସ୍କୁଲ, ସେବାଶ୍ରମ ରହିଥିବା ଯୋଗୁଁ ପିଲାମାନେ ପାଠପଢ଼ାରୁ ମଧ୍ୟ ହଇରାଣ ହରକତ ହେଉଛନ୍ତି । ଏହା ଜାଣିବା ପରେ ନୀଳଗିରି ପୂର୍ବତନ ବିଧାୟକ ଙ୍କ ସୁକାନ୍ତ କୁମାର ନାୟକ ଶନିବାର ମଧ୍ୟାହ୍ନରେ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ । ପରେ ନୀଳଗିରି (ଆଇ.ଟି.ଡି.ଏ, ର ପି.ଏ.) ନୀଳଗିରି ଉପ-ଜିଲ୍ଲାପାଳ ଓ ବାଲେଶ୍ୱର ଜିଲ୍ଲାପାଳଙ୍କ ସହ ଆଲୋଚନା କରି ତୁରନ୍ତ ଯାତାୟାତ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ମାଟି ପକାଯାଇ ଯାତାୟାତ ପାଇଁ ସୁବିଧା କରିବାପାଇଁ ଆଲୋଚନା ହୋଇଛି । ତେବେ ତତ୍କାଳ ଯିବା ଆସିବା କରିବା ପାଇଁ ଅସ୍ଥାୟୀ ଭାବେ ବାଉଁଶପୋଲ କରିବା ପାଇଁ କିଛି ଅର୍ଥରାଶି ଗ୍ରାମବାସୀଙ୍କୁ ପୂର୍ବତନ ବିଧାୟକ ଶ୍ରୀ ନାୟକ ପ୍ରଦାନ କରିଛନ୍ତି ।

## ଟ୍ରକ ଧକ୍କାରେ ବାଇକ ଚାଳକ ମୃତ

**ସୋର/ଔପଦା, ୮।୮ (ସମିସ):** ଔପଦା ଥାନା ବଡ଼ପୋଖରୀ ଶନି ମନ୍ଦିର ନିକଟରେ ରାସ୍ତା କଡରେ ଛିଡା ହୋଇଥିବା ଏକ ବାଇକକୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ ଧକ୍କା ଦେବା ଫଳରେ ବାଇକ ଚାଳକଙ୍କର ମୃତ୍ୟୁ ହୋଇଛି । ମୟୂରଭଞ୍ଜ ଜିଲ୍ଲା ଶରତ ଥାନା କଦୁରିଆ ଗ୍ରାମର ରାମଜିତ ମୁର୍ମୁ(୨୯) ଦୀର୍ଘଦିନ ଧରି ଔପଦା ଥାନା ଅଧିନ ନୂଆଗାଁରେ ରହୁଥିଲେ । ଆଜି ସକାଳେ କୌଣସି କାମରେ ବଡପୋଖରୀକୁ ବାଇକରେ ଯାଉଥିବା ବେଳେ ଶନି ମନ୍ଦିର ନିକଟରେ ରାସ୍ତା କଡରେ ଛିଡା ହୋଇଥିଲେ । ଏହି ସମୟରେ ଓଡି ୦୧ ବିଏଫ ୪୮୩୪ ନମ୍ବର ବିଶିଷ୍ଟ ଏକ ଟ୍ରକ ବିପରୀତ ଦିଗରୁ ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସେ ଗୁରୁତର ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଔପଦା ପୁଲିସ ଘଟଣା ସ୍ଥଳରୁ ଟ୍ରକ ଓ ବାଇକକୁ ଜବତ କରି ଥାନାକୁ ନେଇଥିଲେ । ପରେ ଏକ ମାମଲା ରୁଜୁ କରି ସୋର ଥାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି ।

## ବାଇକରୁ ଖସିପଡ଼ି ମହିଳା ମୃତ

**ଜଳେଶ୍ୱର ବ୍ଲକ, ୮।୮ (ସମିସ):** ଜଳେଶ୍ୱର ଥାନା ବର୍ଡ୍ଡନା ଛକ ନିକଟରେ ବାଇକରୁ ଖସିପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତ ମହିଳା ହେଲେ ରାଇବନିଆଁ ଥାନା ମାକିଡିଆ ପଞ୍ଚାୟତ କୁଆଁରପୁର ଗ୍ରାମର ଲକ୍ଷ୍ମୀନାରାୟଣ ଦାସଙ୍କ ପତ୍ନୀ କାଞ୍ଚନ ଦାସ (୫୦) । କାଞ୍ଚନ ତାଙ୍କ ପୁଅ ସହ ବାଇକ୍‌ରେ କୌଣସି କାର୍ଯ୍ୟରେ ବର୍ଡ୍ଡନା ମଠକୁ ଯାଉଥିଲେ । ବର୍ଡ୍ଡନା ଛକ ନିକଟରେ ହଠାତ୍ ବାଇକ୍‌ରୁ ଭାରସାମ୍ୟ ହରାଇ ସେ ତଳେ ଖସିପଡ଼ିଥିଲେ । ଫଳରେ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା । ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଜଳେଶ୍ୱର ଜିକେ ହସ୍ପିଟାଲ୍‌କୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**ବାଲେଶ୍ୱର, ୮।୮ (ସମିସ):** ହଳଦୀପଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ସ୍କୁଲ୍‌ର ସଭାପତି କାର୍ତ୍ତିକ ଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଏହି ମେଳା ଅନୁଷ୍ଠିତ ହେଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଆଲୋକ କୁମାର ପାଢ଼ୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜୟପ୍ରକାଶ ଜେନା ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ସ୍କୁଲର ସମ୍ପାଦକ ଗଣେଶ୍ୱର ସାହୁ, ଉପସଭାପତି ବଂଶୀଧର ସାହୁ, ଯୁଗ୍ମ ସମ୍ପାଦକ ମହେନ୍ଦ୍ର କୁମାର ସାହୁ, କୋଷାଧ୍ୟକ୍ଷ ଶରତଚନ୍ଦ୍ର ଜେନା,ପ୍ରଧାନ ଆଚାର୍ଯ୍ୟା ସାଗରିକା ଜେନା,ବିଜ୍ଞାନ ପ୍ରମୁଖ ଦୀପକ କୁମାର ସାହୁ, ସହ ପ୍ରମୁଖ ଦିଲ୍ଲୀପ ଚୌଧୁରୀ ପ୍ରମୁଖ ଯୋଗ ଦେଇ ଏହି ପ୍ରକଳ୍ପ ଆୟୋଜନ କରିବାର ମୂଳଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଏଥିରେ ମୋଟ ୪୫ଟି ପ୍ରକଳ୍ପ ପ୍ରଦର୍ଶିତ ହେଇଥିଲା ।

## ଏକ୍ସିସ ବ୍ୟାଙ୍କ ଉଲଡାଙ୍ଗ ଶାଖାରେ ରକ୍ତଦାନ ଶିବିର

**ନୀଳଗିରି, ୮।୮ (ସମିସ):** ନୀଳଗିରିସ୍ଥିତ ଏକ୍ସିସ ବ୍ୟାଙ୍କ ଉଲଡାଙ୍ଗ ଶାଖା ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଶିବିରକୁ ନୀଳଗିରି ଏସ ଡି ଏମ ଓ ଡ଼ା. ସତ୍ୟନାରାୟଣ ନାୟକ ଉଦଘାଟନ କରିଥିଲେ । ଉକ୍ତ ଶିବିରରୁ ବାଇଶ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । ନୀଳଗିରି ରକ୍ତଦାତା ସଂଘର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର ଙ୍କ ଉଦ୍ୟମ ରେ ଅନୁପ୍ରାଣିତ ହୋଇ ଆମ୍ଭେ ଆଜି ରକ୍ତଦାନ ଶିବିର ଅନୁଷ୍ଠିତ କରିଛୁ ବୋଲି ବ୍ରାଞ୍ଚ ମ୍ୟାନେଜର ସଂଗ୍ରାମ କେଶରୀ ଦାସ ପ୍ରକାଶ କରିଥିଲେ ।



ରକ୍ତଦାତା ସଂଘର ବରିଷ୍ଠ ଉପଦେଷ୍ଟା ସାମ୍ବାଦିକ ରବି ରାଉତ,ରକ୍ତଦାତା ମାନଙ୍କୁ ଉତ୍ସାହିତ କରସହିତ ଆଗାମୀ ଦିନରେ କିଭଳି ଭାବେ ରକ୍ତ କେନ୍ଦ୍ର ରେ ଅଧିକ ରକ୍ତ ସଂଗ୍ରହ ହେବ ସେଥିପାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ ଶିବିରରେ ଏକ୍ସିସ ବ୍ୟାଙ୍କରେ କାର୍ଯ୍ୟରତ ଅଭିଜିତ ଦାସ, ମଧୁଛନ୍ଦା ନାୟକ, ମନୀଷା ନାୟକ, ରିତିକ୍ ନାୟକ, ଅଶୋକ ଦଲେଇ, ପ୍ରପିତ ପ୍ରଧାନ, ଅଂଶୁମାନ ଜେନା, ପ୍ରଶାନ୍ତ ସେଠି, ଲକ୍ଷ୍ମୀଧର ମଲ୍ଲିକ ପ୍ରମୁଖ ସହଯୋଗ କରି ଥିବା ଦେଖାଯାଇଛି । ନୀଳଗିରି ରକ୍ତ କେନ୍ଦ୍ର ଅଧିକାରୀ ମନୋଜ ବାରିକ ସହିତ ଟେକ୍ନିସିଆନ୍ ରାଜେଶ ବେହେରା, ସଂଗ୍ରାମ ମହାପାତ୍ର, ଗତିକୃଷ୍ଣ ମହାନ୍ତି, ରାଜେନ୍ଦ୍ର ବେହେରା ଓ ମଞ୍ଜରି ବେହେରା ରକ୍ତଦାନ ଶିବିର କୁ ପରିଚାଳନା କରିଥିଲେ ।

## ରୋଟାରୀ କ୍ଲବ୍ 'ଶାଶ୍ୱତ'ର ଅଧିଷ୍ଠାପନା ଦିବସ




**ବାଲେଶ୍ୱର, ୮।୮ (ସମିସ):** ବାଲେଶ୍ୱର ରୋଟାରୀ କ୍ଲବ ଶାଶ୍ୱତର ଦ୍ୱାଦଶତମ ଅଧିଷ୍ଠାପନା ଦିବସ ସ୍ଥାନୀୟ ଭେନିଆ ପାରାଡାଇଜ କଲ୍ୟାଣ ମଣ୍ଡପରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ରୋଟାରିଆନ ଇନ୍ଦ୍ରଜିତ ସାହୁ, ଚେୟାରମ୍ୟାନ ରୋଟାରିଆନ ହରେକୃଷ୍ଣ ଦାଶ, ରୋଟାରିଆନ ହୃଷିକେଶ ସାହୁ, ଲକ୍ଷ୍ମୀ ନାରାୟଣ ମହାନ୍ତି, ରୋଟାରିଆନ ରାଜ କିଶୋର ମିଶ୍ର, ରୋଟାରିଆନ ଗୌର ହରି ମଲ୍ଲିକ, ରୋଟାରିଆନ ସୁଗତ ବୋଷଙ୍କ ସମେତ ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହିଥିଲେ । ବୃଦ୍ଧାଶ୍ରମ ନିର୍ମାଣ ପାଇଁ ଏକ ଏକର ଜମି ଦାନ କରିଥିବା ରୋଟାରିଆନ ଙ୍କ ପ୍ରତି ମୁଖ୍ୟ ଅତିଥି ରୋଟାରିଆନ ଇନ୍ଦ୍ରଜିତ ସାହୁ ଗଭୀର କୃତଜ୍ଞତା ପ୍ରକାଶ କରିଥିଲେ । ଏହି ଅବସର ରେ ନୂତନ ସଭାପତି ବିଜୟ କୁମାର ସେଠୀ ଓ ସୁଦର୍ଶନ ଜେନାଙ୍କୁ ସମ୍ପାଦକ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା ।

## ନାରୀନେତ୍ରୀ ବାସନ୍ତୀ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା

**ନୀଳଗିରି, ୮।୮ (ସମିସ):** ନୀଳଗିରି କଂଗ୍ରେସ ଭବନ ପରିସରରେ ରାଜ୍ୟ କିଷାନ କଂଗ୍ରେସର ଉପ ସଭାପତି ଯଶୋଦା ନନ୍ଦନ ସିଂହଙ୍କ ଆବାହକତ୍ୱ ଓ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଔପଦା ବ୍ଲକ ଚେୟାରମ୍ୟାନ ରାମଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ବାସନ୍ତୀ ଦାସ (୮୯) ଙ୍କ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି । ଶୋକ ସଭା ରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ସଦାଶିବ ରଥ, ଯୁବ ନେତା ଦିବ୍ୟଜ୍ୟୋତି ଆଚାର୍ଯ୍ୟ, ରାମକୃଷ୍ଣ ଜେନା, ଜିଲ୍ଲା ସଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା,ଏନ୍ ଏ ସି ସଭାପତି ଉପେନ୍ଦ୍ର ବେହେରା, ନିରଞ୍ଜନ ବେହେରା, ଜୟନ୍ତ ଦାସ, ଚୈତନ୍ୟ ନାୟକ, ପିତାମ୍ବର ସିଂ, ବିଦ୍ୟାଧର ମହାନ୍ତି, କିଷାନ କଂଗ୍ରେସ ର ଏନ୍ ଏ ସି ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତି, ଉମାକାନ୍ତ ବୁଗୁଡ଼ାଇ, ଦଇତାରୀ ମହାଲିକ, ମଧୁସୂଦନ ପାତ୍ର, ଦିବ୍ୟରଞ୍ଜନ ଦାସ, ଅଶ୍ୱିନୀ ଦାସ, ଅଶ୍ୱିନୀ ପାତ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ବାସନ୍ତୀ ଦାସଙ୍କ ସ୍ମୃତି ଚାରଣ କରିଥିଲେ । ଅନ୍ୟ ପକ୍ଷରେ ତାଙ୍କ ବାସ ଭବନ ରେ ମଧ୍ୟ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରା ଯାଇଥିଲା । ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ବିଜେଡି ନେତା ଗଙ୍ଗାଧର ମିଶ୍ର ପ୍ରମୁଖ ବାସଭବନରେ ପହଞ୍ଚି ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ।

## ଟିପିଏନ୍‌ଓଡିଏଲ୍ ତରଫରୁ ଉପଭୋକ୍ତା ପୁରସ୍କାର ଯୋଜନାର ଶୁଭାରମ୍ଭ




**ବାଲେଶ୍ୱର, ୮।୮ (ସମିସ):** ବିଦ୍ୟୁତ ବିତରଣ କ୍ଷେତ୍ରରେ ପରିଚାଳନା ଉତ୍କର୍ଷତା ଏବଂ ଉପଭୋକ୍ତା ସନ୍ତୁଷ୍ଟି ଦିଗରେ "ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ବହୁବିଧ କାର୍ଯ୍ୟକ୍ରମ ଜାରି ରହିଛି । ଏହି କ୍ରମରେ ଉପଭୋକ୍ତାମାନଙ୍କ ସହ ସମ୍ପର୍କକୁ ଆହୁରି ନିବିଡ଼ କରିବା ଏବଂ ସେମାନଙ୍କୁ ଅଧିକ ମୂଲ୍ୟଯୁକ୍ତ ସେବା ପ୍ରଦାନ କରିବା ଲକ୍ଷ୍ୟରେ ସଂସ୍ଥା ତରଫରୁ ଉପଭୋକ୍ତା ପୁରସ୍କାର ଯୋଜନାର ଶୁଭାରମ୍ଭ ହୋଇଛି । ଏହି ଅବସରରେ ଆଞ୍ଚଳିକ ଓ ଜାତୀୟ ସ୍ତରର ବିଭିନ୍ନ ବ୍ୟବସାୟିକ ଉଦ୍ୟୋଗ ତଥା ବ୍ରାଣ୍ଡ ମାନଙ୍କ ସହ ଟିପିଏନ୍‌ଓଡିଏଲ୍ ହାତ ମିଳାଇଛି । ଯାହାଦ୍ୱାରା ଉପଭୋକ୍ତାମାନେ ଜୀବନ ଶୈଳୀ, ହୋଟେଲ ଓ ଆତିଥେୟତା, ସ୍ୱାସ୍ଥ୍ୟ କଲ୍ୟାଣ ଏବଂ ରିଟେଲ କ୍ଷେତ୍ରରେ ସ୍ୱତନ୍ତ୍ର ରିହାତିର ଲାଭ ଉଠାଇପାରିବେ । ପ୍ରମୁଖ ଆଞ୍ଚଳିକ ଭାଗିଦାରୀ ମଧ୍ୟରେ ବାଲେଶ୍ୱରର ହୋଟେଲ ନୋସି ରେସିଡେନ୍ସି ଓ ହୋଟେଲ ନୀଳାଦ୍ରି ଇନ୍, ଯାଜପୁରର ହୋଟେଲ ଡିଉ ପ୍ଲାଜା ଓ ହୋଟେଲ ବ୍ରାହ୍ମଣୀ ଏବଂ ଭଦ୍ରକର ହୋଟେଲ ଅତିଥି ଭଳି ଜଣାଶୁଣା ହୋଟେଲସମୂହ ସାମିଲ ଅଛନ୍ତି । ଏହାସହିତ ମନୋରଞ୍ଜନ ଓ ୱେଲନେସ କ୍ଷେତ୍ରରେ ଭୁବନେଶ୍ୱରର ୱାଣ୍ଡରଲା ଆମ୍ୟୁଜମେଣ୍ଟ ପାର୍କ, ବାଲେଶ୍ୱରର ପଦ୍ମାବତୀ ୱାଟର ପାର୍କ ଆଣ୍ଡ ରିସୋର୍ଟ ଏବଂ ଭଦ୍ରକର ଭିଭିଡ ୟୁନିସେକ୍ସ ସେଲୁନ୍ ଆଣ୍ଡ ସ୍ପା ତଥା ଆବସୋଲ୍ୟୁଟ ଫିଟନେସ ଏହି ପୁରସ୍କାର ଯୋଜନାରେ ଯୋଡି ହୋଇଛନ୍ତି । ଅପରପକ୍ଷରେ, ଜୋଜୋଡେ ପରି ଇ-ସେବା ପ୍ଲାଟଫର୍ମର ସାମିଲ ଦ୍ୱାରା ଉପଭୋକ୍ତାମାନେ ପୋଷାକ, କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ, ଭ୍ରମଣ, ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରର ପ୍ରସିଦ୍ଧ ଜାତୀୟ ବ୍ରାଣ୍ଡଗୁଡ଼ିକର ମଧ୍ୟ ବିଭିନ୍ନ ରିହାତି ପାଇପାରିବେ । ଏହି ପୁରସ୍କାର ଯୋଜନା ଉଦଘାଟନ କାର୍ଯ୍ୟକ୍ରମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏନ୍‌ଓଡିଏଲ୍ ଦୁଷ୍ୟନ୍ତ କୁମାର ତ୍ୟାଗୀ ଏବଂ ସଞ୍ଜୀବ ଗୁପ୍ତା, ସିଏଫଓ, ଟାଟା ପାୱାର ସଞ୍ଚାରଣ ଓ ବିତରଣ କ୍ଲଷ୍ଟରଙ୍କ ସମେତ ସଂସ୍ଥାର ବରିଷ୍ଠ ଅଧିକାରୀ ତଥା ବ୍ୟାବସାୟିକ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଛି ।

## ଜିଲ୍ଲାସ୍ତରୀୟ ନିଶାମୁକ୍ତ ଅଭିଯାନ ପ୍ରତିଯୋଗିତା



**ବାଲେଶ୍ୱର, ୮।୮ (ସମିସ):** ମୋ ଭାରତ ଯୁବ କେନ୍ଦ୍ର ଦ୍ୱାରା ଜିଲ୍ଲା ସ୍ତରୀୟ ନିଶା ମୁକ୍ତ ଅଭିଯାନ ପ୍ରତିଯୋଗିତା ଜିଲ୍ଲା ଯୁବ ଅଧିକାରୀ ଫୁଆଦ ମହମ୍ମଦଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହେଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ ଯୋଗଦାନ କରି ଉଦବୋଧନ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଚିନ୍ମୟ ମିଶନ ମୁଖ୍ୟ ସ୍ୱାମୀ ବ୍ରହ୍ମଚାରୀ ଅଗସ୍ତ୍ୟ ଚୈତନ୍ୟ, ଅନ୍ୟତମ ବକ୍ତା ଭାବେ ଫକୀରମୋହନ କଲେଜ ଅଧ୍ୟକ୍ଷ ଡା ଫିରୋଜ ପାଢ଼ୀ ଯୋଗ ଦାନ କରି ନିଶାରୁ କିପରି ଦୂରେଇବେ ସେବିଷୟରେ ଆଲୋକପାତ କରିଥିଲେ । ମୋ ଭାରତ ହିସାବ ରକ୍ଷକ ଅଧିକାରୀ ଅମୀରନ ରାଉତ, ମୋ ଭାରତ କେନ୍ଦ୍ର ଯୁବ ସ୍ୱେଚ୍ଛାସେବୀ ଓ ପ୍ରୋଗ୍ରାମ କୋର୍ଡିନେଟର ବିକ୍ରମ ବାରିକ କାର୍ଯ୍ୟକ୍ରମ ସୁଚାରୁରୂପେ ତୁଲେଇଥିଲେ । ଏହି ନିଶା ମୁକ୍ତ ଅଭିଯାନରେ ଦଳଗତ ନୃତ୍ୟ, ଦଳଗତ ସଂଗୀତ, ଦଳଗତ ନାଟକ, ଚିତ୍ରାଙ୍କନ, କବିତା, ରିଲସ୍, ଭାଷଣ, ସ୍ଲୋଗାନ ପ୍ରତିଯୋଗିତା ହୋଇଥିଲା । ଜିଲ୍ଲାସ୍ତରରେ ପ୍ରଥମ ସ୍ଥାନ ଅଧିକାରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ମୋ ଭାରତ ଯୁବ କେନ୍ଦ୍ର ତରଫରୁ ସୂଚନା ଦିଆଯାଇଛି । ମୋ ଭାରତ ସ୍ୱେଚ୍ଛାସେବୀ ଅଭିଜିତ ବେହେରା, ପ୍ରିୟଙ୍କା ଦାସ, ଜୟସ୍ମିତା ବେହେରା, ବିଭୁତି ଭୂଷଣ ତ୍ରିପାଠୀ, ଆଲୋକ ସିଂ, ଦୀପଶିଖା ଘଡେଇ, ଅର୍ପଣ କ୍ରିଷ୍ଣା ଦେ, ଦେବାଶିଷ ଦେ, ଶୁଭଲକ୍ଷ୍ମୀ ପରିଡା, ଗାୟତ୍ରୀ ବାରିକ ପ୍ରମୁଖ ଯୋଗ ଦେଇଥିଲେ ।

## ଅଧିକାର ପାଇଲେ ୩ ଯୋଗ୍ୟ ହିତାଧିକାରୀ



**ବାଲିଆପାଳ, ୮।୮ (ସମିସ):** ସରକାରୀ ଯୋଜନାରୁ ବଞ୍ଚିତ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ସରକାରୀ ସୁବିଧା ଯୋଗାଇଦେବା ଦିଗରେ ବାଲିଆପାଳ ପ୍ରଶାସନ ଓ ସ୍ୱେଚ୍ଛାସେବୀଙ୍କ ମିଳିତ ପ୍ରୟାସରେ ତିନି ଜଣ ଯୋଗ୍ୟ ହିତାଧିକାରୀ ନିଜ ଅଧିକାର ପାଇଛନ୍ତି । ସାମାଜିକ ସଂଗଠନ 'ଆମ ଅଧିକାର ଫାଉଣ୍ଡେସନ' ପକ୍ଷରୁ ହୋଇଥିବା ଅଭିଯୋଗ ଓ ନିରନ୍ତର ପ୍ରୟାସ ପରେ ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା । ଫଳସ୍ୱରୂପ ଯୋଗ୍ୟ ହିତାଧିକାରୀ ଭାବେ ଜଗତିପୁର ପଞ୍ଚାୟତ ଭିକାଗଡ଼ିଆ ଗ୍ରାମର ବାସନ୍ତୀ ପଡ଼ିଆରୀଙ୍କୁ ରାସନ କାର୍ଡ ପରେ ଭିନ୍ନକ୍ଷମ ପ୍ରମାଣପତ୍ର, ଭିନ୍ନକ୍ଷମ ଭତ୍ତା ଓ ହୁଇଲଚେୟାର ଭଳି ସରକାରୀ ସହାୟତା ମିଳିଛି । ସେହିପରି ବଣିଆଡିହା ପଞ୍ଚାୟତର ଜଳେଶ୍ୱରପୁର ଗ୍ରାମର ଭିନ୍ନକ୍ଷମ ମଣ୍ଟୁ ଦାସ ଙ୍କୁ ଏକ ହୁଇଲ ଚେୟାର ଏବଂ ବାଲିକୁଟି ପଞ୍ଚାୟତ କେଶୁଡିହା ଗ୍ରାମର ସ୍ୱାମୀ ପରିତ୍ୟକ୍ତା ମହିଳା ସନ୍ଧ୍ୟା ସିଂଙ୍କୁ ରାସନ କାର୍ଡ ପ୍ରଦାନ କରାଯାଇଛି । ବାଲିଆପାଳ ବ୍ଲକର ବିଡିଓ ରାଧା ରଞ୍ଜନ ଦାସ, ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣା ଓ ଜିପିଡିଓ ପ୍ରିୟବ୍ରତ ଗିରି ପ୍ରମୁଖ ତୃଣମୂଳ ସ୍ତରକୁ ଆସି ହିତାଧିକାରୀଙ୍କୁ ନିଜେ ସହାୟତା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଶାସନକୁ ଯୋଗାଣ ବିଭାଗର ଡିଇଓ ଗୌତମ ନାୟକ, ସାମାଜିକ ସଂଗଠନର ସଦସ୍ୟ ରାଜକିଶୋର ପାତ୍ର, ପ୍ରିୟନାଥ ମୁର୍ମୁ, ଅମର ପଟ୍ଟାୟତ, ଭବେଶ ମଣ୍ଡଳ ଓ ବିରଞ୍ଚି ନାରାୟଣ ପାତ୍ର ପ୍ରମୁଖ ସହଯୋଗ କରିଥିଲେ । ଯୋଗ୍ୟ ବ୍ୟକ୍ତିଙ୍କ ପାଖରେ ସରକାରୀ ଯୋଜନାର ସୁବିଧା ପହଞ୍ଚିବା ହିଁ ପ୍ରକୃତ ଜନସେବା ବୋଲି ଆମ ଅଧିକାର ଫାଉଣ୍ଡେସନ ପକ୍ଷରୁ କୁହାଯାଇଛି । ଏଥିପାଇଁ ବାଲିଆପାଳ ପ୍ରଶାସନ ଓ ସମସ୍ତ ସହଯୋଗୀଙ୍କୁ ସଂଗଠନ ପକ୍ଷରୁ ହୃଦୟରୁ କୃତଜ୍ଞତା ଜଣାଯାଇଛି ।

## ବାଲେଶ୍ୱର ସଦର ଠିକାଦାର ସଂଘର କର୍ମକର୍ତ୍ତା ଚୟନ




**ବାଲେଶ୍ୱର, ୮।୮ (ସମିସ):** ସଦର ଠିକାଦାର ସଂଘର କର୍ମକର୍ତ୍ତା ଚୟନ ସ୍ଥାନୀୟ ଷ୍ଟେସନ୍ କ୍ଲବ୍ ପରିସରରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସଦସ୍ୟ ମାନଙ୍କ ମଧ୍ୟରେ ସହମତି ଭିତ୍ତିରେ କାର୍ଯ୍ୟକର୍ତ୍ତା ଚୟନ କରଯାଇଛି । ସଭାପତି ଭାବେ ରଞ୍ଜିତ କୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି ଭାବେ ଦିଲ୍ଲୀପ କୁମାର ମହାନ୍ତି, ସଧାରଣ ସମ୍ପାଦକ ଭାବେ ସମ୍ୟରଞ୍ଜନ ପାଣିଗ୍ରାହୀ ମନୋନୀତ ହୋଇଛନ୍ତି । ସେହିପରି ଯୁଗ୍ମ ସମ୍ପାଦକ ଭାବେ ବିକ୍ରମ ମହାନ୍ତି ଏବଂ ଜଗନ୍ନାଥ ପାଣିଗ୍ରାହୀ , କୋଷାଧ୍ୟକ୍ଷ ରବିନାରାୟଣ ପାଣିଗ୍ରାହୀ ଓ ଗଣମାଧ୍ୟମ ସଂଯୋଜକ ଭାବେ ରାଜକିଶୋର ପ୍ରଧାନ ଚୟନ ହୋଇଛନ୍ତି । କାର୍ଯ୍ୟକାରୀ ସଦସ୍ୟ ଭାବେ ପ୍ରଭାକର ଜେନା, ମନୋରଞ୍ଜନ ସେଠୀ, ଅମିତ୍ ଦାସ ଦିନେଶ ନାୟକ, ଉମାଶଙ୍କର ତିଆଡ଼ି, ସରୋଜ କୁମାର ଜେନା, ହରି ମଲ୍ଲିକ ପ୍ରମୁଖ ମନୋନୀତ ହୋଇଛନ୍ତି । ଏକ୍ସନ କମିଟିରେ ଆଶିଷ ମହାପାତ୍ର, ଗୌତମ ପ୍ରଧାନ, ଆଶିଷ ସାହୁ, ନିଖିଲ ବେହେରା, ସ୍ମୃତି ରଞ୍ଜନ ମହାନ୍ତି, ଭବାନୀ ଶଙ୍କର ମହାପାତ୍ର ପ୍ରମୁଖ ସ୍ଥାନ ପାଇଛନ୍ତି । କମିଟିରେ ପରାମର୍ଶଦାତା ଭାବେ ବରିଷ୍ଠ ମାନଙ୍କୁ ସ୍ଥାନ ମିଳିଛି । ସୀତାକାନ୍ତ ସ୍ୱାଇଁ, ଲୋକନାଥ ଭୂୟାଁ, ଅଞ୍ଜନ ସାମଲ, ସୂର୍ଯ୍ୟକାନ୍ତ ପ୍ରଧାନ, ଅନନ୍ତ ନାୟକ, ଦେବନ୍ଦ ପାଣିଗ୍ରାହି ପ୍ରମୁଖଙ୍କୁ ଦାୟିତ୍ୱ ମିଳିଛି । ଠିକାଦାର ମାନଙ୍କ ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ଦିଗରେ ଏହି କମିଟି କାର୍ଯ୍ୟ କରିବ ବୋଲି କର୍ମକର୍ତ୍ତା ମାନେ ମତବ୍ୟକ୍ତ କରିଥିଲେ ।

### ଆଦିବାସୀ ପରିବାରକୁ ଘର ଡିହ ମିଳିବ କେବେ

# ବନ୍ୟା ପରେ ବେସାହାରା ବିରୁ ଓ ଚୁମକି ମାଝୀ

**ବାଲେଶ୍ୱର, ୮।୮ (ସମିସ)**

ଲଘୁଚାପ ଜନିତ ବର୍ଷା ଓ ବନ୍ୟା ପରେ ଲୋକଙ୍କ ଦୁଃଖ ଓ ଦୁର୍ଦ୍ଦଶା ବୃଦ୍ଧି ପାଇଛି । ଏପରିକି ଅସହାୟ ଆଦିବାସୀ ପରିବାର ଗୁଡିକର ଦୁଃଖ ଓ ଦୁର୍ଦ୍ଦଶାକୁ ବହୁଗୁଣ ରେ ବଢ଼ାଇ ଦେଇଛି । ରେମୁଣା ନିର୍ବାଚନ ମଣ୍ଡଳୀର ଦହପଡା ପଂଚାୟତ ର ବନ୍ଧ ସାହି ପାଶ୍ୱର୍ ରେ ବୁଢା ବଳଙ୍ଗ ନଦୀ ପ୍ରବାହିତ ହେଉଥିବା ବେଳେ ଦୀର୍ଘ ୬୦ବର୍ଷ ହେଲା ବନ୍ଧସାହି ର ନଦୀ ବନ୍ଧ ର ପଶ୍ଚିମ ପାଶ୍ୱର୍ ଓ ପୂର୍ବ ପାଶ୍ୱର୍ରେ ତିରିଶଟି ଆଦିବାସୀ ପରିବାର ଝାଟି ମାଟି ଘର କରି ବନ୍ଧ ତଳେ ବସ ବାସ କରିଆସୁଛନ୍ତି । ଏହି ଆଦିବାସୀ ପରିବାର ଗୁଡିକ ମୁଖ୍ୟତଃ ମୟୁରଭଞ୍ଜ ଜିଲ୍ଲାର ଉଦଳା, କହେଁଇବନ୍ଧ, ବଡ଼ସାହି,ଖୁଣ୍ଟା, ମାଣତ୍ରୀ ବହଳଦା ଅଂଚଳରୁ କାହିଁ କେଉଁ ଅମଳରୁ ଆସି ରହୁଛନ୍ତି । ସେମାନଙ୍କ ମଧ୍ୟରୁ ବିରୁ ମାଝୀ ଅନ୍ୟତମ । ବୟସ ତାଙ୍କର ୫୪ ବର୍ଷ । ତାଙ୍କ ବାପା କନେହିଁ ବନ୍ଧର ପୈତୃକ ଭିଟା ମାଟି ଛାଡି ଇଟା ତିଆରି ପାଇଁ ଆସିଥିଲେ । ସେବେ ଠାରୁ ବିରୁ ରହି ଆସୁଛନ୍ତି । ତାଙ୍କ ଜନ୍ମ ମଧ୍ୟ ବନ୍ଧ ସାହିରେ । ବହଳଦା ବ୍ଲକ ର ଖୁଣ୍ଟା ଗାଁରୁ ସେ ଚୁମକି ମାଝୀ ଙ୍କୁ ବିବାହ କରି ଏବେ ତିନୋଟି ପିଲାଙ୍କ ବାପା । ବୃତ୍ତି କହିଲେ ମୁଲିଆ କାମ କରନ୍ତି । ଇଟା ଲୋଡ କରିବା, ବାଲି ଲୋଡ଼ କରିବା ଠାରୁ ଆରମ୍ଭ କରି ବାଡ଼ ବୁଜିବା କାମ କରନ୍ତି । କାମକୁ ଗଲେ ତିନିଶହରୁ କିଛି ଅଧିକ ପାରିଶ୍ରମିକ ମିଳେ । ପତ୍ନୀ ଚୁମକି ବିବାହ ପରେ କାମ କରୁଥିଲେ । ଏବେ ତିନୋଟି ପିଲାଙ୍କୁ ସେ ସମ୍ଭାଳୁଛନ୍ତି । ମାତ୍ର ଏଗାର ଦିନ ପୂର୍ବେ ବର୍ଷା ଓ ବନ୍ୟା ଆସିବା ପରେ ସେ କାମ କୁ ଯାଇ ନାହାନ୍ତି । ପ୍ରବଳ ବନ୍ୟା ଯୋଗୁଁ ନଦୀ ବନ୍ଧ ତଳେ ଥିବା ତାଙ୍କର ଝାଟି ମାଟି ଘର ର କାନ୍ଥ ଭାଙ୍ଗିବା ପୂର୍ବରୁ ସେମାନେ ନଦୀ ବନ୍ଧ ଉପରକୁ ପରିବାର ସହ ପଳାଇ ଆସି ପଲିଥିନ ତଳେ ରହୁଥିଲେ । ସରକାରୀ ବାବୁ ମାନେ ବନ୍ୟାର ଦୁଇ ଦିନ ପରେ ବସ୍ତିରେ ମୁଡିବାଣ୍ଟି ଥିଲେ । ଆଉ ତିନି ଫୁଟ ଉଚ୍ଚତା ର ବନ୍ୟଜଳ ଆସିଥିଲେ ନଦୀ ବନ୍ଧ ଉପରେ ବନ୍ୟା ଜଳ ପ୍ରବାହିତ ହୋଇଥାନ୍ତା ବୋଲି ଚୁମକି ମାଝୀ କହିଛନ୍ତି । ଉଭୟ କିଛି ଟଙ୍କା ସଂଚୟ କରି ରଖିଥିଲେ । ବନ୍ୟା ଜଳ ଛାଡିବା ପରେ ଆଜବେଷ୍ଟସ, ସିମେଣ୍ଟ ଖୁଣ୍ଟ କିଣି ଘରକୁ ସଜାଡୁଛନ୍ତି । ବ୍ୟାଙ୍କ କି ଡାକ ଘରେ ତାଙ୍କର କୌଣସି ଆକାଉଣ୍ଟ ନାହିଁ । ଘରେ ସଂଚିତ ଅର୍ଥ ରଖନ୍ତି । ଅନେକ ଥର ସରପଞ୍ଚ ଙ୍କୁ ଭେଟି ସେ ଭୂମି ହୀନ ହୋଇଥିବାରୁ ତାଙ୍କୁ ରାଜ୍ୟ ସରକାର ଙ୍କ ଯେ କୌଣସି ଯୋଜନା ର ଦୁଇ ଡ଼ିସିମିଲ ଜମି ପଟ୍ଟା ଦେବାକୁ ଅନେକ ଥର କହିଛନ୍ତି ହେଲେ ଫଳ ଶୂନ । ତେବେ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।



## ଅବହେଳିତ ବଡ଼ଜୋଡ଼ ବନସ୍ଥଳୀ ବିଦ୍ୟାପୀଠ

# ୨ ଶିକ୍ଷକଙ୍କ ଭରସାରେ ୯୪ ଆଦିବାସୀ ଛାତ୍ରଛାତ୍ରୀ

ବେତନଟୀ, ୮।୮ (ସମିସ): ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷା, ବିଦ୍ୟାଳୟ ରୂପାନ୍ତରଣ ଓ ଆଦିବାସୀ କଲ୍ୟାଣ ପାଇଁ କୋଟି କୋଟି ଟଙ୍କାର ପ୍ରଚାର କରୁଥିବାବେଳେ ଗ୍ରାଉଣ୍ଡ ଜିରୋର ବାସ୍ତବତା ଅତ୍ୟନ୍ତ ନିରାଶାଜନକ। ମୟୂରଭଞ୍ଜ ଜିଲ୍ଲା ବାରିପଦା ବ୍ଲକ ତଥା ବେତନଟୀ ଥାନା ଅନ୍ତର୍ଗତ ବଡ଼ଜୋଡ଼ସ୍ଥ ବନସ୍ଥଳୀ ବିଦ୍ୟାପୀଠରେ ଏବେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ବିଦ୍ୟାଳୟର ସଙ୍କଟଜନକ ସ୍ଥିତି ଦେଖି ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିଜକୁ ନିର୍ଜନ ଦ୍ୱୀପର ଏକାକୀ ରାଜା ବୋଲି ଅଭିହିତ କରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପତ୍ର ଲେଖିବା ଶିକ୍ଷା ବିଭାଗର ଆନ୍ତରିକତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।




୧୯୮୧ରେ ସ୍ଥାପିତ ଏହି ପୂର୍ଣ୍ଣ ଅନୁଦାନପ୍ରାପ୍ତ ହାଇସ୍କୁଲରେ ସରକାରୀ ନିୟମାନୁସାରେ ୮ ଜଣ ଶିକ୍ଷକ ପଦବୀ ମଞ୍ଜୁରୀପ୍ରାପ୍ତ ରହିଛି। ବର୍ତ୍ତମାନ ଏଠାରେ କେବଳ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ବେହେରା ଓ ଖେଳ ଶିକ୍ଷକ ନଳିନୀ ସେନାପତିଙ୍କୁ ମିଶାଇ ମାତ୍ର ୨ ଜଣ ସରକାରୀ ଶିକ୍ଷକ ଅଛନ୍ତି। ଗଣିତ, ବିଜ୍ଞାନ, ଇଂରାଜୀ, ସାହିତ୍ୟ, ସଂସ୍କୃତ, ହିନ୍ଦୀ ଓ ସାମାଜିକ ବିଜ୍ଞାନ ଭଳି ପ୍ରମୁଖ ବିଷୟ ପଢ଼ାଇବା ପାଇଁ ଜଣେ ହେଲେ ବି ବିଷୟଗତ ଶିକ୍ଷକ ନାହାନ୍ତି। ୨୦୨୭ ଏପ୍ରିଲରେ ପ୍ରଧାନଶିକ୍ଷକ ଅବସର ନେବା ପରେ ବିଦ୍ୟାଳୟର ସ୍ଥିତି ଆହୁରି ସଙ୍ଗୀନ ହୋଇପଡ଼ିବ। ସ୍ଥାନୀୟ ଗ୍ରାମବାସୀ ଓ ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ସରକାର ନିୟମିତ ଶିକ୍ଷକ ନିଯୁକ୍ତି ନ ଦେଇ ପ୍ରଥମେ ଅତିଥି ଶିକ୍ଷକଙ୍କ ଦ୍ୱାରା କାମ ଚଳାଉଥିଲେ। ପରବର୍ତ୍ତୀ ସମୟରେ ସେହି ବ୍ୟବସ୍ଥାକୁ ମଧ୍ୟ ବନ୍ଦ କରିଦିଆଗଲା। ୨୦୨୬ ଜୁନ୍‌ରେ ପ୍ରଧାନଶିକ୍ଷକ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପତ୍ର ସଂଖ୍ୟା ୩୫ ମାଧ୍ୟମରେ ଗୁହାରି କରିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନାହିଁ। ସରକାରଙ୍କ ଏହି ଭୁଲ୍ ନୀତି ଓ ଦାୟିତ୍ୱହୀନତା ଯୋଗୁଁ ଗ୍ରାମାଞ୍ଚଳର କୋମଳମତି ଶିଶୁଙ୍କ ମୌଳିକ ଶିକ୍ଷା ଅଧିକାର ବା ଆରଟିଇ କ୍ଷୁଣ୍ଣ ହେଉଛି।

ବର୍ତ୍ତମାନ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀରେ ୯୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଯେଉଁଥିରେ ୮୮ ଜଣ ଆଦିବାସୀ ଏସଟି/ଏସସି ବର୍ଗର ୭୬ ଜଣ ବାଳିକା ଓ ୨୭ ଜଣ ବାଳକ ରହିଛନ୍ତି। ବିଦ୍ୟାଳୟ ପରିସରରେ ୧୬୦ ଶଯ୍ୟା ବିଶିଷ୍ଟ ଏକ ଏସ୍‌ଟି ଛାତ୍ରାବାସ ମଧ୍ୟ ରହିଛି। ପ୍ରଶାସନିକ କାର୍ଯ୍ୟ, ରିପୋର୍ଟ ପ୍ରଦାନ ଓ ପାଠପଢ଼ା ଏକାସଙ୍ଗେ ସମ୍ଭାଳିବା ଜଣେ ମାତ୍ର ପ୍ରଧାନଶିକ୍ଷକଙ୍କ ପାଇଁ ଅସମ୍ଭବ ହୋଇପଡ଼ିଛି। ତେବେ ସରକାରୀ ଉଦାସୀନତା ସତ୍ତ୍ୱେ କୋମଳମତି ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେବା ଦେଖି ବିଦ୍ୟାଳୟର ୪ ଜଣ ଅବସରପ୍ରାପ୍ତ ଶିକ୍ଷକ ପିଲାଙ୍କ ଭବିଷ୍ୟତ ରକ୍ଷା ପାଇଁ ମାନବିକତା ଦୃଷ୍ଟିରୁ ବିନା ବେତନରେ ସେବା ଯୋଗାଉଛନ୍ତି। ଅବସରପ୍ରାପ୍ତ ଶିକ୍ଷକ ପରେଶ ଚନ୍ଦ୍ର ଗିରି, ନିର୍ମଳ କୁମାର ଘୋଷ, ସନ୍ତୋଷ କୁମାର ଗିରି ଓ ଜନ୍ମେଜୟ ପଣ୍ଡା ନିଜକୁ ନିୟୋଜିତ କରିଛନ୍ତି। ଗୋଟିଏ ପଟେ ସରକାର ଗୁଣାତ୍ମକ ଶିକ୍ଷା ଓ ଶିକ୍ଷାନୁଷ୍ଠାନର ବିକାଶ ପାଇଁ କୋଟି କୋଟି ଟଙ୍କାର ପ୍ରଚାର କରୁଛନ୍ତି, ଅନ୍ୟପଟେ ବନସ୍ଥଳୀ ବିଦ୍ୟାପୀଠ ଭଳି ସଫଳ ବିଦ୍ୟାଳୟରେ ଶିକ୍ଷକ ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଅବସରପ୍ରାପ୍ତ ଶିକ୍ଷକଙ୍କ ମାନବିକତା ସାମୟିକ ଭାବେ ଶିକ୍ଷାଦାନ ବଜାୟ ରଖିଛି ସତ, ଏହା ଦୀର୍ଘସ୍ଥାୟୀ ସମାଧାନ ନୁହେଁ। ତେଣୁ ପ୍ରଶାସନ ଓ ଗଣଶିକ୍ଷା ବିଭାଗ ତୁରନ୍ତ କୁମ୍ଭକର୍ଣ୍ଣ ନିଦ୍ରାରୁ ଜାଗ୍ରତ ହୋଇ ଏଠାରେ ନିୟମିତ ଶିକ୍ଷକ ନିଯୁକ୍ତି ନ ଦେଲେ ଆଦିବାସୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନଷ୍ଟ ହେବା ନିଶ୍ଚିତ ବୋଲି ବୁଦ୍ଧିଜୀବୀ ମତ ରଖିଛନ୍ତି।

## ଜୁଡପଡ଼ାରେ ହାତୀ ଆତଙ୍କ



ରାସଗୋବିନ୍ଦପୁର, ୮।୮ (ସମିସ): ରାସଗୋବିନ୍ଦପୁର ଅଞ୍ଚଳରେ ହାତୀଙ୍କ ଉପଦ୍ରବ ଥମିବାର ନାଁ ଧରୁନାହିଁ। ହାତୀ ଆକ୍ରମଣରେ ବଣକାଠି ଅନ୍ତର୍ଗତ ଜୁଡପଡ଼ା ଗ୍ରାମର ଜଣେ ମହିଳାଙ୍କ ଘର ଭାଙ୍ଗିଥିବା ଜଣାପଡ଼ିଛି। ଗ୍ରାମର ଗୁରୁବାରି ମୁର୍ମୁ, ସ୍ୱାମୀ ଲାଠିଆ ମୁର୍ମୁଙ୍କ ଘରକୁ ହାତୀ ଭାଙ୍ଗି ଦେଇଛି। ଘଟଣା ସମୟରେ ପରିବାର ଲୋକେ ଭୟଭୀତ ହୋଇପଡ଼ିଥିଲେ। ତେବେ ଘର ଭାଙ୍ଗିବା ଯୋଗୁଁ ପରିବାରଟି ବହୁ କ୍ଷତିଗ୍ରସ୍ତ ହୋଇଛନ୍ତି। ହାତୀ ଉପଦ୍ରବ ଯୋଗୁଁ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ଲାଗି ରହିଛି। କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସରକାରୀ ସହାୟତା ଓ କ୍ଷତିପୂରଣ ଯୋଗାଇଦେବା ସହ ହାତୀଙ୍କୁ ଗାଁଠାରୁ ଦୂରେଇବା ପାଇଁ ବନ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବର୍ଷାରେ ଭାଙ୍ଗିଲା ଘର, ବେସାହାରା ବାସନ୍ତୀ

ରାସଗୋବିନ୍ଦପୁର, ୮।୮ (ସମିସ): ଲଘୁଚାପଜନିତ ପ୍ରବଳ ବର୍ଷାରେ ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ସାରୁମୂଳା ପଞ୍ଚାୟତର ପାରୁଳିଆ ଗ୍ରାମରେ ଜଣେ ଗରିବ ପରିବାରର ଚାଳଛପର ଘର ଭାଙ୍ଗି ପଡ଼ିଛି। ଫଳରେ ପରିବାରଟି ଏବେ ଅସୁବିଧାରେ ଦିନ କାଟୁଛନ୍ତି। ଗ୍ରାମର ବାସନ୍ତୀ ହାଁସଦା, ସ୍ୱାମୀ ବିକ୍ରମ ହାଁସଦାଙ୍କ ପରିବାର ଅର୍ଥାଭାବ ଯୋଗୁଁ ଦୀର୍ଘଦିନ ଧରି ନିଜ ଚାଳଛପର ଘରର ମରାମତି କରି ପାରି ନ ଥିଲେ। ଲଗାଣ ବର୍ଷା ଯୋଗୁଁ ଘରର ଛପର ଦେଇ ବର୍ଷା ପାଣି ଭିତରକୁ ପଶିଥିଲା। ପାଣିର ପ୍ରଭାବରେ ଘରର କାନ୍ଥ ଭାଙ୍ଗିଯିବା ପରେ ପରିବାରର ରହିବା ନେଇ ଚିନ୍ତା ବଢ଼ିଛି। ବର୍ଷା ଲାଗିରହିଥିବାରୁ ଅବଶିଷ୍ଟ ଘର ମଧ୍ୟ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ଅର୍ଥାଭାବରେ ଘର ମରାମତି କରିବା ପରିବାର ପାଇଁ ସମ୍ଭବ ହେଉନଥିବାରୁ ସରକାରୀ ସହାୟତା ଯୋଗାଇଦେବାକୁ ପରିବାର ପକ୍ଷରୁ ଦାବି ହୋଇଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରି କ୍ଷୟକ୍ଷତି ଆକଳନ ସହ ଆବଶ୍ୟକ ସହାୟତା ଯୋଗାଇଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି। ମୟୂରଭଞ୍ଜରେ ସମ୍ପ୍ରତି ପ୍ରବଳ ବର୍ଷା ନେଇ ସତର୍କତା ଜାରି ରହିଥିବାରୁ ଦୁର୍ବଳ ଓ ଚାଳଛପର ଘରେ ରହୁଥିବା ପରିବାରଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି।




## ସାପ କାମୁଡ଼ାରେ ପୂର୍ବତନ ୱାର୍ଡ ସଭ୍ୟାଙ୍କ ମୃତ୍ୟୁ

କୁଳିଅଣା, ୮।୮ (ସମିସ), କୁଳିଅଣା ଥାନା ଅନ୍ତର୍ଗତ ଟମକିଆଶୋଳ ଗ୍ରାମର ପୂର୍ବତନ ୱାର୍ଡ ସଭ୍ୟା ସଞ୍ଜୁଲତା ନାଏକଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ସୂଚନା ମୁତାବକ ଜୁଲାଇ ୨୮ ତାରିଖ ରାତି ୩ ଟା ସମୟରେ ସଞ୍ଜୁ ଘର ବାହାରକୁ ଯାଇଥିଲେ। ଏହି ସମୟରେ ତାଙ୍କୁ ଏକ ଚନ୍ଦ୍ରବଡ଼ା ସାପ କାମୁଡ଼ି ଦେଇଥିଲା। ଏହା ଘରେ ଜଣାଇବାପରେ ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ବାରିପଦା ପିଆରଏମ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସା ପରେ ସ୍ୱାସ୍ଥ୍ୟବସ୍ଥାରେ ପରିବର୍ତ୍ତନ ନ ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ କାଲି ତାଙ୍କର ମୃତ୍ୟୁ ହୋଇଥିଲା। କଟକରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଶବ ଗ୍ରାମରେ ପହଞ୍ଚିବା ପରେ ରାତିରେ ଶବ ସତ୍କାର କରାଯାଇଥିଲା। ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



## ପ୍ରେସ୍ କ୍ଲବ୍ ପକ୍ଷରୁ ଚାରାରୋପଣ



କୁଆମରା, ୮।୮ (ସମିସ): ଗୋପବନ୍ଧୁନଗର ପ୍ରେସ୍ କ୍ଲବ୍ ପକ୍ଷରୁ ବନ ବିଭାଗ ସହଯୋଗରେ କୁଆମରା ଉଚ୍ଚବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶିଶିର କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ପିଜୁଳି, ଆତ, ଅଁଳା, ଅମୃତ ଭଣ୍ଡା ପ୍ରଭୃତି ଚାରା ରୋପଣ କରାଯାଇଥିଲା। ଅତିଥି ଭାବେ କୁଆମରା ବନପାଳ ଅବନୀ ଜେନା ଯୋଗଦେଇ ବୃକ୍ଷ ରୋପଣର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ପ୍ରେସ କ୍ଲବ୍ ସଭାପତି ନିମାଇଁ ପ୍ରସାଦ ଦାଶ, ଉପସଭାପତି ଚିତ୍ତରଞ୍ଜନ ଦଳେଇ, ସମ୍ପାଦକ ଡ କୁମାର ବାବୁଲି, ଶାନ୍ତନୁ କୁମାର ମହୁଆଳ, ଯୋଗେଶ୍ୱର ସାହୁ, ବିଶ୍ୱଜିତ ଦାଶ, ସମ୍ବିତ ରାଉତ, ଜୟନ୍ତ କୁମାର ସ, ସୂର୍ଯ୍ୟକାନ୍ତୀ ପୁହାଣ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ଶ୍ରୀମଦ୍ ଭଗବଦ୍ ଗୀତା ଆବୃତ୍ତି ପ୍ରତିଯୋଗିତା




ବାରିପଦା, ୮।୮ (ସମିସ): ମୟୂରଭଞ୍ଜର ଏକ ଅଗ୍ରଣୀ ଆଧ୍ୟାତ୍ମିକ ଅନୁଷ୍ଠାନ ଗୀତାବାଣୀ ପ୍ରଚାର ସଂଘ ଆନୁକୂଲ୍ୟରେ ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଶ୍ରୀମଦ୍ ଭଗବଦ୍ ଗୀତା ଆବୃତ୍ତି ପ୍ରତିଯୋଗିତା ସ୍ଥାନୀୟ ମହାରାଣୀ ପ୍ରେମ କୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭା କକ୍ଷରେ ସଂଘର ପ୍ରତିଷ୍ଠାତା ସଭାପତି ଡାକ୍ତର ପାର୍ଥ ସାରଥୀ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଶିଷ୍ଟ ଆଧ୍ୟାତ୍ମିକ ପ୍ରବାଚକ ଭାଗବତ ପଣ୍ଡା ଭଗବଦ୍ ଗୀତା ପାଠର ଉପାଦେୟତା ସମ୍ପର୍କରେ ଉଲ୍ଲେଖ କରି ଗୀତା ହିଁ ମାନବ ଜୀବନର ଏକମାତ୍ର ଆଧାର, ଯାହାକୁ ପାଥେୟ କରି ଜଣେ ମଣିଷ କିପରି ଜଣେ ଭଲ ମଣିଷ ହୋଇପାରିବ ବୋଲି ମତବ୍ୟକ୍ତ କରିବା ସହିତ ପ୍ରତିଯୋଗିତା ସମ୍ପର୍କରେ ନିୟମାବଳୀ ପ୍ରକାଶ କରିଥିଲେ।

ଉକ୍ତ ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମର ଏକଦଶ ଶ୍ରେଣୀ ଛାତ୍ରୀ ଅଞ୍ଜଳିକା ଦାଶ ପ୍ରଥମ, ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଏକାଦଶ ଶ୍ରେଣୀ ଛାତ୍ରୀ ହରିପ୍ରିୟା ମାହାର୍ଣ୍ଣା ଦ୍ୱିତୀୟ, ବିସିସି ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ଏକାଦଶ ଶ୍ରେଣୀ ଛାତ୍ରୀ ଗୀତାଞ୍ଜଳି ଧରମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି କନିଷ୍ଠ ବିଭାଗରେ ସାଇ ଆଦର୍ଶ ବିଦ୍ୟାମନ୍ଦିରର ନବମ ଶ୍ରେଣୀ ଛାତ୍ରୀ ତେଜସ୍ୱିନୀ ବେହେରା ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ମହାରାଣୀ ପ୍ରେମକୁମାରୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ନନ୍ଦିନୀ କର୍ମକାର ଦ୍ୱିତୀୟ ଓ ଶୁଭଶ୍ରୀ ଆବାସିକ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସ୍ନେହାଶିନୀ ବେହେରା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଡାକ୍ତର ପାର୍ଥସାରଥୀ ଜେନା ଓ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ସଂକର୍ଷଣ ତ୍ରିପାଠୀ ବିଚାରକ ଭାବେ ଯୋଗଦେଇ ପ୍ରତିଭାମାନଙ୍କ ମୂଲ୍ୟାୟନ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରତିଭା ପ୍ରମାଣ ପତ୍ର ସଂଘ ପକ୍ଷରୁ ପ୍ରଦାନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଆଗାମୀ ୧୫ ତାରିଖ ସନ୍ଧ୍ୟା ୬ ଘଟିକା ସମୟରେ ସହିଦ ସ୍ମୃତି ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ପୁରସ୍କାର ବିତରଣୀ ଉତ୍ସବରେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ। ଶେଷରେ ସଂଘର ସମ୍ପାଦକ ଭାଗବତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଆ ଭାଷା ସାହିତ୍ୟ କୁଇଜ୍ ପ୍ରତିଯୋଗିତା



ବାରିପଦା, ୮।୮ (ସମିସ), ୮୦ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନ ମାର୍ଗଦର୍ଶନରେ ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ମୟୂରଭଞ୍ଜ ସାହିତ୍ୟ ପରିଷଦ ଆନୁକୁଲ୍ୟରେ ଓଡ଼ିଆ ଭାଷା ସାହିତ୍ୟ କୁଇଜ୍ ପ୍ରତିଯୋଗିତା ବାରିପଦା ଏମପିକେ ବାଳିକା ଉଚ୍ଚବିଦ୍ୟାଳୟ ସଭାଗୃହରେ ଆୟୋଜିତ ହୋଇଯାଇଛି। ପ୍ରତିକୂଳ ପାଣିପାଗ ସତ୍ତ୍ୱେ, ସହର ସ୍ଥାନୀୟ ବିଦ୍ୟାଳୟ ଯଥା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତୁଳସୀଚଉରା, ସାଇ ବିଦ୍ୟା ମନ୍ଦିର କାଠପାଳ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରାଣୀଭୋଳ, ଏମକେସି ହାଇସ୍କୁଲ ବାରିପଦା, ସାଇ ଆଦର୍ଶ ଉଚ୍ଚ ବିଦ୍ୟାଳୟ, ସେଣ୍ଟ୍ ଜାଭିୟରସ୍ ହାଇସ୍କୁଲ୍ ଏବଂ ହରି ବଳଦେବ ଜୀଉ ଶିଶୁ ମନ୍ଦିର ବାରିପଦା ଆଦିର ୩୩ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତୁଳସୀଚଉରାର ୧୦ମ ଶ୍ରେଣୀ ଛାତ୍ର ଆନନ୍ଦ ରାଜ ପାଣିଗ୍ରାହୀ ଓ ଆୟୁଷ ସାମଲ। ତୃତୀୟ ସ୍ଥାନ ଲାଭ କରିଛନ୍ତି ଦୁଇଜଣ ଛାତ୍ରଛାତ୍ରୀ ସାଇ ଆଦର୍ଶ ଉଚ୍ଚ ବିଦ୍ୟାଳୟ ୧୦ମ ଶ୍ରେଣୀର ସୌମ୍ୟାଶ୍ରୀ ବାରିକ ଏବଂ ପିଏମଶ୍ରୀ ଏମକେସି ହାଇସ୍କୁଲର ୯ମ ଶ୍ରେଣୀ ଶିକ୍ଷାର୍ଥୀ ସାଇକ୍ରିଷ୍ଣା ଗୋଛାୟତ। ଏହି କାର୍ଯ୍ୟକ୍ରମକୁ ପରିଷଦର କର୍ମକର୍ତ୍ତା ଓ ସଭ୍ୟ/ସଭ୍ୟା ସର୍ବଶ୍ରୀ ପଦ୍ମନାଭ ସାହୁ, ଇଂମନୋଜ କୁମାର ଦଳବେହେରା, ଅଜିତ କୁମାର କବାଟ, ସୁଶ୍ରୀ କାବେରୀ ମିଶ୍ର, ଜୟନ୍ତ କୁମାର ଦ୍ୱାରୀ, ପଣ୍ଡିତ ଭାଗବତ ପ୍ରସାଦ ପଣ୍ଡା, ସମରେନ୍ଦ୍ର କୁମାର ବଶା, ସୁମିତା ବେହେରା ଓ ଭାସ୍ୱତୀ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ପରୀକ୍ଷାର ମୂଲ୍ୟାୟନ ପାଇଁ ବିଚାରକ ମଣ୍ଡଳୀ ଭାବରେ କୃତୀଶିକ୍ଷକ ନରସିଂହ ବାରିକ, କୈବଲ୍ୟ ପ୍ରସାଦ ମହାପାତ୍ର ଓ ଡଃ ଭକ୍ତ ହରିମହାନ୍ତ ଏବଂ ଶଙ୍କର ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ଏମ୍‌ପିସି ମହାବିଦ୍ୟାଳୟରେ 'ଇନୋଭେସନ୍ ଆଣ୍ଡ ଷ୍ଟାର୍ଟଅପ୍' ପ୍ରତିଯୋଗିତା

ବାରିପଦା, ୮।୮ (ସମିସ): ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ବାରିପଦାସ୍ଥ ମହାରାଜା ପୂର୍ଣ୍ଣଚନ୍ଦ୍ର (ଏମପିସି) ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବସୃଜନ, ସୃଜନଶୀଳ ଚିନ୍ତାଧାରା ଓ ଉଦ୍ୟୋଗୀ ମନୋଭାବକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ 'ଇନୋଭେସନ୍ ଆଣ୍ଡ ଷ୍ଟାର୍ଟ-ଅପ୍' ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ଉତ୍ସାହର ସହିତ ଅଂଶଗ୍ରହଣ କରି ବିଭିନ୍ନ ଅଭିନବ ବ୍ୟବସାୟିକ ପ୍ରସ୍ତାବ ଓ ଷ୍ଟାର୍ଟ-ଅପ୍ ଧାରଣା ଉପସ୍ଥାପନ କରିଥିଲେ। ଉପସ୍ଥାପିତ ପ୍ରକଳ୍ପଗୁଡ଼ିକର ନୂତନତ୍ୱ ବ୍ୟବହାରିକତା, ବଜାର ସମ୍ଭାବନା, ସାମାଜିକ ପ୍ରଭାବ ଓ ଉଦ୍ୟୋଗୀକରଣର ସମ୍ଭାବନା ଆଦି ବିଭିନ୍ନ ମାନଦଣ୍ଡ ଆଧାରରେ ମୂଲ୍ୟାୟନ କରାଯାଇଥିଲା। ଉପସ୍ଥାପିତ ବିଭିନ୍ନ ପ୍ରକଳ୍ପ ମଧ୍ୟରୁ ୩ଟି ଶ୍ରେଷ୍ଠ ପ୍ରସ୍ତାବ ଚୟନ କରାଯାଇଛି। ଆଗାମୀ ଦିନରେ ଏହି ବିଜେତା ଦଳ ଆୟୋଜିତ ହେବାକୁ ଥିବା ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟକୁ ପ୍ରତିନିଧିତ୍ୱ କରିବେ। ମହାବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ପ୍ରସାଦ ବେହେରା କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ତଥା ବାଣିଜ୍ୟ ବିଭାଗର ମୁଖ୍ୟ ଡ. ଆଶୁତୋଷ ପ୍ରୟାସ ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ସେ ଛାତ୍ରଛାତ୍ରୀଙ୍କୁ ପାରମ୍ପରିକ ଚାକିରିମୁଖୀ ଚିନ୍ତାଧାରା ସହିତ ନିଜସ୍ୱ ଉଦ୍ୟମ, ନବସୃଜନ ଓ ଷ୍ଟାର୍ଟ-ଅପ୍ ମାଧ୍ୟମରେ ସ୍ୱାବଲମ୍ବୀ ହେବାକୁ ପ୍ରେରଣା ଦେଇଥିଲେ। ପ୍ରସ୍ତାବଗୁଡ଼ିକର ମୂଲ୍ୟାୟନ ପାଇଁ ଏକ ୩ ଜଣିଆ ବିଚାରକ ମଣ୍ଡଳୀ ଗଠନ କରାଯାଇଥିଲା। ବିଚାରକ ମଣ୍ଡଳୀରେ ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଶ୍ରୀ ଭୀମ ଚରଣ ମୁର୍ମୁ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ବିନୟ ପ୍ରକାଶ ଓ ଏମ୍‌ଏସ୍‌ବି ବିଶ୍ୱବିଦ୍ୟାଳୟର ଏମ୍‌ବିଏ ବିଭାଗର ଅଧ୍ୟାପକ ତଥା ଆଲୁମିନି ଶ୍ରୀ ବିବେକ ଦାସ ସଦସ୍ୟ ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅନ୍ୟ ଅଧ୍ୟାପକ ଡ. ପ୍ରିୟବ୍ରତ ବେହେରା, ସଂସ୍କୃତ ବିଭାଗର ମୁଖ୍ୟ ଡ. ସିଦ୍ଧେଶ୍ୱର ପଣ୍ଡା, ଅର୍ଥନୀତି ବିଭାଗର ମୁଖ୍ୟ ଡ. ରିଚା ବିଶ୍ୱାଳ, ଇଂରାଜୀ ବିଭାଗର ମୁଖ୍ୟ ପ୍ରମୋଦ କୁମାର କର, ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷ ପର୍ଯ୍ୟାୟରେ ମୁଖ୍ୟ ଅତିଥି ବାଲେଶ୍ୱର ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ଡ. ହେମନ୍ତ ଘଡ଼ାଇ ବିଜେତାଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂତନ ଚିନ୍ତାଧାରା, ସୃଜନଶୀଳତା ଓ ଉଦ୍ୟୋଗୀ ମନୋଭାବ ବିକାଶର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟରେ ଏଭଳି ଅଭିନବ ଓ ପ୍ରୟୋଗାତ୍ମକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ସୃଜନଶୀଳ ପ୍ରତିଭାର ବିକାଶ ସହିତ ସେମାନଙ୍କ ମଧ୍ୟରେ ନବସୃଜନ, ଉଦ୍ୟୋଗୀ ମନୋଭାବ ଓ ସ୍ୱାବଲମ୍ବୀ ହେବାର ଚେତନା ସୃଷ୍ଟି କରିବାରେ ସହାୟକ ହେବ ବୋଲି ମହାବିଦ୍ୟାଳୟ ପକ୍ଷରୁ ଆଶା ପ୍ରକଟ କରାଯାଇଛି।




## ଜାତୀୟ ନାଟ୍ୟ ମହୋତ୍ସବ

## ଜିଲ୍ଲାସ୍ତରୀୟ ଉପ୍ରା ବିଦ୍ୟାଳୟ ନୃତ୍ୟ, ଫେନ୍ସି ଡ୍ରେସ୍ ଓ ମ୍ୟୁଜିକ ଚେୟାର୍ ପ୍ରତିଯୋଗିତା



ବାରିପଦା, ୮।୮ (ସମିସ): ମୟୂରଭଞ୍ଜର ଅଗ୍ରଣୀ ନାଟ୍ୟ ସାଂସ୍କୃତିକ ଅନୁଷ୍ଠାନ 'ଆମେ ବାରିପଦା' ପକ୍ଷରୁ ସେପ୍ଟେମ୍ବର ୨୨ରୁ ୩୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ଜାତୀୟ ନାଟ୍ୟ ମହୋତ୍ସବ ଅବସରରେ ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ରପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଉଚ୍ଚପ୍ରାଥମିକ ବିଦ୍ୟାଳୟ ସ୍ତରର ନୃତ୍ୟ, ଫେନ୍ସି ଡ୍ରେସ୍, ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌମ୍ୟ ଦାଶ ଏହି ପ୍ରତିଯୋଗିତାକୁ ଉଦଘାଟନ କରିଥିବାବେଳେ ଏହାର ଆଭିମୁଖ୍ୟ ସମ୍ପର୍କରେ ଜାତୀୟ ନାଟ୍ୟ ମହୋତ୍ସବର ଆବାହକ ତଥା ଆମେ ବାରିପଦାର ସାଧାରଣ ସମ୍ପାଦକ ବିଶିଷ୍ଟ ଚଳଚ୍ଚିତ୍ର ଲେଖକ ଓ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ ଆଲୋକପାତ କରିଥିଲେ। ବହୁସଂଖ୍ୟାରେ ଯୋଗଦେଇଥିବା ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ବିଚାରକ ଭାବେ ଜୟନ୍ତ ସେନାପତି, ଡ. ପ୍ରକାଶ ଚନ୍ଦ୍ର ଦାଶ, ପ୍ରୟାସ ଶତପଥୀ, ପ୍ରଦୀପ ସରଘରିଆ, ସରୋଜ ପଟ୍ଟନାୟକ, ରାଜୀବ ପାତ୍ର ଓ ସୁଶ୍ରୀ ଅନିନ୍ଦିତା ମୂଲ୍ୟାଙ୍କନ କରିଥିଲେ। ସୁଜୟ ମହାନ୍ତି, ଉର୍ଜା ମହାନ୍ତି, କାକଲୀ ନନ୍ଦୀ, ଜ୍ୟୋତି ଓ ଅନ୍ୱେସିତା ତ୍ରିପାଠୀ ପରିଚାଳନା କରିଥିଲେ। ଜାତୀୟ ନାଟ୍ୟ ମହୋତ୍ସବର ଅନ୍ତିମ ରଜନୀରେ ବିଜେତାଙ୍କ ନାମ ଘୋଷଣା କରାଯାଇ ସେମାନଙ୍କୁ ପୁରସ୍କୃତ କରାଯିବ ବୋଲି ମିଡିଆ ସଂଯୋଜକ ସୋମନାଥ ସିଂହ ପ୍ରକାଶ କରିଛନ୍ତି।

# କରଞ୍ଜିଆରେ ଆରମ୍ଭ ହେବ ଟ୍ରାଫିକ୍ ପୁଲିସ୍ ୟୁନିଟ୍

## ୪୫ ଜଣ କର୍ମଚାରୀଙ୍କୁ ଦୁଇଦିନିଆ ପ୍ରଶିକ୍ଷଣ




କରଞ୍ଜିଆ, ୮।୮ (ସମିସ): କରଞ୍ଜିଆ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପ୍ରତି ସକାରାତ୍ମକ ପଦକ୍ଷେପ ନିଆଯାଇଥିବା ବେଳେ ଆଗାମୀ ଦିନରେ କରଞ୍ଜିଆରେ ଟ୍ରାଫିକ୍ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ କରଞ୍ଜିଆ ଥାନା ପରିସରରେ ଟ୍ରାଫିକ୍ ଡ୍ୟୁଟିରେ ନିୟୋଜିତ ପୋଲିସ କର୍ମଚାରୀଙ୍କୁ ନେଇ ଦୁଇ ଦିନିଆ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରାଫିକ୍ ପରିଚାଳନା, ରାସ୍ତା ସୁରକ୍ଷା, ଯାତାୟାତ ନିୟନ୍ତ୍ରଣ ଏବଂ ଟ୍ରାଫିକ୍ ଡ୍ୟୁଟି ସମ୍ପର୍କିତ ବିଭିନ୍ନ ଦିଗ ଉପରେ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ୟୁପିଡି ଭୁବନେଶ୍ୱରରୁ ଦୁଇଜଣ ବିଶେଷ ପ୍ରଶିକ୍ଷକ ରଞ୍ଜନ କୁମାର ବେହେରା ଓ ରତିରଞ୍ଜନ ଦଳାଇ କରଞ୍ଜିଆରେ ପହଞ୍ଚି ଏହି ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଏହି ଦୁଇଦିନିଆ ପ୍ରଶିକ୍ଷଣରେ କରଞ୍ଜିଆ, ଯଶିପୁର ଓ ଠାକୁରମୁଣ୍ଡା ଅଞ୍ଚଳରୁ ଅଧିକାରୀଙ୍କ ସମେତ ଓଆର୍, ଓଏପିଏଫ୍ ଓ ଏଚ୍‌ଜି କର୍ମଚାରୀଙ୍କୁ ମିଶାଇ ମୋଟ ୪୫ ଜଣ ଅଂଶଗ୍ରହଣ କରୁଛନ୍ତି। ଏଥିସହ ରରୁଆଁ ଓ ମହୁଲଡିହା ଅଞ୍ଚଳର କର୍ମଚାରୀ ମଧ୍ୟ ପ୍ରଶିକ୍ଷଣରେ ସାମିଲ ହୋଇଛନ୍ତି। ୧୧ ଅଗଷ୍ଟ ଅପରାହ୍ଣ ୪ଟାରୁ କରଞ୍ଜିଆ ଟ୍ରାଫିକ୍ ପୋଲିସ୍ ୟୁନିଟ୍ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ଷମ ହେବ। ଏହା ଦ୍ୱାରା କରଞ୍ଜିଆ ସହରରେ ଦିନକୁ ଦିନ ବଢ଼ୁଥିବା ଯାନବାହନ ଚଳାଚଳକୁ ନିୟନ୍ତ୍ରଣ କରିବା ସହ ଟ୍ରାଫିକ୍ ବ୍ୟବସ୍ଥାରେ ଶୃଙ୍ଖଳା ଆଣିବା ଓ ସଡ଼କ ସୁରକ୍ଷାକୁ ଅଧିକ ମଜଭୁତ କରିବାରେ ସହାୟତା ମିଳିବ ବୋଲି ଆଶା କରାଯାଉଛି। ତେବେ ନୂତନ ଟ୍ରାଫିକ୍ ୟୁନିଟ୍‌କୁ ସଫଳ ଭାବେ କାର୍ଯ୍ୟକ୍ଷମ କରିବା ସହ ସହରର ଯାତାୟାତ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ନେତାଜୀ ଛକରେ ରାସ୍ତା ପ୍ରଶସ୍ତିକରଣ ଅତ୍ୟନ୍ତ ଆବଶ୍ୟକ ବୋଲି କୁହାଯାଇଛି। ନେତାଜୀ ଛକ ଅଞ୍ଚଳରେ ରାସ୍ତା ସଂକୀର୍ଣ୍ଣ ହେବା ଯୋଗୁଁ ଯାନବାହନ ଚଳାଚଳ ସମୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ଏହି କାରଣରୁ ନେତାଜୀ ଛକର ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟକୁ ଯଥାଶୀଘ୍ର କରିବା ପାଇଁ ସମ୍ପୃକ୍ତ ସମସ୍ତ ବିଭାଗକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ଟ୍ରାଫିକ୍ ୟୁନିଟ୍ କାର୍ଯ୍ୟକ୍ଷମ ହେବା ସହ ରାସ୍ତା ପ୍ରଶସ୍ତିକରଣ ହେଲେ କରଞ୍ଜିଆ ସହରର ଯାତାୟାତ ବ୍ୟବସ୍ଥା ଅଧିକ ସୁସଂଗଠିତ ହେବା ସହ ଲୋକଙ୍କ ଯାତାୟାତ ଅଧିକ ସୁରକ୍ଷିତ ଓ ସୁବିଧାଜନକ ହେବ ବୋଲି ସ୍ଥାନୀୟ ମହଲରେ ଆଶା ପ୍ରକାଶ ପାଇଛି। ସେହିପରି ପ୍ରଶିକ୍ଷଣର ଦ୍ୱିତୀୟ ଦିନରେ ଫିଲ୍ଡ ଟ୍ରେନିଂ ସହ ହେଲମେଟ ସଚେତନତା ରାଲି ଆୟୋଜନ କରାଯାଇଛି। ନୂତନ ଟ୍ରାଫିକ ପୁଲିସ ୟୁନିଟର କର୍ମଚାରୀ ରାଲି ମାଧ୍ୟମରେ ଦୁଇଚକିଆ ଯାନ ଚାଳକଙ୍କୁ ହେଲମେଟ ପିନ୍ଧିବା ସହ ଟ୍ରାଫିକ ନିୟମ ପାଳନ ନେଇ ସଚେତନ କରାଇଛନ୍ତି। ଫିଲ୍ଡ ଟ୍ରେନିଂ ସମୟରେ ଟ୍ରାଫିକ ପରିଚାଳନା, ରାସ୍ତାରେ ଯାନବାହନ ନିୟନ୍ତ୍ରଣ ଓ ସୁରକ୍ଷିତ ଯାତାୟାତ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି। ଏଥିସହ ହେଲମେଟ ବ୍ୟବହାରର ଗୁରୁତ୍ୱ ସମ୍ପର୍କରେ ସାଧାରଣ ଲୋକଙ୍କୁ ବୁଝାଇ ସଡ଼କ ସୁରକ୍ଷା ପ୍ରତି ସଚେତନ କରାଯାଉଛି। ନୂତନ ଟ୍ରାଫିକ ୟୁନିଟର ଏହି ପଦକ୍ଷେପକୁ ନେଇ ସ୍ଥାନୀୟ ଅଞ୍ଚଳରେ ସଡ଼କ ସୁରକ୍ଷା ଓ ଟ୍ରାଫିକ ନିୟମ ପାଳନ ନେଇ ସଚେତନତା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

## ବାରିପଦାରେ ବୁଲା କୁକୁରଙ୍କ ଆତଙ୍କ

# କାଗଜ କଲମରେ ଏବିସି ଯୋଜନା

### ସଡ଼କ ଦୁର୍ଘଟଣା ଓ କୁକୁର କାମୁଡ଼ାକୁ ନେଇ ବଢୁଛି ଚିନ୍ତା

ବାରିପଦା, ୮।୮ (ସମିସ)

ବାରିପଦା ସହର ଓ ଆଖପାଖ ଅଞ୍ଚଳରେ ବୁଲା କୁକୁରଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବାରୁ ସାଧାରଣ ଲୋକଙ୍କ ଜୀବନ ଅସୁରକ୍ଷିତ ହୋଇପଡ଼ିଛି। ସକାଳ ଓ ରାତିରେ ବିଭିନ୍ନ ଛକ, ବଜାର, ବସ୍‌ଷ୍ଟାଣ୍ଡ, ସ୍କୁଲ ନିକଟ, ହସ୍‌ପିଟାଲ ଅଞ୍ଚଳ ଓ ଆବାସିକ ଇଲାକାରେ ବୁଲା କୁକୁରଙ୍କ ରୁଣ୍ଡ ଦେଖିବାକୁ ମିଳୁଛି। ଏହାଫଳରେ ଶିଶୁ, ବୃଦ୍ଧ, ମହିଳା ଓ ଦୁଇଚକିଆ ଯାନ ଚାଳକ ଭୟ ଓ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ବୁଲା କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣ ପାଇଁ ସରକାରଙ୍କ ପ୍ରାଣୀ ଜନ୍ମ ନିୟନ୍ତ୍ରଣ (ଏବିସି) କାର୍ଯ୍ୟକ୍ରମ ଓ ରେବିସ୍ ଟିକାକରଣ ଯୋଜନା ଆଶାନୁରୂପ ଭାବେ କାର୍ଯ୍ୟକାରୀ ହେଉନାହିଁ। ପୌରସଂସ୍ଥା ଓ ପ୍ରାଣୀ ଚିକିତ୍ସା ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଥିବାରୁ ନିୟମିତ ନସବନ୍ଧୀ ଅଭିଯାନ ହୋଇପାରୁନାହିଁ ବୋଲି ଅନେକ ନାଗରିକ ମତ ପ୍ରକାଶ କରୁଛନ୍ତି। ଅନେକ ସ୍ଥାନରେ ବୁଲା କୁକୁରମାନେ ହଠାତ୍ ରାସ୍ତାକୁ ଦୌଡ଼ି ଆସିବା କିମ୍ବା ଦୁଇଚକିଆ ଯାନକୁ ଗୋଡ଼ାଇବା ଫଳରେ ସଡ଼କ ଦୁର୍ଘଟଣା ଘଟୁଥିବା ନେଇ ଲୋକମାନେ ଚିନ୍ତା ପ୍ରକାଶ କରିଛନ୍ତି। କୁକୁର କାମୁଡ଼ା ଘଟଣା ପରେ ରେବିସ୍ ଟିକା ପାଇଁ ସରକାରୀ ହସ୍ପିଟାଲକୁ ଅନେକ ଲୋକ ଯାଉଥିବା ମଧ୍ୟ ଦେଖାଯାଉଛି। ତେବେ ଏହି ସମ୍ବାଦରେ



ଉଲ୍ଲେଖିତ ଦୁର୍ଘଟଣା କିମ୍ବା କାମୁଡ଼ା ଘଟଣାର ସଂଖ୍ୟା ସମ୍ପର୍କରେ କୌଣସି ସରକାରୀ ପରିସଂଖ୍ୟାନ ଦିଆଯାଇନାହିଁ। ସହରବାସୀଙ୍କ ଦାବି ହେଉଛି, ପୌରସଂସ୍ଥା ଓ ପଶୁ ଚିକିତ୍ସା ବିଭାଗ ମିଳିତ ଭାବେ ତୁରନ୍ତ ବ୍ୟାପକ ସର୍ଭେ କରି ବୁଲା କୁକୁରଙ୍କ ଗଣନା, ନସବନ୍ଧୀ (ଏବିସି), ରେବିସ୍ ଟିକାକରଣ, କାନରେ ପରିଚୟ ଚିହ୍ନ ଲଗାଇବା ଓ ନିୟମିତ ନିରୀକ୍ଷଣ ବ୍ୟବସ୍ଥା କରାଯାଉ। ସେହିପରି ସହରରେ ଅବ୍ୟବସ୍ଥିତ ଭାବେ ପଡ଼ିରହୁଥିବା ଖାଦ୍ୟ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କଲେ ମଧ୍ୟ ବୁଲା ପଶୁଙ୍କ ସଂଖ୍ୟା ନିୟନ୍ତ୍ରଣରେ ସହାୟକ ହୋଇପାରିବ ବୋଲି ମତ ପ୍ରକାଶ ପାଉଛି। ନାଗରିକମାନେ କହିଛନ୍ତି ଯେ, ପଶୁଙ୍କ କଲ୍ୟାଣ ଓ ମାନବ ସୁରକ୍ଷା ଉଭୟକୁ ଗୁରୁତ୍ୱ ଦେଇ ଆଇନ ଅନୁଯାୟୀ ମାନବିକ ଉପାୟରେ ଏବିସି କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବଶାଳୀ କରାଗଲେ ସହରବାସୀଙ୍କ ସୁରକ୍ଷା ବଢ଼ିବ ଏବଂ ସଡ଼କ ଦୁର୍ଘଟଣା ଓ କୁକୁର କାମୁଡ଼ା ଘଟଣା କମିବାରେ ସହାୟକ ହୋଇପାରିବ।

## ହିନ୍ଦ୍ ମଜ୍‌ଦୁର ସଭା ରାଜ୍ୟ ସମ୍ମିଳନୀ ପ୍ରସ୍ତୁତି




କେନ୍ଦୁଝର, ୮।୮ (ସମିସ): ହିନ୍ଦ ମଜଦୁର ସଭାର ଆଗାମୀ ରାଜ୍ୟ ସମ୍ମିଳନୀ ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ସଦର ବ୍ଲକ ପଦ୍ମପୁର କଲ୍ୟାଣ ମଣ୍ଡପରେ ସତ୍ୟନାରାୟଣ ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ସମ୍ମିଳନୀ ଅଭ୍ୟର୍ଥନା କମିଟି ଅଧକ୍ଷ କମ୍ରେଡ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଭାସୀ ମାଧ୍ୟମରେ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାର ସମସ୍ତ ଅନୁବନ୍ଧିତ ଶ୍ରମିକ ସଂଗଠନ କର୍ମକର୍ତ୍ତା, ସଦସ୍ୟବୃନ୍ଦ ସଂଗଠନକୁ ଆହୁରି ଦୃଢ କରିବାକୁ ଶପଥ ନେଇଥିଲେ। ହିନ୍ଦମଜଦୁର ରାଜ୍ୟ କର୍ମକର୍ତ୍ତା ବିରଜା କିଙ୍କର ନାୟକ ସଂଯୁକ୍ତା ମହଲା, ପ୍ରଭାକର ପଲେଇ, ମନୋରଞ୍ଜନ ମହାରଣା, ପ୍ରଦୀପ କୁମାର ନାୟକ ପ୍ରମୁଖ ଏହି ସଂଗଠନକୁ ଆହୁରି ଶ୍ରମିକାଭିମୁଖୀ କରିବାପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟ ନୂତନ ସଂଗଠନର ଗୋପ ସାହୁ, ପ୍ରଭୁଦତ୍ତ ପ୍ରଧାନ ହୃଷିକେଶ ଜେନା, ନିହାର ବୈଦା, ମଦନ ସେଠି, ଯତୀନ୍ଦ୍ର ରାଉତ, ରେଲାଣ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା କମଳିନୀ ପାତ୍ର, ପୂର୍ବତନ ପୌରାଧକ୍ଷ ପ୍ରଭଞ୍ଜନ ପଟନାଏକ, ରାଧା ନାଏକ, ଭରତ ସାହୁ, ଅତୁଲ୍ୟ ଦାସ, ଧରଣୀ ନାଏକ, ଗିରିଧାରୀ ନାଏକ, ସରସ୍ୱତୀ ନାଏକ, ମାନସ ମୁଦୁଲି, ସୁରଜ୍ୟନାରାୟଣ ପଣ୍ଡା, ସିଦ୍ଧାର୍ଥ ଶଙ୍କର ସାହୁ, ଚିତ୍ରସେନ ବ୍ରହ୍ମ, ସତ୍ୟାନନ୍ଦ ସାହୁ ଉପସ୍ଥିତ ଥିଲେ। ପ୍ରଭୁଦତ୍ତ ପ୍ରଧାନ ବଡବିଲ ସଂଗଠନ ହୃଷୀକେଶ ଜେନାଙ୍କୁ ଯୋଡା ସଂଗଠନ ଆବାହକ ଭାବେ ରଣେନ୍ଦ୍ରପ୍ରତାପ ସ୍ୱାଇଁଙ୍କ ଅନୁମୋଦନକ୍ରମେ ସଂଯୁକ୍ତା ମହଲା ଘୋଷଣା କରିଥିଲେ।

## ଆନନ୍ଦପୁର ବଡ଼ଦାଣ୍ଡ ଆଲୋକୀକରଣ ନେଇ ଅସନ୍ତୋଷ

ଆନନ୍ଦପୁର, ୮।୮ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବଡ଼ଦାଣ୍ଡରେ ଆଲୋକୀକରଣ ଯୋଜନା ପ୍ରହସନ ସାଜିଛି। କେତେ ଟଙ୍କାର ଅନୁଦାନରେ, କେଉଁ ଯୋଜନାରେ ଏହି କାମ ହୋଇଛି ତାକୁ



ନେଇ ଲୋକେ ଅନ୍ଧାରରେ ରହିଛନ୍ତି। ଲାଇଟ୍ ଲାଗିବା ପରଠାରୁ ଆନନ୍ଦପୁର ସହରବାସୀଙ୍କ ମଧ୍ୟରେ ଦେଖାଦେଇଛି ଗଭୀର ଅସନ୍ତୋଷ। ସବୁଖୁଣ୍ଟରେ ଲାଇଟ ଜଳୁନଥିଲେ ମଧ୍ୟ ତଦାରଖ କରିବାକୁ କେହି ନାହିଁ। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ସହରବାସୀ। ଜିଲ୍ଲାପାଳ ଏହି ଘଟଣାରେ ହସ୍ତକ୍ଷେପ କରି ତଦନ୍ତ କରିବାକୁ ଦାବି ହୋଇଛି। ଲାଗିଥିବା ଲାଇଟ୍‌ଗୁଡ଼ିକ ଡିବିରି ଆଲୁଅ ପରି ଜଳୁଥିବାରୁ ଆହୁରି ଅଧିକ ଅସନ୍ତୋଷ ପ୍ରକାଶ ପାଇଛି। ଏହାସହିତ ବଡ଼ଦାଣ୍ଡର ଆଲୋକୀକରଣ ବ୍ୟବସ୍ଥାକୁ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଗୁରୁମୁ ତାଳଡିହି ପାନୀୟଜଳରୁ ବଞ୍ଚିତ; ନାଳର ଦୂଷିତ ପାଣି ଭରସା



ତେଲକୋଇ, ୮।୮ (ସମିସ): ତେଲକୋଇ ବ୍ଲକ ତାଳପଦା ପଞ୍ଚାୟତ ଗୁରୁମୁ ଚାନ୍ଦପଶି ଗ୍ରାମ ତାଳଡିହି ମୁଣ୍ଡାସାହି ବାସିନ୍ଦା ବିଶୁଦ୍ଧ ପାନୀୟଜଳରୁ ବଞ୍ଚିତ ହୋଇଛନ୍ତି। ଏକ କିମି ଦୂରରେ ବୋହି ଯାଇଥିବା ନାଳରୁ ଦୂଷିତ ପାଣିକୁ ସଂଗ୍ରହ କରି ପାନୀୟଜଳ ଭାବେ ବ୍ୟବହାର କରୁଛନ୍ତି। ବର୍ଷକର ତିନି ଚାରି ମାସ ନାଳ ପାଣିକୁ ବ୍ୟବହାର କରୁଥିବା ବେଳେ ଆଉ ୮ ମାସ ନାଳ ପଠାରେ ଚୂଆ ଖୋଳି ବହୁ କଷ୍ଟରେ ଜଳ ସଂଗ୍ରହ କରିଥାଆନ୍ତି। ଗାଧୁଆ-ପାଧୁଆ ଓ ଶୌଚ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ୮୦ରୁ ଅଧିକ ଆଦିବାସୀ ପରିବାର ତାଳଡିହିରେ ବସବାସ କରୁଥିବା ବେଳେ ନିତ୍ୟକର୍ମ ପାଇଁ ପୋଖରୀଟିଏ ମଧ୍ୟ ନାହିଁ। ପାନୀୟଜଳ ପାଇଁ ଗୋଟିଏ ନଳକୂପ ଥିଲେ ମଧ୍ୟ ସେଥିରୁ ଲୌହଯୁକ୍ତ ପାଣି ବାହାରୁ ଥିବାରୁ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ବାଧ ହୋଇ ସାହି ବାସିନ୍ଦା ନିକଟସ୍ଥ ନାଳରୁ ଦୂଷିତ ପାଣିକୁ ସଂଗ୍ରହ କରି ବ୍ୟବହାର କରୁଛନ୍ତି। ଫଳରେ ଅନେକ ବିଭିନ୍ନ ରୋଗ ବ୍ୟାଧିରେ ଶିକାର ହେବା ସହିତ ଚର୍ମ ରୋଗରେ ଶିକାର ହେଉଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ବିଡିଓଙ୍କୁ ଅଭିଯୋଗ କରିବା ସହିତ ପାନୀୟଜଳ ସମସ୍ୟା ଦୂର କରିବାକୁ ଦାବି କରିଛନ୍ତି। ଆସନ୍ତା ଗ୍ରୀଷ୍ମ ଋତୁ ପୂର୍ବରୁ ଗ୍ରାମରେ ଏକ ନୂତନ ନଳକୂପ ଓ ପୋଖରୀ ଖନନ ପାଇଁ ଗ୍ରାମର ଚକ୍ରପାଣି ମହାରଣା, ସାଗର ମୁଣ୍ଡା, ଗୁରୁବାରି ମୁଣ୍ଡା, ପାନ ମହାରଣା, ରୁନୁ ମୁଣ୍ଡା, ପ୍ରଧାନ ମୁଣ୍ଡା, ଭରତ ମୁଣ୍ଡା, ଡଲି ମୁଣ୍ଡା, ନବ ମୁଣ୍ଡା, ରାଧୁ ମୁଣ୍ଡାଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

## ରୋଷେଇ ଘର ଭୁଶୁଡ଼ି ଜଣେ ମୃତ

ତୁରୁମୁଙ୍ଗା, ୮।୮ (ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅନ୍ତର୍ଗତ ଖୁଣ୍ଟାପଡା ପଞ୍ଚାୟତ ଖୁଣ୍ଟାପଡା ଗ୍ରାମର ଡିପା ସାହିରେ ଶନିବାର ରୋଷେଇ ଘରର କାନ୍ଥ ପଡି ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଡେଡ ମୁଣ୍ଡା (୫୮)। ସେ ସକାଳ ସମୟରେ ବର୍ଷା ପାଗ ଯୋଗୁଁ ରୋଷେଇ ଘର ଚୁଲି ନିକଟରେ ବସି ନିଆଁ ପୋଉଁଥିବା ସମୟରେ ଘରଟି ଭାଙ୍ଗି ତାଙ୍କ ଉପରେ ପଡିଯାଇଥିଲା। ପରିବାର ଲୋକେ ମୃତଦେହ କୁ ଉଦ୍ଧାର କରିବା ପରେ ଶବକୁ ସତ୍କାର କରିଦେଇଥିବା ଜଣାପଡ଼ିଛି।



## ଗଜ ସୁରକ୍ଷା ଅଭିଯାନ | ଛାତ୍ରଛାତ୍ରୀଙ୍କୁ ସଚେତନ କଲେ ପରିବେଶବିତ୍

ବୈଶିଙ୍ଗା, ୮।୮ (ସମିସ): ହାତୀ ଆମ ଜଙ୍ଗଲ ଓ ପରିବେଶର ଏକ ଅମୂଲ୍ୟ ସମ୍ପଦ। ହାତୀଙ୍କ ସୁରକ୍ଷା ହେଲେ ଜଙ୍ଗଲ ସୁରକ୍ଷିତ ରହିବ ଓ ଜଙ୍ଗଲ ସୁରକ୍ଷିତ ରହିଲେ ପରିବେଶର ସନ୍ତୁଳନ ବଜାୟ ରହିବ। ଏହି ବାର୍ତ୍ତା ନେଇ ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ୍ ଅନ୍ତର୍ଗତ ଆମ୍ବଗଡ଼ିଆ ପଞ୍ଚାୟତର ବାମୋଡ଼ାସ୍ଥ ଲୋଟସ୍ କୋଚିଂ ସେଣ୍ଟର ପରିସରରେ ଶନିବାର 'ଗଜ ସୁରକ୍ଷା ଅଭିଯାନ' ଅନୁଷ୍ଠିତ ହୋଇଛି। ଭଗବାନପୁର ଗ୍ରାମର ଯୁବ ପରିବେଶବିତ୍ ତଥା ପ୍ରକୃତି ବନ୍ଧୁ ଦେବେନ୍ଦ୍ର ଆଚାର୍ଯ୍ୟଙ୍କ ଉଦ୍ୟମରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଶିକ୍ଷକ ସୁଜନ କୁମାର ଧଳ ଓ ପ୍ରକାଶ ବେହେରାଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏ ଅବସରରେ ଶ୍ରୀ ଆଚାର୍ଯ୍ୟ ହାତୀଙ୍କ ସୁରକ୍ଷା, ସେମାନଙ୍କ ପ୍ରାକୃତିକ ବାସସ୍ଥାନ ଓ ପାରମ୍ପରିକ ଚଳାଚଳ ପଥ ସୁରକ୍ଷିତ ରଖିବା ଉପରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ଜଙ୍ଗଲ ନଷ୍ଟ ହେବା ଓ ହାତୀଙ୍କ ଚଳାଚଳ ପଥ




ବାଧାପ୍ରାପ୍ତ ହେବା ଯୋଗୁଁ ମଣିଷ-ହାତୀ ସଂଘର୍ଷ ବୃଦ୍ଧି ପାଉଥିବା ସେ କହିଥିଲେ। ହାତୀ ଗାଁ ନିକଟକୁ ଆସିଲେ ଲୋକେ ଭୟଭୀତ ହୋଇ ହାତୀଙ୍କ ନିକଟକୁ ନ ଯାଇ ନିରାପଦ ଦୂରତା ବଜାୟ ରଖିବା ସହ ବନ ବିଭାଗକୁ ତୁରନ୍ତ ସୂଚନା ଦେବାକୁ ସେ ପରାମର୍ଶ ଦେଇଥିଲେ। ହାତୀଙ୍କୁ ଉତ୍ତେଜିତ କରିବା, ଘଉଡ଼ାଇବା କିମ୍ବା ଭିଡ଼ କରି ଦେଖିବା ଦ୍ୱାରା ଉଭୟ ମଣିଷ ଓ ହାତୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇପାରେ ବୋଲି ସେ ସଚେତନ କରିଥିଲେ। 'ହାତୀ ବଞ୍ଚିଲେ ଜଙ୍ଗଲ ବଞ୍ଚିବ, ଜଙ୍ଗଲ ବଞ୍ଚିଲେ ପରିବେଶ ବଞ୍ଚିବ' ବାର୍ତ୍ତା ଦେଇ ଶ୍ରୀ ଆଚାର୍ଯ୍ୟ କହିଥିଲେ ଯେ, ହାତୀ ହେଉଛି ଜଙ୍ଗଲ ପରିସଂସ୍ଥାର ଏକ ପ୍ରମୁଖ ଅଂଶ। ମଣିଷର ଅସଚେତନତା ଓ ଲୋଭ ଯୋଗୁଁ ହାତୀଙ୍କ ଜୀବନ ବିପଦରେ ପଡ଼ିବା ଚିନ୍ତାର ବିଷୟ। ହାତୀ ଶିକାର ଓ ହାତୀଦାନ୍ତର ଅବୈଧ କାରବାରକୁ ରୋକିବା, ହାତୀଙ୍କ ପ୍ରାକୃତିକ ବାସସ୍ଥାନ ଓ ଚଳାଚଳ ପଥ ସୁରକ୍ଷିତ ରଖିବା ସହ ମଣିଷ-ହାତୀ ମଧ୍ୟରେ ସୁରକ୍ଷିତ ସହାବସ୍ଥାନ ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏପରି ସଚେତନତା ଭବିଷ୍ୟତରେ ହାତୀ ଓ ଜଙ୍ଗଲ ସୁରକ୍ଷା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ମତ ପ୍ରକାଶ ପାଇଥିଲା।

## ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ମନୀଷ ଚାମ୍ପିଅନ୍

ରାଇରଙ୍ଗପୁର, ୮।୮ (ସମିସ): ଜଣେ ଦକ୍ଷ ଖେଳାଳିର ଭୂମିକା ଗ୍ରହଣ କରିପାରିଛନ୍ତି ମନୀଷ ପାଲ। ଆଜି ଜିଲ୍ଲାରେ ଖେଳ ପାଇଁ ନିଜସ୍ୱ ପ୍ରତିଭା ଦେଖାଇପାରିଛନ୍ତି। କାରଣ ଦୃଢ଼ ଇଚ୍ଛାଶକ୍ତି ଓ ନିରବଚ୍ଛିନ୍ନ ପରିଶ୍ରମ ବଳରେ ବ୍ୟାଡମିଣ୍ଟନ୍ କ୍ଷେତ୍ରରେ ରାଇରଙ୍ଗପୁର ପାଇଁ ଗୌରବ ଆଣିଛନ୍ତି ଉଦୀୟମାନ ଖେଳାଳି ମନୀଷ କୁମାର ପାଲ। ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ୍ ଆସୋସିଏସନ୍ ପକ୍ଷରୁ ବାରିପଦାସ୍ଥ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଜୁଲାଇ ୨୪ ଓ ୨୫ ତାରିଖରେ ଅନୁଷ୍ଠିତ ୟୋନେକ୍ସ ସନରାଇଜ୍ ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ୍ ଚାମ୍ପିଅନସିପ୍‌ରେ ମନୀଷ ପୁରୁଷ ଡବଲ୍ସ ବିଭାଗରେ ଚାମ୍ପିଅନ୍ ହୋଇଛନ୍ତି। କୌଣସି ଆନୁଷ୍ଠାନିକ କୋଚିଂ କିମ୍ବା ପ୍ରଶିକ୍ଷକଙ୍କ ସହାୟତା ବିନା ମନୀଷ ନିଜ ଉଦ୍ୟମରେ ବ୍ୟାଡମିଣ୍ଟନ୍ ଅଭ୍ୟାସ କରି ଏହି ସଫଳତା ହାସଲ କରିଛନ୍ତି। ସେ କହିଛନ୍ତି, ପାଠ ସହିତ ଦୈନିକ ୨ ଘଣ୍ଟାରୁ ୪ ଘଣ୍ଟା ଅଭ୍ୟାସ କରିଥା'ନ୍ତି। ଖେଳ ପ୍ରତି ଗଭୀର ଆଗ୍ରହ, ନିୟମିତ ଅଭ୍ୟାସ ଓ ଦୃଢ଼ ମନୋବଳ ତାଙ୍କୁ ଏହି ସଫଳତା ଦେଇଛି ବୋଲି ପରିବାରବର୍ଗ କହିଛନ୍ତି। ଏହା ପୂର୍ବରୁ ମଧ୍ୟ ସେ ଦୁଇଥର ରାଜ୍ୟସ୍ତରୀୟ ଚାମ୍ପିଅନସିପ୍ ଜିତି



ନିଜ ପ୍ରତିଭାର ପରିଚୟ ଦେଇସାରିଛନ୍ତି। କେବଳ କ୍ରୀଡ଼ା ନୁହେଁ, ଶିକ୍ଷା କ୍ଷେତ୍ରରେ ମଧ୍ୟ ମନୀଷଙ୍କ ସଫଳତା ଅବଦାନ ରହିଛି। ମନୀଷ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ଭାବେ ସେ ଦଶମ ଶ୍ରେଣୀ ପରୀକ୍ଷାରେ ଜିଲ୍ଲାସ୍ତରରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ବର୍ତ୍ତମାନ ସେ ରାଇରଙ୍ଗପୁରରେ +୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର। ମନୀଷ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ପୌର ଅନ୍ତର୍ଗତ ୱାର୍ଡ ନଂ୧ର ବାସିନ୍ଦା। ମନୀଷ ହେଉଛନ୍ତି ସମାଜସେବୀ ସାମନ୍ତ ଶେଖର ପାଲ ଓ ସ୍ୱର୍ଗତ ମୀନା କୁମାରୀ ପାଲଙ୍କ ନାତି ଓ ବିଶିଷ୍ଟ ସାମ୍ବାଦିକ ସତ୍ୟନାରାୟଣ ପାଲ ଓ ମାତା ମିନାକ୍ଷୀରାଣୀ ପାଲଙ୍କ ପୁତ୍ର। ମନୀଷଙ୍କ ଏହି ସଫଳତାରେ ରାଇରଙ୍ଗପୁର ଅଞ୍ଚଳର ବୁଦ୍ଧିଜୀବୀ, କ୍ରୀଡ଼ାପ୍ରେମୀ, ବାସିନ୍ଦା ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି। ଭବିଷ୍ୟତରେ ମନୀଷ ରାଜ୍ୟ ଓ ଜାତୀୟ ସ୍ତରରେ ନିଜ ପ୍ରତିଭାର ପରିଚୟ ଦେଇ ରାଇରଙ୍ଗପୁର ଓ ମୟୂରଭଞ୍ଜର ନାମ ଉଜ୍ଜ୍ୱଳ କରିବେ ବୋଲି ରାଇରଙ୍ଗପୁରର କ୍ରୀଡାବିତ୍ ଓ କ୍ରୀଡାପ୍ରେମୀ ଆଶାବାଦୀ ଅଛନ୍ତି।

## ପଶ୍ଚିମବଙ୍ଗ ପ୍ରବଚକ ସମ୍ମିଳନୀରେ ପଣ୍ଡିତ ଜିତୁ ଦାଶ



ଆନନ୍ଦପୁର, ୮।୮ (ସମିସ): ଓଡ଼ିଶାର ବିଭିନ୍ନ ଚ୍ୟାନେଲରେ ପ୍ରବଚନ, ଆଧ୍ୟାତ୍ମିକ ତତ୍ତ୍ୱଜ୍ଞାନ, ଶ୍ରୀଜଗନ୍ନାଥ ସଂସ୍କୃତି ଓ ସାଧୁବାଣୀରେ ସମାଜକୁ ଦିଗଦର୍ଶନ ଦେଉଥିବା ପଣ୍ଡିତ ଜିତୁ ଦାଶ ପଶ୍ଚିମ ବଙ୍ଗର ପ୍ରବଚକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ଜଗନ୍ନାଥ ସଂସ୍କୃତି ଉପରେ ଦେଇଥିବା ତାତ୍ତ୍ୱିକ ପ୍ରବଚନ ଆଧ୍ୟାତ୍ମିକପ୍ରେମୀଙ୍କୁ ବିମୋହିତ କରିଛି। ପୂଜ୍ୟପୂଜା ପରିଷଦ ଏବଂ ଓଡ଼ିଆ ସମାଜ ପକ୍ଷରୁ ଏହି ଆଧ୍ୟାତ୍ମିକ ସମ୍ମିଳନୀରେ ପଣ୍ଡିତ ଶ୍ରୀ ଦାଶଙ୍କ ସହ ବାଦ୍ୟଯନ୍ତ୍ର ଶିଳ୍ପୀ ସୁବାଶିଷ ଶତପଥୀ ସନ୍ତୋଷ ପରିଡା ଜିତୁ ସାହୁ ବିଦ୍ୟାଧର ବିନ୍ଧାଣି ଜଳଧର ନାୟକ ଯୋଗ ଦେଇଥିଲେ। ଆୟୋଜକ କମିଟି ସଦସ୍ୟ ସନ୍ତୋଷ ଉପାଧ୍ୟାୟ ବୀରମଣି ଉପାଧ୍ୟାୟ ଶରତ ବନ୍ଦୋପାଧ୍ୟାୟ ହରିବନ୍ଧୁ ଚାଟାର୍ଜୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଆନନ୍ଦପୁର ଶିଶୁ ମନ୍ଦିର ଜ୍ଞାନବିଜ୍ଞାନ ମେଳା

ଆନନ୍ଦପୁର, ୮।୮ (ସମିସ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଆନନ୍ଦପୁର ବିଇଓ ହରିହର ଦଳେଇ ମୁଖ୍ୟଅତିଥି ରୂପେ ଯୋଗଦାନ କରିଥିଲେ। ଆନନ୍ଦପୁର ସଙ୍କୁଳ ପ୍ରମୁଖ ନିରାକାର ସାହୁ ଆଶୀର୍ବଚନ ପ୍ରଦାନ କରିଥିଲେ। ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ଉଷାରାଣୀ ଜେନା, ସମ୍ପାଦକ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ, ଉପସଭାପତି ଜଗନ୍ନାଥ ସିଂ, କୋଷାଧ୍ୟକ୍ଷ ଦିଲ୍ଲୀପ ପାତ୍ର, ସଦସ୍ୟ ସୁବାସଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ସଙ୍କୁଳ ସଂଯୋଜକ ବାବାଜୀ ଚରଣ ପଣ୍ଡାଙ୍କ ସଂଯୋଜନାରେ ପ୍ରଧାନଆଚାର୍ଯ୍ୟ ନିରଞ୍ଜନ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଦିବାପର୍ଯ୍ୟାୟ ପ୍ରମୁଖ ବିଷ୍ଣୁପ୍ରିୟା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ଅହଲ୍ୟା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଆନନ୍ଦପୁର ସଙ୍କୁଳ ଅନ୍ତର୍ଗତ ୧୦ଟି ବିଦ୍ୟାଳୟରୁ ବିଜ୍ଞାନ ଓ ଗଣିତ ବିଷୟର ପ୍ରକଳ୍ପ, ପ୍ରୟୋଗ, ପତ୍ରବଚନ, ବୈଦିକ ଗଣିତ, ସଂସ୍କୃତି ଜ୍ଞାନ ଓ ବିଜ୍ଞାନର ପ୍ରଶ୍ନମଞ୍ଚ, ସଂସ୍କୃତି ଜ୍ଞାନ କଥାକଥନ ଓ ମୂର୍ତ୍ତିକଳା ଆଦି ବିଭିନ୍ନ ବିଭାଗରେ ମୋଟ ୨୧୪ ଜଣ ପ୍ରତିଭାଗୀ ଯୋଗଦାନ କରିଥିଲେ। ସମସ୍ତ କୃତୀ ଶିଶୁମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବର ମୁଖ୍ୟଅତିଥି ଭାବେ ସର୍ବେଶ୍ୱର ଦଳେଇ (ଆନନ୍ଦପୁର ନଗର ସଂଘ ଚାଳକ), ବିଦ୍ୱତ ପରିଷଦର ସଭାପତି ଶଶିଭୂଷଣ ମହାପାତ୍ର, ସମ୍ପାଦକ ପବିତ୍ର ମୋହନ ବେହେରା, ସଙ୍କୁଳ ପ୍ରମୁଖ, ସଙ୍କୁଳ ସଂଯୋଜକ ତଥା ପରିଚାଳନା ସମିତିର କର୍ମକର୍ତ୍ତା ଯୋଗ ଦେଇଥିଲେ। ଗୁରୁଜୀ ପଙ୍କଜ ମହାନ୍ତି, ଗୁରୁମା କିରଣବାଳା ବେହୁରିଆ, ଗୁରୁମା ମନୋରମା ସାହୁ ସହଯୋଗ କରିଥିଲେ। ବିଜ୍ଞାନ ପ୍ରମୁଖ ତୃପ୍ତିରାଣୀ ବେହେରା, ଗୁରୁମା ସ୍ମୃତିରେଖା ଚାନ୍ଦ, ମାନସ ମଞ୍ଜରୀ ସାହୁ, ଗୁରୁଜୀ ଯୁଧିଷ୍ଠିର ମିଶ୍ର, ବିଶ୍ୱଜିତ୍ ଖୁଣ୍ଟିଆ ଓ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।



## ସାଇବର ସୁରକ୍ଷା ଓ ଆଇନଗତ ଅଧିକାର ସଚେତନତା

ବାରିପଦା, ୮।୮ (ସମିସ): ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ଶକ୍ତିଶ୍ରୀ ସଶକ୍ତୀକରଣ ସେଲ ଓ ସାଇବର ସୁରକ୍ଷା ସେଲର ମିଳିତ ଆନୁକୂଲ୍ୟରେ ସାଇବର ସୁରକ୍ଷା ଓ ଆଇନଗତ ଅଧିକାର ସମ୍ପର୍କିତ ଏକ ଆଲୋଚନାଚକ୍ର ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ଡିଜିଟାଲ ଯୁଗରେ ମହିଳା ସଶକ୍ତିକରଣ, ସଚେତନତା, ସୁରକ୍ଷା ଓ ଆଇନଗତ ସୁରକ୍ଷା ମାଧ୍ୟମରେ ସାଇବର ଅପରାଧର ପ୍ରତିରୋଧ' ଶୀର୍ଷକରେ ଆୟୋଜିତ ଏହି ଆଲୋଚନାଚକ୍ରରେ ମୟୂରଭଞ୍ଜର ସାଇବର ଥାନାର ପ୍ରଭାରୀ ତଥା ଉପଆରକ୍ଷୀ ଅଧିକାରୀ ଅଜୟ କୁମାର ଜେନା ଓ ଇନ୍ସପେକ୍ଟର ପ୍ରଦୀପ କୁମାର ମାଝୀ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ଆଜିକାଲିର ସମୟ ଡିଜିଟାଲର ସମୟ ଓ ଏହି



କ୍ରମରେ ସାଇବର ଠକେଇ ଆଜିର ଦିନରେ ଏକ ସାଧାରଣ କଥା ହୋଇଗଲାଣି ବୋଲି କହିବା ସହିତ ସେଥିରୁ ରକ୍ଷା ପାଇବାର ବିଭିନ୍ନ ଉପାୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ଡାଟା ଲିକ, ମୋବାଇଲ ଫୋନ ଚୋରି, ମୋବାଇଲ ହେକ ଆଦିକୁ କିପରି ରୋକାଯାଇପାରିବ ଓ ଏ ସମ୍ପର୍କିତ ସରକାରୀ ସ୍ତରରେ କି କି ଆଇନଗତ ସହାୟତା ମିଳିପାରିବ, ସେ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସାଗରିକା ସିଂହ ସଭାପତିତ୍ୱ କରି ଛାତ୍ରୀଙ୍କୁ ସାହସୀ, ଚତୁର ଓ ସବୁବେଳେ ସଚେତନ ରହିଲେ କେହି ତୁମକୁ ଠକି ପାରିବେନାହିଁ ବୋଲି କହିଥିଲେ। ଶକ୍ତିଶ୍ରୀ ସାଥୀ ସୁଶ୍ରୀ ଶ୍ରଦ୍ଧା ସୁମନ ମହାନ୍ତ ଅତିଥିଙ୍କୁ ମଞ୍ଚକୁ ଆବାହନ କରିଥିବାବେଳେ ଶକ୍ତିଶ୍ରୀ ସଂଯୋଜିକା ସହକାରୀ ପ୍ରଫେସର ସୁଶ୍ରୀ ସଂଗୀତ ପତି ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ ସାଇବର ସୁରକ୍ଷା ସେଲର ସଂଯୋଜକ ତଥା ଇତିହାସ ବିଭାଗର ସହକାରୀ ପ୍ରଫେସର ଲକ୍ଷ୍ମଣ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଲଟିବା ପୂର୍ବରୁ ଲକ୍ଷ୍ମୀ ବସ୍‌ରୁ ଯାତ୍ରୀ ଉଦ୍ଧାର

ବୈଶିଙ୍ଗା, ୮।୮ (ସମିସ): ବୈଶିଙ୍ଗା ଥାନା ଅଧୀନ ସଇତପୁର ଗ୍ରାମ ନିକଟରେ ଶନିବାର ଅପରାହ୍ନରେ ଏକ ଲକ୍ଷ୍ମୀ ବସ ରାସ୍ତାପାଶ୍ୱର୍ ମାଟିରେ ଦବିଯାଇ ଗୋଟିଏ ପାଶ୍ୱର୍କୁ ଢଳିପଡ଼ିଥିଲା। ବସ୍‌ଟି ଓଲଟିବା ପୂର୍ବରୁ ସ୍ଥାନୀୟ ଗ୍ରାମବାସୀଙ୍କ ଉପସ୍ଥିତ ବୁଦ୍ଧି ଓ ସହଯୋଗ ଯୋଗୁଁ ବସ୍‌ରେ ଥିବା ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାରକୁ ଓହ୍ଲାଇ ଅଣାଯାଇଥିଲା। ପରେ ଟ୍ରାକ୍ଟର ସହାୟତାରେ ବସ୍‌କୁ ଉଦ୍ଧାର କରାଯାଇଥିଲା। ଏକ ଲକ୍ଷ୍ମୀ ବସ୍ ବେତନଟୀରୁ ଆମ୍ବଗଡ଼ିଆ ଭାୟା ସଂସା, ସଇତପୁର ଓ କୁରାଢ଼ିକ ଦେଇ ଯାଉଥିଲା। ଅପରାହ୍ନ ପ୍ରାୟ ୩ଟା ସମୟରେ ସଇତପୁର ସ୍କୁଲ ନିକଟରେ



ଗ୍ରାମବାସୀଙ୍କ ଉପସ୍ଥିତ ବୁଦ୍ଧିରୁ ଟଳିଲା ବଡ଼ ଦୁର୍ଘଟଣା

ବସଟି ରାସ୍ତାପାଶ୍ୱର୍କୁ ଯିବା ସମୟରେ ବର୍ଷା ଯୋଗୁଁ ନରମ ହୋଇଥିବା ମାଟିରେ ଚକ ଦବିଯାଇଥିଲା। ଫଳରେ ବସ୍‌ଟି ଧୀରେ ଧୀରେ ଗୋଟିଏ ପାଶ୍ୱର୍କୁ ଢଳିବା ସହ ଓଲଟିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ବସ୍ ଓଲଟିଯିବା ପୂର୍ବରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ବସ୍‌ରେ ଥିବା ସମସ୍ତ ଯାତ୍ରୀଙ୍କୁ ସତର୍କତାର ସହ ବାହାରକୁ ଓହ୍ଲାଇ ଆଣିଥିଲେ। ପରେ ଟ୍ରାକ୍ଟର ସହାୟତାରେ ଦୀର୍ଘ ସମୟ ଧରି ଉଦ୍ୟମ କରାଯାଇ ବସ୍‌କୁ ସୁରକ୍ଷିତ ଭାବେ ରାସ୍ତା ଉପରକୁ ଅଣାଯାଇଥିଲା। ବସ୍ ରାସ୍ତା ପାଶ୍ୱର୍ରେ ଦବିଯିବା ଯୋଗୁଁ କିଛି ସମୟ ପାଇଁ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ତେବେ ଗ୍ରାମବାସୀଙ୍କ ତତ୍ପରତା, ସହଯୋଗ ଓ ଉପସ୍ଥିତ ବୁଦ୍ଧି ଯୋଗୁଁ ଏକ ବଡ଼ଧରଣର ଦୁର୍ଘଟଣା ଏଡ଼ାଇ ଦିଆଯାଇପାରିଥିବା ଜଣାପଡ଼ିଛି।

## ଖୁଣ୍ଟା ପୁଲିସର ପ୍ରୟାସ | ଦୁର୍ଘଟଣା ରୋକିବାକୁ ରାଜପଥରେ ଖାଲ ପୋତିଲା

ଖୁଣ୍ଟା, ୮।୮ (ସମିସ)

ଦୁର୍ଘଟଣା ଏଡ଼ାଇବାକୁ ଖୁଣ୍ଟା ପୁଲିସ ଅଭିନବ ପଦକ୍ଷେପ ଗ୍ରହଣ କରିଛି। ରାଜପଥରେ ଦୁର୍ଘଟଣା ଓ ଜୀବନହାନୀର କାରଣ ପାଲଟିଥିବା ବଡ଼ ବଡ଼ ଖାଲକୁ ଖୁଣ୍ଟା ପୁଲିସ ଶନିବାର ପୋତିଛି। ସଡ଼କ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଖୁଣ୍ଟା ପୁଲିସ ୧୯ ନମ୍ବର ରାଜପଥର ନାହୁଆ ଓ ପଥରା ମଧ୍ୟରେ ରାସ୍ତାରେ ଏକାଧିକ ଖାଲକୁ ବାଲି ସିମେଣ୍ଟ, ବଜୁରୀ ଦ୍ୱାର ପୋତିଛି। ଉକ୍ତ ସ୍ଥାନରେ ଖାଲମାନଙ୍କରେ ବର୍ଷା ପାଣି ଭର୍ତ୍ତି ହୋଇରହୁଥିବାରୁ ରାତି ସମୟରେ



ଯାତ୍ରୀ ଓ ଦୁଇଚକିଆ ଚାଳକଙ୍କ ପାଇଁ ତାହା ବିପଦ ପାଲଟିଥିଲା। ଗାଡ଼ି ଖାଲରେ ପଡ଼ିଯିବା ଫଳରେ ନିୟନ୍ତ୍ରଣ ହରାଇ ଦୁର୍ଘଟଣା ଘଟୁଥିଲା। ଗତ ଦୁଇଦିନରେ ଲଗାତର ଏକାଧିକ ଦୁର୍ଘଟଣା ଘଟି ଚାରିଜଣ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଭୁବନେଶ୍ୱର ଏମସକୁ ନିଆଯାଇଛି। ବର୍ଷା ରାତିରେ ଦୁର୍ଘଟଣା ପୁଲିସ ବିଭାଗ ପାଇଁ ଚିନ୍ତାର ବିଷୟ ହୋଇଥିବାବେଳେ ପୂର୍ତ୍ତ ବିଭାଗର ଉଦଳା ଉପଖଣ୍ଡ ଅଧୀନରେ ଆସୁଥିବା ରାଜପଥରେ ମରାମତି କରା ନ ଯିବା ଚିନ୍ତାର ବିଷୟ। ରାସ୍ତା ମରାମତି ଆବଶ୍ୟକ ହେଉଥିବା ବାବଦରେ ଖବର ପ୍ରକାଶ ପାଇଆସୁଥିଲେ ମଧ୍ୟ ପୂର୍ତ୍ତ ବିଭାଗର ଠିକା ସଂସ୍ଥା ସେଥିପ୍ରତି ଦୃଷ୍ଟି ଦେଉନାହିଁ।

ବାଇକ୍ ଓ ସାଇକଲ ଇତ୍ୟାଦି ଦୁର୍ଘଟଣା ରୋକିବାକୁ ଅନ୍ୟ ଉପାୟ ନ ପାଇ ଖୁଣ୍ଟା ପୁଲିସ ପକ୍ଷରୁ ଏଏସଆଇ ରତିକାନ୍ତ ଦାସ ଓ ପୁଲିସ କର୍ମଚାରୀ ରାସ୍ତାର ନିର୍ଦ୍ଦିଷ୍ଟ ଦୂରତା ମଧ୍ୟରେ ଥିବା ଖାଲକୁ ସିମେଣ୍ଟ, ବାଲି, ବଜୁରୀ ଇତ୍ୟାଦି ମିଶ୍ରଣରେ ପୋତି ଦେଇ ରାସ୍ତାକୁ ଯାତାୟାତ ଉପଯୋଗୀ କରିଛନ୍ତି। ପୁଲିସର ଏହି ପ୍ରଶଂସନୀୟ ଉଦ୍ୟମକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।

# ‘ମଧୁମାଳତୀ’ରେ ଜ୍ୟୋତିର୍ମୟୀଙ୍କ କଣ୍ଠଦାନ

‘ଇଣ୍ଡିଆନ୍ ଆଇଡଲ ସିଜନ୍-୧୬’ର ବିଜେତା ହେବା ପରେ ଜ୍ୟୋତିର୍ମୟୀଙ୍କୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି । ଏହାସହ ବିଜେତା ହେବା ପରେ ତାଙ୍କୁ ନୂଆ ଓଡ଼ିଆ ସିନେମାରେ କଣ୍ଠଦାନ କରିବାର ସୁଯୋଗ ମିଳିଛି । ନୂଆ ଓଡ଼ିଆ ସିନେମା ‘ମଧୁମାଳତୀ’ ସିନେମାରେ ଜ୍ୟୋତିର୍ମୟୀ ଗୀତ ରେକର୍ଡିଂ କରିଛନ୍ତି । ଓଲିଉଡ୍‌ର ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାସ ଏ ସମ୍ପର୍କରେ ନିଜର ସାମାଜିକ ଗଣମାଧ୍ୟମରେ ଜଣାଇଛନ୍ତି । କେବଳ ସେତିକି ନୁହେଁ, ଜ୍ୟୋତିର୍ମୟୀଙ୍କ ସହ ସେ ନିଜର ଫଟୋ ରେକର୍ଡିଂ ଷ୍ଟୁଡିଓରୁ ହିଁ ସେୟାର୍ କରିଛନ୍ତି । ଏହିକଥା ସାମ୍ନାକୁ ଆସିବା ପରେ ଉଭୟ ସିନେମା ଓ ଜ୍ୟୋତିର୍ମୟୀଙ୍କ ଗୀତକୁ ନେଇ ଲୋକେ ଉତ୍ସାହିତ ଅଛନ୍ତି ।





# ଭିନ୍ନ ଭୂମିକାରେ ଉଷସୀ

ମୁକ୍ତିଲାଭ ଅପେକ୍ଷାରେ ଥିବା ନୂଆ ଓଡ଼ିଆ ସିନେମା ‘ଦଣ୍ଡକାଳୀ’ରେ ନଜର ଆସିବେ ଉଷସୀ ମିଶ୍ର । ଏଥିରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ତଥା ଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି । ସିନେମାଟି ଗଞ୍ଜାମ ପ୍ରସିଦ୍ଧ ମା’ ଦଣ୍ଡକାଳୀଙ୍କ ଦଣ୍ଡଯାତ୍ରା ଉପରେ ଆଧାରିତ । ରାଜଶ୍ରୀ ସିନେ କ୍ରାଫ୍ଟ ବ୍ୟାନର୍‌ରେ ପ୍ରସ୍ତୁତ ଏହି ସିନେମାର ପ୍ରଯୋଜନାରେ ଅଛନ୍ତି ରାଜଶ୍ରୀ ଘୋଷ । ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ ଏହି ସିନେମାର କାହାଣୀ ରଚନା କରିଛନ୍ତି ଅଭିସିକ୍ତ ମିଶ୍ର । ସଂଳାପ ଓ ଚିତ୍ରନାଟ୍ୟରେ ଦିଲ୍ଲୀପ ଚୌଧୁରୀ ଥିବା ବେଳେ ସଂଗୀତରେ ଅଛନ୍ତି ପ୍ରେମ ଆନନ୍ଦ । ସିନେମାର ଗୀତ ରଚନା କରିଛନ୍ତି ବାପୁ ଗୋସ୍ୱାମୀ ଏବଂ ନିର୍ମଳ ନାୟକ । ଏଥିରେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ ନାୟକ ଓ ଦିବ୍ୟା ସାମଲ । ତେବେ ସିନେମାର ବିଭିନ୍ନ ଚରିତ୍ରରେ ନଜର ଆସିବେ ମହାଶ୍ୱେତା, ସିଦ୍ଧାନ୍ତ, ସୂର୍ଯ୍ୟମୟୀ, ଚିତ୍ରସେନ ଘୋଷ, ତୃପ୍ତି ମୀରାମ୍ବିକା, କ୍ରିଷ୍ଣା କର, ଏଲି ପାଢ଼ି, ଚୌଧୁରୀ ଜୟ ପ୍ରକାଶ, ପ୍ରୀତି ରଂଜନ ପ୍ରଧାନ, ମଧୁସୂଦନ ମିଶ୍ର, ଶ୍ରୀଧର ମହାନ୍ତ, ଅମର ମହାପାତ୍ର, ନିହାର ସାମଲ, ରଜନୀ ପ୍ରମୁଖ । ତେବେ ସିନେମାଟି ଗଣେଶ ପୂଜାରେ ପ୍ରେକ୍ଷାଳୟକୁ ଆସିବା କୁହାଯାଉଛି ।



# ରସେଲ-ପ୍ରିୟଙ୍କା ଏକାଠି



ଦେଶୀଗର୍ଲ ପ୍ରିୟଙ୍କାଙ୍କୁ ଆଗାମୀ ଦିନରେ ‘ବ୍ଲୁଫ୍ଲାଏ’ ହଲିଉଡ୍ ସିନେମାରେ ଦେଖିବାକୁ ମିଳିବ । ଏହା ଏକ ସାଇନ୍ସ-ଫିକସନ୍ ଆକ୍ସନ ଥ୍ରିଲର ସିନେମା । ଏହି ସିନେମାର ନିର୍ଦ୍ଦେଶକ ହଲିଉଡ୍‌ର ଚର୍ଚ୍ଚିତ ନିର୍ଦ୍ଦେଶକ ନିମରୋଡ ଆଂଟଲ । ଏହି ବର୍ଷ ଶେଷ ସୁଦ୍ଧା ସିନେମାର ସୁଟିଂ ଅଷ୍ଟ୍ରେଲିଆରେ କରାଯିବ । ତେବେ ଏହି ସିନେମାର କାହାଣୀ ହେଉଛି କାଙ୍ଗୋରେ ରହୁଥିବା ଜଣେ ୟୁଏନ୍ ଅନୁବାଦକଙ୍କର । ତାଙ୍କୁ ଏକ ଗୋପନୀୟ ମିଶନରେ ପ୍ରେରଣ କରାଯାଉଛି । ଏଠାରେ ତାଙ୍କୁ ଏକ ଦୁର୍ଘଟଣାଗ୍ରସ୍ତ ବିମାନକୁ ଖୋଜିବାରେ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି ମିଶନ ଆଗକୁ ବଢ଼ିବା ସହିତ ତାଙ୍କୁ ଅନେକ ସମସ୍ୟାର ସାମ୍ନା କରିବାକୁ ପଡୁଛି । ତା’ସହ କାହାଣୀ ରୋମାଞ୍ଚକ ମୋଡ଼ ନେଉଛି । ଅନ୍ୟପଟେ ଏହି ସିନେମା ମାଧ୍ୟମରେ ପ୍ରିୟଙ୍କା ହଲିଉଡ୍ ଷ୍ଟାର୍ ରସେଲ କ୍ରୋଙ୍କ ସହିତ କାମ କରିବେ । ଦୁହିଁଙ୍କ ଯୋଡ଼ିକୁ ନେଇ ପ୍ରଶଂସକ ଖୁବ୍ ଉତ୍ସାହିତ ଅଛନ୍ତି ।



# ୨୪ ଘଣ୍ଟା ସୁଟିଂ କଲେ ଅମିତାଭ



୮୩ ବର୍ଷ ବୟସରେ ବଲିଉଡ ମହାନାୟକ ଅମିତାଭ ବଚ୍ଚନଙ୍କ କାମ ପ୍ରତି ଥିବା ଦୃଢ଼ ଇଚ୍ଛାଶକ୍ତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ନିକଟରେ ‘କୌନ ବନେଗା କରୋଡ଼ ପତି ସିଜନ ୧୮’ର ପ୍ରିମିୟର ପୂର୍ବରୁ ବିଗ୍ ବି ଲଗାତାର ୨୪ ଘଣ୍ଟା ନନ୍ ଷ୍ଟପ୍ ସୁଟିଂ କରିଛନ୍ତି । ସେ ଏକଥା ନିଜ ବ୍ଲଗ୍‌ରେ ଜଣାଇଛନ୍ତି । ଏହାସହ ପରିହାସ ପୂର୍ବକ ଏଭଳି ନ କରିଥିଲେ ଚାକିରି ଯିବାର ଭୟ ଥିଲା ବୋଲି କହିଛନ୍ତି । ସେ ପ୍ରଥମ ଦିନ ସକାଳ ୭ଟାରୁ ତା’ପର ଦିନ ସକାଳ ୭ଟା ପର୍ଯ୍ୟନ୍ତ ଲଗାତାର ସୁଟିଂ କରିଛନ୍ତି । ଏହାବାଦ୍ ଏହି କାମ ଖୁବ୍ ଜରୁରି ଥିବା ସେ କହିଛନ୍ତି । ତେଣୁ କୌଣସି ପ୍ରକାରେ ଏହାକୁ ଘୁଞ୍ଚାଇବା ସମ୍ଭବପର ନ ଥିଲା । କାମ ଶେଷ ହେବା ପରେ ତାଙ୍କୁ ସବୁଠୁ ଅଧିକ ଖୁସି ନିଜର ନିତିଦିନର ବ୍ଲଗ୍ ଓ ପ୍ରଶଂସକଙ୍କ ସହ ଯୋଡ଼ି ହେବାରେ ଲାଗେ । ୮୩ ବର୍ଷ ବୟସରେ ବିଗ୍ ବିଙ୍କ ସିଡ୍ୟୁଲ ଅତ୍ୟନ୍ତ ବ୍ୟସ୍ତତାପୂର୍ଣ୍ଣ ବୋଲି ଏହି ଘଟଣା ସୂଚାଇଛି । ଅଗଷ୍ଟ ୧୦ରୁ ‘କୌନ ବନେଗା କରୋଡ଼ ପତି ସିଜନ ୧୮’ ଆରମ୍ଭ ହେବ । ୨୦୦୦ ମସିହାରୁ ଶୋ’ ଆରମ୍ଭ ହେବାରୁ ଅମିତାଭ ଏହାର ହୋଷ୍ଟ କରି ଆସୁଛନ୍ତି । ଅବଶ୍ୟ ତୃତୀୟ ସିଜନ୍‌ରେ ତାଙ୍କ ସ୍ଥାନରେ ଶାହରୁଖ ନଜର ଆସିଥିଲେ । ବୟସ ଓ ସ୍ୱାସ୍ଥ୍ୟ ସମସ୍ୟା ସତ୍ତ୍ୱେ ନିଜ କାମ ପ୍ରତି କେବେ ଅଣଦେଖା କରୁ ନ ଥିବା ଏହି ସୁଟିଂ ମାଧ୍ୟମରେ ସେ ବୁଝାଇ ଦେଇଛନ୍ତି ।

## ସାକ୍ଷାତକାର

# “ମ୍ୟୁଜିକ୍ ଭିଡିଓ ମୋତେ ଅଧିକ ଲୋକପ୍ରିୟତା ଦେଇଛି”



ସୋନାଲିସା ନାୟକ, ଅଭିନେତ୍ରୀ

ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ଅଭିନେତା ବାବୁସାନଙ୍କର ସେ ଜଣେ ବଡ଼ ପ୍ରଶଂସକ । ତାଙ୍କ ପରି ସେ ନିଜକୁ ପରଦାରେ ଦେଖିବାକୁ ଚାହିଁଥିଲେ । ‘ରଜ ସୁନ୍ଦରୀ’ରେ ଭାଗ ନେଇ ‘ଫୁଲେଇ’ ନାଁରେ ସେ ଭାଇରାଲ୍ ହୋଇଥିଲେ । ଏକାଧିକ ରିଆଲିଟି ଶୋ, ମ୍ୟୁଜିକ୍ ଭିଡିଓ, ବିଜ୍ଞାପନ ଏବଂ ଧାରାବାହିକରେ ଶିଶୁ କଳାକାର ଭାବେ ସେ କାମ କରିସାରିଛନ୍ତି । ବଡ଼ ପରଦାରେ ମଧ୍ୟ ଚମତ୍କାର ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିଥିବା ଏହି ଅଭିନେତ୍ରୀ ଜଣକ ହେଉଛନ୍ତି ବାଲେଶ୍ୱରର ସୋନାଲିସା ନାୟକ । ବର୍ତ୍ତମାନ ସେ ଭୁବନେଶ୍ୱରରେ ରହୁଛନ୍ତି । ‘ପାଦେ ଆକାଶ’ ସିନେମାରେ ସେ ଚମତ୍କାର ଅଭିନୟ କରିଥିଲେ । ରଙ୍ଗିନ ଦୁନିଆରେ ସୋନାଲିସାଙ୍କ ଯାତ୍ରା କିପରି ଥିଲା ଜାଣିବା ତାଙ୍କ ମୁହଁରୁ ।

**ଅଭିନେତ୍ରୀ ହେବାକୁ କାହିଁକି ମନ ବଳାଇଥିଲେ?**

- ପିଲାଦିନେ ମୁଁ ବାବୁସାନ ମହାନ୍ତିଙ୍କ ପ୍ରତ୍ୟେକଟି ସିନେମାକୁ ଦେଖେ । ସେ ମୋର ପ୍ରେରଣା । ତାଙ୍କ ଅଭିନୟ ଦେଖି ଦେଖି ମୋତେ ବି ଅଭିନେତ୍ରୀ ହେବାକୁ ଇଚ୍ଛା ହୋଇଥିଲା । ‘ଝିଅ ଆମର ନୂଆବୋହୂ’, ‘ନୂଆବୋହୂ’, ‘ରାନୀ’ ଆଦି ଧାରାବାହିକରେ ମୁଁ ଶିଶୁ କଳାକାର ଭାବେ କାମ କରିଛି । ଏହାପରେ ମୁଁ ‘ରଜସୁନ୍ଦରୀ’, ‘ଶ୍ରେଷ୍ଠ ଓଡ଼ିଆଣୀ’ ଆଦି ଏକାଧିକ ରିଆଲିଟି ଶୋ’ରେ ଭାଗ ନେଇ ଦର୍ଶକଙ୍କ ଭଲପାଇବା ପାଇଛି । ‘ଶ୍ରୀ’ ମୋର ପ୍ରଥମ ଧାରାବାହିକ । ‘କନ୍ୟାଦାନ’ ଧାରାବାହିକରେ ଅଭିନୟ କରିବାକୁ ସୁଯୋଗ ପାଇଛି । ସେହିପରି ୨୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓରେ କାମ କରିଥିଲେ ହେଁ, ତନ୍ମଧ୍ୟରୁ ‘ଝିଅ ବୋଲି ଭାଉ ଖାଉଛୁ’, ‘ ଚାହେଁ ତୋ ଖୁସି’, ‘ତେରେ ପାସ୍ ଆନେ କେ ବହା ହେଁ’, ‘ଷୋଳ ବୟସୀ’ ଆଦି ମ୍ୟୁଜିକ୍ ଭିଡିଓ ହିଟ୍ ହୋଇଛି । ଅଭିନେତ୍ରୀ ଅର୍ଚ୍ଚିତା ଦିଦିଙ୍କ ସହ ‘ପାଦେ ଆକାଶ’ ସିନେମାରେ ମୁଁ ତାଙ୍କ ଭଉଣୀ ଚରିତ୍ରରେ ଅଭିନୟ କରିଛି ।

**ଅଭିନୟ କରିବାକୁ ବିଧିବଦ୍ଧ ଭାବେ ତାଲିମ ନେଇଥିଲେ?**

- ନାଁ । ‘ରଜ ସୁନ୍ଦରୀ’ ପ୍ଲାଟଫର୍ମରୁ ମୁଁ ଫୁଲେଇ ନାଁରେ ବେଶ୍ ଭାଇରାଲ ହୋଇଥିଲି । ସେତେବେଳେ ମୋର ପ୍ରଶଂସକଙ୍କ ସଂଖ୍ୟା ବହୁତ ଅଧିକ ବଢ଼ିଯାଇଥିଲା । ଦର୍ଶକଙ୍କ ଭଲପାଇବା ମୋତେ ଭଲ ଅଭିନୟ କରିବାକୁ ସୁଯୋଗ ଦେଇଥିଲା । ତା’ ସହିତ ନିର୍ଦ୍ଦେଶକ ଏବଂ ବରିଷ୍ଠ କଳାକାରଙ୍କ ପାଖେ ବସି କେମିତି ଭଲ ଅଭିନୟ କରିବି ସେକଥା ଗ୍ରହଣ କରେ । ଅଭିନୟକୁ ଜୀବନ୍ତ କରିବାକୁ ଘରେ ଦର୍ପଣ ସାମ୍ନାରେ ବି ଅଭ୍ୟାସ କରେ ।

**ଆପଣଙ୍କ ପ୍ରଥମ ପାରିଶ୍ରମିକ ?**

- ପ୍ରଥମ ପାରିଶ୍ରମିକ ଭାବେ ମୋତେ ଶହେ ଟଙ୍କା ମିଳିଥିଲା ।

**ଆପଣଙ୍କୁ କେଉଁ ପ୍ଲାଟଫର୍ମ ଅଧିକ ଲୋକପ୍ରିୟତା ଦେଇଛି?**

- ଧାରାବାହିକ, ସିନେମା ସବୁଠି ଦର୍ଶକଙ୍କ ଭଲପାଇବା ମିଳିଥିଲେ ମଧ୍ୟ ମ୍ୟୁଜିକ୍ ଭିଡିଓରୁ ମୋତେ ଅଧିକ ଲୋକପ୍ରିୟତା ମିଳିଛି ।

**ପାଠପଢ଼ା ସହିତ ଅଭିନୟ ପାଇଁ କେମିତି ସମୟ ଦିଅନ୍ତି?**

- ବର୍ତ୍ତମାନ ମୁଁ ଯୁକ୍ତ ତିନି (ଏଆଇ କୋର୍ସ)ରେ ପଢୁଛି । ଆଗକୁ ପି.ଜି. କରିବି । ତେବେ ଧାରାବାହିକରେ ସାରା ଦିନ ସମୟ ଦେବାକୁ ପଡୁଥିବାରୁ ମୁଁ ମୋ ପଢ଼ା ପାଇଁ ସମୟ ଦେଇ ପାରିନଥିଲି । ମୋତେ ବହୁତ ସମସ୍ୟା ହୋଇଥିଲା । ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ବି ଦେଇ ପାରିନଥିଲି । ସେଥିପାଇଁ ଏବେ ଧାରବାହିକ ବଦଳରେ ଆଡସୁଟ୍, ପ୍ରମୋସନାଲ ସୁଟ୍, ଟେଲି ଫିଲ୍ମ ଏବଂ ସିନେମାକୁ ଅଧିକ ଗୁରୁତ୍ୱ ଦେଉଛି । ତେବେ ଭବିଷ୍ୟତରେ ଅଭିନୟ ଜାରି ରଖିବା ସହ ଭଲ ଚାକିରି କରିବା ମୋର ଲକ୍ଷ୍ୟ ।

**ଡ୍ରିମ୍ ରୋଲ୍?**

- ମୋତେ ଯାହାବି ଚରିତ୍ର ମିଳିବ ତାହାକୁ ଜୀବନ୍ତ କରିବା ସହିତ ଏହାକୁ ଦର୍ଶକ ଯେପରି ଗ୍ରହଣ କରିବେ ସେନେଇ ଆପ୍ରାଣେ ଚେଷ୍ଟା କରିବି ।

**ଅଭିନୟ ଜଗତରେ ଆଗକୁ ବଢ଼ିବାକୁ କ’ଣ କରିବା ଦରକାର?**

- ଅଭିନୟ ଜଗତରେ କାମ କରିଲେ ପ୍ରତିଦିନ ନୂଆ ନୂଆ କଥା ଶିଖିବାକୁ ମିଳେ । ତେଣୁ ଶିଖିବା ମନୋବୃତ୍ତି ନେଇ ବରିଷ୍ଠ କଳାକାରଙ୍କ ପାଖରୁ କାମ ଶିଖିବା ଆବଶ୍ୟକ । ଏହା ସହ ଚରିତ୍ରକୁ ଗୁରୁତ୍ୱ ଦେବା ସହିତ ନିଜ କାମ ଭାବି ଅଭିନୟ କରିଲେ, କାମ ଭଲ ହୁଏ । ଏଥିପାଇଁ ମାନସିକ ଭାବେ ପ୍ରସ୍ତୁତି ରହିବା ଦରକାର । ବରିଷ୍ଠ କଳାକାରଙ୍କ ମାର୍ଗଦର୍ଶନ ଯେତେ ମିଳିଲେ ବି ନିଜକୁ ଆଗକୁ ବଢ଼ାଇବାକୁ ପ୍ରୟାସ କରିବା ଆବଶ୍ୟକ ।

ପରଦା ପଛର କାହାଣୀ

# ରୋମାଣ୍ଟିକ୍ ଦୃଶ୍ୟ ସୁଟିଂ ପାଇଁ ଚିନ୍ତିତ ଅଭିନେତ୍ରୀ



ଡ୍ରିମଗର୍ଲ ହେମାମାଳିନୀ ୧୯୬୮ ମସିହାରେ ଫିଲ୍ମ ‘ସପନୌ କା ସୌଦାଗର’ ମାଧ୍ୟମରେ ହିନ୍ଦୀ ସିନେମାରେ ଡେବ୍ୟୁ କରିଥିଲେ । ନିକଟରେ ଦେଇଥିବା ଏକ ସାକ୍ଷାତକାରରେ ଏହି ଫିଲ୍ମ ସହ ଜଡ଼ିତ ଏକ ରୋଚକୀୟ କଥା ପ୍ରକାଶ କରିଛନ୍ତି । ଏହି ଫିଲ୍ମରେ ରାଜ୍ କପୁରଙ୍କ ସହ ହେମାମାଳିନୀ ଅଭିନୟ କରିଛନ୍ତି । ତାଙ୍କଠାରୁ ୨୦ ବର୍ଷ ବଡ଼ ଅଭିନେତା ରାଜ୍ କପୁର୍‌ଙ୍କ ସହ ରୋମାଣ୍ଟିକ୍ ଦୃଶ୍ୟ ସୁଟିଂ କରିବା ହେମାଙ୍କୁ ବେଶ୍ ଅସହଜ ଲାଗିଥିଲା । ହେମମାଳିନୀଙ୍କ ପାଇଁ ସେ ମୁହୂର୍ତ୍ତ ଖୁବ୍ କଷ୍ଟକର ଥିଲା । ସେତେବେଳେ ରାଜ୍‌ଙ୍କୁ ୪୦ ବର୍ଷ ଓ ହେମା ପ୍ରାୟ ୨୦ ବର୍ଷ ବୟସ ହୋଇଥିଲା । ତେଣୁ ସେ ଫିଲ୍ମକୁ ନେଇ ଆରମ୍ଭରୁ ହିଁ ଖୁବ୍ ନର୍ଭସ ଥିଲେ । ହେଲେ ପରବର୍ତ୍ତୀ ସମୟରେ ନିର୍ଦ୍ଦେଶକ ମହେଶ କୌଲଙ୍କ ସହାୟତାରେ ସେ ଏହି ରୋମାଣ୍ଟିକ୍ ଦୃଶ୍ୟର ସୁଟିଂ କରିପାରିଥିଲେ । ଗ୍ରେଟେଷ୍ଟ ସୌମାନ ବିପକ୍ଷରେ ତାଙ୍କୁ କାଷ୍ଟ କରିବା ଖୁବ୍ ଅଜବ ଥିଲା । ତେବେ ଏ ସଂପର୍କରେ ସେତେବେଳେ ସେ କାହାକୁ ପ୍ରଶ୍ନ କରିପାରିବା ସ୍ଥିତିରେ ନ ଥିଲେ । ତେବେ ଏହି ଫିଲ୍ମରେ ପ୍ରଥମେ ମୁମ୍‌ତାଜ୍‌ଙ୍କୁ ନିଆ ଯାଇଥିଲା । ହେଲେ ପରବର୍ତ୍ତୀ ସମୟରେ ଏଥିରେ ହେମା ଅଭିନୟ କରିଥିଲେ । ତାଙ୍କ ବ୍ୟତୀତ ସଞ୍ଜୟ କୁମାର, ଧର୍ମେନ୍ଦ୍ର ପ୍ରମୁଖ ମଧ୍ୟ ଅଭିନୟ କରିଥିଲେ । ହେମାଙ୍କ କହିବାନୁଯାୟୀ ସେ ଏକ ରଢ଼ିବାଦୀ ପରିବାରରୁ ଆସିଥିବାରୁ ତାଙ୍କୁ ଫିଲ୍ମରେ ରାଜ୍ କପୁରଙ୍କ ସହ ରୋମାଣ୍ଟିକ୍ ଦୃଶ୍ୟ ସୁଟିଂ କରିବା ଖୁବ୍ କଠିନ ଲାଗିଥିଲା । ଅବଶ୍ୟ ବକ୍ସ ଅଫିସ୍‌ରେ ଏହି ଫିଲ୍ମ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା ।

■ ଅଷ୍ଟ୍ରେଲିଆ ଏକାଦଶ ବିପକ୍ଷ ଅଭ୍ୟାସ ମ୍ୟାଚ

## ୫୪ ରନରେ ଅଲ୍ଆଉଟ୍ ହେଲା ବାଂଲାଦେଶ

ଡରୱିନ, ୮।୮ (ଏଜେନ୍ସି): ବାଂଲାଦେଶ ବିପକ୍ଷରେ ଚାଲିଥିବା ୩ ଦିନିଆ ଅଭ୍ୟାସ ମ୍ୟାଚକୁ ଘରୋଇ କ୍ରିକେଟ୍ ଅଷ୍ଟ୍ରେଲିଆ ଏକାଦଶ ଏକ ପାଳି ଓ ୩୮ ରନରେ ବିଜୟୀ ହୋଇଛି। ଏହି ଅଭ୍ୟାସ ମ୍ୟାଚରେ ବାଂଲାଦେଶର ପ୍ରଥମ ପାଳି ସ୍କୋର ୨୬୩ ରନ ଜବାବରେ କ୍ରିକେଟ୍ ଅଷ୍ଟ୍ରେଲିଆ ଏକାଦଶ ୩୫୫ ରନ କରିଥିଲା। ଫଳରେ ୯୨ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଭ୍ରମଣକାରୀ ବାଂଲାଦେଶ ଶନିବାର ତୃତୀୟ ଦିବସରେ ମାତ୍ର ୫୪ ରନ କରି ଅଲ୍ଆଉଟ୍ ହୋଇଯାଇଥିଲା। ଓପନର୍ ତାନଜିଦ ହାସନ ତମିମ ସର୍ବାଧିକ ୨୨ ରନ କରିଥିଲେ। ଅନ୍ୟ ୧୦ଜଣ ଯାକ ବ୍ୟାଟର ଦୁଇଅଙ୍କ ଛୁଇଁପାରି ନ ଥିଲେ। ଘରୋଇ ଦଳ ପକ୍ଷରୁ ବାମହାତୀ ଦ୍ରୁତ ବୋଲର କ୍ୟାମ୍ପବେଲ୍ ଥମ୍ପସନ ୮ଟି ୱିକେଟ ନେଇ ବାଂଲାଦେଶର ସର୍ବାଧିକ କ୍ଷତି ଘଟାଇଥିଲେ। ଅଗଷ୍ଟ ୧୩ ତାରିଖରୁ ଅଷ୍ଟ୍ରେଲିଆ ଓ ବାଂଲାଦେଶ ମଧ୍ୟରେ ଦୁଇ ମ୍ୟାଚବିଶିଷ୍ଟ ଟେଷ୍ଟ ସିରିଜ ଏଠାରେ ଆରମ୍ଭ ହେବ।

## ମେସିଙ୍କ ପିତୃ ବିୟୋଗ



ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଆର୍ଜେଣ୍ଟିନାର କିଂବଦନ୍ତୀ ଫୁଟବଲ ଖେଳାଳି ଲିଓନେଲ ମେସିଙ୍କ ପିତା ଜୋର୍ଜ ମେସିଙ୍କର ଶନିବାର ବିୟୋଗ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୬୮ ବର୍ଷ ହୋଇଥିଲା ଓ ସେ ଗତ କିଛି ଦିନ ଧରି ଅସୁସ୍ଥ ଥିଲେ। ଏପରିକି ଗତ ବିଶ୍ୱକପ୍ ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇ ପଡ଼ିଥିଲା। ଯେ କୌଣସି ସମୟରେ ସେ ମୃତ୍ୟୁବରଣ କରିବେ ବୋଲି ଜଣାପଡ଼ିବା ପରେ ତାଙ୍କ ପରିବାର ଆଉ ଖବର ଦେଇ ନ ଥିଲେ। ମେସିଙ୍କ ଧ୍ୟାନ କେବଳ ଫୁଟବଲ ଖେଳ ଉପରେ ନିବଦ୍ଧ ରଖିବା ଲାଗି ପରିବାର ପକ୍ଷରୁ ଏହାକୁ ସର୍ବସାଧାରଣଙ୍କଠାରୁ ଲୁଚାଇ ରଖାଯାଇଥିଲା। ଲିଓନେଲ ଖେଳ ଆରମ୍ଭ କରିବା ପରଠାରୁ ପିତା ଜୋର୍ଜ ତାଙ୍କ ଖେଳ ଜୀବନ ଓ ରାଜିନାମା ସମ୍ପର୍କରେ ସବୁକିଛି ବୁଝୁଥିଲେ।

## ରସିଦ୍ଙ୍କୁ ଦିନିକିଆରେ ୩ଥର ୬ଟି ୱିକେଟ ସଫଳତା



ଡବ୍ଲିନ୍,୮।୮ (ସମିସ): ଆଫଗାନିସ୍ତାନର ଲେଗ୍ ସ୍ପିନର ରସିଦ୍ ଖାନ୍ ପ୍ରଥମ ବୋଲର ଭାବେ ଦିନିକିଆ କ୍ରିକେଟ ଫର୍ମାଟର ୩ଥର ୬ଟି ଲେଖାଏଁ ୱିକେଟ ସଫଳତା ପାଇଛନ୍ତି। ଏଠାରେ ଆଜି ଆୟର୍ଲାଣ୍ଡ ସହ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ରସିଦ୍ ଖାନ୍ ୭.୪ ଓଭର ବୋଲିଂ ୩୪ ରନ୍ ବିନିମୟରେ ୬ଟି ୱିକେଟ ଅକ୍ତିଆର କରିଥିଲେ। ଫଳରେ ବର୍ଷା ବାଧାପ୍ରାପ୍ତ ୪୭ ଓଭରବିଶିଷ୍ଟ ଏହି ମ୍ୟାଚରେ ଆଫଗାନିସ୍ତାନ ୯୨ ରନରେ ଆୟର୍ଲାଣ୍ଡକୁ ହରାଇଦେଇଛି। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା। ସୋମବାର ତୃତୀୟ ଦିନିକିଆ ବେଲଫାଷ୍ଟରେ ଖେଳାଯିବ। ରଶିଦ ଖାନ ଏଥିପୂର୍ବରୁ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୧୮ ରନ୍‌ରେ ୭ଟି ଓ ୨୦୧୭ ରେ ଆୟର୍ଲାଣ୍ଡ ବିପକ୍ଷରେ ୪୩ ରନ୍‌ରେ ୬ଟି ୱିକେଟ ନେଇଥିଲେ।

## ଟେଷ୍ଟ ସିରିଜ୍‌ରୁ ସୁଦର୍ଶନ ବାଦ୍

କଲମ୍ବୋ,୮।୮ (ଏଜେନ୍ସି): ଟପ୍ ଅର୍ଡର ବ୍ୟାଟର ସାଇ ସୁଦର୍ଶନ ଅଗଷ୍ଟ ୧୫ରୁ ଶ୍ରୀଲଙ୍କା ସହ ଆରମ୍ଭ ହେବାକୁ ଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ଆହତ ହୋଇ ବେଙ୍ଗାଲୁରୁସ୍ଥିତ ସେଂଟର ଅଫ୍ ଏକ୍ସିଲେନ୍ସରେ ଚିକିତ୍ସିତ ହେଉଥିଲେ ମଧ୍ୟ ତାଙ୍କୁ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳରେ ସାମିଲ କରାଯାଇଥିଲା। ସେ କିନ୍ତୁ ଶ୍ରୀଲଙ୍କା ନ ଯାଇ ବେଙ୍ଗାଲୁରୁରେ ଚିକିତ୍ସିତ ହେଉଥିଲେ। ତାଙ୍କୁ ପୂରା ଫିଟ୍ ହେବାକୁ ଆଉ କିଛି ଦିନ ଲାଗିବ ବୋଲି ବିସିସିଆଇ ମେଡିକାଲ ଟିମ୍ କହିବା ପରେ ଟେଷ୍ଟ ସିରିଜ୍‌ରୁ ବାଦ୍ ଦିଆଯାଇଛି। ଦଳରେ ମନୋନୀତ ହୋଇ ଆହତ ସମସ୍ୟାରୁ ମୁକୁଳି ପାରି ଦଳରୁ ବାଦ୍ ପଡ଼ିବାରେ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ପରେ ସାଇ ହେଉଛନ୍ତି ଦ୍ୱିତୀୟ ଖେଳାଳି। ସେହିପରି ଅଭ୍ୟାସବେଳେ ଡାହାଣ ହାତ ଆଙ୍ଗୁଠିରେ ଆଘାତ ଲାଗିଥିବାରୁ ଅଧିନାୟକ ଶୁବମନ ଗିଲ୍ ଶ୍ରୀଲଙ୍କା ମିଳିତ ଏକାଦଶ ସହ ଚାଲିଥିବା ଅଭ୍ୟାସ ମ୍ୟାଚ୍‌ରେ ଖେଳି ପାରି ନାହାନ୍ତି।

## ପାକ୍ କ୍ରିକେଟର ହମ୍‌ଜା ବାସନ୍ଦ

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ପାକିସ୍ତାନ କ୍ରିକେଟ ବୋର୍ଡ ଏହାର ଜଣେ ଉଦୀୟମାନ କ୍ରିକେଟ ଖେଳାଳି ହମ୍‌ଜା ନାଜରଙ୍କୁ ୨ ବର୍ଷ ଲାଗି ବାସନ୍ଦ କରିଛି। ତାଙ୍କର ଦୋଷ ହେଲା, ସେ ବୋର୍ଡ ମାଧ୍ୟମରେ ଭିସା ଆବେଦନ ପତ୍ରରେ ତ୍ରୁଟି ଦର୍ଶାଇଥିଲେ। ଯାହା ଲାଗି ପାକିସ୍ତାନ କ୍ରିକେଟ ବୋର୍ଡକୁ ଅପଦସ୍ତ ହେବାକୁ ପଡ଼ିଥିଲା। ଫଳରେ ହମ୍‌ଜାଙ୍କୁ ବୋର୍ଡ ୨ ବର୍ଷ ବାସନ୍ଦ କରିବା ସହ ଏକ ନିୟୁତ ଅର୍ଥ ଜରିମାନା କରିଛି। ବାସନ୍ଦ ସମୟରେ ତାଙ୍କୁ କୌଣସି ପ୍ରକାର କ୍ରିକେଟ ଖେଳିବାକୁ ଅନୁମତି ମିଳିବ ନାହିଁ ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଭିସା ଆବେଦନ ତ୍ରୁଟିଯୁକ୍ତ ହୋଇ ନ ଥିଲେ ହାମ୍‌ଜା ୱେଷ୍ଟଇଣ୍ଡିଜ୍ ଟୁର୍‌ରେ ଯାଇଥାନ୍ତେ।

ଜାତୀୟ ଜୁନିଅର ପୁରୁଷ ହକି

# ମଧ୍ୟପ୍ରଦେଶକୁ ହରାଇ ଓଡ଼ିଶା ଚାମ୍ପିଅନ

ଭୁବନେଶ୍ୱର, ୮।୮ (ସମିସ)




ତାମିଲନାଡୁର କୋଏମ୍ବାଟୁରରେ ଅନୁଷ୍ଠିତ ଜାତୀୟ ଜୁନିଅର ପୁରୁଷ ହକିର ୧୬ତମ ସଂସ୍କରଣରେ ଓଡ଼ିଶା ଚାମ୍ପିଅନ ହୋଇଛି। ଶନିବାର କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲରେ ଓଡ଼ିଶା ୨-୧ ଗୋଲରେ ମଧ୍ୟପ୍ରଦେଶକୁ ପରାସ୍ତ କରିଥିଲା। ଫଳରେ ଓଡ଼ିଶା ଦଳ ୫ମଥର ଲାଗି ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛି। ଏଥିପୂର୍ବରୁ ଓଡ଼ିଶା। ୨୦୨୩ ସଂସ୍କରଣରେ ଟାଇଟଲ୍ ଜିତିଥିଲା।

ଶନିବାର ଅପରାହ୍ଣରେ ଖେଳାଯାଇଥିବା ଫାଇନାଲ ମ୍ୟାଚର ଦ୍ୱିତୀୟ ମିନିଟରେ ଓଡ଼ିଶା ଗୋଲ୍‌ସ୍କୋର କରିବାରେ ସଫଳ ହୋଇଥିଲା। ମନଦୀପ୍ କେରକେଟା ଏକ ଚମତ୍କାର ଫିଲ୍ଡ ଗୋଲ୍ ଦେଇ ଓଡ଼ିଶାକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହି ଅଗ୍ରଣୀକୁ ଓଡ଼ିଶା ଦଳ ପ୍ରଥମାର୍ଦ୍ଧ ସୁଦ୍ଧା ବଳବତ୍ତର ରଖିଥିଲା। ତେବେ ଦ୍ୱିତୀୟାର୍ଦ୍ଧ ତଥା ତୃତୀୟ କ୍ୱାର୍ଟରରେ ମଧ୍ୟପ୍ରଦେଶ ମ୍ୟାଚକୁ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ୩୭ତମ ମିନିଟରେ ପେନାଲ୍ଟି କର୍ଣ୍ଣରକୁ ସଫଳତାର ସହ ଗୋଲ୍‌ରେ ରୂପାନ୍ତରିତ କରି ମଧ୍ୟପ୍ରଦେଶର ସୋହେଲ ଅଲି ମ୍ୟାଚକୁ ୧-୧'ର ବରାବର୍‌ସ୍ତରକୁ ଆଣିଥିଲେ। ତେବେ ମଧ୍ୟପ୍ରଦେଶର ଏହି ଖୁସି ବେଶି ସମୟ ତିଷ୍ଠିପାରି ନ ଥିଲା। ସେହି ତୃତୀୟ କ୍ୱାର୍ଟରର ଅନ୍ତିମ ମିନିଟ୍ (୪୫ତମ)ରେ ଅଧିନାୟକ ଦୀପକ ପ୍ରଧାନ ଓଡ଼ିଶା ପାଇଁ ବିଜୟସୂଚକ ଦ୍ୱିତୀୟ ଗୋଲଟି କରିଥିଲେ। ଏହାପରେ ମ୍ୟାଚର ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ମଧ୍ୟପ୍ରଦେଶ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ବରାବର୍ ସ୍ଥିତିକୁ ଆଣିପାରି ନ ଥିଲା। ଫଳରେ ଓଡ଼ିଶା ଦଳ ୨-୧ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା।

### ପଞ୍ଜାବକୁ କାଂସ୍ୟ

ଅପରପକ୍ଷରେ ପଞ୍ଜାବ ଦଳ କାଂସ୍ୟ ପଦକ ହାସଲ କରିଛି। ଶନିବାର ସକାଳେ ତୃତୀୟ /ଚତୁର୍ଥ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ପଞ୍ଜାବ ୬-୩ ଗୋଲରେ ଝାଡ଼ଖଣ୍ଡକୁ ହରାଇ ପୋଡିୟମ ଫିନିଶ କରିଥିଲା। ପଞ୍ଜାବ ପକ୍ଷରୁ ଅଧିନାୟକ ଜରମନ ସିଂହ ଓ ଚରଣଜିତ୍ ସିଂହ ଦୁଇଟି ଲେଖାଏ ଗୋଲ୍ ଦେଇଥିଲେ।

● ଜାତୀୟ ଜଳକ୍ରୀଡ଼ା ପ୍ରତିଯୋଗିତା

## ସୌରଭଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ



ଭୁବନେଶ୍ୱର,୮।୮ (ସମିସ): ଓଡ଼ିଶାର ସୌରଭ ପୁଟେଲ ୪୨ତମ ଜାତୀୟ ଉପକନିଷ୍ଠ ଜଳକ୍ରୀଡ଼ା ପ୍ରତିଯୋଗିତାରେ ଦ୍ୱିତୀୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ରାଜସ୍ଥାନର ଜୟପୁରଠାରେ ଚାଲିଥିବା ଏହି ପ୍ରତିଯୋଗିତାର ଶନିବାର ଅନୁଷ୍ଠିତ ୨୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ପ୍ରଥମସ୍ଥାନ ଅଧିକାର କରି ଏହି ସଫଳତା ହାସଲ କରିଛନ୍ତି। ପୂର୍ବରୁ ସେ ଗୁରୁବାର ଅନୁଷ୍ଠିତ ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରି ପ୍ରଥମ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ।

## ଜେମିମାଙ୍କ ଏସିଆ କପ୍ ଖେଳିବା ନେଇ ସନ୍ଦେହ

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ ଦଳର ପ୍ରମୁଖ ଖେଳାଳି ଜେମିମା ରୋଡ୍ରିଗ୍ୱେଜ୍‌ଙ୍କର ଏସିଆ କପ୍ ଖେଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଇଂଲଣ୍ଡରେ ଚାଲିଥିବା ଦ ହଣ୍ଡ୍ରେଡ ଖେଳୁଥିବା ବେଳେ ତାଙ୍କ ହାମ୍‌ଷ୍ଟ୍ରିଙ୍ଗ୍ ଆହତ ହୋଇଛି। ଫଳରେ ତାଙ୍କୁ ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ବଞ୍ଚିତ ହେବାକୁ ପଡ଼ିଛି। ଆହତ ସମସ୍ୟା ଗମ୍ଭୀର ହୋଇ ନ ଥିଲେ ମଧ୍ୟ ଚଳିତମାସ ହେବାକୁ ଥିବା ଏସିଆ କପ୍ ମହିଳା ଟି-୨୦ କ୍ରିକେଟରେ ତାଙ୍କର ଅଂଶଗ୍ରହଣ ନେଇ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ୍ ବୋଲି କୁହାଯାଉଛି।

## କୋରିଆ ଓପନ ଫାଇନାଲରେ ଅସ୍ମିତା

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଭାରତର ଅସ୍ମିତା କାଲିହା ଏଠାରେ ଚାଲିଥିବା କୋରିଆ ଓପନ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଶନିବାର ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ସେ ନିଜ ଦେଶର ରକ୍ଷିତା ରାମରାଜଙ୍କୁ ୨-୧ ସେଟ୍‌ରେ ହରାଇଥିଲେ। ରବିବାର ଖେଳାଯିବାକୁ ଥିବା ଫାଇନାଲରେ ସେ ଚୀନ୍‌ର ହାନ୍ କ୍ୱିଆନ ଜୀ'ଙ୍କୁ ଭେଟିବେ। ହାନ୍ କ୍ୱିଆନ୍ ଅନ୍ୟ ଏକ ସେମିଫାଇନାଲରେ ଦକ୍ଷିଣ କୋରିଆର କିମ୍ ଗା ରାମ୍‌ଙ୍କୁ ୨-୧ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। କ୍ୱାର୍ଟର ଫାଇନାଲରେ ବିଶ୍ୱର ନଂ-୨୨ ଖେଳାଳି ତଥା ଏଠାରେ ଟପ୍ ସିଡ୍ ଥିବା ଜାପାନର ହିନା ଆକେଚିଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିବା ଅସ୍ମିତା ସେମିଫାଇନାଲରେ ମଧ୍ୟ ସମାନ ଖେଳ ପ୍ରଦର୍ଶନ କରିଥିଲେ। ପ୍ରଥମ ସେଟ୍ ହାରିବା ପରେ ଅସ୍ମିତା ଶେଷ ଦୁଇଟି ସେଟ୍‌କୁ ସହଜରେ ଜିତି ଫାଇନାଲରେ ପ୍ରବେଶ କରିଥିଲେ।

ଜାତୀୟ ୧୧ ବର୍ଷରୁ କମ୍ ଚେସ୍

## ଓଡ଼ିଶାର ସାତ୍ତ୍ୱିକ ରନର୍ସଅପ୍




ଭୁବନେଶ୍ୱର,୮।୮ (ସମିସ): ଓଡ଼ିଶାର ବିସ୍ମୟ ବାଳକ ସାତ୍ତ୍ୱିକ ସ୍ୱାଇଁଙ୍କୁ ଆଉ ଏକ ଜାତୀୟ ସ୍ୱୀକୃତି ମିଳିଛି। କର୍ଣ୍ଣାଟକର ମାଙ୍ଗାଲୋରଠାରେ ଶନିବାର ଶେଷ ହୋଇଥିବା ଜାତୀୟ ୧୧ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାରେ ସାତ୍ତ୍ୱିକ ରନର୍ସ ଅପ୍ ହୋଇଛନ୍ତି। ୧୧ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ସେ ୯.୫ ପଏଣ୍ଟ ସଂଗ୍ରହ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ପଶ୍ଚିମବଙ୍ଗର ଫିଡେ ମାଷ୍ଟର ମଣି ୧୦.୫ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିବା ସହ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଏହି ସଫଳତା ବଳରେ ଉଭୟ ଖେଳାଳି ବିଶ୍ୱ ଯୁବ ଚେସ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଗତ ଏକମାସ ମଧ୍ୟରେ ସାତ୍ତ୍ୱିକଙ୍କର ଏହା ତୃତୀୟ ଟ୍ରଫି। ନିକଟରେ ରାଜ୍ୟଗୋଷ୍ଠୀ ଚେସ୍‌ରେ ତାଙ୍କୁ ଦୁଇଟି ବିଭାଗରେ ମେଡାଲ ମିଳିଥିଲା। ସାତ୍ତ୍ୱିକଙ୍କ ଏହି ସଫଳତା ଲାଗି କଟକ କିଙ୍ଗ ଚେସ୍ ସେଣ୍ଟରର ପ୍ରତିଷ୍ଠାତା ତଥା ତାଙ୍କ କୋଚ୍ ବିଶ୍ୱଜିତ୍ ରାୟ, ଅଲଓଡ଼ିଶା ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି। ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲ୍‌ରେ ପଢୁଥିବା ସାତ୍ତ୍ୱିକ ଭୁବନେଶ୍ୱରର ସୋନମ ଓ ସମ୍ବିତ ସ୍ୱାଇଁଙ୍କ ଜ୍ୟେଷ୍ଠପୁତ୍ର ଅଟନ୍ତି।

## ଅଶୋକ ମହାନ୍ତିଙ୍କ 'କ୍ରୀଡ଼ା ଓ କ୍ରୀଡ଼ାବିତ୍' ପୁସ୍ତକ ଲୋକାର୍ପିତ



ଭୁବନେଶ୍ୱର,୮।୮ (ସମିସ): ବିଶିଷ୍ଟ କ୍ରୀଡ଼ା ପ୍ରଶାସକ ତଥା ସମୀକ୍ଷକ ସ୍ୱର୍ଗତ ଅଶୋକ ମହାନ୍ତିଙ୍କ ଦ୍ୱାରା ଲିଖିତ ପୁସ୍ତକ 'କ୍ରୀଡ଼ା ଓ କ୍ରୀଡ଼ାବିତ୍' ଲୋକାର୍ପିତ ହୋଇଛି। ଶନିବାର କଳିଙ୍ଗ ଷ୍ଟାଡିୟମ୍‌ସ୍ଥିତ ଟେନିସ୍ ଅଡିଟୋରିୟମ୍‌ରେ ଆୟୋଜିତ ଏକ ଭବ୍ୟ ଉତ୍ସବରେ ଏହି ପୁସ୍ତକର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଶୋକ ମହାନ୍ତି ସ୍ମୃତି କମିଟି ଏବଂ ଭୁବନେଶ୍ୱର କ୍ରୀଡ଼ା ସଂସଦର ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି କ୍ରୀଡ଼ାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ ସହ ବରିଷ୍ଠ ରାଜନେତା ସୁରେଶ କୁମାର ରାଉତରାୟ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି, ଭୁବନେଶ୍ୱର କ୍ରୀଡ଼ା ସଂସଦ ସମ୍ପାଦକ ଡ. ସୌର୍ଯ୍ୟରଞ୍ଜନ ପରିଜା, ଓଡ଼ିଶା ଅଲିମ୍ପିକ୍ ସଂଘ ସମ୍ପାଦକ ଅଭିଜିତ୍ ପାଲ, ବରିଷ୍ଠ ରେଳବାଇ ଅଧିକାରୀ ଦିଲ୍ଲୀପ ସାମନ୍ତରାୟ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସଂଗଠକ ଜଗନ୍ନାଥ ପ୍ରଧାନ ଏବଂ ପ୍ରଶାନ୍ତ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ପୁସ୍ତକର ପ୍ରକାଶିକା ଲିଜାଶ୍ରୀ ବିଶୋୟୀଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଅଶୋକ ମହାନ୍ତିଙ୍କ ଝିଅ ଅମୃତା ମହାନ୍ତି ଓ ଜର୍ମାନୀରେ ରହୁଥିବା ଜ୍ୱାଇଁ ସଂଗ୍ରାମ ମହାନ୍ତିଙ୍କୁ ପ୍ରଥମ ପୁସ୍ତକ ଉପହାର ଆକାରରେ ଦିଆଯାଇଥିଲା। ବରିଷ୍ଠ କ୍ରୀଡ଼ା ସାମ୍ବାଦିକ ସମ୍ବିତ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଅର୍ଜୁନ ପୁରସ୍କାର ହାସଲ କରିଥିବା ମିନତି ମହାପାତ୍ର, କ୍ରିକେଟ କୋଚ୍ କିଶୋର ମାଣିଆ, ବିଶିଷ୍ଟ ସଂଗଠକ ମକବୁଲ ଅଲ୍ଲୀ, କ୍ରୀଡ଼ା ଫିଜିଓ ଡାକ୍ତର ମୁକ୍ତିପ୍ରସାଦ ଦାସ, କୋଚ୍ ଅରୁଣ ଦାସ, ଲଳିତ ମହାନ୍ତି, ରାଜେଶ ସିଂଙ୍କ ସହ ବହୁ କ୍ରୀଡ଼ାବିତ୍, କ୍ରୀଡ଼ା ସଂଗଠକ ଓ କ୍ରୀଡ଼ା ସାମ୍ବାଦିକମାନେ ସାମିଲ ହୋଇଥିଲେ।

୨୦ ବର୍ଷରୁ କମ୍ ୱାର୍ଲ୍ଡ ଆଥଲେଟିକ୍ସ

## ଭାରତର ଆଶିଷଙ୍କୁ ରୌପ୍ୟ ପଦକ

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଭାରତର ଆଶିଷ କୁମାର ଯାଦବ ୨୦ ବର୍ଷରୁ କମ୍ ପୁରୁଷ ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଆମେରିକାର ଓରେଗାନ୍‌ଠାରେ ଅନୁଷ୍ଠିତ ଏହି ଇଭେଣ୍ଟରେ ଆଶିଷ ୭୪.୦୯ ମିଟରକୁ ଜାଭେଲିନ୍ ଫିଙ୍ଗି ଦ୍ୱିତୀୟ ସ୍ଥାନରେ ରହିଥିଲେ। ୨୦ ବର୍ଷରୁ କମ୍ ବିଶ୍ୱ ଆଥଲେଟିକ୍ସର ଜାଭେଲିନ୍‌ରେ ପଦକ ଜିତିବାରେ ଆଶିଷ ହେଉଛନ୍ତି ଦ୍ୱିତୀୟ ଭାରତୀୟ। ପୂର୍ବରୁ ୨୦୧୬ରେ ନୀରଜ ଚୋପ୍ରା ସ୍ୱର୍ଣ୍ଣପଦକ ସହ ଭାରତ ଲାଗି ପ୍ରଥମ ପଦକ ବିଜୟୀ ହୋଇଥିଲେ। ଏଠାରେ ଅନୁଷ୍ଠିତ ଜାଭେଲିନ୍ ଥ୍ରୋରେ ଦକ୍ଷିଣ ଆଫ୍ରିକାର ହେଣ୍ଡ୍ରିକ୍ସ ହେମାନ୍ସ ୮୦.୫୦ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ସ୍ୱର୍ଣ୍ଣପଦକ ଓ ଡୋମିନିକାର ଆଡିସନ ଜେମ୍ସ ୭୩.୮୯ ମିଟରକୁ ଜାଭେଲିନ ଫିଙ୍ଗି କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏଥିରେ ଭାଗନେଇଥିବା ଦ୍ୱିତୀୟ ଭାରତୀୟ ପ୍ରତିଯୋଗୀ ଟି ଧରଣୀଧରନ ୭୨.୩୫ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ଷଷ୍ଠ ସ୍ଥାନରେ ରହିଥିଲେ।

ଶ୍ରୀଲଙ୍କା ମିଳିତ ଏକାଦଶ ବିପକ୍ଷ ଅଭ୍ୟାସ ମ୍ୟାଚ୍

# ପାଡ଼ିକଲଙ୍କ ଶତକ, ଜାଡେଜାଙ୍କ ଅର୍ଦ୍ଧଶତକ

କଲମ୍ବୋ,୮।୮ (ଏଜେନ୍ସି)



ଦେବଦତ୍ତ ପାଡିକଲଙ୍କ ଶତକ ଓ ରବୀନ୍ଦ୍ର ଜାଡେଜାଙ୍କ ଅର୍ଦ୍ଧଶତକ ସହ ସ୍ଥାନୀୟ ନନ୍‌ଡେସ୍କ୍ରିପ୍ଟସ କ୍ଲବ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ଶ୍ରୀଲଙ୍କା ମିଳିତ ଏକାଦଶ ବିପକ୍ଷ ମ୍ୟାଚ୍‌ରେ ଭାରତ ଭଲ ଅଭ୍ୟାସ କରିନେଇଛି। ନଂ-୩ରେ ବ୍ୟାଟିଂ କରିଥିବା ପାଡିକଲ ୧୪୨ ଓ ଜାଡେଜା ୬୩ ରନ୍ କରି ଟେଷ୍ଟ ମୁକାବିଲା ଲାଗି ନିଜକୁ ପ୍ରସ୍ତୁତ କରିନେଇଛନ୍ତି। ଶ୍ରୀଲଙ୍କା ଏକାଦଶର ୮ୱିକେଟରେ ୩୬୩ ରନ୍ ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ଭାରତ ପ୍ରଥମ ଇନିଂସରେ ୯୦ ଓଭର ଖେଳି ୬ ୱିକେଟରେ ୩୫୭ ରନ୍ କରିଛି। ଭାରତୀୟ ଅଧିନାୟକ ଶୁବମନ ଗିଲ୍ ଓ ସାଇ ସୁଦର୍ଶନଙ୍କ ଅନୁପସ୍ଥିତିରେ ଅନ୍ୟ ବ୍ୟାଟରଙ୍କଠାରୁ ଭଲ ପ୍ରଦର୍ଶନ ମିଳିପାରି ନାହିଁ। ଉଭୟ ଖେଳାଳି ଆଘାତ ଯୋଗୁଁ ଏହି ମ୍ୟାଚ୍ ଖେଳି ପାରି ନ ଥିଲେ। ଟ୍ରେନିଂବେଳେ ଗିଲ୍‌ଙ୍କ ଡାହାଣହାତ ଆଙ୍ଗୁଳିରେ ଆଘାତ ଲାଗିଥିବାରୁ ଏହି ମ୍ୟାଚ୍ ଖେଳି ନ ଥିଲେ। ଅନ୍ୟପକ୍ଷରେ ଆଘାତ ସମସ୍ୟା ଠିକ୍ ହୋଇନ ପାରିବାରୁ ସାଇ ସୁଦର୍ଶନ ଏହି ଟୁର୍‌ରୁ ବାଦ୍ ପଡ଼ିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓପନର ତଥା ଏହି ମ୍ୟାଚ୍‌ରେ ଦଳର ନେତୃତ୍ୱ ନେଉଥିବା ଲୋକେଶ ରାହୁଲ ୪୦, ମାନବ ସୂତାର ୪୧ ଓ ସାରାଂଶ ଜୈନ ୨୨ ରନ୍‌ର ଉଲ୍ଲେଖନୀୟ ଇନିଂସ ଖେଳିଛନ୍ତି। କିନ୍ତୁ ଟପ୍‌ଅର୍ଡରରେ ଯଶସ୍ୱୀ ଜୟସ୍ୱାଲ ଖାତା ଖୋଲିପାରି ନାହାନ୍ତି। ୱିକେଟରକ୍ଷକ ବ୍ୟାଟର ଭାବେ ଦଳରେ ସ୍ଥାନ ପାଇଥିବା ଋଷଭ ପନ୍ତ୍ ୨ ଓ ଧ୍ରୁବ ଜୁରେଲ ୧ ରନ୍‌ରେ ଆଉଟ ହେବା ଦଳକୁ ନିରାଶ କରିଛି। ଫାଷ୍ଟ ବୋଲର ଗୁରନୁର ବ୍ରାର୍ ୧୮ ବଲ୍‌ରେ ୨ଚୌକା ଓ ୪ଛକା ସହ ଦ୍ରୁତ ୩୬ ରନ୍ କରି ଅପରାଜିତ ରହିଛନ୍ତି। ଆଜି ଖେଳର ଶେଷ ତଥା ଭାରତୀୟ ଇନିଂସର ୯୦ତମ ଓଭରରେ ଶ୍ରୀଲଙ୍କାର ଦୀଲୁମ୍ ସୁଦୀରାଙ୍କୁ ବ୍ରାର୍ ୪ଟି ଯାକ ଛକା ମାରିଥିଲେ। ଶ୍ରୀଲଙ୍କା ପକ୍ଷରୁ ସ୍ପିନର ରମେଶ ମେଣ୍ଡିସ୍ ଓ ଅଶାଙ୍କ ମନୋଜ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି। ଟେଷ୍ଟ ମ୍ୟାଚ୍ ଖେଳିବାର ଅଭିଜ୍ଞତା ଥିବା ଦୁଇ ଫାଷ୍ଟ ବୋଲରଙ୍କ ମଧ୍ୟରୁ ବିଶ୍ୱ ଫର୍ଣ୍ଣାଣ୍ଡୋଙ୍କୁ ଗୋଟିଏ ଓ ଲାହିରୁ କୁମାରାଙ୍କୁ କୌଣସି ୱିକେଟ ମିଳି ନ ଥିଲା। କେଶରା ନୁୱାନ୍ଥା ଅନ୍ୟ ୱିକେଟ ଅକ୍ତିଆର କରିଥିଲେ। ଅନ୍ୟମାନଙ୍କୁ ବ୍ୟାଟିଂ କରିବାର ସୁଯୋଗ ଦେବା ସକାଶେ ଭାରତର ଜାଡେଜା, କୁଲଦୀପ ଯାଦବ ରିଟାୟର୍ଡ ହର୍ଟ ହୋଇଥିଲେ।

ପୂର୍ବରୁ ଆଜି ସକାଳେ ଶ୍ରୀଲଙ୍କା ଦଳ ଗତକାଲିର ସ୍କୋର ୮ ୱିକେଟରେ ୩୬୩ ରନ୍ କରି ପ୍ରଥମ ଇନିଂସ ସମାପ୍ତି ଘୋଷଣା କରିଥିଲା। ଭାରତ ବ୍ୟାଟିଂ ଆରମ୍ଭ କରି ଜୟସ୍ୱାଲଙ୍କ ୱିକେଟ ପ୍ରଥମ ଓଭରରେ ହରାଇଥିଲା। ରାହୁଲଙ୍କ ସହ ଯୋଗଦେବା ପରେ ପାଡିକଲ ଦ୍ୱିତୀୟ ୱିକେଟ ୯୬ ରନ୍ ଉଠାଇଥିଲେ। ଜାଡେଜାଙ୍କ ସହ ୭୨ ରନ୍ ଉଠାଇବା ପରେ ଶତକ ହାସଲ ବା ୧୨୧ ବଲ୍‌ରୁ ୧୦୩ ରନ୍ କରିଥିବା ପାଡିକଲ ରିଟାୟର୍ଡ ହର୍ଟ ହୋଇ ପାଭିଲିଅନ ଫେରିଯାଇଥିଲେ। ତାଙ୍କ ପରେ ବ୍ୟାଟିଂ କରିବାକୁ ଆସିଥିବା ଋଷଭ ପନ୍ତ ୨ ଓ ଧ୍ରୁବ ଜୁରେଲ ୧ ରନ୍‌ରେ ଆଉଟ ହେବା ଫଳରେ ଦଳ ମିଡିଲ ଅର୍ଡରରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏହି ସମୟରେ ୧୧୭ବଲ୍‌ରୁ ୭ ଚୌକା ସହ ୬୩ ରନ୍ କରିଥିବା ଜାଡେଜାଙ୍କୁ ମଧ୍ୟ ଫେରାଇ ନିଆଯାଇଥିଲା। ମାନବ ସୂତାର ଗୋଟିଏ ପଟେ ଦୃଢ଼ତାର ସହ ବ୍ୟାଟିଂ କରୁଥିଲାବେଳେ ୧ ରନ୍ କରିଥିବା କୁଲଦୀପ ଯାଦବ ରିଟାୟଡର୍ ଆଉଟ ଓ ମହମ୍ମଦ୍ ସିରାଜ ୧ରନ୍‌ରେ ଆଉଟ ହେବାରୁ ପାଡ଼ିକଲଙ୍କୁ ପୁଣିଥରେ ବ୍ୟାଟିଂ କରିବାକୁ ପଡ଼ିଥିଲା। ସୂତାର ୪୧ ରନ୍‌ରେ ଆଉଟ ହେବା ପରେ ୨୨ ରନ୍ କରିଥିବା ସାରାଂଶ ଜୈନ ୨୨ ରନ୍ କରିଥିଲାବେଳେ ରିଟାୟର୍ଡ ହର୍ଟ ଭାବେ ପାଭିଲିୟନ ଫେରିଥିଲେ। ପାଡିକଲ ଓ ବ୍ରାର୍ ଶେଷଯାଏ ଆଉଟ ହୋଇ ନ ଥିଲେ। ପାଡିକଲ ମୋଟରେ ୧୬୪ ବଲ୍ ଖେଳି ୧୮ ଚୌକା ସହ ୧୪୨ ରନ୍‌ରେ ଅପରାଜିତ ରହିବା ସହ ଟେଷ୍ଟରେ ସାଇ ସୁଦର୍ଶନଙ୍କ ସ୍ଥାନରେ ନଂ-୩ରେ ବ୍ୟାଟିଂ କରିବାର ଦାବି ଦୋହରାଇଛନ୍ତି। ୯୯ ରନ୍‌ରେ ତାଙ୍କର ଏକ କଟ୍ ଆଣ୍ଡ ବୋଲ୍ଡ ଆଉଟ ସୁଯୋଗକୁ ରମେଶ ମେଣ୍ଡିସ୍ ଛାଡିଦେଇଥିଲେ। ଏହା ବ୍ୟତୀତ ସେ ଆଉଟ ହେବାର ଆଉ କୌଣସି ସୁଯୋଗ ଦେଇ ନ ଥିଲେ।

## ଉଦ୍‌ଘାଟନୀରେ ବିକାଶ ସ୍କୁଲର ବଡ଼ ବିଜୟ



ଆନ୍ତଃସ୍କୁଲ ଫୁଟ୍‌ବଲ

ଭୁବନେଶ୍ୱର, ୮।୮ (ସମିସ): ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ୟୁନିଟ-୬ ଆଥଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ଜୟନ୍ତ ମେମୋରିଆଲ ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତାର ୩୫ତମ ସଂସ୍କରଣ ଶନିବାର ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ବିକାଶ ରେସିଡେଣ୍ଟାଲ ସ୍କୁଲ ୯-୦ ଗୋଲର ବୃହତ୍ ବ୍ୟବଧାନରେ ମଦର୍ସ ପବ୍ଲିକ ସ୍କୁଲକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଦୁର୍ଲଭ ଗୋସ୍ୱାମୀ ୪ ଓ ରେହାନ ପ୍ରଧାନ ୩ଟି ଗୋଲ ଦେଇଥିଲେ। ପ୍ରଭାବୀ ପ୍ରଦର୍ଶନ ଲାଗି ଦୁର୍ଲଭଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୂର୍ବତନ ଖେଳାଳି ପ୍ରଦୀପ ବଳିଆର ସିଂ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶିବପ୍ରସାଦ ସାମନ୍ତରାୟ, ସଫଦୁଲ୍ଲା ଖାନ, ବିଜୟ ମଙ୍ଗରାଜ ଓ ସୁଜିତ ପାଇକରାୟ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ପୂର୍ବରୁ ଉଦଘାଟନୀ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ତପନ କୁମାର ମହାନ୍ତି, ସୁରେଶ ରାଉତରାୟ, ପୁଷ୍ପା ରାଉତ, ପଦ୍ମନାଭ ବେହେରା, ସୌର୍ଯ୍ୟରଞ୍ଜନ ପରିଜା, ଦିଲୀପ କୁମାର ସାମନ୍ତରାୟ ଓ କର୍ପୋରେଟର ଏ. ବେଗମ ଅତିଥିଭାବେ ଯୋଗଦେଇଥିଲେ।




ମୟୁରଭଞ୍ଜର ରାଇରଙ୍ଗପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ୭୨ତମ ଓଡ଼ିଶା ରାଜ୍ୟ ଆଥଲେଟିକ୍ସ ଚାମ୍ପିଅନସିପ୍ ଉଦଘାଟିତ ହୋଇଯାଇଛି। ଏଥିରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଅତିଥି ଭାବେ ଯୋଗଦେଇ କୃତୀ କ୍ରୀଡ଼ାବିତଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୨୧ ● ପାଉଣ୍ଡ ୧୨୮.୧୩
- ୟୁରୋ ୧୦୯.୭୬ ● ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୯,୬୫୦ (ଭୁବନେଶ୍ୱର)
- ରୁପା : ୨,୪୯,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୮,୪୯୯.୦୦
- ନିଫ୍ଟି ୨୪,୫୭୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



# ନରମିଲେ ସରକାର ୟୁପିଆଇ ପେମେଣ୍ଟରେ ଲାଗିବନି ଶୁଳ୍କ

## ସୀମାଠାରୁ ଅଧିକ କିଛି ମର୍ଚ୍ଚାଣ୍ଟ କାରବାର ପାଇଁ ଲାଗୁ ହୋଇପାରେ ଏମ୍‌ଡିଆର୍

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ନିକଟରେ ସଂସଦରେ ଗୃହୀତ ହୋଇଥିବା ପେମେଣ୍ଟ ଏବଂ ସେଟେଲମେଣ୍ଟ ସିଷ୍ଟମ୍ ଆଇନ (ସଂଶୋଧନ) ବିଲ୍ ପ୍ରସଙ୍ଗରେ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ )ପେମେଣ୍ଟରେ ଶୁଳ୍କ ଲାଗୁ ପ୍ରସଙ୍ଗ ଏବେ ଦେଶରେ ବଡ଼ ଆଲୋଚନାର ପ୍ରସଙ୍ଗ ପାଲଟିଛି । ଏହାକୁ ନେଇ ସାରା ଦେଶରେ ବିତର୍କ ଚାଲିଥିବାବେଳେ ପ୍ରସଙ୍ଗ ଏବେ ଏକ ରାଜନୈତିକ ବିବାଦ ମଧ୍ୟ ସୃଷ୍ଟି କରିଛି । ବିରୋଧୀ ୟୁପିଆଇ ନୀତିରେ ପରିବର୍ତ୍ତନକୁ ଘୋର ବିରୋଧ କରୁଛନ୍ତି । ବିବାଦ ତୀବ୍ର ହେବା ପରେ ସରକାର ଆଜି ଏହି ପ୍ରସଙ୍ଗରେ ନରମିଛନ୍ତି । ୟୁପିଆଇ କାରବାର ଶୁଳ୍କଯୁକ୍ତ ହୋଇଯିବ ବୋଲି ଯେଉଁ ପ୍ରଚାର ଚାଲିଛି ତାହାକୁ ଖଣ୍ଡନ କରିଛନ୍ତି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ। ସରକାର ସ୍ପଷ୍ଟ କରିଛନ୍ତି ଯେ ସାଧାରଣ ଉପଭୋକ୍ତାଙ୍କ ପାଇଁ ବ୍ୟକ୍ତି-ବ୍ୟକ୍ତି (ପି-ଟୁ-ପି) ମଧ୍ୟରେ ଏବଂ ସାମାନ୍ୟ ୟୁପିଆଇ ପେମେଣ୍ଟ ସମ୍ପୂର୍ଣ୍ଣ ଭାବେ ମାଗଣା ରହିବ । ଡିଜିଟାଲ ୟୁପିଆଇ ପେମେଣ୍ଟରେ ଛୋଟ ବ୍ୟବସାୟୀଙ୍କୁ ଆଉ କୌଣସି ଶୁଳ୍କ ଦେବାକୁ





ପଡିବନି । ଏହାଛଡା ସୀମାଠାରୁ ଅଧିକ କିଛି ମର୍ଚ୍ଚାଣ୍ଟ କାରବାର ପାଇଁ ବାଣିଜ୍ୟ ରିହାତି ହାର (ଏମ୍‌ଡିଆର୍) ଲାଗୁ ହୋଇପାରେ । ତେବେ ଗ୍ରାହକମାନଙ୍କ ପାଇଁ ୟୁପିଆଇ ପେମେଣ୍ଟ ମାଗଣା ରହିବ । ତେବେ ଭାରତ ସରକାର ଆମେରିକାର ଚାପ ଆଗରେ ମୁଣ୍ଡ ନୁଆଁଇ ୟୁପିଆଇ ନୀତିରେ ପରିବର୍ତ୍ତନ କରୁଥିବା ନେଇ ହେଉଥିବା ଅଭିଯୋଗକୁ ସରକାର ଖଣ୍ଡନ କରିଛନ୍ତି ।

କିଛି ନିର୍ଦ୍ଦିଷ୍ଟ କାରବାର ଉପରେ ଏକ ଏମ୍‌ଡିଆର୍ ପ୍ରଚଳନ ସମ୍ପର୍କରେ ଆଲୋଚନା ମଧ୍ୟରେ କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି ଯେ ୟୁପିଆଇ ମାଧ୍ୟମରେ କାରବାର କରିବା ପାଇଁ ଗ୍ରାହକଙ୍କଠାରୁ କୌଣସି ଶୁଳ୍କ ନିଆଯିବ ନାହିଁ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଆଜି ଜାରି ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି । ମନ୍ତ୍ରାଳୟ କହିଛି ଯେ ଯଦି ଏମ୍‌ଡିଆର୍ ପ୍ରଚଳନ କରାଯାଏ, ତେବେ ଏହା କେବଳ ଏକ ନିର୍ଦ୍ଦିଷ୍ଟ ସୀମାଠାରୁ ଅଧିକ ଏବଂ ଏକ ନାମମାତ୍ର ହାରରେ ସୀମିତ ବ୍ୟବସାୟିକ କାରବାର ପାଇଁ ପ୍ରଯୁଜ୍ୟ ହେବ, ଯାହା ସାଧାରଣତଃ ଡେବିଟ୍ ଏବଂ କ୍ରେଡିଟ୍ କାର୍ଡ କାରବାରରେ ଆଦାୟ କରାଯାଉଥିବା ଏମ୍‌ଡିଆର୍ ଅପେକ୍ଷା ଯଥେଷ୍ଟ କମ୍ ରହିବ । ମନ୍ତ୍ରଣାଳୟ କହିଛି ଯେ ଅଧିକାଂଶ ୟୁପିଆଇ କାରବାର ବ୍ୟବସାୟୀଙ୍କ ପାଇଁ ମୁକ୍ତ ରହିବ । ଏମ୍‌ଡିଆର୍ ଯଦି ପ୍ରଚଳନ କରାଯାଏ, ତେବେ କେବଳ ସୀମା ଆଧାରିତ ହେବ ଏବଂ ସମସ୍ତଙ୍କ ଉପରେ ସମ୍ପୂର୍ଣ୍ଣ ଭାବରେ ଲାଗୁ ହେବ ନାହିଁ । ଅନ୍ୟପକ୍ଷରେ ଆମେରିକାର ଚାପରେ ୟୁପିଆଇ ନୀତିରେ ପରିବର୍ତ୍ତନ ପ୍ରସଙ୍ଗରେ ଅର୍ଥମନ୍ତ୍ରଣାଳୟ କହିଛି ଯେ, ଏହା ସମ୍ପୂର୍ଣ୍ଣ ଆଧାରହୀନ, ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଭ୍ରାନ୍ତିକର । ଯଦି ବାହ୍ୟ ଚାପ ଏକ କାରଣ ହୋଇଥାନ୍ତା, ତେବେ ସରକାର ୨୦୧୬ ରେ ୟୁପିଆଇ ଆରମ୍ଭ କରିନଥାନ୍ତେ କିମ୍ବା ଜାନୁଆରୀ ୨୦୨୦ରୁ ବ୍ୟବସାୟୀ ଏବଂ ନାଗରିକ ଉଭୟଙ୍କ ପାଇଁ ଏହାକୁ ମାଗଣା କରିନଥାନ୍ତେ ଏବଂ ଏହାକୁ ବିଶ୍ୱର ସବୁଠାରୁ ବଡ଼ ରିଅଲ-ଟାଇମ୍ ଇଣ୍ଟର-ଓପରେବଲ୍ ପେମେଣ୍ଟ ସିଷ୍ଟମ୍‌ରେ ପରିଣତ କରି ନ ଥାନ୍ତେ । ତେଣୁ, ଭାରତରେ ଡିଜିଟାଲ୍ ପେମେଣ୍ଟ ଭିତ୍ତିଭୂମି ଯେପରି ସ୍ଥାୟୀ, ପ୍ରତିଯୋଗିତାମୂଳକ, ନବସୃଜନକାରୀ ଏବଂ ଦେଶର ଦ୍ରୁତ ପ୍ରସାରିତ ଡିଜିଟାଲ୍ ଅର୍ଥବ୍ୟବସ୍ଥାକୁ ସେବା ଯୋଗାଇବାରେ ସକ୍ଷମ ରହିବ, ସରକାରଙ୍କ ସେହି ବୃହତ ଉଦ୍ଦେଶ୍ୟ ଆଧାରରେ ଏହି ସଂଶୋଧନକୁ ଦେଖାଯିବା ଉଚିତ୍ ।

ଅପରପକ୍ଷେ ଭାରତୀୟ ପେମେଣ୍ଟ କାଉନ୍‌ସିଲ୍ କହିଛି ଯେ, ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍(ୟୁପିଆଇ) କାରବାର ଗ୍ରାହକମାନଙ୍କ ପାଇଁ ମାଗଣା ରହିବ, ଏବଂ କିରାଣା ଦୋକାନ ସମେତ ଛୋଟ ବ୍ୟବସାୟୀଙ୍କଠାରୁ ଡିଜିଟାଲ ପେମେଣ୍ଟ ଗ୍ରହଣ କରିବା ପାଇଁ କୌଣସି ଶୁଳ୍କ ନିଆଯିବ ନାହିଁ । ବ୍ୟବସାୟୀମାନଙ୍କ ଉପରେ ଲାଗୁ ହେଉଥିବା ସମ୍ଭାବ୍ୟ ଶୁଳ୍କ ସମ୍ପର୍କରେ ରିପୋର୍ଟ ଦ୍ୱାରା ଉଠାଯାଇଥିବା ଚିନ୍ତାକୁ ଦୂର କରିବା ପାଇଁ ପରିଷଦ ଏହି ବିବୃତ୍ତି ଦେଇଛି ।

### ପେଟ୍ରୋଲିୟମ ମନ୍ତ୍ରଣାଳୟର ସ୍ପଷ୍ଟୋକ୍ତି

## ଇ-୨୦ ପେଟ୍ରୋଲରେ କ୍ଲୋରାଇଡ୍, ଜଳୀୟ ବାଷ୍ପ ଥିବା ଦାବି ଭିତ୍ତିହୀନ

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଇବିଏମଏସ୍ (ଇ-୨୦ ପେଟ୍ରୋଲ୍)ରେ ଜଳୀୟବାଷ୍ପ ଓ କ୍ଲୋରାଇଡ୍ ଥିବା କେତେକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ, ତୈଳ ବିପଣନ କମ୍ପାନୀଗୁଡ଼ିକ ସମଗ୍ର ଦେଶରେ ଇବିଏମଏସ୍ ଯୋଗାଣ ଶୃଙ୍ଖଳାର ପ୍ରତ୍ୟେକ ସ୍ତରକୁ ନେଇ ଅତିରିକ୍ତ ଓ ବ୍ୟାପକ ଯାଞ୍ଚ କରିଥିଲେ । ଏହି ପରୀକ୍ଷଣରୁ ସ୍ପଷ୍ଟ ହୋଇଛି ଯେ ଇନ୍ଧନର ଗୁଣବତ୍ତା ନିର୍ଦ୍ଧାରିତ ସୀମା ମଧ୍ୟରେ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି । ବୈଜ୍ଞାନିକ ପଦ୍ଧତିରେ କରାଯାଇଥିବା ବ୍ୟାପକ ଆକସ୍ମିକ ପରୀକ୍ଷଣର ପ୍ରମାଣ ଆଧାରରେ, କିଛି ଦାବିର ବିପରୀତ, ଇନ୍ଧନ ପ୍ରଦୂଷଣ କିମ୍ବା ମିଶ୍ରଣକୁ ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ । ଏହି ପରୀକ୍ଷଣ ପରେ ତୈଳ ବିତରଣ କମ୍ପାନୀମାନେ ଗ୍ରାହକମାନଙ୍କୁ ଆଶ୍ୱସ୍ତ କରିଛନ୍ତି ଯେ ସେମାନେ ଇନ୍ଧନ ଗୁଣବତ୍ତାକୁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି । ଗାଡ଼ିର କାର୍ଯ୍ୟଦକ୍ଷତା କିମ୍ବା ଉପଭୋକ୍ତାଙ୍କ ବିଶ୍ୱାସକୁ ପ୍ରଭାବିତ କରିପାରୁଥିବା ଯେକୌଣସି ସମସ୍ୟାର ବୈଜ୍ଞାନିକ ଅନୁସନ୍ଧାନ କରାଯାଇ ତୁରନ୍ତ ସୁଧାରମୂଳକ ପଦକ୍ଷେପ ଗ୍ରହଣ କରାଯାଏ ।

ଭାରତ ସରକାର ପେଟ୍ରୋଲ ମିଶ୍ରଣ ପାଇଁ ବ୍ୟବହୃତ ହେଉଥିବା ଇଥାନୋଲ୍‌ରେ କ୍ଲୋରାଇଡ୍‌ର କଡ଼ା ମାପଦଣ୍ଡ ନିର୍ଦ୍ଧାରଣ କରିଛନ୍ତି ଏବଂ ସମଗ୍ର ଯୋଗାଣ ଶୃଙ୍ଖଳାରେ ଏହାର ପାଳନ ସୁନିଶ୍ଚିତ କରିବା ପାଇଁ ଏକ ସକ୍ରିୟ ତଦାରଖ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି । ରିଫାଇନାରୀ, ଡିଷ୍ଟିଲେରୀ, ଡିପୋ/ଟର୍ମିନାଲ୍ ଏବଂ ଦେଶବ୍ୟାପୀ ଖୁଚୁରା ବିକ୍ରୟ କେନ୍ଦ୍ର (ପେଟ୍ରୋଲ ପମ୍ପ) ସମେତ ଯୋଗାଣ ଶୃଙ୍ଖଳାର ଏକାଧିକ ସ୍ଥାନରେ କ୍ଲୋରାଇଡ୍ ଯାଞ୍ଚ କରାଯାଉଛି, ଯାହା ଦ୍ୱାରା ସମଗ୍ର ଯୋଗାଣ ଶୃଙ୍ଖଳରେ ଗୁଣବତ୍ତା ବଜାୟ ରଖାଯାଉଛି ।

## ପଶ୍ଚିମ ରେଳବାଇର ପ୍ରଧାନ ମୁଖ୍ୟ ବାଣିଜ୍ୟିକ ପ୍ରବନ୍ଧକଙ୍କ ବାଣିଜ୍ୟ ବିଭାଗ ସହ ଆଲୋଚନା



ଅହମଦାବାଦ୍,୮।୮: ପଶ୍ଚିମ ରେଳବାଇର ବାଣିଜ୍ୟିକ ବିଭାଗରେ କାର୍ଯ୍ୟରତ ରେଳ କର୍ମଚାରୀଙ୍କ ସହିତ ଏକ "ସମ୍ବାଦ" କାର୍ଯ୍ୟକ୍ରମରେ ଅହମ୍ମଦାବାଦର ଡିଭିଜନାଲ ରେଳ ମ୍ୟାନେଜରଙ୍କ କାର୍ଯ୍ୟାଳୟରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ନେତୃତ୍ୱ ପଶ୍ଚିମ ରେଳବାଇର ପ୍ରଧାନ ମୁଖ୍ୟ ବାଣିଜ୍ୟିକ ପ୍ରବନ୍ଧକ ତରୁଣ ଜୈନ ନେଇଥିଲେ । ପଶ୍ଚିମ ରେଳବାଇର ବିଭିନ୍ନ ଡିଭିଜନର ବାଣିଜ୍ୟିକ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ଏହି ଆଲୋଚନାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ । ସଂଳାପ ସମୟରେ, ଯାତ୍ରୀ ବିପଣନ, ଟିକଟ ବୁକିଂ, ସଂରକ୍ଷଣ, ଟିକେଟ ଯାଞ୍ଚ, କ୍ୟାଟରିଂ ଏବଂ ରାଜସ୍ୱ ବୃଦ୍ଧି ସହିତ ଜଡିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । ନୀତିଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଏବଂ କ୍ଷେତ୍ର ସ୍ତରରେ ଦକ୍ଷତା ବୃଦ୍ଧି ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମ ବୁକିଂ କ୍ଲର୍କ, ରିଜର୍ଭେସନ କ୍ଲର୍କ, ବାଣିଜ୍ୟିକ ପର୍ଯ୍ୟବେକ୍ଷକ, ବାଣିଜ୍ୟିକ ନିରୀକ୍ଷକ, ଟିକଟ ଯାଞ୍ଚ କର୍ମଚାରୀ ଏବଂ କ୍ୟାଟରିଂ କର୍ମଚାରୀଙ୍କ ସମେତ ବିଭିନ୍ନ ବାଣିଜ୍ୟିକ ବିଭାଗର କର୍ମଚାରୀମାନଙ୍କୁ ସେମାନଙ୍କର ସମସ୍ୟା, ପରାମର୍ଶ ଏବଂ କାର୍ଯ୍ୟ ଅଭିଜ୍ଞତା ସିଧାସଳଖ ବରିଷ୍ଠ ଅଧିକାରୀଙ୍କ ସହିତ ବାଣ୍ଟିବାର ସୁଯୋଗ ପ୍ରଦାନ କରିଥିଲା । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ବରିଷ୍ଠ ମୁଖ୍ୟାଳୟ ଅଧିକାରୀ ଏବଂ ବିଭାଗୀୟ କର୍ମଚାରୀଙ୍କ ମଧ୍ୟରେ ସିଧାସଳଖ ଏବଂ ପ୍ରଭାବଶାଳୀ ଯୋଗାଯୋଗ ସ୍ଥାପନ କରିବା, କାର୍ଯ୍ୟକ୍ଷେତ୍ରରେ ସମ୍ମୁଖୀନ ହେଉଥିବା ବ୍ୟବହାରିକ ଚ୍ୟାଲେଞ୍ଜଗୁଡ଼ିକୁ ବୁଝିବା ଏବଂ ଯାତ୍ରୀ ସେବା ଏବଂ ବାଣିଜ୍ୟିକ କାର୍ଯ୍ୟର ଆହୁରି ଉନ୍ନତି ପାଇଁ ପରାମର୍ଶ ଗ୍ରହଣ କରିବା ।

### ଭାରତ ସମେତ ୫ ଦେଶ ଉପରେ ଶୁଳ୍କ ଲଗାଇବାକୁ ଆମେରିକା ସିନେଟରେ ବିଲ୍ ପାରିତ

# ରୁଷିଆଠାରୁ ତେଲ କିଣିଲେ ୧୦୦% ଶୁଳ୍କ

ୱାସିଂଟନ୍,୮।୮ (ଏଜେନ୍ସି): ରୁଷିଆର ରାଜସ୍ୱକୁ ରୋକିବା ଏବଂ ୟୁକ୍ରେନ ଯୁଦ୍ଧ ପାଇଁ ଆର୍ଥିକ ସହାୟତାକୁ ଦୁର୍ବଳ କରିବା ଲକ୍ଷ୍ୟରେ ଆମେରିକା ସିନେଟ ପଦକ୍ଷେପ ଗ୍ରହଣ କରିଛି । 'ଲିଣ୍ଡସେ ଓ ଗ୍ରାହାମ ସାଙ୍କସନିଂ ରୁଷିଆ ଆଣ୍ଡ ଇରାନ ଆକ୍ଟ ୨୦୨୬' ନାମକ ଏହି ବିଲ୍ ସିନେଟରେ ୮୬-୧୧ ଭୋଟରେ ଗୃହୀତ ହୋଇଛି । ରୁଷିଆଠାରୁ ତେଲ ଓ ଗ୍ୟାସ୍ କିଣୁଥିବା ଭାରତ ସମେତ ଅନ୍ୟ ଦେଶଗୁଡିକ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଇବା ପାଇଁ ଆମେରିକାରେ ବିଲ୍ ପାରିତ ହୋଇଛି । ଏହି ନୂତନ ଆଇନ ଅନୁଯାୟୀ, ଯଦି ଭାରତ, ଚୀନ୍ ସ୍ଲୋଭାକିଆ, ହଙ୍ଗେରୀ ଏବଂ ଆଜରବାଇଜାନ ରୁଷିଆଠାରୁ କ୍ରମାଗତ ଭାବେ ତେଲ ଓ ଗ୍ୟାସ୍ କିଣନ୍ତି, ତେବେ ସେମାନଙ୍କ ରପ୍ତାନି ସାମଗ୍ରୀ ଉପରେ ଆମେରିକା ୧୦୦% ଶୁଳ୍କ ଲଗାଇପାରେ । ପ୍ରଥମେ ଏହି ଶୁଳ୍କ ୫୦୦% ପର୍ଯ୍ୟନ୍ତ ରଖିବାକୁ ପ୍ରସ୍ତାବ ଦିଆଯାଇଥିଲା । କିନ୍ତୁ ପରେ ଏହାକୁ ୧୦୦% କୁ ହ୍ରାସ କରାଯାଇଛି ।





ତଥାପି ଆମେରିକା ରାଷ୍ଟ୍ରପତିଙ୍କ ପାଖରେ ରୁଷିଆର ସାମଗ୍ରୀ ଉପରେ ୫୦୦% ପର୍ଯ୍ୟନ୍ତ ଶୁଳ୍କ ଲଗାଇବାର କ୍ଷମତା ୫ ବର୍ଷ ପର୍ଯ୍ୟନ୍ତ ରହିବ । ସିନେଟରେ ଅନୁମୋଦନ ପରେ ଏହି ବିଲ୍ ଆମେରିକାର ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସକୁ ଯିବ । ସେଠାରେ ଗୃହୀତ ହେବାପରେ ଏବଂ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ହିଁ ଏହା ଆଇନରେ ପରିଣତ ହେବ ।

ସୂଚନାଯୋଗ୍ୟ, ଭାରତ ବର୍ତ୍ତମାନ ରୁଷିଆର ସବୁଠାରୁ ବଡ଼ ତୈଳ ଗ୍ରାହକମାନଙ୍କ ମଧ୍ୟରୁ ଅନ୍ୟତମ । ଜୁନ୍ ସୁଦ୍ଧା ଭାରତ ପ୍ରତିଦିନ ୨.୬୧ ନିୟୁତ ବ୍ୟାରେଲ୍ ରୁଷୀୟ ଅଶୋଧିତ ତୈଳ ଆମଦାନୀ କରିଥିଲା । ଆମେରିକା ଏହି ଶୁଳ୍କ ଲାଗୁ କଲେ ଆମେରିକା ବଜାରରେ ଭାରତୀୟ ସାମଗ୍ରୀ ବହୁତ ମହଙ୍ଗା ହେବ । ଫଳରେ ଆମେରିକୀୟ କ୍ରେତାମାନେ ବାଂଲାଦେଶ କିମ୍ବା ଭିଏତନାମ ଭଳି ବିକଳ୍ପ ଦେଶ ଆଡକୁ ମୁହାଁଇବେ । ଯାହାଦ୍ୱାରା ଭାରତର ରପ୍ତାନି ଗଭୀର ଭାବେ ପ୍ରଭାବିତ ହେବ । ଅନ୍ୟପକ୍ଷରେ, ଯଦି ଭାରତ ରୁଷିଆଠାରୁ ତେଲ କିଣିବା କମାଇଦିଏ, ତେବେ ଅନ୍ୟ ଦେଶରୁ ମହଙ୍ଗା ଦରରେ ତେଲ କିଣିବାକୁ ପଡିବ । ଏହାଦ୍ୱାରା ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ହେବା ସଙ୍ଗେ ସଙ୍ଗେ ସମସ୍ତ ସାମଗ୍ରୀର ଦର ବୃଦ୍ଧି ଘଟିବ । ତେବେ ଆମେରିକା ସିନେଟରେ ଆଗତ ଏହି ବିଲ୍‌ରେ ୧୫ଟି ୟୁରୋପୀୟ ଦେଶକୁ ରିହାତି ପ୍ରଦାନ କରାଯାଇଛି । ଆମେରିକାର ସହଯୋଗୀ ୟୁରୋପୀୟ ଦେଶମାନଙ୍କୁ ଦଣ୍ଡିତ ନକରିବା ଏହାର ଲକ୍ଷ୍ୟ ରହିଛି । ରୁଷିଆକୁ ବଡ଼ ଧରଣର ବ୍ୟବସାୟ ଯୋଗାଉଥିବା ବାକି ଦେଶ ଗୁଡ଼ିକ ଉପରେ ଏହି ଶୁଳ୍କ ଲାଗୁ ହେବାକୁ ପ୍ରସ୍ତାବ ଆଗତ ହୋଇଛି । ଏଥିସହିତ ଏହି ବିଲ୍‌ରେ ଇରାନ ଉପରେ କଟକଣାକୁ ୨୦୩୧ ପର୍ଯ୍ୟନ୍ତ ବୃଦ୍ଧି କରିବା ଏବଂ ରୁଷିଆର ପ୍ରତିରକ୍ଷା ଓ ଆର୍ଥିକ କ୍ଷେତ୍ର ସମେତ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ମଧ୍ୟ ଟାର୍ଗେଟ୍ କରିବା ପାଇଁ ବ୍ୟବସ୍ଥା ରହିଛି ।

## କଳାହାଣ୍ଡିରେ ବେଦାନ୍ତ ଆଲୁମିନିୟମ୍‌ର ପ୍ରକଳ୍ପ ସଙ୍ଗମ

ଭୁବନେଶ୍ୱର, ୮।୮ (ସମିସ):କୃଷକମାନଙ୍କ କଲ୍ୟାଣ ଏବଂ ସହନଶୀଳତା ଉପରେ ସମୃଦ୍ଧ ଗ୍ରାମୀଣ ସମ୍ପ୍ରଦାୟ ନିର୍ମାଣ ହୋଇଥାଏ । ଏହାକୁ ସ୍ୱୀକାର କରି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଆକ୍ସନ୍ ଫର୍ ଫୁଡ୍ ପ୍ରଡକ୍ସନ୍ (ଏଏଫପିଆରଓ) ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଜରିଆରେ ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି, ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ୨୩ଟି ଗ୍ରାମରେ ୨୩ଟି ତାଲିମ ଏବଂ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଛି, ଯେଉଁଥିରେ ୪୦୦ରୁ ଅଧିକ କୃଷକଙ୍କୁ ନିରାପଦ କୃଷି ରାସାୟନିକ ପରିଚାଳନା ଏବଂ ସ୍ଥାୟୀ କୃଷି ପଦ୍ଧତି ଉପରେ ଜ୍ଞାନ ପ୍ରଦାନ କରାଯାଇଛି । ସ୍ୱାସ୍ଥ୍ୟ ପ୍ରତି ଥିବା ବିପଦକୁ ହ୍ରାସ କରିବା ଏବଂ ପରିବେଶ ପ୍ରତି ଉତ୍ତରଦାୟୀ କୃଷି ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ) ର ସଠିକ୍ ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହିତ ଅତ୍ୟଧିକ





କ୍ଷତିକାରକ ସାର ଏବଂ କୀଟନାଶକଗୁଡ଼ିକର ନିରାପଦ ପରିଚାଳନା, ସଂରକ୍ଷଣ, ପରିବହନ ଏବଂ ବିଘଟନ ଉପରେ କାର୍ଯ୍ୟକ୍ରମ ଗୁଡ଼ିକରେ ଧ୍ୟାନ ଦିଆଯାଇଥିଲା । କଳାହାଣ୍ଡିରେ ବେଦାନ୍ତ ଆଲୁମିନିୟମର ଜଳବିଭାଜିକା ଏବଂ ଜୀବିକା ବିକାଶ କାର୍ଯ୍ୟକ୍ରମ ପ୍ରକଳ୍ପ ସଙ୍ଗମ, ଜଳ ସୁରକ୍ଷା, କୃଷି ଉତ୍ପାଦକତା ଏବଂ ଜୀବିକା ନିର୍ବାହରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ କୃଷକ ମାନଙ୍କୁ ସହାୟତା କରିଥାଏ ।

## ରାମରାଜ କଟନ୍‌ର ନୂଆ ହସ୍ତତନ୍ତ ବ୍ରାଣ୍ଡ 'ପଞ୍ଚା'

ତିରିପୁର,୮।୮: ରାମରାଜ କଟନ୍ ପକ୍ଷରୁନୂତନ ହ୍ୟାଣ୍ଡଲୁମ୍ ବସ୍ତ୍ର 'ପଞ୍ଚା'ର ବଜାର ପ୍ରବେଶ କରାଯାଇଛି । ଓଡିଶାର ମୟୂରଭଞ୍ଜର ପାରମ୍ପରିକ ସାନ୍ତାଳୀ ପୋଷାକ କୁହାଯାଉଥିବା 'ପଞ୍ଚା' ବସ୍ତ୍ର (ଧୋତି)କୁ କମ୍ପାନୀ ଏକ ନୂଆ ବ୍ରାଣ୍ଡ ନାମ ଦେଇଛି । ଏହି ବ୍ରାଣ୍ଡ ନାମ ଜରିଆରେ କମ୍ପାନୀ ଦେଶରେ ଖୁମ୍ କମ୍ ଜଣାଶୁଣା ଏହି ବୁଣାକାରଙ୍କ ବସ୍ତ୍ରକୁ ଲୋକଲୋଚନକୁ ଆଣିଛି । ଏହି ପ୍ରୟାସ କେବଳ ସେହି ସାନ୍ତାଳୀ ଲୋକଙ୍କୁ ଏକ ପରିଚୟ ପ୍ରଦାନ କରିବ ନାହିଁ, ବରଂ ସେମାନଙ୍କୁ ଜୀବିକା ଯୋଗାଇବ । ସାନ୍ତାଳୀ ଆଦିବାସୀ ସମ୍ପ୍ରଦାୟର ମହିଳାମାନଙ୍କ ଦ୍ୱାରା ପାରମ୍ପରିକ ଭାବରେ ଶାଢ଼ି ଭାବରେ ବୁଣାଯାଉଥିବା ଏହି ସ୍ୱତନ୍ତ୍ର ବସ୍ତ୍ର ଧୀରେ ଧୀରେ ଫିକା ପଡ଼ିଯାଇଛି । ହ୍ରାସ ପାଉଥିବା ପୃଷ୍ଠପୋଷକତା, ପରିବର୍ତ୍ତିତ ଜୀବନଶୈଳୀ ଏବଂ ସୀମିତ ବଜାର ସୁଯୋଗ ଯୋଗୁଁ ଏପରି ସ୍ଥିତି ଉପୁଜିଛି । ଏହାର କଳାତ୍ମକ ମୂଲ୍ୟ ଏବଂ ସମସାମୟିକ ପ୍ରାସଙ୍ଗିକତା ପାଇଁ ଏହାର ସମ୍ଭାବନାକୁ ଚିହ୍ନଟ କରି ରାମରାଜ କଟନ୍‌ର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ କେ.ଆର. ନାଗରାଜନ୍ ବର୍ତ୍ତମାନ 'ପଞ୍ଚା' ମାଧ୍ୟମରେ ଧୋତି ଭାବରେ ସାନ୍ତାଳୀ ବୟନକୁ ପୁନଃକଳ୍ପନା କରିଛନ୍ତି । 'ପଞ୍ଚା' ବୁଣାବୁଣିର ପାରମ୍ପରିକ ଚରିତ୍ରକୁ ବଜାୟ ରଖିଛି ଏବଂ ଏହାକୁ ଏକ ନୂତନ, ବ୍ୟାପକ ପ୍ରାସଙ୍ଗିକତା ପ୍ରଦାନ କରୁଛି । ଏହାର ପ୍ରତ୍ୟେକ ଖଣ୍ଡ ହାତରେ ବୁଣାଯାଇଥାଏ ୧୦୦% କପା ସହିତ ପ୍ରସ୍ତୁତ ।





## ଓରାୟମ୍ ରିଅଲଟିର ଶୁଭାରମ୍ଭ

ଭୁବନେଶ୍ୱର,୮।୮ (ସମିସ): ଓଡ଼ିଶାର ଅର୍ଥନୈତିକ ଏବଂ ସହରୀ ଅଭିବୃଦ୍ଧି ପ୍ରତି ନିଜର ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ସୁଦୃଢ଼ କରି ଝାରସୁଗୁଡ଼ାରୁ ଆରମ୍ଭ ହୋଇ ଭୁବନେଶ୍ୱରରେ ମୁଖ୍ୟାଳୟ ଥିବା ଓଡ଼ିଶାର ଅନ୍ୟତମ ପ୍ରମୁଖ ବିବିଧ ଶିଳ୍ପ ସଂସ୍ଥା ଓରାୟମ୍






ଗ୍ରୁପ୍ ଆଜି ନିଜର ସମର୍ପିତ ରିଅଲ୍ ଇଷ୍ଟେଟ୍ ଶାଖା 'ଓରାୟମ୍ ରିଅଲଟିର ଶୁଭାରମ୍ଭ ଘୋଷଣା କରିଛି । ଏହା ପ୍ରଥମେ ଭୁବନେଶ୍ୱର ଓ ରାଜ୍ୟର ଅନ୍ୟାନ୍ୟ ଉଦୀୟମାନ ବିକାଶ କରିଡରଗୁଡ଼ିକରେ ପ୍ରିମିୟମ୍ ଆବାସିକ, ଖୁଚୁରା, ବ୍ୟବସାୟିକ, ଆତିଥେୟତା ଓ ମିଶ୍ରିତ ବ୍ୟବହାର ପ୍ରକଳ୍ପଗୁଡ଼ିକର ବିକାଶ କରିବ ବୋଲି ଓରାୟମ୍ ଗ୍ରୁପ ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ରାଜେଶ ଅଗ୍ରୱାଲ କହିଛନ୍ତି । ରିଅଲ୍ ଇଷ୍ଟେଟ୍‌ରେ ଏହି ରଣନୈତିକ ପ୍ରବେଶ ଗ୍ରୁପ୍‌ର ୨୧ ବର୍ଷର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଯାହା ଇସ୍ପାତ ଓ ଶକ୍ତି, ସ୍ପେଶାଲିଟି କେମିକାଲ୍ସ ଓ ରିଫ୍ରାକ୍ଟରିରେ ଶିଳ୍ପ ଦକ୍ଷତା ନିର୍ମାଣ କରିଛି । ଗ୍ରୁପ୍ ବିଶ୍ୱାସ କରେ ଯେ ଓଡ଼ିଶା ଭିତ୍ତିଭୂମି-ଚାଳିତ ଶିଳ୍ପାୟନ ଓ ସହରୀକରଣର ଏକ ପରିବର୍ତନକାରୀ ପର୍ଯ୍ୟାୟରେ ପ୍ରବେଶ କରୁଛି ଯାହା ସଂଗଠିତ ରିଅଲ୍ ଇଷ୍ଟେଟ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ଦୀର୍ଘକାଳୀନ ସୁଯୋଗ ସୃଷ୍ଟି କରୁଥିବା ଓରାୟମ୍ ଗ୍ରୁପର ନିର୍ଦ୍ଦେଶକ ଅନିଲ କେଡିଆ ଏବଂ ଦୀପକ ଅଗ୍ରୱାଲ କହିଛନ୍ତି ।

# ସେପ୍ଟେମ୍ବରରୁ ବଦଳିବ ଡିମାଟ୍ ଏବଂ ମ୍ୟୁଚୁଆଲ୍ ଫଣ୍ଡ ନିୟମ

## ସିଙ୍ଗଲ୍-ହୋଲ୍ଡର୍ ଡିମାଟ୍ ଆକାଉଣ୍ଟରେ ମିଳିବନି ନୋମିନି ବିକଳ୍ପ

ନୂଆଦିଲ୍ଲୀ,୮।୮ (ଏଜେନ୍ସି): ଆସନ୍ତା ସେପ୍ଟେମ୍ବର ପହିଲାରୁ ଦେଶରେ ଡିମାଟ୍ ଏବଂ ମ୍ୟୁଚୁଆଲ୍ ଫଣ୍ଡ ନିୟମରେ ବଡ଼ ପରିବର୍ତ୍ତନ ଘଟିବାକୁ ଯାଉଛି । ଏହାପରେ ସିଙ୍ଗଲ୍-ହୋଲ୍ଡର୍ ଡିମାଟ୍ ଆକାଉଣ୍ଟ ଏବଂ ମ୍ୟୁଚୁଆଲ୍ ଫଣ୍ଡରେ ନୋମିନି ବିକଳ୍ପ ଆଉ ଉପଲବ୍ଧ ହେବ ନାହିଁ । ନିବେଶକମାନେ ଯଦି ଜଣେ ନୋମିନି ରଖିବାକୁ ଚାହାଁନ୍ତି ନାହିଁ, ତେବେ ସେମାନେ ଆନୁଷ୍ଠାନିକ ଭାବରେ ବାଦ୍ ଦେଇପାରିବେ ।

ସେପ୍ଟେମ୍ବର ପହିଲାରୁ ନିବେଶକମାନଙ୍କୁ ସିଙ୍ଗଲ୍-ହୋଲ୍ଡର୍ ଡିମାଟ୍ ଆକାଉଣ୍ଟ ଏବଂ ମ୍ୟୁଚୁଆଲ୍ ଫଣ୍ଡ ଫୋଲିଓରେ ନୋମିନି ସମ୍ପର୍କରେ ସେମାନଙ୍କର ପସନ୍ଦ ସୂଚିତ କରିବାକୁ





ପଡିବ । ନିବେଶକମାନେ ନୋମିନି ବିବରଣୀ ପ୍ରଦାନ କରିପାରିବେ କିମ୍ବା ନାମାଙ୍କନରୁ ସେମାନଙ୍କର ଅନୁପସ୍ଥିତି ଦର୍ଶାଇ ଏକ ନିର୍ଦ୍ଧାରିତ ଘୋଷଣା ଦାଖଲ କରିପାରିବେ । ନିବେଶକଙ୍କ ପାଇଁ ନାମାଙ୍କନ ପ୍ରକ୍ରିୟାକୁ ସରଳ କରିବା ଏବଂ ନିବେଶକଙ୍କ ମୃତ୍ୟୁ ପରେ ସମ୍ପତ୍ତି ସ୍ଥାନାନ୍ତର କରିବାରେ ଅସୁବିଧା କମ କରିବା ପାଇଁ ସେବି ଏହି ପରିବର୍ତ୍ତନ କରିଛି । ସେବିର ସର୍କୁଲାର ଅନୁଯାୟୀ, ସିଙ୍ଗଲ-ହୋଲ୍ଡର ଡିମାଟ୍ ଆକାଉଣ୍ଟ ଏବଂ ମ୍ୟୁଚୁଆଲ୍ ଫଣ୍ଡ ଫୋଲିଓରେ ଆଉ ନୋମିନି ବିକଳ୍ପ ଉପଲବ୍ଧ ହେବ ନାହିଁ । ନିବେଶକମାନଙ୍କୁ ଏକ ସ୍ୱାକ୍ଷରିତ ଘୋଷଣା ମାଧ୍ୟମରେ ନାମାଙ୍କନ ବିବରଣୀ ପ୍ରଦାନ କରିବାକୁ ପଡିବ କିମ୍ବା ନୋମିନିରୁ ବାଦ୍ ଦେବାକୁ ପଡିବ । ତଥାପି, ମିଳିତ ଭାବରେ ଧାରଣ କରାଯାଇଥିବା ଡିମାଟ୍ ଆକାଉଣ୍ଟ କିମ୍ବା ମ୍ୟୁଚୁଆଲ୍ ଫଣ୍ଡ ଫୋଲିଓରେ ନୋମିନି ଯୋଡିବା ଇଚ୍ଛାଧୀନ ରହିବ ଏବଂ ଜଣେ ନୋମିନିକୁ ଯୋଡିବା କିମ୍ବା ପରିବର୍ତ୍ତନ କରିବା ପାଇଁ ସମସ୍ତ ଯୁଗ୍ମ ଧାରକଙ୍କ ସମ୍ମତି ଆବଶ୍ୟକ ହେବ । ଯଦି ଆପଣ ଜଣେ ନାମାଙ୍କନକୁ ମନୋନୀତ କରିବାକୁ ଚାହୁଁନାହାଁନ୍ତି, ତେବେ ନୋମିନିକୁ ଯୋଡିବା ଆବଶ୍ୟକ ନାହିଁ । ଏହା ବଦଳରେ, ଆପଣ ଏକ ନିର୍ଦ୍ଧାରିତ ଘୋଷଣା ମାଧ୍ୟମରେ ନୋମିନିରୁ ବାଦ୍ ଦେଇପାରିବେ । ଏହା କରିବାକୁ, ଆପଣଙ୍କର ବ୍ରୋକର, ବ୍ୟାଙ୍କ କିମ୍ବା ମ୍ୟୁଚୁଆଲ୍ ଫଣ୍ଡ ପ୍ଲାଟଫର୍ମ ଆକାଉଣ୍ଟରେ ଲଗ୍ ଇନ୍ କରିପାରିବେ ।

ଯଦି ଜଣେ ନିବେଶକ ନୋମିନି ପଞ୍ଜୀକୃତ କରିନାହାଁନ୍ତି, ତେବେ ତାଙ୍କ ମୃତ୍ୟୁ ପରେ, ନିବେଶ ଏବଂ ଅନ୍ୟାନ୍ୟ ହୋଲ୍ଡିଂଗୁଡ଼ିକ ସିକ୍ୟୁରିଟିଜ୍ ଟ୍ରାନ୍ସମିସନ୍ ପ୍ରକ୍ରିୟା ମାଧ୍ୟମରେ ସେମାନଙ୍କ ଆଇନଗତ ଉତ୍ତରାଧିକାରୀଙ୍କୁ ସ୍ଥାନାନ୍ତରିତ କରାଯାଏ । ସେବି ଛୋଟ ଦାବି ପାଇଁ ଏକ ନୂତନ ବର୍ଗର କ୍ୱିକ୍ ଟ୍ରାନ୍ସମିସନ୍ ପ୍ରକ୍ରିୟାକରଣ ମଧ୍ୟ ପ୍ରଚଳନ କରିଛି ।